# ଧରିତ୍ରୀ DHARITRI

ଭୁବନେଶ୍ୱର, ମଙ୍ଗଳବାର, ଜୁନ୍ ୧୭/୨୦୨୫ (୧୬ ପୃଷ୍ଠା) | Bhubaneswar, Tuesday, June 17/2025 | Page 16 | ₹ 7.00 | DHENKANAL

୫୧ଶ ଭାଗ ୨୦୨ ସଂଖ୍ୟା | www.orissakhabar.com/www.dharitri.com | Printed at Angul, Bhubaneswar, Sambalpur & Rayagada | VOLUME 51 ISSUE 202 | ମୂଲ୍ୟ ₹୭/-





# ପରମାଣୁ ସନ୍ଧିରୁ ଓହରିବାକୁ ତେହରାନର ଯୋଜନା

## ତେଲ୍ ଆଭିଭ୍, ହାଇଫାରେ ଇରାନର ମିଶାଇଲ ମାଡ଼

ତେଲ୍ ଆଭିଭ୍/ ୱାଶିଂଟନ/ଦୁବାଇ,୧୬।୬

ଇସ୍ରାଏଲ୍‌ର ଜୋର୍‌ଦାର ଆକ୍ରମଣ ପରେ ଇରାନ ରବିବାର ରାତିରୁ ଏହାର ପ୍ରମୁଖ ସହର ତେଲ୍ ଆଭିଭ୍ ଏବଂ ହାଇଫାରେ ପ୍ରବଳ ମିଶାଇଲ ମାଡ଼ ଜାରି ରଖିଥିଲା। ଏଥିରେ ଇସ୍ରାଏଲର ଉଭୟ ସହରରେ ବହୁ ବିଲ୍ଡିଂ ମାଟିରେ ମିଶିଛି। ଦୁଇ ଦେଶ ମଧ୍ୟରେ ଯୁଦ୍ଧ ବ୍ୟାପକ ଆଞ୍ଚଳିକ ସଂଘର୍ଷରେ ପରିଣତ ହେବା ନେଇ ବିଶ୍ୱ ନେତାମାନେ ଚିନ୍ତିତ ହୋଇପଡ଼ିଛନ୍ତି। ଶୁକ୍ରବାରଠାରୁ ଇରାନର ଆକ୍ରମଣରେ ଇସ୍ରାଏଲରେ ୧୮ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଶତାଧିକ ଆହତ ହୋଇଛନ୍ତି। ବନ୍ଦର ନିକଟବର୍ତ୍ତୀ ପାୱାର ପ୍ଲାଣ୍ଟରେ ନିଆଁ ଜଳୁଥିବା ଦେଖାଯାଇଛି। ଇସ୍ରାଏଲ୍ ଏବଂ ଆମେରିକା ବେସ୍ ଉପରେ ଆକ୍ରମଣ ଜାରି ରଖିବ ବୋଲି ତେହରାନ୍ କହିଛି।

୨ ଦେଶ ମଧ୍ୟରେ ଆକ୍ରମଣ ତୀବ୍ର ହୋଇଥିବାବେଳେ ପରମାଣୁ ଅପ୍ରସାର ସନ୍ଧି (ଏନ୍‌ପିଟି)ରୁ ଇରାନ ଓହରିଯିବା ଲାଗି ଯୋଜନା କରୁଛି। ଏହି ଚୁକ୍ତି ଯୋଗୁ ତେହରାନର ଅଣୁଅସ୍ତ୍ର ବିକାଶକୁ ବିରୋଧ କରାଯାଉଛି। ଏନ୍‌ପିଟିରୁ ଓହରିଯିବା ଲାଗି ଇରାନ ପାର୍ଲାମେଣ୍ଟ ଏକ ବିଲ୍ ପ୍ରସ୍ତୁତ କରୁଥିବା ଏହାର ବହିର୍ବ୍ୟାପାର ମନ୍ତ୍ରଣାଳୟ ସୋମବାର କହିଛି। ପୂର୍ବରୁ ଇରାନ ରାଷ୍ଟ୍ରପତି ମାସୁଦ୍ ପେଜେଶ୍‌କିଆନ କହିଥିଲେ, ଅଣୁଅସ୍ତ୍ର ବିକାଶ କରିବା ତେହରାନର ଉଦ୍ଦେଶ୍ୟ ନୁହେଁ। କିନ୍ତୁ ଆଣବିକ ଶକ୍ତି ଓ ଗବେଷଣାରେ ଏହାକୁ ଅଧିକାର ମିଳିବା ଉଚିତ। ଅଣୁଅସ୍ତ୍ର ପ୍ରସାର ରୋକିବା ପାଇଁ ପରମାଣୁ ଅପ୍ରସାର ସନ୍ଧି ଏକ ଅନ୍ତର୍ଜାତୀୟ ରାଜନାମା। ଏଥିରେ ଆଣବିକ ଶକ୍ତିର ଶାନ୍ତିପୂର୍ଣ୍ଣ ବ୍ୟବହାର ସମ୍ପର୍କିତ ପ୍ରଯୁକ୍ତି, ସହଯୋଗ ବଢ଼ାଇବା ସହ ବିଶ୍ୱକୁ ସମ୍ପୂର୍ଣ୍ଣ ଅଣୁଅସ୍ତ୍ର ମୁକ୍ତ କରିବା ଲକ୍ଷ୍ୟ ରହିଛି।

ଇସ୍ରାଏଲ୍ ଯଦି ଆମ ଉପରେ ଅଣୁଅସ୍ତ୍ର ପ୍ରୟୋଗ କରେ ତେବେ ପାକିସ୍ତାନ ଜେରୁଜେଲମ୍‌କୁ ଅଣୁଅସ୍ତ୍ରରେ ଜବାବ ଦେବ ବୋଲି ତେହରାନର ଶୀର୍ଷ ପ୍ରତିରକ୍ଷା ଅଧିକାରୀ ଜେନେରାଲ ମୋହସେନା ରେଜାଏ ସ୍ଥାନୀୟ ଟେଲିଭିଜନକୁ ସାକ୍ଷାତ୍‌କାର ଦେଇ କହିଛନ୍ତି। ଇରାନକୁ ସମର୍ଥନ ଦେବା ପାଇଁ ପାକିସ୍ତାନ ପ୍ରତିଶ୍ରୁତି ଦେବା ସହ ସମଗ୍ର ମୁସଲମାନ ଦେଶ ଏକାଠି ହେବାକୁ ଆହ୍ୱାନ ଦେଇଛି। ଆବଶ୍ୟକ ପଡ଼ିଲେ ଇସ୍‌ଲାମାବାଦ ଇସ୍ରାଏଲ୍ ଉପରେ ପରମାଣୁ ବୋମା ପକାଇବାକୁ ପ୍ରତିଶ୍ରୁତି ଦେଇଥିବା ଇସ୍‌ଲାମିକ୍ ରିଭଲ୍ୟୁଶନାରି ଗାର୍ଡ କର୍‌ର ବରିଷ୍ଠ ଅଧିକାରୀ ତଥା ଜାତୀୟ ସୁରକ୍ଷା ପରିଷଦ ସଦସ୍ୟ ମୋହସେନା କହିଥିଲେ। ତେବେ ଇରାନ ଜେନେରାଲଙ୍କ ଏଭଳି ଦାବିକୁ ପାକିସ୍ତାନ କର୍ତ୍ତୃପକ୍ଷ ଖଣ୍ଡନ କରିଛନ୍ତି। ସରକାରୀ ରିପୋର୍ଟ ଅନୁଯାୟୀ, ଶୁକ୍ରବାରଠାରୁ ଲାଗିରହିଥିବା ଯୁଦ୍ଧରେ ଇରାନର ୨୩୦ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଇସ୍ରାଏଲ୍‌ରେ ୧୮ ଜଣ ନିହତ ହେଲେଣି।



ଇସ୍ରାଏଲ୍‌ର ବେନେଇ ବାରାକଠାରେ ଇରାନର ମିଶାଇଲ୍ ମାଡ଼ରେ ଆବାସିକ ବିଲ୍ଡିଂ ଓ ସ୍କୁଲ କ୍ଷତିଗ୍ରସ୍ତ ହୋଇଛି।

### ତେହରାନ୍‌ରୁ ଭାରତୀୟ ଛାତ୍ରୀଛାତ୍ରଙ୍କୁ କୋମ୍ ସ୍ଥାନାନ୍ତର

ଇସ୍ରାଏଲ୍ ଏବଂ ଇରାନ ମଧ୍ୟରେ ଯୁଦ୍ଧ ଜୋର୍‌ଦାର ହୋଇଥିବାବେଳେ ତେହରାନ୍‌ରେ ଥିବା ଭାରତୀୟ ଛାତ୍ରୀଛାତ୍ରଙ୍କୁ ସୁରକ୍ଷା ଦୃଷ୍ଟିରୁ ୧୪୮ କିଲୋମିଟର ଦୂର କୋମ୍ ସହରକୁ ସ୍ଥାନାନ୍ତର କରାଯାଇଛି। ଇରାନରେ ଥିବା ଭାରତୀୟ ଛାତ୍ରୀଛାତ୍ରଙ୍କୁ ଦେଶ ଭିତରେ ସୁରକ୍ଷିତ ସ୍ଥାନକୁ ନିଆଯାଉଥିବା କେନ୍ଦ୍ର ସରକାର କହିଥିଲେ। ଯୁଦ୍ଧ ଆରମ୍ଭ ହେବା ପରେ ଇରାନରେ ୧,୫୦୦ରୁ ଊର୍ଦ୍ଧ୍ୱ ଭାରତୀୟ ଛାତ୍ରୀଛାତ୍ର ଫସିରହିଛନ୍ତି। ସେମାନଙ୍କ ମଧ୍ୟରୁ ଅଧିକାଂଶ ଜମ୍ମୁ-କଶ୍ମୀରର। ସେମାନଙ୍କୁ ସୁରକ୍ଷିତ ସ୍ଥାନାନ୍ତର ପାଇଁ ଭାରତ ଇରାନ କର୍ତ୍ତୃପକ୍ଷଙ୍କୁ ନିବେଦନ କରିଥିଲା। ଆକାଶ ପଥକୁ ବନ୍ଦ କରାଯାଇଥିଲେ ମଧ୍ୟ ଭାରତୀୟମାନଙ୍କୁ ସୁରକ୍ଷିତ ସ୍ଥାନାନ୍ତର ପାଇଁ ସ୍ଥଳସୀମା ଖୋଲା ରହିଥିବା ତେହରାନ କହିଥିଲା।

## ଖବର ପ୍ରସାରଣ ବେଳେ ଇରାନ ଟିଭି ଷ୍ଟୁଡିଓ ଉପରେ ମିଶାଇଲ୍ ମାଡ଼


ଖବର ପ୍ରସାରଣ ବେଳେ ଇରାନ ଷ୍ଟେଟ୍ ଟିଭି ଷ୍ଟୁଡିଓ ଉପରେ ଇସ୍ରାଏଲ୍ ମିଶାଇଲ ମାଡ଼ କରିଛି। ସୋମବାର ରାତିରେ ଏହି ଆକ୍ରମଣ ପରେ ଟେଲିଭିଜନରେ ସିଧା ପ୍ରସାରଣ ବନ୍ଦ ରହିଛି। ମିଶାଇଲ ମାଡ଼ ଯୋଗୁ ଷ୍ଟୁଡ଼ିଓ ଦୋହଲିଯିବା ସହ ଧୂଳିମୟ ହୋଇଯାଇଥିଲା ବୋଲି ଟେଲିଭିଜନ ରିପୋର୍ଟର କହିଛନ୍ତି। ସ୍କ୍ରିନ୍ କଟିଯିବା ସହ ଉପସ୍ଥାପିକା ସାହର ଇମାମି କ୍ୟାମେରା ସମ୍ମୁଖରୁ ଦୌଡ଼ି ପଳାଇଯାଇଥିଲେ। ଏହି ଆକ୍ରମଣର ଘଣ୍ଟାଏ ପୂର୍ବରୁ ଇସ୍ରାଏଲ୍ ତେହରାନ୍‌ର ଉକ୍ତ ଅଞ୍ଚଳକୁ ଖାଲି କରିବାକୁ ସତର୍କ ସୂଚନା ଜାରି କରିଥିଲା।



ଟିଭି ଉପସ୍ଥାପିକା ସାହର ଇମାମି

## ସଂକ୍ଷେପରେ

### ହରିୟାଣା ମଡେଲଙ୍କୁ ହତ୍ୟା



ଶୀତଲ ଓରଫ ସିମ୍ମୀ ଚୌଧୁରୀ

ସୋନେପତ, ୧୬।୬

ହରିୟାଣାର ଉଦୀୟମାନ ମ୍ୟୁଜିକ୍ ଭିଡିଓ ଆର୍ଟିଷ୍ଟ ତଥା ମଡେଲ ଶୀତଲ ଓରଫ ସିମ୍ମୀ ଚୌଧୁରୀ (୨୩)ଙ୍କର ମୃତଦେହ ସୋମବାର ସୋନେପତର ଖରଖୋଦା ଥାନା ଅଞ୍ଚଳରେ ଥିବା ଏକ କେନାଲ ନିକଟରୁ ମିଳିଛି। ୨ ଦିନ ତଳେ ଶୀତଲ ଶୁଟିଂ ପାଇଁ ଘରୁ ବାହାରି ନିଖୋଜ ହୋଇଯାଇଥିଲେ। ତାଙ୍କ ବେକରେ ଗଭୀର କଟା ଚିହ୍ନ ରହିଛି, ଯେଉଁଥିରୁ ତାଙ୍କୁ ହତ୍ୟା କରାଯାଇଥିବା ପୋଲିସ କହିଛି। ହତ୍ୟା କରାଯିବା ପରେ ତାଙ୍କ ମୃତଦେହକୁ କେନାଲରେ ଫୋପଡ଼ା ଯାଇଥିଲା। ପୋଲିସ ମୃତଦେହ ମିଳିଥିବା କେନାଲର ଆଖପାଖ ଅଞ୍ଚଳର ସିସିଟିଭି ଫୁଟେଜ ଏବଂ ତାଙ୍କ ମୋବାଇଲର ଲୋକେଶନ ଡେଟାକୁ ବ୍ୟବହାର କରି ଘଟଣାର ତଦନ୍ତ ଚଳାଇଛି। ହତ୍ୟାକାଣ୍ଡକୁ ନେଇ ପରିବାର ଲୋକେ ଶୀତଲଙ୍କ ବୟଫ୍ରେଣ୍ଡ ସୁନୀଲଙ୍କୁ ଦୋଷ ଦେଉଛନ୍ତି। ଶୀତଲଙ୍କ ଭଉଣୀ ନେହା କହିଛନ୍ତି, ଶନିବାର ଶୀତଲ ଭିଡିଓ କଲ୍ କରି ସୁନୀଲ ତାଙ୍କୁ ଆକ୍ରମଣ କରିବା ସହ ମାରପିଟ କରିଥିଲେ ବୋଲି କହିଥିଲେ। ପରେ ଶୀତଲଙ୍କ ଫୋନ୍ କଭରେଜ ବାହାରେ ଥିଲା। ପୋଲିସ ସୁନୀଲଙ୍କୁ ଆହତ ଅବସ୍ଥାରେ ପାଇ ହସ୍ପିଟାଲରେ ଭର୍ତ୍ତି କରିଥିଲା।

### ଦିଲ୍ଲୀରୁ ୩୬ ବେଆଇନ ବାଂଲାଦେଶୀ ଗିରଫ

ନୂଆଦିଲ୍ଲୀ,୧୬।୬

ଦିଲ୍ଲୀର ଭାରତନଗର ଅଞ୍ଚଳରେ ବେଆଇନ ଭାବେ ରହୁଥିବା ୩୬ ଜଣ ବାଂଲାଦେଶୀଙ୍କୁ ଦିଲ୍ଲୀ ପୋଲିସ ଗିରଫ କରିଛି। ସେମାନଙ୍କ ମଧ୍ୟରେ ୧୯ ଜଣ ବୟସ୍କ ଓ ୧୭ ପିଲା ରହିଛନ୍ତି। ଦିଲ୍ଲୀ ପୋଲିସ ଉକ୍ତ ଅଞ୍ଚଳର ୨୫ଟି ଫୁଟ୍‌ପାଥ ଏବଂ ୩୨ଟି ଲେନ୍‌ରେ ଘରକୁ ଘର ଯାଇ ଯାଞ୍ଚ କରୁଥିବାବେଳେ ବାଂଲାଦେଶୀମାନେ ଧରାପଡ଼ିଥିଲେ। ୧୩ ବାଂଲାଦେଶୀ ପରିଚୟପତ୍ର ଓ ବେଆଇନ ଆଇଏମ୍‌ଓ ଆପ୍ ଲୋଡ୍ ହୋଇଥିବା ୭ ମୋବାଇଲ ଫୋନ୍ ଜବତ ହୋଇଛି।

### ବୈଷୟିକ ତ୍ରୁଟି: ଦିଲ୍ଲୀ ଆସୁଥିବା ୨ ବିମାନ ଫେରିଗଲା

ନୂଆଦିଲ୍ଲୀ,୧୬।୬

ହଂକଂରୁ ସୋମବାର ଦିଲ୍ଲୀ ଆସୁଥିବା ଏକ ବିମାନ ବୈଷୟିକ ତ୍ରୁଟି ସନ୍ଦେହ କରି ଅଧାବାଟରୁ ଫେରିଯାଇଛି। ହଂକଂରେ ଉକ୍ତ ବିମାନ ନିରାପଦର ସହ ଅବତରଣ କରିଥିବାବେଳେ କୌଣସି କ୍ଷତି ଘଟିନାହିଁ। ସେହିପରି ଦିଲ୍ଲୀ ଆସୁଥିବା ବ୍ରିଟିଶ୍ ଏୟାରୱେଜ୍‌ର ଏକ ବିମାନ ମଧ୍ୟ ଅନୁରୂପ କାରଣରୁ ଲଣ୍ଡନ ଫେରିଛି। ବ୍ରିଟିଶ୍ ଏୟାରୱେଜ୍‌ର ଡ୍ରିମ୍‌ଲାଇନରରେ ବୈଷୟିକ ତ୍ରୁଟି ଯୋଗୁ ଏହା ମଝି ଆକାଶରୁ ଫେରିବାର କେଇଘଣ୍ଟା ପରେ ହଂକଂରୁ ଆସୁଥିବା ଏୟାର ଇଣ୍ଡିଆର ବୋଇଂ ୭୮୭-୮ ଡ୍ରିମ୍‌ଲାଇନର ଫେରିଥିଲା। ଏହି ବିମାନଟି ସୋମବାର ସକାଳୁ ଉଡ଼ାଣ ଆରମ୍ଭ କରି ୯୦ ମିନିଟ୍ ଆକାଶରେ ଉଡ଼ିବା ପରେ ବୈଷୟିକ ତ୍ରୁଟି ରହିଥିବା ପାଇଲଟ୍ ସନ୍ଦେହ କରିଥିଲେ।

## ମୋଦିଙ୍କୁ ସାଇପ୍ରସ୍‌ର ସର୍ବୋଚ୍ଚ ବେସାମରିକ ସମ୍ମାନ



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସାଇପ୍ରସ୍‌ର ସର୍ବୋଚ୍ଚ ବେସାମରିକ ସମ୍ମାନ ପ୍ରଦାନ ଅବସରରେ ତାଙ୍କ ସହ ସାଇପ୍ରସ ରାଷ୍ଟ୍ରପତି ନିକୋସ୍ କ୍ରିଷ୍ଟୋଡୌଲିଡେସ୍।

ନିକୋସିଆ,୧୬।୬

ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସୋମବାର ସାଇପ୍ରସ୍‌ର ସର୍ବୋଚ୍ଚ ବେସାମରିକ ସମ୍ମାନ 'ଗ୍ରାଣ୍ଡ କ୍ରସ୍ ଅଫ୍ ଅର୍ଡ ଅଫ୍ ମାକାରିଓସ୍-୩ ଅଫ୍ ସାଇପ୍ରସ୍'ରେ ସମ୍ମାନିତ କରାଯାଇଛି। ସାଇପ୍ରସ୍ ରାଷ୍ଟ୍ରପତି ନିକୋସ୍ କ୍ରିଷ୍ଟୋଡୌଲିଡେସ୍ ପ୍ରଧାନମନ୍ତ୍ରୀଙ୍କୁ ଏହି ପୁରସ୍କାର ପ୍ରଦାନ କରିଛନ୍ତି। ଏହି ପୁରସ୍କାରକୁ ବିନମ୍ରତାର ସହ ଗ୍ରହଣ କରି ଦୁଇ ଦେଶର ବନ୍ଧୁତା ପାଇଁ ଉତ୍ସର୍ଗ କରୁଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ସେଣ୍ଟର ଅଫ୍ ନିକୋସିଆରେ ପହଞ୍ଚିବା ବେଳେ ସେଠାର ଏମ୍‌ପି ମିଚାଏଲା କିଥ୍ରେଓଟି ମଲାପା ପ୍ରଧାନମନ୍ତ୍ରୀଙ୍କ ପାଦ ଛୁଇଁଥିଲେ। ଏହି ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି।

ପଶ୍ଚିମ ଏସିଆ ଏବଂ ୟୁରୋପରେ ଲାଗି ରହିଥିବା ଯୁଦ୍ଧକୁ ନେଇ ମୋଦି ଏବଂ ସାଇପ୍ରସ୍ ରାଷ୍ଟ୍ରପତି ଉଦ୍‌ବେଗ ପ୍ରକାଶ କରିଥିଲେ। ଏହା ଯୁଦ୍ଧର ଯୁଗ ନୁହେଁ ବୋଲି ଉଭୟ ସହମତ ହୋଇଥିବା ପ୍ରଧାନମନ୍ତ୍ରୀ କହିଛନ୍ତି। ରାଷ୍ଟ୍ରପତି କ୍ରିଷ୍ଟୋଡୌଲିଡେସ୍‌ଙ୍କ ସହ ମିଳିତ ଖବରଦାତା ସମ୍ମିଳନୀରେ ମୋଦି କହିଥିଲେ, ଆଲୋଚନା ମାଧ୍ୟମରେ ସମାଧାନ ଏବଂ ସ୍ଥିରତା ବଜାୟ ରଖିବା ମାନବତାର ଆହ୍ୱାନ। ସୀମାପାର ଆତଙ୍କବାଦ ବିରୋଧରେ ଭାରତର ଲଢ଼େଇକୁ ସାଇପ୍ରସ୍ ସମର୍ଥନ ଜଣାଇଥିବାରୁ ପ୍ରଧାନମନ୍ତ୍ରୀ ଧନ୍ୟବାଦ ଜଣାଇଛନ୍ତି।

## ବ୍ରିଟେନ ଗୋଇନ୍ଦା ଏଜେନ୍ସି ଏମ୍‌ଆଇ୬କୁ ମିଳିଲା ପ୍ରଥମ ମହିଳା ମୁଖ୍ୟ

ଲଣ୍ଡନ, ୧୬।୬

ବ୍ରିଟେନ୍‌ର ଗୋଇନ୍ଦା ଏଜେନ୍ସି (ସିକ୍ରେଟ୍ ଇଣ୍ଟେଲିଜେନ୍ସ ସର୍ଭିସ୍) 'ଏମ୍‌ଆଇ୬'ର ମୁଖ୍ୟ ଭାବେ ବ୍ଲେସ୍ ମେଟ୍ରେୱେଲୀଙ୍କୁ ସୋମବାର ପ୍ରଧାନମନ୍ତ୍ରୀ କିର୍ ଷ୍ଟର୍ମର ନିଯୁକ୍ତ କରିଛନ୍ତି। ଏହାସହ 'ଏମ୍‌ଆଇ୬'ର ୧୧୬ ବର୍ଷର ଇତିହାସରେ ପ୍ରଥମ ଥର ପାଇଁ ଜଣେ ମହିଳା ମୁଖ୍ୟ ନିଯୁକ୍ତ ହୋଇଛନ୍ତି। ମେଟ୍ରେୱେଲୀ 'ଏମ୍‌ଆଇ୬'ର ୧୮ତମ ମୁଖ୍ୟ ହେବେ। ଚଳିତ ବର୍ଷର ଶେଷ ଆଡ଼କୁ ସେ 'ଏମ୍‌ଆଇ୬'ର ବର୍ତ୍ତମାନର ମୁଖ୍ୟ ସାର୍ ରିଚାର୍ଡ ମୁର୍‌ଙ୍କ ସ୍ଥାନ ନେବେ। ରିଚାର୍ଡ ୨୦୨୦ରୁ ଏହି ଗୋଇନ୍ଦା ସଂସ୍ଥାର ନେତୃତ୍ୱ ନେଉଛନ୍ତି। ମେଟ୍ରେୱେଲୀ ୧୯୯୯ରେ 'ଏମ୍‌ଆଇ୬'ରେ ସାମିଲ ହୋଇଥିଲେ। ସମ୍ପ୍ରତି ସେ 'ଏମ୍‌ଆଇ୬'ର ଟେକ୍ନୋଲୋଜି ଏବଂ ଇନୋଭେଶନ୍ ବିଭାଗର ଦାୟିତ୍ୱରେ ରହିଛନ୍ତି। ପ୍ରକାଶ ଯେ, ବ୍ରିଟେନ୍‌ରେ ଆତଙ୍କବାଦୀ କାର୍ଯ୍ୟକଳାପକୁ ପ୍ରତିହତ କରିବା, ଶତ୍ରୁ ଦେଶଗୁଡ଼ିକର କାର୍ଯ୍ୟକଳାପକୁ ବାଧା ଦେବା ଏବଂ ଦେଶରେ ସାଇବର ସୁରକ୍ଷାକୁ ସୁଦୃଢ଼ କରିବା ଆଦି ବିଭିନ୍ନ କାର୍ଯ୍ୟକୁ ଏମ୍‌ଆଇ୬ କରିଥାଏ।



ବ୍ଲେସ୍ ମେଟ୍ରେୱେଲୀ

## ଦୁର୍ଘଟଣାଗ୍ରସ୍ତ ବିମାନର ଦ୍ୱିତୀୟ ବ୍ଲାକ୍‌ବକ୍ସ ଠାବ

ଅହମଦାବାଦ,୧୬।୬

ଗୁଜରାଟର ଅହମଦାବାଦରେ ଗତ ୧୨ ତାରିଖରେ ଦୁର୍ଘଟଣାଗ୍ରସ୍ତ ହୋଇଥିବା ଏୟାର ଇଣ୍ଡିଆର ଏଆଇ୧୭୧ ବିମାନର ଦ୍ୱିତୀୟ ବ୍ଲାକ୍‌ବକ୍ସକୁ ଉଦ୍ଧାର କରାଯାଇଛି। ଦୁର୍ଘଟଣା ପରଦିନ ବିମାନର ଡାଟା ରେକର୍ଡର ମିଳିଥିବାବେଳେ ଏବେ କକ୍‌ପିଟ୍ ଭଏସ୍ ରେକର୍ଡର ଠାବ ହୋଇଥିବାରୁ ତଦନ୍ତକୁ ଆଗେଇ ନେବାରେ ଏହା ସହାୟକ ହେବ। ଲଣ୍ଡନ ଯାଉଥିବା ଉକ୍ତ ବିମାନରେ ୨୪୨ ଜଣ ଥିବାବେଳେ ସେମାନଙ୍କ ମଧ୍ୟରୁ ୨୪୧ ଜଣଙ୍କ ସମେତ ମୋଟ ୨୭୦ ଜଣଙ୍କର ଦୁର୍ଘଟଣାରେ ମୃତ୍ୟୁ ଘଟିଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରମୁଖ ସଚିବ ପି.କେ. ମିଶ୍ର ରବିବାର ଦୁର୍ଘଟଣାସ୍ଥଳକୁ ଯାଇ ଅନୁଧ୍ୟାନ କରୁଥିବାବେଳେ ଦ୍ୱିତୀୟ ବ୍ଲାକ୍‌ବକ୍ସ ମିଳିଥିବା ସମ୍ପର୍କରେ ତାଙ୍କୁ ଅବଗତ କରାଯାଇଥିଲା। ସେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରି ଉଦ୍ଧାର, ରିଲିଫ୍ ଏବଂ ତଦନ୍ତ କାର୍ଯ୍ୟର ଅନୁଧ୍ୟାନ କରିଥିଲେ। ଏହି ବୈଠକରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀଙ୍କ ସମେତ ଏୟାରକ୍ରାଫ୍ଟ ଆକ୍ସିଡେଣ୍ଟ ଇନ୍‌ଭେଷ୍ଟିଗେଶନ ବ୍ୟୁରୋ (ଏଏଆଇବି) ଏବଂ ଏୟାରପୋର୍ଟସ୍ ଅଥରିଟି ଅଫ୍ ଇଣ୍ଡିଆର ଅଧିକାରୀମାନେ ଉପସ୍ଥିତ ଥିଲେ।



## ବିଜୟ ରୂପାନୀଙ୍କ ଶେଷକୃତ୍ୟ ସମ୍ପନ୍ନ




ବିଜୟ ରୂପାନୀଙ୍କ ପାର୍ଥିବ ଶରୀରକୁ ସୋମବାର ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି।

### ଅହମଦାବାଦ ବିମାନ ଦୁର୍ଘଟଣା: ୯୯ ମୃତଦେହ ଚିହ୍ନଟ

ଅହମଦାବାଦ/ରାଜକୋଟ, ୧୬।୬

ଅହମଦାବାଦ ବିମାନ ଦୁର୍ଘଟଣାରେ ପ୍ରାଣ ହରାଇଥିବା ୨୭୪ ଜଣଙ୍କ ମଧ୍ୟରୁ ସୋମବାର ସକାଳ ୯.୩୦ଟା ସୁଦ୍ଧା ଡିଏନ୍ଏ ମେଳ କରାଯାଇ ୯୯ ମୃତଦେହକୁ ଚିହ୍ନଟ କରାଯାଇଛି। ସେଥିମଧ୍ୟରୁ ୬୪ ମୃତଦେହକୁ ସେମାନଙ୍କ ପରିବାର ସଦସ୍ୟଙ୍କୁ ହସ୍ତାନ୍ତର କରାଯାଇଥିବା ନେଇ ଅହମଦାବାଦ ସିଭିଲ ହସ୍ପିଟାଲର ସର୍ଜିକାଲ ବିଭାଗ ସୂଚନା ଦେଇଛି। ଅନ୍ୟପକ୍ଷେ ସୋମବାର ଅହମଦାବାଦ ବିମାନ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଗୁଜରାଟର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୟ ରୂପାନୀଙ୍କ ଶେଷକୃତ୍ୟ ରାଜ୍ୟ ସମ୍ମାନର ସହ ଗୃହ ଜିଲା ରାଜକୋଟରେ କରାଯାଇଛି। ଏହି ଅନ୍ତିମ ସଂସ୍କାର କାର୍ଯ୍ୟକ୍ରମରେ ରୂପାନୀଙ୍କ ସ୍ତ୍ରୀ ଅଞ୍ଜଳି ରୂପାନୀ ଏବଂ ତାଙ୍କ ପରିବାରର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ଏହି ଅବସରରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା, ଗୁଜରାଟ ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ପୁଷ୍ପମାଲ୍ୟ ଅର୍ପଣ କରି ରୂପାନୀଙ୍କୁ ଶେଷ ଶ୍ରଦ୍ଧାଞ୍ଜଳୀ ଦେଇଥିଲେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ଜୁନ୍ ୧୭/୨୦୨୫ Bhubaneswar, Tuesday, June 17/2025

DSPL-125

# କୃଷକ ଶକ୍ତି ସମାବେଶ



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

## ବର୍ଷ ଏକ ଉପଲବ୍ଧି ଅନେକ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ପଥରଚେପା ପଡ଼ିଆ, ବଲାଙ୍ଗିର ୧୭ ଜୁନ୍ ୨୦୨୫

**ମୁଖ୍ୟ ଅତିଥି**

ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ

**ଗରିମାମୟ ଉପସ୍ଥିତି**

ଶ୍ରୀ କନକ ବର୍ଦ୍ଧନ ସିଂହ ଦେଓ
ଉପମୁଖ୍ୟମନ୍ତ୍ରୀ, କୃଷି ଓ କୃଷକ ସଶକ୍ତିକରଣ, ଶକ୍ତି

ଶ୍ରୀ ମୁକେଶ ମହାଲିଙ୍ଗ
ମନ୍ତ୍ରୀ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର, ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା

ଶ୍ରୀ ରବି ନାରାୟଣ ନାଏକ
ମନ୍ତ୍ରୀ, ପଞ୍ଚାୟତିରାଜ ଓ ପାନୀୟ ଜଳ, ଗ୍ରାମ୍ୟ ଉନ୍ନୟନ

ଶ୍ରୀ ଗୋକୁଳାନନ୍ଦ ମଲ୍ଲିକ
ମନ୍ତ୍ରୀ, ମତ୍ସ୍ୟ ଓ ପ୍ରାଣିସଂପଦ ବିକାଶ, ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ

ସାଂସଦ ଏବଂ ବିଧାୟକଗଣ, ବଲାଙ୍ଗିର ଜିଲ୍ଲା

**ଓଡ଼ିଶା ସରକାର**

OIPR-01510/13/0054/2526

# ଆଜି କ'ଣ କେଉଁଠି

### ଭୁବନେଶ୍ୱର
- ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ କୁମ୍ଭୀର ପ୍ରକଳ୍ପ ଓଡ଼ିଶାର ସୁବର୍ଣ୍ଣ ଜୟନ୍ତୀ, ସ୍ଥାନ: ଓୟୁଏଟି, ସମୟ: ସକାଳ ୯ଟା।
- 'ନିର୍ମଳା' ସାହିତ୍ୟ ପତ୍ରିକା ଓ 'ଅସମ୍ପୂର୍ଣ୍ଣ' ସୂର୍ଯ୍ୟୋଦୟ ଉପନ୍ୟାସର ଉନ୍ମୋଚନ, ସ୍ଥାନ: ଲୋହିଆ ଏକାଡେମୀ, ସମୟ: ଅପରାହ୍ନ ୫ଟା ୩୦ ।

### କଟକ
- ଓଡ଼ିଶା ନାରୀ ସଂଘ ପକ୍ଷରୁ ରଜ ଉତ୍ସବ, ସ୍ଥାନ: ନାରୀ ସେବା ସଂଘ ପରିସର, ବକ୍ସି ବଜାର
ସମୟ: ଅପରାହ୍ନ ୫ଟା।
- ପୋପରଡ଼ା ଗ୍ରାମବାସୀଙ୍କ ପକ୍ଷରୁ ବାଦୀପାଲା ମହୋତ୍ସବର ଚତୁର୍ଥ ସନ୍ଧ୍ୟା, ସ୍ଥାନ: ପୋପରଡ଼ା, ନୂଆବଜାର, ସମୟ: ସନ୍ଧ୍ୟା ୬ଟା ୩୦।

### ବାଲେଶ୍ୱର
- ବୀର ବଜରଙ୍ଗବାଲୀ ମନ୍ଦିର ପ୍ରତିଷ୍ଠା ଉତ୍ସବର ଉଦ୍ଯାପନୀ ଦିବସ, ସ୍ଥାନ: ମେଳକ, ତଳତାପଣ୍ଡା, ବସ୍ତା, ସମୟ: ଦିବସବ୍ୟାପୀ।
- ସ୍ୱର୍ଗତ ବିଧାୟକ ମଦନ ମୋହନ ଦତ୍ତଙ୍କ ପୁଣ୍ୟତିଥି ଅବସରରେ ବିଶାଳ ରକ୍ତଦାନ ଶିବିର, ସ୍ଥାନ: ପୁରୁଣା ଷ୍ଟାଡିୟମ୍ ପଡ଼ିଆ, ବାଲେଶ୍ୱର, ସମୟ: ସକାଳ ୮ଟା।
- ରକ୍ତଦାନ ଶିବିର, ସ୍ଥାନ: ଭବାନୀ ନର୍ସିଂହୋମ୍, ଆର୍ଆଇଏଚ୍ଏସ୍ ମହାବିଦ୍ୟାଳୟ ସମ୍ମୁଖ, ଭୋଗରାଇ, ସମୟ: ସକାଳ ୮ଟା।
- ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ଉନ୍ମୋଚନ, ସ୍ଥାନ: ଶୋଭାରାମପୁର ନୂତନ ବ୍ରିଜ୍ ସମ୍ମୁଖ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଜିଲା ସମନ୍ୱୟ କମିଟି ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ସ୍ମୃତି ସଭା, ସ୍ଥାନ: ପୁରୁଣା ଷ୍ଟାଡିୟମ୍ ପଡ଼ିଆ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା।
- ଜିଲାସ୍ତରୀୟ ବିକାଶ ମେଳାର ଷଷ୍ଠ ଦିବସ, ସ୍ଥାନ: ରିଜର୍ଭ ପୋଲିସ ପଡ଼ିଆ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।
- ଡ. ବେଣୁମାଧବ ପଣ୍ଡାଙ୍କ ସ୍ମୃତି ସଭା, ସ୍ଥାନ: ମିଶନ ପଡ଼ିଆ ବାସଭବନ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା ୩୦।

### ଭଦ୍ରକ
- ରଜ ମହୋତ୍ସବ, ସ୍ଥାନ: ଲକ୍ଷ୍ମୀନାରାୟଣ ମନ୍ଦିର ପ୍ରାଙ୍ଗଣ,କଦମ୍ବବେଡ଼ା,ଭଦ୍ରକ, ସମୟ,ସନ୍ଧ୍ୟା ୭ଟା।
- ଶ୍ରୀଜଗନ୍ନାଥ ଆଞ୍ଚଳିକ ରଜ ମହୋତ୍ସବର ଉଦ୍ଯାପନୀ ଦିବସ, ସ୍ଥାନ: କପାଳୀକ୍ଷେତ୍ର ନିମାପଡ଼ା, ବନ୍ତ, ସମୟ: ସନ୍ଧ୍ୟା ୬ ଟା।
- ଉପ ମୁଖ୍ୟମନ୍ତ୍ରୀଙ୍କ ଭଦ୍ରକ ଗସ୍ତ, ସ୍ଥାନ: ନେହେରୁ ଷ୍ଟାଡିୟମ୍, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ ଟା ୨୦।
- ଦେବଶ୍ରୀ ନାରଦ ଜୟନ୍ତୀ, ସ୍ଥାନ: ସରସ୍ୱତୀ ଶିଶୁ ମନ୍ଦିର, ନୂଆବଜାର, ଭଦ୍ରକ, ସମୟ: ଅପରାହ୍ନ ୪ ଟା ୩୦।

### କେନ୍ଦୁଝର
- ବିକାଶ ବାହନ ଯାତ୍ରା ଶୁଭାରମ୍ଭ, ସ୍ଥାନ: ପାର୍କ ଛକ, ବଡ଼ବିଲ, ସମୟ : ସକାଳ ୮ ଟା।

### ମୟୂରଭଞ୍ଜ
- ବିକାଶ ମେଳା, ସ୍ଥାନ: ଛଉ ପଡ଼ିଆ, ବାରିପଦା,ସମୟ: ପୂର୍ବାହ୍ନ ୧୦ଟା।

### ଗଞ୍ଜାମ
- ବିଜେଡିର ବ୍ଲକସ୍ତରୀୟ ସାଙ୍ଗଠନିକ ବୈଠକ, ସ୍ଥାନ: ଆସିକା ବ୍ଲକ ବାଲିସିରା ଶିବ ମନ୍ଦିର କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ସିନ୍ଧୁ-ଉର୍ମି ରଜରାଣୀ ସମ୍ମାନ, ସ୍ଥାନ: କେସି ପବ୍ଲିକ ସ୍କୁଲ ପ୍ରେକ୍ଷାଳୟ ଖଲ୍ଲିକୋଟ, ସମୟ: ଅପରାହ୍ନ ୪ ଟା।

### କେନ୍ଦ୍ରାପଡ଼ା
- ବିକାଶ ମେଳା ଓ ପଲ୍ଲିଶ୍ରୀ ମେଳା, ସ୍ଥାନ: ମାଉସୀ ମା' ମନ୍ଦିର ସମ୍ମୁଖ ରଥଦାଣ୍ଡ, ଇଚ୍ଛାପୁର, କେନ୍ଦ୍ରାପଡ଼ା ସହର, ସମୟ: ଅପରାହ୍ନ ୪ଟା।

### ନବରଙ୍ଗପୁର
- ଆଦିବାସୀ ସମାବେଶ, ସ୍ଥାନ: ନବରଙ୍ଗପୁର ମଣ୍ଡେଇ ପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।

### କୋରାପୁଟ
- କିଶୋରୀମାନଙ୍କୁ ନେଇ ରଜ ଉତ୍ସବ, ସ୍ଥାନ: ଆଇସିଡିଏସ୍ କାର୍ଯ୍ୟାଳୟ ପରିସର, ସୁନାବେଡା, ସମୟ: ପୂର୍ବାହ୍ନ ୧୧ଟା।
- ବିକାଶ ବାହନ ମାଧ୍ୟମରେ ଜନସଚେତନତା, ସ୍ଥାନ: ମାଥାଲପୁଟ ଓ ମରିଚମାଳ ପଞ୍ଚାୟତ କାର୍ଯ୍ୟାଳୟ, ଦାମନଯୋଡ଼ି, ସମୟ: ପୂର୍ବାହ୍ନ ୧୧ଟା।

### ସମ୍ବଲପୁର
- ଜିଲା କିକ୍ ବକ୍ସିଂ ସଂଘ ପକ୍ଷରୁ ମାଗଣା ପ୍ରଶିକ୍ଷଣ ଶିବିର, ସ୍ଥାନ : ସମ୍ବଲପୁରୀ ଡେରା, ସମୟ : ସକାଳ ୬ଟା ।
- ସାଓଲିନ କୁମ୍ଫୁ ଉସୁ ଆସୋସିଏଶନ ଆୟୋଜିତ ମାଗଣା ପ୍ରଶିକ୍ଷଣ ଶିବିର, ସ୍ଥାନ : ଜିଲା ଜୁଡୋ ହଲ, ସମୟ : ସକାଳ ୬ଟା ୩୦ ।
- ସମ୍ବଲପୁରୀ ଏକତା ମଞ୍ଚ ପକ୍ଷରୁ ସମ୍ବଲପୁରୀ ଦିନ ପ୍ରସ୍ତୁତି ବୈଠକ, ସ୍ଥାନ: ସାମ୍ବାଦିକ ଭବନ, ସମୟ : ପୂର୍ବାହ୍ନ ୧୦ଟା ୩୦ ।
- ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ବିକାଶ ମେଳା ପରିଦର୍ଶନ, ସ୍ଥାନ: ଧନକଉଡା ପଡିଆ, ସମୟ : ପୂର୍ବାହ୍ନ ୧୧ଟା ୩୦ ।
- ଜିଲା କ୍ରୀଡା ସଂଘ ଆୟୋଜିତ ଡାକ୍ତର ସନାତନ ବେହେରା ସ୍ମାରକୀ ଜିଲାସ୍ତରୀୟ ଫୁଟ୍‌ବଲ ଲିଗ, ସ୍ଥାନ : ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ଅପରାହ୍ନ ୩ଟା ୩୦ ।
- ଜିଲାସ୍ତରୀୟ ବିକାଶ ମେଳାରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ : ଧନକଉଡା ଖେଳ ପଡିଆ, ସମୟ : ସନ୍ଧ୍ୟା ୫ଟା ୩୦ ।

### ବଲାଙ୍ଗୀର
- ରାଜ୍ୟସ୍ତରୀୟ କୃଷକ ଶକ୍ତି ସମାବେଶ, ସ୍ଥାନ: ପଥରଚେପା ପଡିଆ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା।
- ଜିଲା ସ୍ତରୀୟ ବିକାଶ ମେଳା, ସ୍ଥାନ: ପୃଥ୍ୱୀରାଜ ହାଇସ୍କୁଲ ପଡିଆ, ବଲାଙ୍ଗୀର, ସମୟ: ଅପରାହ୍ନ ୪ଟା।

### ରାଉରକେଲା
- ବସୁମତୀ ସ୍ନାନ ପାଳନ, ସ୍ଥାନ: ସିଭିଲଟାଉନଶିପ୍, ସମୟ: ପୂର୍ବାହ୍ନ ୧୦ଟା।
- ରଜରାଜକୁମାରୀ ଗ୍ରାଣ୍ଡ ଫିନାଲେ, ସ୍ଥାନ: ସିଭିକ ସେଣ୍ଟର, ସମୟ: ଅପରାହ୍ନ ୫ଟା ୩୦।
- ଜାତୀୟସ୍ତରୀୟ ଶାସ୍ତ୍ରୀୟ ଓ ଉପଶାସ୍ତ୍ରୀୟ ନୃତ୍ୟ ମହୋତ୍ସବ ଉଦ୍ଯାପନୀ ସମାରୋହ, ସ୍ଥାନ: ଭଞ୍ଜଭବନ, ସମୟ: ସନ୍ଧ୍ୟା ୬ଟା।

### ବରଗଡ଼
- ଜିଲାସ୍ତରୀୟ ବିକାଶ ମେଳାରେ ସଫେଇ କାର୍ଯ୍ୟକ୍ରମ,ସ୍ଥାନ: ଘରୋଇ ବସଷ୍ଟାଣ୍ଡ ପରିସର, ବରଗଡ଼ ,ସମୟ: ସକାଳ ୭ଟା।
- ଜିଲାସ୍ତରୀୟ ବିକାଶ ମେଳାରେ ସାଂସ୍କୃତିକ କାର୍ଯ୍ୟକ୍ରମ,ସ୍ଥାନ: ଯଦୁମଣି ପ୍ରଧାନ, ଅଡିଟୋରିୟମ, ବରଗଡ଼, ସମୟ: ସନ୍ଧ୍ୟା ୭ଟା।

### କଳାହାଣ୍ଡି
- ବ୍ଲକସ୍ତରୀୟ ଅଭିଯୋଗ ଶୁଣାଣି ଓ ସମାଧାନ ଶିବିର, ସ୍ଥାନ: କର୍ଲାମୁଣ୍ଡା ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ବିକାଶ ମେଳା ସମାରୋହ, ସ୍ଥାନ: ଭବାନୀପାଟଣା ଲାଲ ବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୦ଟା।
- ବିକାଶ ବାହନ ରଥ ପରିକ୍ରମା, ସ୍ଥାନ: କର୍ଲାମୁଣ୍ଡା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସର, ସମୟ: ସକାଳ ୯ଟା।

### ବୌଦ୍ଧ
- ବିକାଶ ମେଳାର ଷଷ୍ଠ ଦିବସ, ସ୍ଥାନ: କଚେରି ଖେଳ ପଡିଆ, ବୌଦ୍ଧ, ସମୟ: ପୂର୍ବାହ୍ନ ୧୦ଟା।

### ସୁବର୍ଣ୍ଣପୁର
- ଜିଲାସ୍ତରୀୟ ବିକାଶ ମେଳାର ଷଷ୍ଠ ଦିବସ, ସ୍ଥାନ: ସୋନପୁର ରୟାଲ ପଡିଆ, ସମୟ: ଅପରାହ୍ନ ୩ଟା।

### ନୂଆପଡ଼ା
- ବିକାଶ ମେଳା ଷଷ୍ଠ ଦିବସ, ସ୍ଥାନ: ମିନି ଷ୍ଟାଡିୟମ ନୂଆପଡ଼ା, ସମୟ: ସନ୍ଧ୍ୟା ୬ଟା ।
- କାଞ୍ଚନବେସନ ରସିକଲାଲ ଢୋଲକିଆ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ମାଗଣା କ୍ୟାନସର ପରୀକ୍ଷା ଶିବିର, ସ୍ଥାନ: ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କୋମନା, ସମୟ: ସକାଳ ୯ଟା ୩୦।
- ଚାରା ରୋପଣ କାର୍ଯ୍ୟକ୍ରମ, ସ୍ଥାନ: ବିଭିନ୍ନ ସରକାରୀ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା ।
- ଜିଲାସ୍ତରୀୟ କବାଡି ପ୍ରତିଯୋଗିତା, ସ୍ଥାନ: ସ୍ଥାନୀୟ ପୋଲିସ ପଡିଆ, ସମୟ: ସକାଳ ୮ଟା ।
- ଅଷ୍ଟପ୍ରହର ଅଖଣ୍ଡ ନାମଯଜ୍ଞ ନାମ ଧାରଣ, ସ୍ଥାନ: କୋମନା ବ୍ଲକ ମାନିଗୁଡା ଗାଁ, ସମୟ: ସକାଳ ୯ଟା ୧୫।


# ଗଁଦିଆରେ ବ୍ୟାପିଲା ଝାଡ଼ାବାନ୍ତି, ୩୬ ଆକ୍ରାନ୍ତ

ଗଁଦିଆ,୧୬।୬
(ବିଶ୍ୱ ମୋହନ ସାହୁ)

ଢେଙ୍କାନାଳ ଜିଲାରେ ଝାଡ଼ାବାନ୍ତି ରୋଗୀ ସଂଖ୍ୟା ବଢ଼ିବାରେ ଲାଗିଛି। ଭୁବନ ବ୍ଲକ ପରେ ଗଁଦିଆ ବ୍ଲକର ବିଭିନ୍ନ ଅଞ୍ଚଳରେ ୨ ଦିନ ହେଲା ଝାଡ଼ାବାନ୍ତି ବ୍ୟାପୁଛି। ଏହି ୪୮ ଘଣ୍ଟା ମଧ୍ୟରେ ୩୬ଜଣ ଏଥିରେ ଆକ୍ରାନ୍ତ ହୋଇ ଶ୍ରୀରାମଚନ୍ଦ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଥିବା ବେଳେ ସେମାନଙ୍କ ମଧ୍ୟରୁ ଜଣେ ଗୁରୁତରଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ଅଧିକାଂଶ ଆକ୍ରାନ୍ତ ଜିଲାର ସୀମାନ୍ତବର୍ତ୍ତୀ ଅଞ୍ଚଳ ନିହଲପ୍ରସାଦ ଓ ନିତ୍ୟାନନ୍ଦପୁର ଗ୍ରାମର ବୋଲି ଜଣାପଡିଛି। ଉକ୍ତ ଅଞ୍ଚଳରେ ୧୨ଜଣ ଆକ୍ରାନ୍ତ ହୋଇଥିବା ବେଳେ ପିଙ୍ଗୁଆ, ଷଡ଼ଙ୍ଗୀ, ଗଁଦିଆ, ସନ୍ତସରା ଅଞ୍ଚଳରୁ କେତେଜଣ ବ୍ୟକ୍ତି ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଛନ୍ତି। ଖବରପାଇ ରାଜ୍ୟ ସରକାରଙ୍କର ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଶ୍ରୀରାମଚନ୍ଦ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ସ୍ଥିତି ପରଖିବା ସହିତ ଚିକିତ୍ସିତ ହେଉଥିବା ରୋଗୀମାନଙ୍କର ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ଏଥିସହ ରୋଗୀମାନଙ୍କୁ ଉତ୍ତମ ଚିକିତ୍ସା ଯୋଗାଇଦେବା ପାଇଁ ମେଡିକାଲ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏ ସଂକ୍ରାନ୍ତରେ ଶ୍ରୀରାମଚନ୍ଦ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ସ୍ଥିତପ୍ରଜ୍ଞ ମହାନ୍ତି କହିଛନ୍ତି, ଝାଡ଼ାବାନ୍ତି ନିୟନ୍ତ୍ରଣ କରିବା ପାଇଁ ପ୍ରସ୍ତୁତ ରହିଛୁ।

# ରାଜ୍ୟସ୍ତରୀୟ ଡାଇରିଆ ନିରାକରଣ ଅଭିଯାନ ଆରମ୍ଭ

## ସଚେତନତା ରଥର ଶୁଭାରମ୍ଭ କଲେ ମନ୍ତ୍ରୀ, ଜୁଲାଇ ୩୧ ଯାଏ ଚାଲିବ



ଡାଇରିଆ ନିରାକରଣ ଅଭିଯାନର ଶୁଭାରମ୍ଭ ଅବସରରେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ସଚେତନତା ପୋଷ୍ଟର ଉନ୍ମୋଚନ କରୁଛନ୍ତି।

ଭୁବନ,୧୬।୬
(ବିପିନ ବିହାରୀ ସେଠୀ)

ରାଜ୍ୟର ବିଭିନ୍ନ ଜିଲାରେ ଡାଇରିଆ ସଂକ୍ରମଣ ବଢ଼ିଚାଲିଥିବା ବେଳେ ଏହାକୁ ରୋକିବା ପାଇଁ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯିବା ସହିତ ଏ ସମ୍ପର୍କିତ ପ୍ରଚାର ପ୍ରସାର ଆରମ୍ଭ କରାଯାଇଛି। ଏହି ଅବସରରେ ରାଜ୍ୟସ୍ତରୀୟ ଡାଇରିଆ ନିରାକରଣ ଅଭିଯାନ ସୋମବାର ଢେଙ୍କାନାଳ ଜିଲା ଭୁବନରୁ ଆରମ୍ଭ ହୋଇଛି। ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଉପସ୍ଥିତ ରହି ଏହି ଅଭିଯାନକୁ ଉଦ୍‌ଘାଟନ କରିବା ସହ ଏକ ସଚେତନ ରଥର ଶୁଭାରମ୍ଭ କରିଥିଲେ। ଏହି ଅଭିଯାନ ଜୁଲାଇ ୩୧ ପର୍ଯ୍ୟନ୍ତ ଚାଲୁ ରହିବ।

ଭୁବନ ବ୍ଲକ ଓ ଏନ୍ଏସିରେ ସୋମବାର ସୁଦ୍ଧା ମୋଟ ୬୩ ଜଣ ରୋଗୀ ଚିହ୍ନଟ ହୋଇଥିବାବେଳେ ଜଣଙ୍କର ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ଏହି ଅବସରରେ ସ୍ୱାସ୍ଥ୍ୟମନ୍ତ୍ରୀ ଭୁବନ ଡାକ୍ତରଖାନାରେ ଥିବା ରୋଗୀମାନଙ୍କୁ ଭେଟି ସ୍ୱାସ୍ଥ୍ୟାବସ୍ଥା ବୁଝିବା ସହିତ ସମସ୍ତ ଲୋକ ପ୍ରତିନିଧି, ଡାକ୍ତର ଓ ପ୍ରଶାସନିକ ଅଧିକାରୀଙ୍କ ସହିତ ଏକ ବୈଠକ କରି ଢେଙ୍କାନାଳ ଜିଲାରେ ଝାଡ଼ାବାନ୍ତି ରୋକିବା ସମ୍ପର୍କରେ ଆଲୋଚନା କରିଥିଲେ। ପରେ ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଡାଇରିଆ ନିରାକରଣ ଅଭିଯାନ ଶୁଭାରମ୍ଭ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସ୍ୱାସ୍ଥ୍ୟମନ୍ତ୍ରୀ ଡାଇରିଆ ନିରାକରଣ ନିମନ୍ତେ ସରକାରଙ୍କ ପକ୍ଷରୁ ଯେଉଁ ସମସ୍ତ ବ୍ୟବସ୍ଥା କରାଯାଇଛି, ସେ ସମ୍ପର୍କରେ ଆଲୋଚନା କରିବା ସହିତ ଯାଜପୁର ଜିଲାରେ ଦେଖାଦେଇଥିବା ଡାଇରିଆ ସମ୍ପର୍କରେ ମାର୍ଗଦର୍ଶନ କରିଥିଲେ। ଖାଦ୍ୟ ସୁରକ୍ଷା ପାଇଁ ଏକ କେନ୍ଦ୍ରୀୟ ଟିମ୍ ବିଭିନ୍ନ ଅଞ୍ଚଳରେ ଯାଞ୍ଚ କରିବ। ସାଧାରଣ ଲୋକେ ସଚେତନ ହେଲେ ଏହି ରୋଗ ନିରାକରଣରେ ସଫଳତା ମିଳିପାରିବ ବୋଲି ମନ୍ତ୍ରୀ କହିବା ସହ ସଚେତନତା ପୋଷ୍ଟର ଉନ୍ମୋଚନ କରିଥିଲେ। ଏଥିସହ ରାଜ୍ୟରେ ଥିବା ବିଭିନ୍ନ ଡାକ୍ତରଖାନାରେ ଡାକ୍ତର ଅଭାବ ଶୀଘ୍ର ଦୂର କରାଯିବ ବୋଲି କହିଥିଲେ। ପ୍ରତି ସ୍ୱାସ୍ଥ୍ୟକର୍ମୀ ଘରକୁ ଘର ବୁଲି ସଚେତନତା ବାର୍ତ୍ତା ସମ୍ବନ୍ଧୀୟ ସୂଚନା ପତ୍ର, ଓଆର୍ଏସ୍, ଜିଙ୍କ ଟାବଲେଟ ଓ ଔଷଧ ବଣ୍ଟନ କରିବାକୁ ସ୍ୱାସ୍ଥ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା, ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ, ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ ଓ ଢେଙ୍କାନାଳ ଏମ୍‌ପି ରୁଦ୍ରନାରାୟଣ ପାଣି ପ୍ରମୁଖ ଯୋଗଦେଇଥିଲେ। ଢେଙ୍କାନାଳ ଜିଲାପାଳ ସୋମେଶ କୁମାର ଉପାଧ୍ୟାୟ ଅଧ୍ୟକ୍ଷତା କରିଥିବା ବେଳେ ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ଆଦିତ୍ୟ ମହାପାତ୍ର, ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ସଞ୍ଜୟ କୁମାର ମହାପାତ୍ର, ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସକ ରମେଶ ଚନ୍ଦ୍ର ସାହୁ ଉପସ୍ଥିତ ଥିଲେ। ଭୁବନ ଅଞ୍ଚଳର ଶିଶୁମାନଙ୍କୁ ସୁସ୍ଥ ରହିବା ପାଇଁ କିଟ୍ ବଣ୍ଟନ କରାଯାଇଥିଲା। ଭୁବନ ନଗରପାଳ ଶୁଭେନ୍ଦୁ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

ଢଗଢମାଳି
(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ନଈ ଚିଙ୍ଗୁଡ଼ିଆ ଦଳ
ଚାହିଁ ଚାହିଁ ଆସି ଦରବୁଡ଼ୀ ହେଲି
ମୁଣ୍ଡରେ ପାଚିଲା ବାଳ।**

ପ୍ରତୀକ୍ଷା ଅଧିକ ଯନ୍ତ୍ରଣାଦାୟକ ହୋଇଥାଏ। ମନର ମଣିଷକୁ ଆପଣାର କରିବା ପାଇଁ ଦୀର୍ଘ ପ୍ରତୀକ୍ଷାରତ ରମଣୀ ବିରହଜନିତ ଦୁଃଖରେ ଭାଙ୍ଗିପଡ଼ିବା ସ୍ୱାଭାବିକ ହୋଇଥିବା ବେଳେ ତା'ର ହତାଶ ତଥା ବ୍ୟଥିତ ମନୋଭାବକୁ ଦୃଷ୍ଟିରେ ରଖି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ନିଜ ରକ୍ଷଣ ଅସମ୍ଭବ
ସେ କାହୁଁ ପରକୁ ରଖିବ।**

ଯିଏ ଦୃଢ଼ କି ମଜଭୁତ ନୁହେଁ ବା ଯାହାର କୌଣସି ସ୍ଥାୟିତ୍ୱ ନ ଥାଏ ସେ କାହାରି ଉପକାରରେ ଆସିପାରି ନ ଥାଏ। ପରିସ୍ଥିତି ଯାହାର ଅଣାୟତ୍ତ ତା' ଠାରୁ କୌଣସି ପ୍ରକାର ସାହାଯ୍ୟ ସହାନୁଭୂତିର ଆଶା ରଖିବା ନିରର୍ଥକ ସାବ୍ୟସ୍ତ ହୋଇଥାଏ। ଯାହାର ସ୍ଥିତି ଦୁର୍ବଳ ସିଏ ଅନ୍ୟକୁ କିପରି ସୁରକ୍ଷା ଦେଇପାରିବ ସେନେଇ ମନରେ ପ୍ରଶ୍ନବାଚୀ ସୃଷ୍ଟିହେବା ଯଥାର୍ଥ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ-ଫ୍ରେଣ୍ଡସ ପବ୍ଲିଶର୍ସ




ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଧାମନଗରକୁ ବ୍ୟାପିଲା ଝାଡ଼ାବାନ୍ତି

## ୪୦ରୁ ଊର୍ଦ୍ଧ୍ୱ ଆକ୍ରାନ୍ତ



ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଥିବା ଝାଡ଼ାବାନ୍ତି ଆକ୍ରାନ୍ତ।

ଧାମନଗର,୧୬।୬(ଦେବେନ୍ଦ୍ର ଆଢ଼ିଆ/ ସନ୍ତୋଷ କୁମାର ମହାପାତ୍ର)

ଭଦ୍ରକ ଜିଲାର ଭଣ୍ଡାରିପୋଖରୀ ପରେ ଏବେ ଧାମନଗର ବ୍ଲକ ଅଞ୍ଚଳକୁ ଝାଡ଼ାବାନ୍ତି ବ୍ୟାପିବାରେ ଲାଗିଛି। ୨ ଦିନ ମଧ୍ୟରେ ୪୦ରୁ ଊର୍ଦ୍ଧ୍ୱ ଆକ୍ରାନ୍ତ ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହୋଇଛନ୍ତି। ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସୁଥିବା ଆକ୍ରାନ୍ତଙ୍କୁ ସାଲାଇନ ଏବଂ ଔଷଧ ଦିଆଯାଇ ଛଡ଼ା ଯାଇଥିବାବେଳେ ରବିବାର ୧୪ ଆକ୍ରାନ୍ତଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ନିମନ୍ତେ ଭର୍ତ୍ତି କରାଯାଇଥିଲା। ଝାଡ଼ାବାନ୍ତି ଆକ୍ରାନ୍ତଙ୍କ ସଂଖ୍ୟା ବଢୁଥିବା ନେଇ ଭଦ୍ରକ ଜିଲାପାଳ ଓ ଜିଲା ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ଅବଗତ କରାଯାଇଛି। ଏସମ୍ପର୍କରେ ଜିଲାସ୍ତରୀୟ ଆଲୋଚନା କରାଯାଇ ନିରାକରଣ ପାଇଁ ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧୀକ୍ଷକ ଡା. ମନ୍ମଥ କୁମାର ସାମନ୍ତସିଂହାର କହିଛନ୍ତି। ବକ୍ରିଦ୍ ପର୍ବରେ ତିନିଦିନ ଧରି ଖିଆପିଆ ଓ ରଜ ପର୍ବରେ ଘରେ ଘରେ ପିଠାପଣା ସାଙ୍ଗକୁ ବର୍ଷା ଦିନ ଆରମ୍ଭ ହୋଇଥିବାରୁ ସ୍ୱାଭାବିକ ଭାବେ କେତେକ ସ୍ଥାନରେ ଝାଡ଼ାବାନ୍ତି ଦେଖାଦେଇଛି। ସେଥିପାଇଁ ଆବଶ୍ୟକ ଔଷଧ ଓ ସାଲାଇନ ମହଜୁଦ ରଖାଯିବା ସହ ସ୍ୱାସ୍ଥ୍ୟ ବିଭାଗ ସମ୍ପୂର୍ଣ୍ଣ ସଜାଗ ରହିଛି ବୋଲି ଡା.ସାମନ୍ତସିଂହାର କହିଛନ୍ତି। ଧାମନଗର ବ୍ଲକ ଅନ୍ତର୍ଗତ ରାଧାବଲ୍ଲଭପୁର, ବନ୍ଧଟିଆ, ଇଚ୍ଛଦା, ଜାହାଙ୍ଗୀର, ଧାମନଗର ଏନ୍ଏସିର କାଜିମହଲା ଆଦି ଅଞ୍ଚଳରୁ ଏହି ଆକ୍ରାନ୍ତମାନେ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ନିମନ୍ତେ ଆସିଥିବା ଜଣାପଡ଼ିଛି। ତେବେ ଝାଡ଼ାବାନ୍ତିର ମୁକାବିଲା ପାଇଁ ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀମାନେ ସଜାଗ ରହିଛନ୍ତି ବୋଲି ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ କହିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** — ଚନ୍ଦ୍ରଙ୍କ ପ୍ରଭାବରେ ପାରିବାରିକ ଜୀବନରେ ଭୁଲ୍ ବୁଝାମଣା ସୃଷ୍ଟିହେବ। କେତେକ ବ୍ୟତିକ୍ରମକୁ ବାଦ୍ ଦେଲେ ଦିନଟି ଭଲରେ ବିତିବ। ଶିକ୍ଷା କ୍ଷେତ୍ରରେ ସୁନାମ, ପିଲାଙ୍କ ସଫଳତା, ନୂତନ ବନ୍ଧୁସମ୍ପର୍କ ସ୍ଥାପନ ଏବଂ ପାରିବାରିକ ସଦ୍‌ଭାବ ବୃଦ୍ଧି ପାଇବ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନ ଓ ରାଜନୀତିରେ ଆଶା ପୂରଣ ହେବ।

**ବୃଷ** — ଦ୍ୱିତୀୟସ୍ଥ ବୁଧ ଅନ୍ୟମାନଙ୍କ ସହ ରହି ଆପଣଙ୍କୁ ବଳିଷ୍ଠ ଯୁକ୍ତିସମ୍ପନ୍ନ କରାଇବେ। ନୂତନ ଘର ତିଆରି, ଯାନବାହନ ମରାମତି, ଦୋକାନବାଡ଼ିର ଉନ୍ନତୀକରଣ ଓ ସଭା ସମିତିରୁ ଉପକୃତ ହେବେ। ପାରିବାରିକ ଟେନ୍‌ସନ ଲାଗିରହିପାରେ। କର୍ମକ୍ଷେତ୍ରରେ ଘଟି ଯାଇଥିବା ଘଟଣାର ମୋଡ଼ ବଦଳିଯିବା ସୂଚନା ରହିଛି।

**ମିଥୁନ** — ଶନିଙ୍କ ପ୍ରତି ମଙ୍ଗଳଙ୍କ ପୂର୍ଣ୍ଣଦୃଷ୍ଟି ସ୍ୱାସ୍ଥ୍ୟହାନି ସାଙ୍ଗକୁ ବିଭିନ୍ନ ସମସ୍ୟାରେ ଜଡ଼ିତ କରାଇବ। ପୁନର୍ବସୁ ବନ୍ଧୁପରିଜନଙ୍କ ସହ ନୂତନ ସ୍ଥାନ ପରିଦର୍ଶନ ସୁଯୋଗ ପାଇବେ। ପାପଯୁକ୍ତ ଚନ୍ଦ୍ର ଅର୍ଥ ସମ୍ପର୍କୀୟ ବିବାଦରେ ମାନସିକ ଅସ୍ଥିରତା ସୃଷ୍ଟିକରିପାରନ୍ତି। ଜମିଜମା, ପୁରୁଣା ଗାଡ଼ି ଓ ଯାନ୍ତ୍ରିକ ଜିନିଷ କିଣିବା କିମ୍ବା ବିକିବା ସକାଶେ ମନବଳିପାରେ।

**କର୍କଟ** — ରାଶ୍ୟାଧିପ ଦୁଃସ୍ଥାନସ୍ଥ ହୋଇ ପାପଯୁକ୍ତ କାରଣରୁ ଦୈହିକ ଏବଂ ମାନସିକ ସ୍ୱାସ୍ଥ୍ୟ ଭଲ ରହି ନ ପାରେ। ଅଶ୍ଳେଷା କୌଣସି ପରିସ୍ଥିତି ଆସୁନା କାହିଁକି ଖାତିର ନ କରି ଆଗକୁ ମାଡ଼ି ଚାଲିବେ। ଟଙ୍କା ପଇସା, ନେବା ଆଣିବା, ଦିଆନିଆ କ୍ଷେତ୍ରରେ ସତର୍କ ନ ରହିଲେ କ୍ଷତିରେ ପଡ଼ିବେ। ପୁରାତନ ବିବାଦର ସମାଧାନର ଆଶା ରହିଛି।

**ସିଂହ** — କର୍ମାଧିପ ଭାଗ୍ୟ ଭାବରେ ଥିବାରୁ ଆଜି କୌଣସି କାମ ଅଟକିବ ନାହିଁ। ବନ୍ଧୁଙ୍କ ଆଚରଣ ମନ ପସନ୍ଦ ନ ହେଲେ ମଧ୍ୟ ପରିସ୍ଥିତିକୁ ଲକ୍ଷ୍ୟକରି ନୀରବତା ଅବଲମ୍ବନ କରିବାକୁ ବାଧ୍ୟ ହେବେ। ଯାତ୍ରା, ବ୍ୟବସାୟ, ଶିଳ୍ପ ବାଣିଜ୍ୟ ଏବଂ ପରିବହନରୁ ଭଲ ଲାଭପାଇବେ। ସାମାଜିକ ସ୍ତରରେ ବନ୍ଧୁମାନଙ୍କ ଦ୍ୱାରା ପ୍ରଶଂସିତ ହୋଇପାରନ୍ତି।

**କନ୍ୟା** — ରାଶି ପ୍ରତି ଶନିଙ୍କ ଦୃଷ୍ଟି ସ୍ୱାସ୍ଥ୍ୟହାନି ସାଙ୍ଗକୁ ନୀଚଜନ ସହ ବିବାଦରେ ଲିପ୍ତ କରାଇପାରନ୍ତି। ବାରମ୍ବାର ପ୍ରତିବନ୍ଧକର ସାମ୍ନା କରିବା ହେତୁ କାମ ସମ୍ପନ୍ନ କଷ୍ଟକର ହୋଇପଡ଼ିବ। ରାଜନୀତି, ସାହିତ୍ୟ, କ୍ରୀଡ଼ା ପ୍ରଭୃତିରେ ପ୍ରଶଂସିତ ହେବେ। ପାରିବାରିକ ଜୀବନ ବୁଝାମଣା ମଧ୍ୟରେ ସୁନ୍ଦର ଓ ସୁଖମୟ ହେବା ସୂଚନା ରହିଛି।

**ତୁଳା** — ରାଶିକୁ ରାଶ୍ୟାଧିପ ଦେଖୁଥିବାରୁ ଦୈହିକ ସୁସ୍ଥତା ସହ ବିଳାସପ୍ରିୟ କରାଇପାରନ୍ତି। ନିଜ ସଂସ୍ପର୍ଶରେ ଆସୁଥିବା ବନ୍ଧୁଙ୍କ ପରାମର୍ଶ ଗ୍ରହଣକଲେ ଉପକୃତ ହେବେ। ପାରସ୍ପରିକ ମତଭେଦ କାରଣରୁ ପରିବାରରେ ବିତର୍କ ଲାଗି ରହିବ। ସାହିତ୍ୟ, ପ୍ରଶାସନ, ସଭାସମିତି, ସାମ୍ବାଦିକତା ଓ ରାଜନୈତିକ ସ୍ତରରେ ପ୍ରଶଂସିତ ହୋଇପାରନ୍ତି।

**ବିଛା** — ଶନି ଓ ବୃହସ୍ପତିଙ୍କ ସ୍ଥିତିଜନିତ ସମ୍ପର୍କହାନି ସାଙ୍ଗକୁ ସନ୍ତାନଙ୍କ ସମସ୍ୟାରେ ଚିନ୍ତିତ ରହିବେ। ପ୍ରତ୍ୟେକ ସ୍ତରରେ ସୁନ୍ଦର କଥା ମାଧ୍ୟମରେ ବନ୍ଧୁଙ୍କୁ ଆପଣାର କରିପାରିବେ। କୌଣସି ଘଟଣା ନ ବୁଝି କର୍ମକ୍ଷେତ୍ରରେ ସହକର୍ମୀ କିମ୍ବା ପଡ଼ୋଶୀ କ୍ରୋଧ ପ୍ରକାଶ କରିପାରନ୍ତି। ଆଜି ଶିଳ୍ପ, ବାଣିଜ୍ୟ ଓ ପରିବହନ ପାଇଁ ବିଶେଷ ଅସୁବିଧା ହେବନାହିଁ।

**ଧନୁ** — ରାଶ୍ୟାଧିପଙ୍କ ଶୁଭ ସଂଯୋଗ ପ୍ରଭାବରେ ଆଜି ପ୍ରତ୍ୟେକ କ୍ଷେତ୍ରରେ ସଫଳତା ପାଇବେ। ତଥାପି ଅଧିକାଂଶ ସମୟ କାର୍ଯ୍ୟବ୍ୟସ୍ତତା ହେତୁ ଚିନ୍ତାଧାରା ବିକ୍ଷିପ୍ତ ହୋଇପାରେ। ଶାରୀରିକ ଅବସ୍ଥାରେ ଉନ୍ନତି ଘଟିବା କାରଣରୁ ସାମୟିକ ଆଶ୍ୱସ୍ତି ଲାଭ କରିବେ। ଶନିଙ୍କ କୁପ୍ରଭାବରେ ପାରିବାରିକ ସ୍ଥିତି ବିଗିଡ଼ିଯିବା ସୂଚନା ରହିଛି।

**ମକର** — ଦୈହିକ ଅସୁସ୍ଥତା ଲାଗି ରହିଥିଲେ ମଧ୍ୟ ପାରିବାରିକ ଜୀବନ ଏବଂ ବନ୍ଧୁସମ୍ପର୍କ ଭଲ ରହିବ। କର୍ମକ୍ଷେତ୍ରରେ ଆଲୋଚନା କାଳରେ ଅନ୍ୟମାନଙ୍କ ମତକୁ ସମ୍ମାନ ଦେଇ ପ୍ରଶଂସିତ ହେବେ। ଗୁରୁଜନଙ୍କ ପରାମର୍ଶକ୍ରମେ ପାରିବାରିକ ସମସ୍ୟାର ସମାଧାନ ଘଟିବ। ସାଂସ୍କୃତିକ କାର୍ଯ୍ୟକ୍ରମରେ ସାମିଲହୋଇ ଖୁସି ଅନୁଭବ କରିପାରନ୍ତି।

**କୁମ୍ଭ** — କର୍ମକ୍ଷେତ୍ରରେ ଯାହାକୁ ଯାହା ଯେଉଁଠି ଯାହା କହିବେ ତାହା ଠିକ୍ ଭାବେ କାର୍ଯ୍ୟକାରୀ ହେବ। ବିଭିନ୍ନ ପ୍ରକାର ପ୍ରତିବନ୍ଧକ ଲାଗି ରହିବା କାରଣରୁ ନିର୍ମାଣାଧୀନ କାର୍ଯ୍ୟ ସ୍ଥଗିତ ରହିପାରେ। ସାଂସ୍କୃତିକ କାର୍ଯ୍ୟକ୍ରମରେ କିମ୍ବା ଧର୍ମାନୁଷ୍ଠାନ ଦିଗରୁ ପ୍ରେରଣା ମିଳିବା ସୂଚନା ରହିଛି। ପାରିବାରିକ ଜୀବନ ହସଖୁସି ମଧ୍ୟରେ ସୁନ୍ଦର ଓ ପ୍ରୀତିପ୍ରଦ ରହିବ।

**ମୀନ** — ଉଚ୍ଚବର୍ଗର ଲୋକଙ୍କ ସାହାଯ୍ୟରେ ପୂର୍ବ ସମସ୍ୟା ଦୂରେଇବାରେ ସମର୍ଥ ହେବେ। ପ୍ରତିଦ୍ୱନ୍ଦ୍ୱିତା ଲାଗି ରହିଥିଲେ ମଧ୍ୟ ବ୍ୟବସାୟ କ୍ଷେତ୍ରରେ ସ୍ଥିରତା ଫେରିପାଇବେ। ଆନୁଷ୍ଠାନିକ କାମ, ରାଜନୀତି ଓ ସାଙ୍ଗଠନିକ ସ୍ତରରେ ଉଚ୍ଚ ପଦାଧିକାରୀଙ୍କ ଚାପର ସମ୍ମୁଖୀନ ହେବେ। ଆତ୍ମୀୟଙ୍କ ସହ ସମ୍ପର୍କହାନି ଚିନ୍ତା ବଢ଼ିଯାଇପାରେ।

ଆଜି ଜୁନ୍ ୧୭ ତାରିଖ, ବସୁମତୀ ସ୍ନାନ, ଆଷାଢ଼ କୃଷ୍ଣ ଷଷ୍ଠୀଯୁକ୍ତ ସପ୍ତମୀ ମଙ୍ଗଳବାର, ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ତିରୋଧାନ ଦିବସ। ରାଶି ନକ୍ଷତ୍ର-ଶତଭିଷା/କୁମ୍ଭ, ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସପ୍ତମୀର ପାର୍ବଣ ଶ୍ରାଦ୍ଧ। ସକାଳ ଘ. ୦୫।୧୧ ଗତେ, ଘ.୦୬।୫୦ ମଧ୍ୟେ, ଘ.୦୯।୩୫ ଗତେ, ଘ.୧୨।୧୪ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୩।୦୫ ଗତେ, ଘ.୦୪।୪୪ ମଧ୍ୟେ ରାହୁକାଳ।

# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ଜୁନ୍ ୧୭/୨୦୨୫ | Bhubaneswar, Tuesday, June 17/2025 | ପୃଷ୍ଠା-୧



DADLS-31

ବର୍ଷ ଏକ ଉପଲବ୍ଧି ଅନେକ

ଶିଳ୍ପ ଅଭିବୃଦ୍ଧି, ଆର୍ଥିକ ସମୃଦ୍ଧି

• ଉତ୍କର୍ଷ ଓଡ଼ିଶା-୨୦୨୫ କନକ୍ଲେଭରେ ୫୯୩ଟି ପ୍ରକଳ୍ପ ପାଇଁ ୧୬.୭୩ ଲକ୍ଷ କୋଟି ଟଙ୍କାର ନିବେଶ ସୁଯୋଗ

• ୪.୫ ଲକ୍ଷ କୋଟି ଟଙ୍କାରୁ ଅଧିକ ନିବେଶ, ୨୦୭ଟି ଶିଳ୍ପ ପ୍ରକଳ୍ପ ମଞ୍ଜୁର



OIPR-15001/13/0703/2526




ହିମାଚଳ ପ୍ରଦେଶର କୁଲ୍ଲୁ ଜିଲା ମନାଲି ନିକଟସ୍ଥ ବ୍ୟାସ ନଦୀରେ ପର୍ଯ୍ୟଟକମାନେ 'ରିଭର ରାଫ୍ଟିଂ'ର ମଜା ନେଉଛନ୍ତି।

# ଛାତ୍ରୀଙ୍କୁ ଗଣବଳାତ୍କାର

## ଗୋପାଳପୁର ବେଳାଭୂମି: ପୁରୁଷବନ୍ଧୁଙ୍କ ସାମ୍ନାରେ ଘଟିଲା ଘଟଣା, ୭ ଅଟକ

**ବିସ୍ତୃତ ବେଳାଭୂମି ଏବେ ଅସୁରକ୍ଷିତ ହୋଇପଡ଼ିଛି। ରଜ ସମୟରେ ଗଞ୍ଜାମ ଜିଲା ଗୋପାଳପୁର ବେଳାଭୂମି ପର୍ଯ୍ୟଟନ ସ୍ଥଳରେ ଲୋକେ ହାଉଯାଉ ହେଉଥିବାବେଳେ ରବିବାର ଜଣେ କଲେଜ ଛାତ୍ରୀଙ୍କୁ ତାଙ୍କ ପୁରୁଷବନ୍ଧୁଙ୍କ ସାମ୍ନାରେ ଗଣବଳାତ୍କାର କରାଯାଇଥିବା ଘଟଣା ପଦାକୁ ଆସିଛି। ଏଥିସହ ଗତ ୬ମାସ ମଧ୍ୟରେ ଗୋଳନ୍ଥରା ଓ ଗୋପାଳପୁର ଥାନା ଅଞ୍ଚଳରେ ଦୁଇଟି ବଳାତ୍କାର ଘଟଣା ମିଶି ୩ରେ ପହଞ୍ଚିଲାଣି। ଏହା ସମ୍ପୃକ୍ତ ଅଞ୍ଚଳର ମହିଳାଙ୍କ ସୁରକ୍ଷା ପ୍ରତି ବିପଦ ସୃଷ୍ଟି କରୁଛି ବୋଲି ଆଲୋଚନା ହେଉଛି।**

ଗୋପାଳପୁର/ବ୍ରହ୍ମପୁର,୧୬।୬ (ନବୀନ ରାଜ୍ ଆଚାରୀ/ସୁବାସ ଚନ୍ଦ୍ର ପାଢ଼ୀ)

ଗଞ୍ଜାମ ଜିଲା ଗୋପାଳପୁର ବେଳାଭୂମି ପର୍ଯ୍ୟଟନସ୍ଥଳରେ ରବିବାର ଏକ ଲଜ୍ଜାଜନକ ଘଟଣା ଘଟିଛି। ଜଣେ କଲେଜ ଛାତ୍ରୀଙ୍କୁ ତାଙ୍କ ପୁରୁଷବନ୍ଧୁଙ୍କ ଆଗରେ ଗଣବଳାତ୍କାର କରାଯାଇଥିବା ଗୋପାଳପୁର ଥାନାରେ ଅଭିଯୋଗ ହୋଇଛି। ଏଭଳି ସମ୍ବେଦନଶୀଳ ଘଟଣାକୁ ପୋଲିସ ଗୁରୁତ୍ୱର ସହ ନେଇଛି। ବେଳାଭୂମି ଅଞ୍ଚଳରେ ଚଢାଉ କରି ୭ ଜଣଙ୍କୁ କାବୁ କରିଛି। ସେମାନଙ୍କୁ ଥାନାରେ ଅଟକ ରଖି ଜେରା ଚାଲିଛି। ଘଟଣାରେ ୧୦ଜଣ ଯୁବକଙ୍କ ସମ୍ପୃକ୍ତି ଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ସୋମବାର ବ୍ରହ୍ମପୁର ଏସ୍‌ପି ଡା. ସର୍ବଣା ବିବେକ ଏମ. ଥାନାରେ ପହଞ୍ଚି ତଦନ୍ତ କରିଛନ୍ତି। ଘଟଣାର ଠିକ ତଦନ୍ତ ପାଇଁ ଜଣେ ମହିଳା ଡିଏସ୍‌ପି ର୍‍ୟାଙ୍କର ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି। ସନ୍ଧ୍ୟାରେ ଏସ୍‌ପି, ସାଇଣ୍ଟିଫିକ ଟିମ୍, ଥାନାଧିକାରୀ ଓ ପୀଡ଼ିତାଙ୍କ ପୁରୁଷ ବନ୍ଧୁଙ୍କୁ ନେଇ ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି।

ଅଭିଯୋଗ ଅନୁଯାୟୀ, ବ୍ରହ୍ମପୁର ଅଞ୍ଚଳର ଏକ ସରକାରୀ ମହାବିଦ୍ୟାଳୟରେ ପଢୁଥିବା ଅନ୍ୟ ଏକ ଜିଲାର ଛାତ୍ରୀ ରବିବାର ସନ୍ଧ୍ୟାରେ ତାଙ୍କ ପୁରୁଷ ବନ୍ଧୁଙ୍କ ସହ ଗୋପାଳପୁର ବେଳାଭୂମି ବୁଲିବାକୁ ଆସିଥିଲେ। ଉଭୟେ ଏକ ନିଛାଟିଆ ସ୍ଥାନରେ ବସିଥିଲେ। ସନ୍ଧ୍ୟା ପ୍ରାୟ ୭ଟାରେ ୩ଟି ବାଇକ୍‌ରେ ୧୦ଜଣ ଯୁବକ ସେଠାରେ ପହଞ୍ଚି ପ୍ରଥମେ ଛାତ୍ରୀଙ୍କ ପୁରୁଷ ବନ୍ଧୁଙ୍କୁ ମାଡ଼ ମାରିଥିଲେ। କେତେଜଣ ତାଙ୍କୁ ଅଟକାଇ ରଖିଥିବା ବେଳେ ଆଉ କେତେଜଣ ଯୁବକ ଛାତ୍ରୀଙ୍କୁ ସେଠାରୁ ଉଠାଇ ନେଇ ଗଣବଳାତ୍କାର କରିଥିଲେ। ପରେ ପୁରୁଷ ବନ୍ଧୁଙ୍କଠାରୁ ଫୋନ ପେ' ମାଧ୍ୟମରେ କିଛି ଟଙ୍କା ନେଇ ବିଭିନ୍ନ ଧମକ ଦେଇ ଚାଲି ଯାଇଥିଲେ। ଏ ନେଇ ପୀଡ଼ିତା ଛାତ୍ରୀ ଓ ପୁରୁଷ ବନ୍ଧୁ ଗୋପାଳପୁର ଥାନାରେ ଜଣାଇଥିଲେ। ପୋଲିସ ଅଭିଯୁକ୍ତମାନଙ୍କୁ ଧରିବାକୁ ପିଛା କରିଥିଲା। ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୭ ଯୁବକଙ୍କୁ ଉଠାଇ ନେଇଛି। ସେମାନେ ଏକ କଲେଜର ଛାତ୍ର ବୋଲି ଜଣାପଡ଼ିଛି। ଫେରାର ଥିବା ଅନ୍ୟ ୩ ଅଭିଯୁକ୍ତଙ୍କୁ ଧରିବା ପାଇଁ ଏକ ସ୍ୱତନ୍ତ୍ର ଟିମ ଗଠନ କରାଯାଇଛି। ସେମାନଙ୍କ ମୋବାଇଲ ଟ୍ରାକିଂ କରାଯାଉଛି। ଖୁବଶୀଘ୍ର ଅଭିଯୁକ୍ତମାନଙ୍କୁ ଧରାଯିବ ବୋଲି ପୋଲିସ କହିଛି।

ସୂଚନାଯୋଗ୍ୟ, ଗତ ୬ ମାସ ମଧ୍ୟରେ ଗୋଳନ୍ଥରା ଓ ଗୋପାଳପୁର ଥାନା ଅଞ୍ଚଳରେ ଏହା ତୃତୀୟ ବଳାତ୍କାର ଘଟଣା। ଗତ ଜାନୁଆରୀରେ ଗୋପାଳପୁର ଥାନା ଅଞ୍ଚଳରେ ଜଣେ ୪ବର୍ଷର ଶିଶୁ କନ୍ୟାଙ୍କୁ ବସ ଭିତରେ ବଳାତ୍କାର କରାଯାଇଥିଲା। ଏହି ଘଟଣାରେ ପୋଲିସ ଉକ୍ତ ବସ୍‌ର ଡ୍ରାଇଭର ଓ ହେଲ୍‌ପରଙ୍କୁ ଗିରଫ କରିଛି। ମାମଲା ଏବେ କୋର୍ଟରେ ବିଚାରାଧୀନ ରହିଛି। ସେହିପରି ଗତ ୩ ତାରିଖରେ ଗୋଳନ୍ଥରା ଥାନା ଅଞ୍ଚଳରେ ୨ ନାବାଳିକା ଭଉଣୀଙ୍କୁ ଗଣବଳାତ୍କାର କରାଯାଇଥିଲା। ଏହି ଘଟଣାରେ ୪ ଅଭିଯୁକ୍ତ ଗିରଫ ହୋଇଛନ୍ତି। ବେଳାଭୂମି ସମେତ ଅଞ୍ଚଳରେ ପାଟ୍ରୋଲିଂ କଡ଼ାକଡ଼ି କରାଯାଉ ନ ଥିବା ଅଭିଯୋଗ ହେଉଛି।

# ୨ ପର୍ଯ୍ୟାୟରେ ହେବ ଜନଗଣନା

## ଗେଜେଟ୍ ବିଜ୍ଞପ୍ତି ଜାରି

ନୂଆଦିଲ୍ଲୀ,୧୬।୬

୨୦୧୧ ଜନଗଣନାର ୧୬ ବର୍ଷ ପରେ କେନ୍ଦ୍ର ସରକାର ଭାରତର ଷୋଡ଼ଶ ଜନଗଣନା କରିବା ପାଇଁ ସୋମବାର ବିଜ୍ଞପ୍ତି ଜାରି କରିଛନ୍ତି। ଏହା ଦୁଇଟି ପର୍ଯ୍ୟାୟରେ ହେବ। ପ୍ରଥମ ପର୍ଯ୍ୟାୟ ୨୦୨୬ ଅକ୍ଟୋବରରୁ ହେବାକୁ ଥିବାବେଳେ ଦ୍ୱିତୀୟ ପର୍ଯ୍ୟାୟ ୨୦୨୭ ମାର୍ଚ୍ଚ ୧ରୁ ଆରମ୍ଭ ହେବ। ପ୍ରଥମ ପର୍ଯ୍ୟାୟରେ ଘର ତାଲିକା ଅଭିଯାନ (ଏଚ୍‌ଏଲ୍‌ଓ), ସମ୍ପତ୍ତି ତଥ୍ୟ, ପରିବାର ଆୟ, ଗୃହ ସ୍ଥିତି ଏବଂ ସୁବିଧା ଆଦି ତଥ୍ୟ ସଂଗ୍ରହ କରାଯିବ। ଏହା ଭାରତର ପ୍ରଥମ ଡିଜିଟାଲ ଜନଗଣନା ହେବାକୁ ଯାଉଥିବାରୁ ଲୋକେ ଘରେ ଥାଇ ପ୍ରଶ୍ନଗୁଡ଼ିକର ଉତ୍ତର ଦେଇପାରିବେ। ଦ୍ୱିତୀୟ ପର୍ଯ୍ୟାୟ ବା ଜନସଂଖ୍ୟା ହିସାବ ପର୍ଯ୍ୟାୟରେ ଲୋକଙ୍କ ସଂଖ୍ୟା, ପରିବାରରେ ରହୁଥିବା ପ୍ରତ୍ୟେକ ବ୍ୟକ୍ତିଙ୍କ ସାମାଜିକ-ଅର୍ଥନୈତିକ, ସାଂସ୍କୃତିକ ସ୍ଥିତି ଓ ଅନ୍ୟାନ୍ୟ ବ୍ୟକ୍ତିଗତ ତଥ୍ୟ ସଂଗ୍ରହ କରାଯିବ। ସ୍ୱାଧୀନତା ପରେ ପ୍ରଥମ ଥର ପାଇଁ ଜନଗଣନାରେ ଜାତିଗଣନା ସାମିଲ ହୋଇଛି।

ଲଦାଖ ଓ ଜମ୍ମୁ-କଶ୍ମୀର କେନ୍ଦ୍ରଶାସିତ ଅଞ୍ଚଳର ବରଫାବୃତ୍ତ ଅଞ୍ଚଳ, ହିମାଚଳପ୍ରଦେଶ ଓ ଉତ୍ତରାଖଣ୍ଡ ରାଜ୍ୟରେ ଜନଗଣନାର ଉଲ୍ଲିଖିତ ତିଥି ୨୦୨୬ ଅକ୍ଟୋବର ୧ ତାରିଖ ୦୦.୦୦ ଘଣ୍ଟା ଏବଂ ଦେଶର ଅନ୍ୟ ଭାଗରେ ୨୦୨୭ ମାର୍ଚ୍ଚ ୧ ତାରିଖ ୦୦.୦୦ ଘଣ୍ଟା ରହିବ ବୋଲି ବିଜ୍ଞପ୍ତିରେ ପ୍ରକାଶ ପାଇଛି। ସାରା ଦେଶର ଜନସଂଖ୍ୟା ସମ୍ପର୍କିତ ତଥ୍ୟ ସଂଗ୍ରହ ଲାଗି ହେବାକୁ ଥିବା ଏହି ଦୀର୍ଘ କାର୍ଯ୍ୟକ୍ରମରେ ୧୩,୦୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ ହେବ ବୋଲି ଆଶା କରାଯାଉଛି। ଏଥିରେ ୩୪ ଲକ୍ଷ ଜନଗଣନାକାରୀ ଓ ସୁପରଭାଇଜର ଏବଂ ୧.୩ ଲକ୍ଷ ପଦାଧିକାରୀ ଡିଜିଟାଲ ଉପକରଣ ସହ ଜନଗଣନା କାର୍ଯ୍ୟରେ ସାମିଲ ହେବେ। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ରବିବାର ଜନଗଣନା ☞ପୃଷ୍ଠା-୯

# ସେଲ୍‌ଫି ନେଲାବେଳେ ଜଳପ୍ରପାତରେ ଖସିପଡ଼ିଲେ ୨ ନାବାଳକ

## ଜଣେ ମୃତ, ଅନ୍ୟ ଜଣେ ନିଖୋଜ

କୋଟପାଡ଼,୧୬।୬(କେ.ରାଜଶେଖର ରାଓ)

କୋରାପୁଟ ଜିଲା କୋଟପାଡ଼ ଛର୍ଚ୍ଚଲା ପଞ୍ଚାୟତ ନିକଟ ଗୁଲମୀ ଜଳପ୍ରପାତରେ ୨ ନାବାଳକ ସେଲ୍‌ଫି ନେଉଥିବା ବେଳେ ପାଣିକୁ ଖସି ପଡ଼ି ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ନିଖୋଜ ଅଛନ୍ତି। ମୃତକ ହେଲେ ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ବ୍ଲକ୍ ମିର୍ଦ୍ଧାନପଡ଼ାର ଅଭିରାମ ସୁନାଙ୍କ ପୁଅ ଆଲୋକ ରାଜ ସୁନା(୧୫)। ହେମନ୍ତ କୁମାର ମିର୍ଗାନଙ୍କ ପୁଅ କିରଣ(୧୬) ନିଖୋଜ ଅଛନ୍ତି। ସୂଚନା ଅନୁଯାୟୀ, ରବିବାର କୋଟପାଡ଼ ଗୁଲମୀ ଜଳପ୍ରପାତକୁ ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ବ୍ଲକ୍ ମିର୍ଦ୍ଧାନପଡାର ୫ ଜଣ ଯୁବକ ବୁଲିବାକୁ ଆସିଥିଲେ। କିଛିଦିନ ହେବ ଉପରମୁଣ୍ଡରେ ବର୍ଷା ଲାଗିରହିଥିବାରୁ କୋଲାବ ନଦୀ ଜଳ ଗୁଲମୀ ଜଳପ୍ରପାତ ଦେଇ ପ୍ରବାହିତ ହେଉଛି। ଯୁବକମାନେ ଗୁଲମୀର ବିଭିନ୍ନ ସ୍ଥାନରେ ସେଲ୍‌ଫି ନେଉଥିବା ବେଳେ ୨ ନାବାଳକ ପ୍ରଖର ସ୍ରୋତରେ ଖସି ପଡ଼ିଥିଲେ। ଅନ୍ୟ ସାଙ୍ଗମାନେ ଖୋଜାଖୋଜି କରି କୋଟପାଡ଼ ଥାନାକୁ ଖବର ଦେଇଥିଲେ। କୋଟପାଡ଼ ପୋଲିସ ଓ ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଖୋଜାଖୋଜି କରିଥିଲେ ସୁଦ୍ଧା ପାଇ ☞ପୃଷ୍ଠା-୯

# ଡାଇରିଆ ସହ ହଇଜା ବ୍ୟାପିଛି: କେନ୍ଦ୍ରୀୟ ଟିମ୍

ଯାଜପୁର,୧୬।୬(ହର୍ଷବର୍ଦ୍ଧନ ବେହେରା)

- **ଯାଜପୁରରେ ଆଉ ୨ ଜୀବନ ଗଲା, ମୃତ୍ୟୁସଂଖ୍ୟା ୧୮ ହେଲା**
- **ଫାଷ୍ଟଫୁଡ, ହୋଟେଲ, ମାଛ, ମଟନ, ଚିକେନ ଦୋକାନ ବନ୍ଦ ନିର୍ଦ୍ଦେଶ**

ଯାଜପୁର ଜିଲାରେ ଡାଇରିଆ ସହ ହଇଜା(କଲେରା) ବ୍ୟାପିଥିବା ୧୪ ଜଣିଆ କେନ୍ଦ୍ରୀୟ ଟିମ୍ ସୋମବାର ସ୍ପଷ୍ଟ କରିଛି। ରୋଗୀଙ୍କ ଝାଡ଼ା ନମୁନାରେ ମାରାତ୍ମକ ବ୍ୟାକ୍ଟେରିଆ ଭିବ୍ରିଓ କଲେରା ଚିହ୍ନଟ ହୋଇଛି। ଗତ ୯ରୁ ୧୬ ତାରିଖ ଅର୍ଥାତ୍ ୮ ଦିନ ମଧ୍ୟରେ ୧୮ଜଣଙ୍କର ମୃତ୍ୟୁ ଘଟିଲାଣି। ପ୍ରତିଦିନ ଏଥିରେ କେହି ନା କେହି ପ୍ରାଣ ହରାଉଛନ୍ତି। ଯାଜପୁର ଜିଲାରେ ସାଂଘାତିକ ସ୍ଥିତି ରହିଥିବାବେଳେ ପଡ଼ୋଶୀ କେନ୍ଦୁଝର, ଭଦ୍ରକ, ଢେଙ୍କାନାଳ, କଟକ ଜିଲା ସମେତ ରାଜଧାନୀ ଭୁବନେଶ୍ୱରରେ ଝାଡ଼ାବାନ୍ତି ବ୍ୟାପିଲାଣି। ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଓ ଜିଲା ପ୍ରଶାସନ ପକ୍ଷରୁ ଆବଶ୍ୟକ ପଦକ୍ଷେପ ନିଆଯାଉଛି। ଲୋକଙ୍କୁ ସଚେତନ କରାଯିବା ସହ ଜଳଉତ୍ସ ବିଶୁଦ୍ଧୀକରଣ, ଉତ୍ତମ ଚିକିତ୍ସାସେବା ଓ ଅନ୍ୟାନ୍ୟ ନିରାକରଣ ବ୍ୟବସ୍ଥାକୁ ଗୁରୁତ୍ୱ ଦିଆଯାଉଛି। ଯାଜପୁର ଜିଲାର ପ୍ରଭାବିତ ଅଞ୍ଚଳରେ ପ୍ରଶାସନ ପକ୍ଷରୁ ଫାଷ୍ଟଫୁଡ୍, ହୋଟେଲ, ମାଛ, ମଟନ, ଚିକେନ ଦୋକାନ ବନ୍ଦ ନିର୍ଦ୍ଦେଶ ଦିଆଯାଇଛି।

ସୋମବାର ଯାଜପୁର ଜିଲାରେ ପୁଣି ୨ ଜଣ ଡାଇରିଆ ରୋଗୀଙ୍କ ମୃତ୍ୟୁ ହୋଇଛି। ମୃତକମାନେ ହେଲେ ସୁକିନ୍ଦା ବ୍ଲକ ବଇରିମାଳ ଗ୍ରାମର ବସନ୍ତ ବାରିକ (୪୨) ଏବଂ ସାରଙ୍ଗପୁର ଗ୍ରାମର ନନ୍ଦ ଜେନା(୬୦) ବୋଲି ସୂଚନା ମିଳିଛି। ଚିକିତ୍ସାଧୀନ ଅବସ୍ଥାରେ କଟକ ବଡ଼ ମେଡିକାଲରେ ବସନ୍ତଙ୍କ ମୃତ୍ୟୁ ହୋଇଥିବାବେଳେ ଦାନଗଦି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ନନ୍ଦଙ୍କ ଜୀବନ ଯାଇଛି। ଯାଜପୁର ଗସ୍ତରେ ଆସିଥିବା ୧୪ ଜଣ କେନ୍ଦ୍ରୀୟ ଦଳ ପରୀକ୍ଷାନିରୀକ୍ଷା କରି ହଇଜା ବ୍ୟାପିଥିବା ରିପୋର୍ଟରେ ଦର୍ଶାଇଛନ୍ତି। ଏହାବାଦ ଭିବ୍ରିଓ କଲେରା ବ୍ୟାକ୍ଟେରିଆ ଜରିଆରେ ଝାଡ଼ାବାନ୍ତି ବ୍ୟାପୁଥିବା ସୂଚନା ଦେଇଛନ୍ତି। ତେବେ ଏହା ସେତେଟା ମାରାତ୍ମକ ☞ପୃଷ୍ଠା-୯

# ଯୁବକ ରାଜ୍ୟ ବିକାଶର ସାରଥି: ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର ଓୟୁଏଟିସ୍ଥିତ କୃଷି ଶିକ୍ଷା ସଦନଠାରେ ଜଣେ ନବନିଯୁକ୍ତଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋମବାର ନିଯୁକ୍ତି ପତ୍ର ପ୍ରଦାନ କରୁଛନ୍ତି। ନିକଟରେ ଅଛନ୍ତି ବିଭିନ୍ନ ବିଭାଗର ମନ୍ତ୍ରୀ ଓ ପଦାଧିକାରୀ।

ଭୁବନେଶ୍ୱର,୧୬।୬(ସୁନିତ୍ ମିଶ୍ର)

ଯୁବ ଶକ୍ତି ହେଉଛନ୍ତି ରାଜ୍ୟ ବିକାଶ ରଥର ସାରଥି। ଯୁବ ଶକ୍ତିଙ୍କ ଭିତରେ ଥିବା ସାମର୍ଥ୍ୟ ଓ ଉତ୍ସାହକୁ ରାଜ୍ୟର ବିକାଶ ସହିତ ସମାଜ କଲ୍ୟାଣରେ ଉପଯୋଗ ପାଇଁ ଆମେ ପ୍ରାଧାନ୍ୟ ଦେଉଛୁ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋମବାର ବିଭିନ୍ନ ବିଭାଗରେ ନିଯୁକ୍ତି ପାଇଥିବା ଅଧିକାରୀ ଓ କର୍ମଚାରୀ ମାନଙ୍କୁ ଉଦ୍‌ବୋଧନ ଦେଇ କହିଛନ୍ତି। ଭୁବନେଶ୍ୱର ଓୟୁଏଟିସ୍ଥିତ କୃଷି ଶିକ୍ଷା ସଦନଠାରେ ୫ଟି ବିଭାଗର ୯୬୪ଟି ପଦବୀ ପୂରଣ ପାଇଁ ନିଯୁକ୍ତି ମେଳାର ଆୟୋଜନ କରାଯାଇଛି। ଏଥିରେ ପୂର୍ତ୍ତ ବିଭାଗର ୫୬୩, ଜଳ ସମ୍ପଦ ବିଭାଗର ୬୨, ପଞ୍ଚାୟିତ ରାଜ ଓ ପାନୀୟ ଜଳ ବିଭାଗର ୧୧୭, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ୨୦୪ ଏବଂ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ୧୮ଟି ପଦବୀରେ ନିଯୁକ୍ତି ଦିଆଯାଇଛି। ଏହିସବୁ ପଦବୀଗୁଡ଼ିକ ମଧ୍ୟରେ କନିଷ୍ଠ ଯନ୍ତ୍ରୀ, କନିଷ୍ଠ ପ୍ରବର୍ତ୍ତନ ଅଧିକାରୀ, ଟ୍ରେସର, ବୈଧ ମାପ ବିଜ୍ଞାନ ନିରୀକ୍ଷକ, ଜୁନିଅର ଆକାଉଣ୍ଟାଣ୍ଟ ପଦବୀ ରହିଛି।

ନିଯୁକ୍ତି ମେଳାରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବନିଯୁକ୍ତଙ୍କୁ ରଜ ଶୁଭେଚ୍ଛା ଜଣାଇବା ସହ କହିଛନ୍ତି, ସରକାରୀ ଚାକିରି ସର୍ବଦା ଜନସେବା ☞ପୃଷ୍ଠା-୯

**ଆଜିର ସମ୍ପାଦକୀୟ**

**ସବୁଥିରେ ବେପାର ନ ହେଉ**

# ଇସ୍କନ କଥା ନ ମାନିଲେ ଆଇନଗତ ପଦକ୍ଷେପ: ଆଇନ ମନ୍ତ୍ରୀ

ଭୁବନେଶ୍ୱର,୧୬।୬(ସୁନିତ୍ ମିଶ୍ର)

ଆଗରୁ ଅଦିନିଆ ରଥଯାତ୍ରା କରୁଥିବା ଇସ୍କନ ଏବେ ତିଥି ବାହାରେ ସ୍ନାନ ଯାତ୍ରା ମଧ୍ୟ କଲାଣି। ଏହି ଘଟଣାରେ ରବିବାର ଗଜପତି ମହାରାଜ ଦିବ୍ୟସିଂହ ଦେବ ମାୟାପୁର ଇସ୍କନ କର୍ତ୍ତୃପକ୍ଷଙ୍କୁ ଚିଠି ଲେଖିଛନ୍ତି। ଅନ୍ୟପଟେ ଏହି ଘଟଣାରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କଡ଼ା ପ୍ରତିକ୍ରିୟା ପ୍ରକାଶ କରି ଏହା ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି। ଏହି ପ୍ରସଙ୍ଗରେ ଇସ୍କନକୁ ଜଣାଇ ଦିଆଯାଇଛି, କଥା ନ ମାନିଲେ ଆଇନ ଅନୁଯାୟୀ ପଦକ୍ଷେପ ନିଆଯିବ।


# ରିଲ୍ସ ନିଶା: ସାପକୁ ଚୁମ୍ବନ ଦେବାବେଳେ ଖାଇଲେ ଚୋଟ

ମୋରାଦାବାଦ,୧୬।୬

ଉତ୍ତରପ୍ରଦେଶର ଅମରୋହା ଜିଲା ହୈବତପୁର ଗ୍ରାମରେ ଜଣେ ବ୍ୟକ୍ତି ରିଲ୍ସ ପାଇଁ ସାପକୁ ଚୁମ୍ବନ ଦେବାକୁ ଚେଷ୍ଟା କରୁଥିବା ବେଳେ ସାପ ତାଙ୍କ ଜିଭକୁ ଚୋଟ ଦେଇଥିଲା। ଏବେ ସେ ଗୁରୁତର ଅବସ୍ଥାରେ ଆଇସିୟୁରେ ଚିକିତ୍ସିତ ହେଉଛନ୍ତି।

ସ୍ଥାନୀୟ ଲୋକଙ୍କ ସୂଚନା ଅନୁଯାୟୀ, ଗତ ଶୁକ୍ରବାର ସନ୍ଧ୍ୟାରେ ଜିତେନ୍ଦ୍ର କୁମାର (୫୦) ନାମକ ଜଣେ କୃଷକ ଏକ ସାପକୁ ଉଦ୍ଧାର କରିଥିଲେ। ସେ ଉକ୍ତ ସାପ ସହ କିଛି ସମୟ ପାଇଁ ଖେଳିଥିଲେ ଏବଂ ଏହାର ରିଲ୍ସ ମଧ୍ୟ କରିଥିଲେ। ନିଜ ଫଲୋଅର୍ସଙ୍କୁ ପ୍ରଭାବିତ କରିବା ପାଇଁ ସେ ସାପକୁ ବେକରେ ଗୁଡ଼ାଇ ବିଭିନ୍ନ ଷ୍ଟଣ୍ଟ କରିବା ସହ ଅନେକ ପୋଜ୍ ମଧ୍ୟ ଦେଇଥିଲେ। ଏହି ସମୟରେ ସେଠାରେ ଅନେକ ଦେଖଣାହାରୀ ତାଙ୍କର ଭିଡିଓ ପ୍ରସ୍ତୁତ କରିଥିଲେ। ଗ୍ରାମବାସୀଙ୍କ ଅନୁଯାୟୀ, ସେତେବେଳେ ଜିତେନ୍ଦ୍ର ନିଶାରେ ଥିଲେ ଏବଂ ସାପ ସହ ଷ୍ଟଣ୍ଟ କରୁଥିବା ସମୟରେ ସେ ଧୂମପାନ ମଧ୍ୟ କରୁଥିଲେ। ଏହି ସମୟରେ ଜିତେନ୍ଦ୍ର ସାପକୁ ଚୁମ୍ବନ ଦେବା ପାଇଁ ସାପର ମୁଣ୍ଡକୁ ନିଜ ମୁହଁ ପାଖକୁ ଆଣିଥିଲେ। ସେ ସାପ ଆଡ଼କୁ ନିଜ ଜିଭ ବଢ଼ାଇଥିଲେ, ଫଳରେ ସାପଟି ତାଙ୍କ ଜିଭକୁ କାମୁଡ଼ି ଦେଇଥିଲା। ଯନ୍ତ୍ରଣାରେ ଜିତେନ୍ଦ୍ର ସାପଟିକୁ ଫୋପାଡ଼ି ଦେଇଥିଲେ। ଏହାପରେ ସାପଟି ନିକଟରେ ଥିବା ବୁଦା ଭିତରେ ପଶିଯାଇଥିଲା। ଏହା

**ଏବେ ଆଇସିୟୁରେ**




ଜିତେନ୍ଦ୍ର କୁମାର

ଦେଖି ଭିଡିଓ କରୁଥିବା ଦେଖଣାହାରିମାନେ ଆତଙ୍କିତ ହୋଇପଡ଼ିଥିଲେ। ସୋସିଆଲ ମିଡିଆରେ ଏହାର ଏକ ଭିଡିଓ ଭାଇରାଲ ହେଉଥିବାବେଳେ ଅନେକ ୟୁଜର୍ସ ଜିତେନ୍ଦ୍ରଙ୍କୁ ସମାଲୋଚନା କରିଛନ୍ତି। ହୈବତପୁର ଗ୍ରାମର ମୁଖିଆ ଜୟକିରତ ସିଂ କହିଛନ୍ତି, ସାପ କାମୁଡ଼ା ପରେ ଜିତେନ୍ଦ୍ରଙ୍କ ସ୍ୱାସ୍ଥ୍ୟାବସ୍ଥା ଦ୍ରୁତ ଗତିରେ ଖରାପ ହୋଇଥିଲା। ତୁରନ୍ତ ତାଙ୍କୁ ନିକଟସ୍ଥ ମେଡିକାଲକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୋରାଦାବାଦର ଏକ ଘରୋଇ ହସ୍ପିଟାଲକୁ ରେଫର କରିଥିଲେ, ଯେଉଁଠାରେ ଏବେ ସେ ଇଣ୍ଟେନସିଭ୍ କେୟାର ୟୁନିଟ୍(ଆଇସିୟୁ)ରେ ଚିକିତ୍ସିତ ହେଉଛନ୍ତି। ଜିତେନ୍ଦ୍ରଙ୍କ ଅବସ୍ଥା ଗୁରୁତର ଥିବା ଜୟକିରତ କହିଛନ୍ତି।

# ପ୍ରସାଧନ ସାମ୍ରାଜ୍ୟର ଦାୟାଦ ଲିଓନାର୍ଡ ଲାଉଡରଙ୍କ ପରଲୋକ

ନ୍ୟୁୟର୍କ,୧୬।୬

ପ୍ରସାଧନ ସାମ୍ରାଜ୍ୟର ବିଲିଅନେୟାର ଦାୟାଦ ଲିଓନାର୍ଡ ଲାଉଡରଙ୍କର ୯୨ ବର୍ଷ ବୟସରେ ଶନିବାର ପରଲୋକ ହୋଇଯାଇଛି। କସ୍‌ମେଟିକ୍ସ ପାଓନିୟର ଏଷ୍ଟି ଲାଉଡର ଏବଂ ଜୋସେଫ ଏଚ୍. ଲାଉଡରଙ୍କ ଜ୍ୟେଷ୍ଠପୁତ୍ର ଲିଓନାର୍ଡ ଏଷ୍ଟି ଲାଉଡର କମ୍ପାନୀର ପୂର୍ବତନ ମୁଖ୍ୟ ଥିଲେ। ଅକ୍ଳାନ୍ତ ପରିଶ୍ରମ କରି ସେ ସୌନ୍ଦର୍ଯ୍ୟ ଶିଳ୍ପ ନିର୍ମାଣ କରିବା ସହ ଏଥିରେ ବ୍ୟାପକ ପରିବର୍ତ୍ତନ ଆଣିଥିଲେ। ସମ୍ପ୍ରତି ଏହି ଶିଳ୍ପର ମୌଳିକ ଆବଶ୍ୟକତା କୁହାଯାଉଥିବା ନବୋନ୍ମେଷ, ଧାରା ଏବଂ ସର୍ବଶ୍ରେଷ୍ଠ ପ୍ରକ୍ରିୟାର ସେ



କର୍ଣ୍ଣଧାର ଥିଲେ ବୋଲି ତାଙ୍କ ପୁଅ ତଥା କମ୍ପାନୀ ବୋର୍ଡ ଅଫ୍ ଡାଇରେକ୍ଟର୍ସର ଅଧ୍ୟକ୍ଷ ୱିଲିୟମ ପି. ଲାଉଡର କହିଛନ୍ତି। ଲିଓନାର୍ଡ କେବଳ ଜଣେ ବ୍ୟବସାୟୀ ନ ଥିଲେ, ଜଣେ ପରୋପକାରୀ ଏବଂ କଳାର ଉପାସକ ଭାବେ ସେ ଜଣାଶୁଣା ☞ପୃଷ୍ଠା-୯

ଯେଉଁ ଶକ୍ତି ସବୁ ସାଧନ କରିପାରିବ– ତାହା ଅଛି । କିନ୍ତୁ ତାହା ଆମ ଭିତରେ ଏକ ଗୁପ୍ତ କୋଠରି ଭିତରେ ଲୁଚିକରି ଅଛି । ଏବଂ ସେହି ରୁଦ୍ଧ ପ୍ରକୋଷ୍ଠର ଚାବି ଅଛି ଈଶ୍ୱରଙ୍କ ହାତରେ । ଆସ– ଈଶ୍ୱରଙ୍କୁ ଖୋଜି ପାଇବା ଓ ତାଙ୍କଠାରୁ ସେ ଚାବି ହାସଲ କରିବା । –ଶ୍ରୀଅରବିନ୍ଦ



# ସବୁଥିରେ ବେପାର ନ ହେଉ

ଭାରତରେ ଏଇ କିଛିବର୍ଷ ହେବ ବିକାଶ ନାମରେ ପ୍ରକୃତିଦତ୍ତ ପରିବେଶ ସହ ସାଲିସ କରିଦିଆଯାଉଥିବାରୁ ବିପର୍ଯ୍ୟୟ ମାତ୍ରାଧିକ ହେଲାଣି । ତାହାର ପରିଣାମ ସ୍ପଷ୍ଟ ଦୃଶ୍ୟମାନ ହେଉଥିବା ବେଳେ ସରକାରୀ ବ୍ୟବସ୍ଥା ସେଥିପ୍ରତି ନିଘା ଦେଉନାହିଁ । ଏହା ପଛରେ ରହିଥିବା କାରଣଟିକୁ ଖୋଜିଲେ ସବୁକିଛି 'ବେପାରସର୍ବସ୍ୱ' ହୋଇଯାଉଛି । କେଉଁ ପରିବେଶ ଓ ପରିସଂସ୍ଥାନକୁ ବ୍ୟବହାର କରାଯାଇ ଲାଭ ମିଳିପାରିବ, ସେସବୁ ଜାଣିବା ଲାଗି ଥୋକେ ଲୋକ ଯେମିତି ନିୟୋଜିତ ହେବା ଭଳି ଦେଖାଯାଉଛି । ସଦ୍ୟ ଉଦାହରଣ ହେଉଛି ଚାରିଧାମ ଯାତ୍ରା । ପୂର୍ବରୁ ଆମେ ଜାଣିଥିଲୁ ଭାରତୀୟ ଉପମହାଦେଶର ଚାରିକୋଣକୁ ଆଦି ଶଙ୍କରାଚାର୍ଯ୍ୟ ପାଦରେ ବୁଲି ଧାମ ସୃଷ୍ଟି କରି ସନାତନ ଚିନ୍ତାଧାରାକୁ ପୁନର୍ଜନ୍ମ ଦିଆଇଥିଲେ । ସେହି ୪ଟି ସ୍ଥାନ ହେଲା ପୁରୀ, ବଦ୍ରିନାଥ, ଦ୍ୱାରକା ଓ ରାମେଶ୍ୱରମ୍ । ଏହିସବୁ ସ୍ଥାନକୁ ଧାମ ଭାବେ ପରିଚୟ ଦେଇ ସେତେବେଳେ ବୌଦ୍ଧଧର୍ମର ପ୍ରସାରକୁ ରୋକିବାର ଉଦ୍ୟମ କରିଥିଲେ ଶଙ୍କରାଚାର୍ଯ୍ୟ । ଆଧୁନିକ ଭାରତରେ ଚାରିଧାମ କହିଲେ ଅଧିକାଂଶ ଭାରତୀୟ ଏବେ ଉତ୍ତରାଖଣ୍ଡ ଭିତରେ ତାହାକୁ ସୀମିତ ରଖି ଦେଇଛନ୍ତି । ଉତ୍ତରାଖଣ୍ଡର ଯମୁନେତ୍ରୀ, ଗଙ୍ଗୋତ୍ରୀ, କେଦାରନାଥ ଓ ବଦ୍ରିନାଥ ଯାତ୍ରା ଏକସଙ୍ଗେ କଲେ ଚାରିଧାମର ପୁଣ୍ୟ ମିଳିଥାଏ ବୋଲି ବିଶ୍ୱାସ ରହିଛି । କୁହାଯାଇଥାଏ ସେଠାକାର ଯମୁନା ନଦୀରେ ଯିଏ ବୁଡ଼ ପକାନ୍ତି ସେ ଅକାଳ ମୃତ୍ୟୁରୁ ରକ୍ଷା ପାଇଯାଆନ୍ତି । କିନ୍ତୁ ଏବେ ଅନେକ ସମୟରେ ସେହି ଚାରିଧାମ ମଧ୍ୟରେ ଅକାଳ ମୃତ୍ୟୁ ଘଟୁଥିବା ପରିଲକ୍ଷିତ ହେଉଛି । ଦଶନ୍ଧି ପୂର୍ବରୁ ଚାରିଧାମ ଯାତ୍ରା ଆଜିଭଳି ଭିଡ଼ରେ ପରିଣତ ହୋଇ ନ ଥିଲା । ପ୍ରାକୃତିକ ପରିବେଶ ଓ ପବିତ୍ରତା ରକ୍ଷା କରି ଶ୍ରଦ୍ଧାଳୁ ସେଠାକୁ ଗମନ କରୁଥିଲେ । ଯେତେବେଳେ ସେହିସବୁ ସ୍ଥାନରେ ବେପାର ମନୋଭାବ ବଢ଼ିଲା ପର୍ଯ୍ୟାପ୍ତ ଲୋକଙ୍କୁ ଠୁଳ କରିବା ଦେଖାଗଲା । କିଛି ବେପାରୀଙ୍କ ପ୍ରରୋଚନାରେ ସରକାର ପ୍ରାକୃତିକ ପରିବେଶର ସୁରକ୍ଷା ପ୍ରତି ଅଣଦେଖା କରି ଭିତ୍ତିଭୂମି ବଢ଼ାଇ ଚାଲିଲେ । ଏମିତି ଦେଖିଲେ ପ୍ରାକୃତିକ ପରିବେଶ ସହନଶୀଳ ସ୍ତର ଅତିକ୍ରମ କରିଯାଉଥିବାରୁ ଭାରସାମ୍ୟ ଦୋହଲି ଯାଉଛି । ଆଉ ଏକ କଥା ଶୁଣିବାକୁ ମିଳୁଛି ଯେ, ଅନେକ ଯାତ୍ରୀ ମଉଜମଜଲିସ ପାଇଁ ସେହି ସବୁ ଅଞ୍ଚଳକୁ ବୁଲି ଯାଉଥିବାରୁ ଅସମ୍ଭାଳ ଭିଡ଼ ହେଉଛି । ସାଧାରଣତଃ ମନ୍ଦିର ଗଲେ ମନ ପବିତ୍ର ହୋଇଥାଏ, ଯଦିବା ସେଠାରେ ଖଣ୍ଡେ ପଥର ପୂଜିତ ହୋଇଥାଆନ୍ତି ।

> **ଆଜି ଆଧୁନିକ ମଣିଷର ବେପାରୀ ବୁଦ୍ଧି ଯୋଗୁ ହିମାଳୟଠାରୁ ଆଣ୍ଡାମାନ ଯାଏ ଇଲାକାର ସ୍ଥିତି ବିଗିଡ଼ି ଗଲାଣି । ଦେଶର ଆହୁରି ଅନେକ ପ୍ରାକୃତିକ ସମ୍ପଦ ପରିପୂର୍ଣ୍ଣ ଅଞ୍ଚଳ ରହିଛି, ଯେଉଁଠାରେ ବିକାଶ ନାମରେ ବେପାର ଚାଲିଛି । ବାସ୍ତବରେ ଦେଶର ସମୃଦ୍ଧି ଦିଗରେ ଭିତ୍ତିଭୂମି ଉନ୍ନତି କରାଯିବା ଦରକାର । କିନ୍ତୁ ତାହା ସଷ୍ଟେନେବଲ୍ ଡେଭଲପ୍‌ମେଣ୍ଟ ବା ନିରନ୍ତର ବିକାଶ ହେବା କଥା ।**

ବିଶ୍ୱାସ ସହ ଭକ୍ତି ମିଶିଯିବା ପରେ ସମ୍ପୃକ୍ତ ଜାଗାଟିରେ ଏକ ସକାରାତ୍ମକ ତଥା ଆଧ୍ୟାତ୍ମିକ ଭାବନା ସୃଷ୍ଟି ହୋଇଥାଏ ବୋଲି ଅନେକେ ବିଶ୍ୱାସ କରନ୍ତି । ତାହାର ସୁଫଳ ମଧ୍ୟ ଶ୍ରଦ୍ଧାଳୁ ପାଇଥାଆନ୍ତି । ହେଲେ ଯାତାୟାତଠାରୁ ଆରମ୍ଭ କରି ପୂଜାବିଧି ଯାଏ ବେପାରୀଙ୍କ ଅତ୍ୟଧିକ ହସ୍ତକ୍ଷେପ ରହୁଥିବାରୁ ଯାତ୍ରା ସୁଗମ ହୋଇପାରୁ ନାହିଁ । ଅନ୍ୟପକ୍ଷରେ ପ୍ରକୃତି ଦାଉ ସାଧୁଥିବାରୁ ଯାତ୍ରାଜନିତ ସ୍ଥିତି ବିଗିଡ଼ି ଯାଉଛି । ୨୦୨୫ ଏପ୍ରିଲ ୩୦ରୁ ଆରମ୍ଭ ହୋଇଥିବା ଚାରିଧାମ ଯାତ୍ରାରେ ୧୫ ଜୁନ୍ ସୁଦ୍ଧା ୫ ହେଲିକପ୍ଟର ଦୁର୍ଘଟଣାଗ୍ରସ୍ତ ହେବାରୁ ୧୩ ଜଣଙ୍କ ମୃତ୍ୟୁ ଘଟିଲାଣି । ଏଥିସହିତ ଅନିୟନ୍ତ୍ରିତ ନିର୍ମାଣ ଭିତ୍ତିଭୂମି ଯୋଗୁ ଭୂସ୍ଖଳନ, ହିମସ୍ଖଳନ ମାତ୍ରା ବଢ଼ିଯାଇ ଅଧିକ ବିପର୍ଯ୍ୟୟ ସୃଷ୍ଟି କରୁଛି ।

ଭାରତର ଆଦିମ ଜନଜାତି ବାସ କରୁଥିବା ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜରେ ଭିତ୍ତିଭୂମି ବିକାଶ କରାଯାଇ ଆଧୁନିକ ସହରୀକରଣ ବ୍ୟବସ୍ଥା ସୃଷ୍ଟି କରାଯିବାକୁ ନେଇ ପ୍ରକୃତିପ୍ରେମୀମାନେ ଉଦ୍‌ବେଗ ପ୍ରକାଶ କରିଆସୁଛନ୍ତି । ପର୍ଯ୍ୟଟନର ବିକାଶ କରାଯିବା ବେଳେ ସେଠାକାର ପରିସଂସ୍ଥାନ, ଆଦିମ ଅଧିବାସୀଙ୍କ ଜୀବନଯାପନକୁ ଭଲ ଭାବେ ଅନୁଧ୍ୟାନ କରା ନ ଯିବାରୁ ସେମାନଙ୍କ ସଂଖ୍ୟା ଯଥେଷ୍ଟ ହ୍ରାସ ପାଇସାରିଲାଣି । ତଥ୍ୟ ଦେଖିଲେ ୫ଟି ଆଦିମ ଅଧିବାସୀ ଯଥା ଆଣ୍ଡାମାନିଜ୍ ୫୯, ଜାରୱା ୩୪୦ରୁ ଅଧିକ, ଓଙ୍ଗେ ୧୧୦, ସେଣ୍ଟିଲିନିଜ୍ ୨୦୦ରୁ କମ୍ ଏବଂ ସୋମ୍ପେନ୍ ପାଖାପାଖି ୩୦୦ ରହିଛନ୍ତି । ବିକାଶ ଯୋଗୁ ସେମାନଙ୍କ ରହଣିସ୍ଥଳ, ଶିକାର ଆଦି ବିପର୍ଯ୍ୟସ୍ତ ହୋଇଯାଇଥିବାରୁ ଆଗକୁ ଆଦିମ ଟ୍ରାଇବ୍ ଇତିହାସରେ ରହିଯିବେ । ସାଧାରଣତଃ ନିଷ୍ପେଷିତ ଅବସ୍ଥାରେ ଥିବା ବର୍ଗକୁ ମୁଖ୍ୟସ୍ରୋତକୁ ଆଣିବା ଲାଗି ପ୍ରଶାସନିକ ବ୍ୟବସ୍ଥା ଚେଷ୍ଟା କରିବା ଦରକାର । କିନ୍ତୁ ଯିଏ ସମ୍ପୂର୍ଣ୍ଣ ପ୍ରକୃତି କୋଳରେ ନିଜ ଧାରାରେ ବଞ୍ଚିଛି ତା' ଜୀବନଶୈଳୀରେ ଅନାବଶ୍ୟକ ହସ୍ତକ୍ଷେପ କରାଯାଉଥିବାରୁ ସେମାନଙ୍କ ଜୀବନ ବିପଦରେ ପଡୁଛି ।

ଆଜି ଆଧୁନିକ ମଣିଷର ବେପାରୀ ବୁଦ୍ଧି ଯୋଗୁ ହିମାଳୟଠାରୁ ଆଣ୍ଡାମାନ ଯାଏ ଇଲାକାର ସ୍ଥିତି ବିଗିଡ଼ି ଗଲାଣି । ଦେଶର ଆହୁରି ଅନେକ ପ୍ରାକୃତିକ ସମ୍ପଦ ପରିପୂର୍ଣ୍ଣ ଅଞ୍ଚଳ ରହିଛି, ଯେଉଁଠାରେ ବିକାଶ ନାମରେ ବେପାର ଚାଲିଛି । ବାସ୍ତବରେ ଦେଶର ସମୃଦ୍ଧି ଦିଗରେ ଭିତ୍ତିଭୂମି ଉନ୍ନତି କରାଯିବା ଦରକାର । କିନ୍ତୁ ତାହା ସଷ୍ଟେନେବଲ୍ ଡେଭଲପ୍‌ମେଣ୍ଟ ବା ନିରନ୍ତର ବିକାଶ ହେବା କଥା । ଅର୍ଥାତ୍ ପ୍ରାକୃତିକ ପରିବେଶକୁ ନଷ୍ଟ ନ କରି ମଣିଷର ଆବଶ୍ୟକତା ବା ଚାହିଦାକୁ ପୂରଣ କରିବା ଦିଗରେ ନିର୍ଦ୍ଦିଷ୍ଟ ଭାବେ ଅନୁଧ୍ୟାନ କରାଯାଇ ପଦକ୍ଷେପ ନିଆଗଲେ ସ୍ଥିତି ଅସ୍ୱାଭାବିକ ହୁଅନ୍ତା ନାହିଁ । ତାହା ଭାରତରେ କୌଣସି କ୍ଷେତ୍ରରେ ଘଟିପାରୁ ନାହିଁ ବୋଲି ସମସ୍ତେ ଅନୁଭବ କରନ୍ତି । ପର୍ଯ୍ୟଟନ ଓ ଦୁଃସାହସିକ କ୍ରୀଡ଼ାର ପ୍ରସାର ଲାଗି ଯେଭଳି ଲୋକମାନଙ୍କୁ ଅଧିକ ମାତ୍ରାରେ ଏକତ୍ର କରାଯାଉଛି, ତାହା ଦ୍ୱାରା ଅଘଟଣ ବଢ଼ିଚାଲୁଛି । ମହାକୁମ୍ଭରେ ୬୦ କୋଟି ଲୋକଙ୍କ ସମାଗମ କରିବା ଲାଗି ଟାର୍ଗେଟ ସ୍ଥିର କରାଯିବା ଅପେକ୍ଷା ଯାତ୍ରୀମାନେ କିଭଳି ସୁରକ୍ଷିତ ଭାବେ ଯାଆସ କରିବେ ସେଥିପ୍ରତି ଦୃଷ୍ଟି ଦିଆଯିବାର ଥିଲା । ସେହିଭଳି ବେପାରକୁ ଆଖି ଆଗରେ ରଖିବା ପରିବର୍ତ୍ତେ ଶ୍ରଦ୍ଧାଳୁଙ୍କ ସୁରକ୍ଷା ପ୍ରତି ମଧ୍ୟ ଧ୍ୟାନ ଦିଆଯିବା ଉଚିତ । ଉଦାହରଣ ସ୍ୱରୂପ, ଅନୁକୂଳ ପାଗ ନ ଥିବା ବେଳେ ହେଲିକପ୍ଟର ଉଡ଼ିବା କଥା ନୁହେଁ ।

## su | do | ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 6 | | 7 | | | | | 2 |
| 1 | 8 | | | 6 | | 4 | | |
| | | | | | | 3 | | |
| | | | | | | | | |
| | 2 | 9 | 4 | 1 | | | 7 | |
| | | | | | 9 | | 3 | |
| | | 4 | | | 3 | | | |
| 5 | | | | 2 | 1 | | | |
| 2 | | | 8 | 9 | | 1 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ ।

| | | | | | | | | |
|---|---|---|---|---|---|---|---|---|
| 4 | 9 | 3 | 7 | 5 | 1 | 2 | 6 | 8 |
| 2 | 5 | 8 | 6 | 9 | 3 | 1 | 4 | 7 |
| 7 | 6 | 1 | 8 | 4 | 2 | 3 | 5 | 9 |
| 9 | 2 | 4 | 3 | 1 | 7 | 6 | 8 | 5 |
| 8 | 7 | 5 | 2 | 6 | 9 | 4 | 3 | 1 |
| 1 | 3 | 6 | 5 | 8 | 4 | 9 | 7 | 2 |
| 3 | 4 | 7 | 1 | 2 | 8 | 5 | 9 | 6 |
| 6 | 8 | 2 | 9 | 3 | 5 | 7 | 1 | 4 |
| 5 | 1 | 9 | 4 | 7 | 6 | 8 | 2 | 3 |

ଗତକାଲିର ଉତ୍ତର


# ଓଡ଼ିଆରେ ଶାସନ ; କେତେ ବାସ୍ତବ କେତେ ସ୍ୱପ୍ନ



ଦେବେନ୍ଦ୍ର ନାଥ ରାଉତ

ଯେଉଁ ଜାତି ନିଜର ମାତୃଭାଷାକୁ ଯେତେ ଅଧିକ ଗୁରୁତ୍ୱ ଦେଇଛି ସେ ଜାତି ସେତେ ଅଧିକ ସମୃଦ୍ଧ । ଏହା ଏକ ପ୍ରବନ୍ଧ, ଉପନ୍ୟାସ ବା ଗଳ୍ପର ପଂକ୍ତି ନୁହେଁ, ସାମ୍ପ୍ରତିକ ବିଶ୍ୱ ଦରବାରରେ ଏକ ପ୍ରମାଣିତ ତଥ୍ୟ । ଜାପାନ, ଜର୍ମାନ, କୋରିଆ, ଚାଇନା, ଆମେରିକା, ରୁଷିଆ ପରି ଯେ କୌଣସି ରାଷ୍ଟ୍ରକୁ ଅନୁଧ୍ୟାନ କଲେ ଆମେ ଏହି ସିଦ୍ଧାନ୍ତରେ ସହଜରେ ଉପନୀତ ହୋଇପାରିବା । ମାତୃଭାଷାକୁ ସରକାରୀ, ବେସରକାରୀ ତଥା ଶିକ୍ଷା ବ୍ୟବସ୍ଥାରେ ବାଧ୍ୟତାମୂଳକ କଲେ ବ୍ୟକ୍ତିର ସମ୍ପୂର୍ଣ୍ଣ ସାମଗ୍ରିକ ବିକାଶ ସମ୍ଭବ ହେବା ସହିତ ଜାତୀୟ ଜୀବନରେ ସାମଗ୍ରିକ ଅଭିବୃଦ୍ଧି ସହଜ ହୋଇଥାଏ । ଏହି ସତ୍ୟକୁ ଅନୁଭବ କରି ଓଡ଼ିଶାର ପ୍ରଥମ ନିର୍ବାଚିତ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀ ଓଡ଼ିଆ ଭାଷା ଆଇନ–୧୯୫୪ ବିଧାନ ସଭାରେ ଆଣିଥିଲେ ଓ ସମସ୍ତ ସରକାରୀ କାର୍ଯ୍ୟ ଓଡ଼ିଆ ଭାଷାରେ ହେବା ପାଇଁ ଏହି ଆଇନ ଉଦ୍ଦିଷ୍ଟ ଥିଲା । ଏହା ସେତେବେଳେ ଅସହଜ ମନେହେଉଥିଲା କାରଣ ଶାସନ ବ୍ୟବସ୍ଥାରେ ଥିବା ଅଧିକାଂଶ ଉଚ୍ଚ ପଦାଧିକାରୀ ଓଡ଼ିଆ ଭାଷାରେ ଦକ୍ଷ ନ ଥିଲେ ବା ଓଡ଼ିଆକୁ ଗୁରୁତ୍ୱ ଦେଉ ନ ଥିଲେ । ଏମିତି ଏକ ସମୟରେ ସମସ୍ତ ପ୍ରତିବନ୍ଧକ ସତ୍ତ୍ୱେ ସେ ଓଡ଼ିଆ ଭାଷାରେ ଶାସନ କାର୍ଯ୍ୟ ପରିଚାଳନା କରିବାର ଦୁଃସାହସ କରିଥିଲେ । ଏହି ସମୟରେ ସେ ବିଧାନସଭାରେ ରାଜନୈତିକ ଚକ୍ରାନ୍ତର ଶିକାର ହୋଇ ଅନାସ୍ଥା ପ୍ରସ୍ତାବର ସମ୍ମୁଖୀନ ହୋଇଥିଲେ । ଏହି ଅନାସ୍ଥା ପ୍ରସ୍ତାବ ସମୟରେ ତାଙ୍କ ବିରୋଧରେ ଦୁଇଜଣ ଶାସକ ଦଳର ବିଧାୟକ ଭୋଟ ଦେବାରୁ ସେ ସଂଖ୍ୟା ଗରିଷ୍ଠତା ପ୍ରମାଣିତ କରି ମଧ୍ୟ ମୁଖ୍ୟମନ୍ତ୍ରୀ ପଦବୀରୁ ଇସ୍ତଫା ପ୍ରଦାନ କରି ସକ୍ରିୟ ରାଜନୀତିରୁ ସନ୍ନ୍ୟାସ ନେଇଥିଲେ । ତାଙ୍କର ଇସ୍ତଫା ପରେ ଓଡ଼ିଶାରେ ଓଡ଼ିଆ ଶାସନର ସ୍ୱପ୍ନ ସ୍ୱପ୍ନରେ ରହିଗଲା ।

ଓଡ଼ିଆ ଭାଷା ଆଇନ ୧୯୫୪ କେବଳ ଫାଇଲ ମଧ୍ୟରେ ସୀମିତ ହୋଇ ରହିଗଲା । ମାତୃଭାଷାର ବ୍ୟାପକ ବ୍ୟବହାର ଦ୍ୱାରା ଓ ଲୋକମାନେ ସହଜ ଶାସନ ବ୍ୟବସ୍ଥା ପାଇବା ସହିତ ଶିକ୍ଷା କ୍ଷେତ୍ରରେ ବ୍ୟାପକ ପ୍ରଗତି ସାଧିତ ହେବାର ସ୍ୱପ୍ନ ଅପୂରଣୀୟ ରହିଗଲା । ତା'ପରେ ରାଜନୈତିକ ପଟ ପରିବର୍ତ୍ତନ ଅନେକବାର ହୋଇଛି କିନ୍ତୁ ଭାଷା ଆଇନକୁ କାର୍ଯ୍ୟକାରୀ କରିବାର ସଂକଳ୍ପିତ ପ୍ରୟାସ ଆଜି ପର୍ଯ୍ୟନ୍ତ ହୋଇନାହିଁ । ଏକ ସମୟରେ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ମୁଖ୍ୟମନ୍ତ୍ରୀତ୍ୱରେ ପରିଚାଳିତ ସରକାର ସମସ୍ତ ଶାସନ କାର୍ଯ୍ୟ ଓଡ଼ିଆରେ କରିବା ପାଇଁ ଟାଇପ ରାଇଟର କ୍ରୟ କରିଥିଲେ । ଭାଷା ଆଇନ ୧୯୫୪କୁ ଲାଗୁ କରାଇବା ପାଇଁ ମଧ୍ୟ ପ୍ରୟାସ କରିଥିଲେ । ସେ ମଧ୍ୟ ଏହି ପ୍ରୟାସରେ ସଫଳ ହୋଇ ନ ଥିଲେ କାରଣ ଅମଲାତନ୍ତ୍ରର ଇଚ୍ଛାଶକ୍ତିର ଅଭାବ ଓ ଅସହଯୋଗ ଭାବ । ଏମିତି ଏକ ଦୁର୍ବଳ ବ୍ୟବସ୍ଥା ମଧ୍ୟରେ ଓଡ଼ିଆ ଶାସନ କେବଳ ବୁଦ୍ଧିଜୀବୀଙ୍କ ନିୟମିତ ଆଲୋଚନା ଓ ଦାବି ଉପସ୍ଥାପନରେ ଉଜ୍ଜୀବିତ ରହିଛି । ରାଜ୍ୟ ତଥା ରାଜ୍ୟ ବାହାରେ ରହୁଥିବା ବୁଦ୍ଧିଜୀବୀ ଓ ମିଳିତ ଭାବରେ ଓଡ଼ିଆ ଭାଷା ସୁରକ୍ଷା ଅଭିଯାନ ଆରମ୍ଭ କରିବା ପରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଓ ଭାଷା ଆଇନ ୧୯୫୪ରେ କିଛି ପରିବର୍ତ୍ତନ କରି ଲାଗୁ କରିବା ପାଇଁ ୨୦୧୬ ମେ ୨୧ରେ ଏକ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ସେହି ବର୍ଷ ଅଗଷ୍ଟ ୧୨ରେ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇ ଭାଷା ଆଇନ ଲାଗୁ କରାଇବା ପାଇଁ ଦାୟିତ୍ୱ ନ୍ୟସ୍ତ କରାଗଲା । ଅକ୍ଟୋବର ୨୨ରେ ଇଂଲିଶ ସହିତ ଓଡ଼ିଆକୁ ବାଧ୍ୟତାମୂଳକ ଭାବେ ପ୍ରତ୍ୟେକ ସରକାରୀ କାର୍ଯ୍ୟାଳୟରେ ବ୍ୟବହାର କରିବାକୁ ନିର୍ଦ୍ଦେଶ ଜାରି କରାଗଲା । ଏହା ସମଗ୍ର ଓଡ଼ିଶାରେ ଏକ ସମ୍ଭାବନାର ସ୍ୱର ସୃଷ୍ଟି କରିଥିଲା । କିନ୍ତୁ ଏହାକୁ କାର୍ଯ୍ୟକାରୀ କରିବାରେ ଅସମ୍ଭବ ପ୍ରକାର ଶିଥିଳତା ପରିଲକ୍ଷିତ ହୋଇଥିଲା । ଏହି ଶିଥିଳତାକୁ ଦୂର କରିବା ପାଇଁ ପୁନଃ ୨୦୧୮ ଜୁନ୍ ୩୦ରେ ଓଡ଼ିଆ ଭାଷାକୁ ବ୍ୟବହାର କରୁଥିବା କର୍ମଚାରୀ ଓ ଅନୁଷ୍ଠାନକୁ ପୁରସ୍କାର ଓ ଅବହେଳା କରୁଥିବା କର୍ମଚାରୀଙ୍କୁ ଦଣ୍ଡ ବିଧାନ କରିବାର ବ୍ୟବସ୍ଥା କରାଗଲା । ଆଶା କରାଯାଉଥିଲା ଏଥର ଓଡ଼ିଆ ଭାଷା ଆଇନ ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକାରୀ ହେବ । କିନ୍ତୁ ନିୟମ ତିଆରି କରିବା ସରକାରଙ୍କର କର୍ତ୍ତବ୍ୟ ହୋଇଥିବା ବେଳେ ଏହାକୁ କାର୍ଯ୍ୟକାରୀ କରିବା ପାଇଁ ବ୍ୟବସ୍ଥାର ପ୍ରବର୍ତ୍ତନ କରିବା ତାଙ୍କର ଦାୟିତ୍ୱ ବୋଲି ଭୁଲିଯାଇଛନ୍ତି । ଏଠାରେ ନିୟମ ତିଆରି କରିବା ଓ ତାହାକୁ କାର୍ଯ୍ୟକାରୀ କରିବା ମଧ୍ୟରେ ଯେଉଁ ବିରାଟ ବ୍ୟବଧାନ ରହିଛି ତା' ପାଇଁ ସରକାରୀ ନଥିପତ୍ରରେ ହେଉଥିବା ଆଇନର କାର୍ଯ୍ୟକାରିତା ହାର ଖୁବ୍ କମ୍ । ୨୦୨୪ରେ ସରକାର ପରିବର୍ତ୍ତନ ହୋଇଛି । ଓଡ଼ିଆ ଅସ୍ମିତାର ସୁରକ୍ଷା ପାଇଁ ନୂତନ ସରକାରକୁ ଲୋକେ ନିର୍ବାଚିତ କରିଛନ୍ତି । ଏହା ମଧ୍ୟରେ ଏକ ବର୍ଷ ଅତିକ୍ରାନ୍ତ । ତଥାପି ଓଡ଼ିଆ ଭାଷାରେ ଶାସନ ଏବେ ବି ସ୍ୱପ୍ନ ହୋଇରହିଛି ।



ଏମିତି କାହିଁକି ହେଉଛି ? କାହିଁକି ପ୍ରଶାସନିକ କଳ ଓଡ଼ିଆକୁ ତା'ର ମାଧ୍ୟମ ଭାବରେ ଗ୍ରହଣ କରି ପାରୁନାହିଁ ? ଏହା କ'ଣ କେବଳ ମନୋବୃତ୍ତିର ଅଭାବ ନା ଇଂଲିଶ ଭାଷା ପ୍ରତି ଅତ୍ୟଧିକ ଦୁର୍ବଳତା ? ଉପରଠାଉରିଆ ଭାବରେ ଉତ୍ତର ଖୋଜିଲେ ଏହି ଦୁଇଟି କାରଣ ମନେହେଉଥିଲେ ମଧ୍ୟ ବାସ୍ତବରେ ଏହି ଦୁଇଟି ମଧ୍ୟରୁ କେଉଁଟି ବି ମୁଖ୍ୟ କାରଣ ନୁହେଁ । ଓଡ଼ିଶାରେ ଓଡ଼ିଆରେ ଶାସନ ନ ହେବାର ମୁଖ୍ୟ କାରଣ ହେଉଛି ସରକାରୀ ବ୍ୟବସ୍ଥାରେ ଶୁଦ୍ଧ ଲେଖିବା ବା କହିବା ବ୍ୟବସ୍ଥାର ଅଭାବ । ୧୯୫୪ଠାରୁ ଆଜି ପର୍ଯ୍ୟନ୍ତ ଆମେ କେବଳ ସମସ୍ୟା କଥା କହିଆସିଛେ । ସେହି ସମସ୍ୟାର ଉଚିତ ସମାଧାନ ପାଇଁ ଆବଶ୍ୟକ ପଦକ୍ଷେପ ନେବାରେ ପଛେଇ ଯାଇଛେ । ଯଦ୍ୱାରା ଓଡ଼ିଆ ଭାଷାର ଶାସନ ଆମ ପାଖରେ ଉପଲବ୍ଧ ହୋଇ ପାରିନାହିଁ । ସାମ୍ପ୍ରତିକ ସମୟରେ କୌଣସି ସରକାରୀ ବା ବେସରକାରୀ କାର୍ଯ୍ୟାଳୟରେ ଚିଠିପତ୍ର ହାତରେ ଲେଖା ଯାଉନାହିଁ । ସମସ୍ତ ଫାଇଲ କମ୍ପ୍ୟୁଟରରେ ପ୍ରସ୍ତୁତ କରାଯାଉଛି । ଅର୍ଥାତ୍ ଓଡ଼ିଆ ଭାଷାରେ କାର୍ଯ୍ୟ କରିବାକୁ ହେଲେ ଓଡ଼ିଆ ଭାଷାର କମ୍ପ୍ୟୁଟରୀକରଣ ଅତ୍ୟନ୍ତ ଜରୁରୀ । ଗୋଟିଏ ଭାଷାକୁ ଠିକ୍ କମ୍ପ୍ୟୁଟରୀକରଣ (ଡିଜିଟାଲାଇଜେଶନ) କରିବା ପାଇଁ ଅନେକ ପ୍ରାରମ୍ଭିକ ବ୍ୟବସ୍ଥା ଦେଇ ଭିତ୍ତିଭୂମି ପ୍ରସ୍ତୁତ କରିବାକୁ ପଡ଼ିଥାଏ । ଏହି କ୍ଷେତ୍ରରେ ଓଡ଼ିଆ ଭାଷା ଅନେକ ପଛରେ ରହିଯାଇଛି । ୧୯୧୪ରୁ ଏହି କ୍ଷେତ୍ରରେ ଦିଲ୍ଲୀ ସ୍ଥିତ ଏକ ଓଡ଼ିଆ ସାଂସ୍କୃତିକ ଅନୁଷ୍ଠାନ ନିୟମିତ ଭାବରେ ବିଶେଷଜ୍ଞଙ୍କୁ ଏକତ୍ର କରି ଆଲୋଚନା କରିବା ସହିତ ଏହାର ପ୍ରସ୍ତାବମାନ ଓଡ଼ିଆରେ ସରକାରଙ୍କୁ ପ୍ରଦାନ କରିଆସୁଛି । ଏହାର ପ୍ରଭାବ ଆଜି ପର୍ଯ୍ୟନ୍ତ ସାମାନ୍ୟ ଭାବରେ ପରିଲକ୍ଷିତ ହୋଇଥିଲେ ମଧ୍ୟ ତାହା ଯଥେଷ୍ଟ ନୁହେଁ । ଏଥି ପାଇଁ ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ପ୍ରଯୁକ୍ତି ବିଦ୍ୟା ବିଭାଗ ଦ୍ୱାରା ଏକ ମିଳିତ ଓ ସମର୍ପିତ ପ୍ରୟାସ ହେବା ଅତ୍ୟନ୍ତ ଜରୁରୀ । ଏହି ପ୍ରୟାସ ଦ୍ୱାରା କେବଳ ଓଡ଼ିଆରେ ଶାସନ ସହଜ ତଥା ଗ୍ରହଣୀୟ ହେବନାହିଁ ବରଂ ସାଧାରଣ ଜନତାଙ୍କ ଦ୍ୱାରା ବ୍ୟବହୃତ ହେଉଥିବା ଲକ୍ଷ ଲକ୍ଷ ମୋବାଇଲ, ଲାପଟପ୍ ଓ କମ୍ପ୍ୟୁଟର ମାଧ୍ୟମରେ ଓଡ଼ିଆ ଭାଷାର ବହୁଳ ବ୍ୟବହାର ହୋଇପାରିବ । ମାତୃଭାଷାର ବ୍ୟବହାର ଯେତେ ଅଧିକ ହେବ ରାଜ୍ୟର ଅର୍ଥନୈତିକ ଓ ସାମାଜିକ ପ୍ରଗତି ସେତେ ଅଧିକ ପରିଲକ୍ଷିତ ହେବ ।

**ଶିକ୍ଷାବିତ୍ ଓ ଭାଷା ବିଶେଷଜ୍ଞ**
**ନୂଆଦିଲ୍ଲୀ, ମୋ: ୯୩୫୦୧୨୭୩୭୦**

# ମୁକ୍ତିର ସ୍ୱାଦ



ପ୍ର. ଉମେଶ ଚନ୍ଦ୍ର ପାତ୍ର

ମୁକ୍ତି ହେଉଛି ମନୁଷ୍ୟର ଜନ୍ମଗତ ଅଧିକାର । ମୁକ୍ତି ହେଉଛି ସତ୍–ଚିତ୍–ଆନନ୍ଦ । ମୁକ୍ତି ହେଉଛି ଅମରତ୍ୱ । ମୁକ୍ତି ହେଉଛି ଜ୍ଞାନ, ଶାନ୍ତି ଓ ଆନନ୍ଦର ସମନ୍ୱୟ । ସଚେତନ ବା ଅଚେତନ ଅବସ୍ଥାରେ କିମ୍ବା ଜ୍ଞାତରେ ବା ଅଜ୍ଞାତରେ ପ୍ରତ୍ୟେକ ବ୍ୟକ୍ତି ଏହି ମୁକ୍ତି ଲାଭ ପାଇଁ ସତତ ପ୍ରଚେଷ୍ଟମାନ । ମୁକ୍ତି ପାଇଁ ଜାତି ଜାତି ମଧ୍ୟରେ ଯୁଦ୍ଧ ଲାଗିଛି । ମଣିଷର ପ୍ରତ୍ୟେକ ପଦକ୍ଷେପ ମୁକ୍ତି ବା ସତ୍–ଚିତ୍–ଆନନ୍ଦ ଆଡ଼କୁ ହିଁ ହୋଇଥାଏ ।

ଜଣେ ଭକ୍ତ କଥା ପ୍ରସଙ୍ଗରେ ଜାଣିବାକୁ ଚାହିଁଲେ – ମୁକ୍ତି କାହାକୁ କୁହନ୍ତି ? ମୁକ୍ତି ଆସିଥାଏ କିପରି ? ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ – ମୁକ୍ତି କହିଲେ ବୁଝିବାକୁ ହେବ ପ୍ରବୃତ୍ତି ପରାୟଣତାରୁ ମୁକ୍ତି, ସ୍ୱାର୍ଥପର କାମନା କଲୁଷଠାରୁ ମୁକ୍ତି । ଏହି ଦୃଷ୍ଟିକୋଣରୁ ଯିଏ ଯେତେ ପରିମାଣରେ ମୁକ୍ତ, ତାହାର ଜୀବନ ସେତେ ପରିମାଣରେ ଦୀପ୍ତ ଓ ବ୍ୟାପ୍ତ । ଏହା ନ ହୋଇ ପ୍ରବୃତ୍ତିର ବଶବର୍ତ୍ତୀ ହୋଇ ଜଣକର ଜୀବନ ଯେତେ ଉଜ୍ଜ୍ୱଳ ଦେଖା ଯାଉନା କାହିଁକି ସେହି ଜ୍ୟୋତି ମଧ୍ୟରେ ରହିଥାଏ ଏକ ଅଦୃଶ୍ୟ କାଳିମା । ତେଣୁ ଜୀବର ସତ୍ତାକୁ ତାହା ସନ୍ଦୀପିତ ଓ ସମୁନ୍ନତ କରିପାରେ ନାହିଁ । ଭକ୍ତି ହିଁ ମୁକ୍ତିର ପଥ । ପ୍ରବୃତ୍ତିଗୁଡ଼ିକୁ ସମ୍ୟକ୍ ଭାବରେ ଇଷ୍ଟ ପ୍ରତିଷ୍ଠାପନ୍ନ ବା ଗୁରୁକୈନ୍ଦ୍ରିକକରି ତୋଳିବା ହିଁ ମୁକ୍ତିର ତାତ୍ପର୍ଯ୍ୟ । ଏହି ଅବଦାନ ଯାହାର ଯେପରି ତା'ର ବିବର୍ତ୍ତନ ସ୍ତର ମଧ୍ୟ ସେହିପରି । ମୁକ୍ତି ସଙ୍ଗେ ମୃତ୍ୟୁର କୌଣସି ସମ୍ପର୍କ ନାହିଁ, ବରଂ ସମ୍ପର୍କ ରହିଛି ଜୀବନର ଓ ମୃତ୍ୟୁ ମଧ୍ୟ ଅବଲୁପ୍ତ ହୋଇପାରେ ସ୍ମୃତିବାହୀ ଚେତନାର ଜାଗରଣ ମାଧ୍ୟମରେ ।

ପ୍ରବୃତ୍ତି ରହିଲେ ମଧ୍ୟ ବଞ୍ଚିବା ଓ ବଢ଼ିବା ବିକ୍ଷୁବ୍ଧ ହେଉ ତାହା ଆମେ ଚାହୁଁନା । ରସଗୋଲା ଖାଇବାକୁ ଚାହୁଁ କିନ୍ତୁ ଖାଇ ଅସୁସ୍ଥ ହେବାକୁ ଚାହୁଁନା, ଅସ୍ୱସ୍ତିବୋଧ କରିବାକୁ ଚାହୁଁନା । ଅସ୍ୱସ୍ତିଠାରୁ ମୁକ୍ତି ପାଇବାକୁ ଚାହୁଁ । ରସଗୋଲା ସତ୍ତାଟାକୁ କମ୍ପିତ କରିଦିଏ – ତାହା ଚାହୁଁନା । ସ୍ତ୍ରୀ–ପିଲା, ବ୍ୟବସାୟ–ବାଣିଜ୍ୟ କିଛି ବି ଛାଡ଼ିବାକୁ ହେବ ନାହିଁ । ଏହା ଭିତର ଦେଇ ଧର୍ମ ଉପାର୍ଜନ କରିବାକୁ ହେବ । ଦରକାର ଇଷ୍ଟାନୁରାଗ–ଆତ୍ମ–ନିୟନ୍ତ୍ରଣ । ପ୍ରବୃତ୍ତି ଉପରେ ଆଧିପତ୍ୟ ନ ରହିଲେ ବ୍ୟକ୍ତିତ୍ୱ ବିଚ୍ଛିନ୍ନ ହୋଇଯାଏ । ସେତେବେଳେ ତୁମେ କାମନାର, ତୁମେ ନା କ୍ରୋଧର, ତୁମେ ଲୋଭର, ତୁମେ ମଦର, ତୁମେ ମୋହର, ତୁମେ ମାତ୍ସର୍ଯ୍ୟର ହୋଇଥାଅ । ସଂସାରର ପ୍ରତିଟି କର୍ମରେ ଇଷ୍ଟପୂଜା ଫୁଟି ଉଠିଲା ନାହିଁ, ସେଠି କିନ୍ତୁ ଧର୍ମ ହେଲା ନାହିଁ । ପରିବେଶ ସହ ନିଜର ସତ୍ତା – ସମ୍ବର୍ଦ୍ଧନାକୁ ଧରି ରଖେ ଯାହା ତାକୁ ହିଁ ଧର୍ମ କୁହାଯାଏ । ପୂଜା କରିବା ଭଲ, ଧର୍ମର ଅଭିନୟ କରିବା ବି ଭଲ, କିନ୍ତୁ ଧର୍ମକୁ କର୍ମ ଭିତର ଦେଇ ପରିପାଳନ କରିବାକୁ ହେବ ନଚେତ୍ ତାହା ସାର୍ଥକ ହୋଇଉଠିବ ନାହିଁ । ସେହି



ଭଦ୍ରଲୋକ ପୁନରାୟ କହିଲେ – ଶାସ୍ତ୍ରରେ ଅଛି – 'ହରେର୍ନାମ, ହରେର୍ନାମ ହରେର୍ନାମୈବ କେବଳମ୍ ।'

ସପରିବେଶ ଆମ୍ଭେମାନେ ଯେତେ ଇଷ୍ଟସ୍ୱାର୍ଥ ପ୍ରତିଷ୍ଠାପନ୍ନ ହେବୁ, ଆମ୍ଭମାନଙ୍କ ଭିତରେ ସେତେ ଶାନ୍ତି ବିରାଜ କରିବ, ଆଉ ସପରିବେଶ ଉନ୍ନତି ମଧ୍ୟ ହୁଏ ସେହିପରି । ପନ୍ଥା ହେଲା– ଇଷ୍ଟସ୍ୱାର୍ଥୀ ଭକ୍ତି – ଆପ୍ଳୁତ ସେବା–ସଂହତି । ସବୁ ଜାଗାରେ ହିଁ ରାସ୍ତା ଏହି ଗୋଟିଏ । ଭଦ୍ରଲୋକ ପୁଣି ପ୍ରଶ୍ନ କଲେ – ଦୁନିଆରେ ଅବସ୍ଥା ଦେଖିଲେ ଭଗବାନ୍‌ଙ୍କ ବିରୋଧରେ ବିଦ୍ରୋହ କରିବାକୁ ଇଚ୍ଛା ହୁଏ । ଠାକୁର କହିଲେ – ଭଗବାନଙ୍କ ବିରୋଧରେ ବିଦ୍ରୋହ କଲେ ସେଥିରେ ତାଙ୍କର କୌଣସି କ୍ଷତି ହେବ ନାହିଁ । ଭଗବାନ କୃଷ୍ଣ ଶ୍ରୀମଦ୍ ଭଗବଦ୍ ଗୀତାରେ କହିଲେ – ଯୋଗଃ କର୍ମସୁ କୌଶଳଂ । ଯୁକ୍ତି ବା ଯୋଗ ଛଡ଼ା ମୁକ୍ତି ମିଳେ ନାହିଁ । ଜୀବନ୍ତ ଇଷ୍ଟଙ୍କ ଠାରେ ଯିଏ ଯେତେ ପରିମାଣରେ ପ୍ରାଣର ଟାଣ ନେଇ ଯୁକ୍ତହୁଏ, ପ୍ରବୃତ୍ତିର ବନ୍ଧନ ତାହାର ସେତେ ପରିମାଣରେ ଖୋଲିଯାଏ, ଦୋଷ ଦୁର୍ବଳତାର ନାଗଫାଶ ଶିଥିଳ ହୋଇଉଠେ କ୍ରମେ କ୍ରମେ । ତେଣୁ ସାଧ୍ୟ ବା ସାଧନୀୟ ଯାହା କିଛି ଅଛି ତାହା ହେଉଛି ଇଷ୍ଟାନୁରାଗ । ଏହାକୁ କୁହାଯାଏ ଭକ୍ତି ଓ ଭକ୍ତି ହେଉଛି ଇତିମୂଳକ । ଭକ୍ତି ଦେଖେ ଯେ ଭଗବାନ୍‌ଙ୍କର ଯାହା କିଛି କରଣୀୟ ସେ ସମସ୍ତ କିଛି ତା'ର ମଧ୍ୟ କରଣୀୟ । ଭଗବାନ୍ ବା ଗୁରୁଙ୍କ ସଙ୍ଗରେ ଯୁକ୍ତହେବାକୁ ଯାଇ ସେ ସମସ୍ତଙ୍କ ସଙ୍ଗରେ ଯୁକ୍ତହୁଏ ଅର୍ଥାତ୍ ପ୍ରତ୍ୟେକଙ୍କର ସତ୍ତା ସମ୍ବର୍ଦ୍ଧନାରେ ସକ୍ରିୟ ଭାବରେ ଆଗ୍ରହାନ୍ୱିତ ହୋଇଉଠେ । ଏଠାରେ ହିଁ ଅଫୁରନ୍ତ ଜୀବନ ରହିଛି । ଆଉ ଏହି ପ୍ରକାର ଜୀବନ ମଧ୍ୟରେ ଅଛି ମୁକ୍ତି

ଜଣେ ବ୍ୟକ୍ତି ପ୍ରଶ୍ନ କଲେ – ତାହା ହେଲେ ଭକ୍ତ ଯିଏ ସେ ତ ସର୍ବଦିଗରୁ ଶକ୍ତିଶାଳୀ ଓ କୃତକାର୍ଯ୍ୟ ହେବାର କଥା । କିନ୍ତୁ କାର୍ଯ୍ୟ କ୍ଷେତ୍ରରେ ତାହା ଦେଖାଯାଏ ନାହିଁ । ଅନେକ ଭକ୍ତ ଦୁଃଖ ଓ ଦୈନ୍ୟ ମଧ୍ୟରେ କାଳାତିପାତ କରନ୍ତି । ଶ୍ରୀ ଠାକୁର କହିଲେ – ଏହାର ଅର୍ଥ ଭକ୍ତିର ଅଭାବ ରହିଛି ସେଠାରେ । ପୁଣି ଅନ୍ୟ ଭାବରେ ଦେଖାଯାଏ – ଭକ୍ତ ଯିଏ ସେ ବହୁ ଲୋକଙ୍କର ସୁଖ–ସୁବିଧା ଓ ସ୍ୱାଚ୍ଛନ୍ଦ୍ୟ ପାଇଁ ନିଜର ସୁଖ ସୁବିଧା ଓ ସ୍ୱାଚ୍ଛନ୍ଦ୍ୟକୁ ବିସର୍ଜନ ଦେଇ ଚାଲେ ହସ ହସ ମୁଖରେ । ପୁଣି ବହୁ ଲୋକଙ୍କ ମଙ୍ଗଳ ପାଇଁ ଏହି ଯେଉଁ କଷ୍ଟ ସ୍ୱୀକାର କରେ ସେଥିରୁ ସେ ତୃପ୍ତିଲାଭ କରିଥାଏ । ପ୍ରକୃତ ଭକ୍ତ ଯିଏ ସେ କଷ୍ଟରେ ରହିଲେ ମଧ୍ୟ କେବେହେଲେ ନିରାନନ୍ଦରେ ରହେ ନାହିଁ, ଅନ୍ତର ତା'ର ଭରପୂର ଥାଏ ଇଷ୍ଟାନନ୍ଦରେ ମସ୍‌ଗୁଲ ହୋଇ । ତାହାର ବ୍ୟଥା ଜାଗେ ଯେତେବେଳେ ସେ ଇଷ୍ଟଙ୍କର ଇଚ୍ଛା ପରିପୂରଣ କରିପାରେ ନାହିଁ । ସେଥିପାଇଁ ଶାନ୍ତି ଓ ସନ୍ତୋଷ ସଙ୍ଗେ ସଙ୍ଗେ ସେମାନଙ୍କ ଅନ୍ତରରେ ଜଡ଼ିତ ରହେ ଏକ ଶାଶ୍ୱତ ଭାଗବତ ଅତୃପ୍ତି । ଏହି ଅତୃପ୍ତି ହିଁ ସେମାନଙ୍କୁ ଉର୍ଦ୍ଧ୍ୱ ଦିଗରେ ଟାଣିନେଇ ଚାଲେ ଅସୀମ ଅନନ୍ତ ପଥରେ – ଏକାଗ୍ର ଇଷ୍ଟାର୍ଥୀ ଅଭିଗମନରେ ।

**ପ୍ରଫେସର, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ରଭଞ୍ଜ ମେଡିକାଲ କଲେଜ,**
**କଟକ, ମୋ: ୯୪୩୭୦୫୧୯୫୭**

## ଏଇ ଭାରତରେ

ଯୌତୁକ ଦେବା ଓ ନେବା ଆଇନ ଅନୁସାରେ ଅପରାଧ । ତଥାପି ଅନେକ ସମୟରେ ବରପକ୍ଷର ଲୋକେ ଯୌତୁକର ଆଶା ରଖି ଗାଡ଼ି, ସୁନା, ଜମି ଇତ୍ୟାଦି ମାଗନ୍ତି । ହେଲେ ଯୌତୁକରେ କିଡ୍‌ନୀ ମାଗିବା କଥା କେବେ ଶୁଣିଛନ୍ତି ! ଏମିତି ଏକ ଘଟଣା ଘଟିଛି ବିହାରର ମୁଜାଫରପୁରରେ । ଏହି ଅଞ୍ଚଳରେ ରହୁଥିବୀ ଦୀପ୍ତି ନାମରେ ଜଣେ ମହିଳା ଏବେ ଥାନାରେ ଅଭିଯୋଗ କରିଛନ୍ତି କି ତାଙ୍କୁ ଯୌତୁକରେ ଶାଶୁଘର ଲୋକେ ତାଙ୍କ କିଡ୍‌ନୀ ଦେବାକୁ କହୁଛନ୍ତି । ତାଙ୍କ ବିବାହ ହୋଇଥିଲା ୨୦୨୧ ମସିହାରେ । ବିବାହର ମାତ୍ର କିଛି ମାସ ପରଠାରୁ ତାଙ୍କୁ ଶାଶୁଘର ଲୋକେ ସୁନାଗହଣା, ଟଙ୍କା ଏମିତି ଅନେକ ପ୍ରକାର ଜିନିଷ ମାଗୁଥିଲେ । ତେବେ ସେମାନଙ୍କର କିଛି ଛୋଟ ମୋଟ ଦାବି ପୂରଣ କରିଥିଲେ ବି ଅଧିକ ଯୌତୁକ ଦେବାକୁ ତାଙ୍କ ବାପଘର ଲୋକେ ଅକ୍ଷମ ବୋଲି ସେ ଶାଶୁଘରେ ସମସ୍ତଙ୍କୁ କହିଥିଲେ । ତେବେ ଅଧିକ ଟଙ୍କା, ସୁନା ଆଣି ନ ପାରିବାରୁ ଶାଶୁଘର ଲୋକେ ଦୀପ୍ତିଙ୍କୁ ତାଙ୍କ କିଡ୍‌ନୀ ଦେବା ପାଇଁ କହିଥିଲେ । ତେବେ ଏହାର କାରଣ ହେଉଛି ଦୀପ୍ତିଙ୍କ ସ୍ୱାମୀଙ୍କର କିଡ୍‌ନୀ ଖରାପ ଥିଲା, ଏକଥା ସେ ସେହି ସମୟରେ ଜାଣିବାକୁ ପାଇଥିଲେ । କିଡ୍‌ନୀ ପ୍ରତିରୋପଣ କରିବା ନିମନ୍ତେ ହିଁ ତାଙ୍କ ସହ ବିବାହ କରାଯାଇଥିଲା । ଏସବୁ କଥା ଜାଣିବା ପରେ ସେ ବାପଘରକୁ ଚାଲି ଯାଇଛନ୍ତି ।

## ୫୦ ବର୍ଷ ତଳର ଧରିତ୍ରୀ

୧୭ ଜୁନ୍ ୧୯୭୬

- ପୁରୀ ଜିଲା ଚିଲିକା ଅଞ୍ଚଳରେ ଭାରତର ପ୍ରଥମ ଅଣାନୁଷ୍ଠାନିକ ଶିକ୍ଷା ତାଲିମ କାର୍ଯ୍ୟକ୍ରମ ଆରମ୍ଭ ।
- ହରିଆଣାର ପୂର୍ବତନ ମନ୍ତ୍ରୀ ତଥା ପଞ୍ଜାବ ପ୍ରଦେଶ କଂଗ୍ରେସର ଉପସଭାପତି ଅବଦୁଲ ଗଫୁର ଖାଁଙ୍କ ପରଲୋକ ।
- ଅନ୍ୟାନ୍ୟ ରାଷ୍ଟ୍ରରେ ଶିଳ୍ପ ସ୍ଥାପନ ପାଇଁ ସହଯୋଗିତା କରିବାକୁ ଭାରତ ଓ ପୋଲାଣ୍ଡ ମଧ୍ୟରେ ରାଜିନାମା ସ୍ୱାକ୍ଷରିତ ।

## ଚିରନ୍ତନୀ

ସେ ପଥ ଯେ ପ୍ରିୟ ତବ ପାରେ କିଏ
କରି ଅସ୍ୱୀକାର,
କ୍ଳାନ୍ତ ଅଙ୍ଗୁ ଝରି କେତେ ଘର୍ମ ବିନ୍ଦୁ
ସିକ୍ତ ଧୂଳି ତାର ।
–(ପ୍ରାଚୀନ ଓ ନବୀନ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଲିଙ୍ଗରାଜ ଷ୍ଟେଶନ ଉନ୍ନତୀକରଣ କାର୍ଯ୍ୟ ତ୍ୱରାନ୍ୱିତ ହେଉ

ମହାଶୟ,

ଲିଙ୍ଗରାଜ ପାସେଞ୍ଜର ହଲ୍‌ଟର ଉନ୍ନତୀକରଣ ପାଇଁ ଭୁବନେଶ୍ୱର ଲୋକ ସଭା ସାଂସଦ ଟଙ୍କା ମଞ୍ଜୁର କରି କାର୍ଯ୍ୟ ତ୍ୱରାନ୍ୱିତ ପାଇଁ ଆଦେଶ ଦେଇଥିଲେ । ଏହି କାର୍ଯ୍ୟ ଆସନ୍ତା ଅକ୍ଟୋବର ଶେଷ ସୁଦ୍ଧା ଶେଷ କରିବାକୁ ସେ ବାରମ୍ବାର ରେଳ ବିଭାଗ ବରିଷ୍ଠ ଯନ୍ତ୍ରୀମାନଙ୍କ ସହ ଆଲୋଚନା କରିବା ସଙ୍ଗେ ସଙ୍ଗେ ଷ୍ଟେଶନ ପରିଦର୍ଶନ କରିଆସୁଛନ୍ତି । ସାଂସଦଙ୍କ ଆର୍ଥିକ ସହାୟତା ଓ ତତ୍ପରତା ସତ୍ତ୍ୱେ ଉନ୍ନତୀକରଣ କାର୍ଯ୍ୟ ଧିମେଇ ଚାଲିଛି । ବରିଷ୍ଠ ନାଗରିକ ଓ ଶିଶୁମାନେ ଶିଡ଼ିରେ ଯିବା ଆସିବା କରିବା କଷ୍ଟକର ହେଉଛି । ସେଥିପାଇଁ ଏକ୍ସଲେଟର ନିର୍ମାଣ ପାଇଁ ପ୍ରସ୍ତାବ ଥିଲେ ମଧ୍ୟ କାମ ଆରମ୍ଭ ହୋଇନାହିଁ । କେବଳ ଗର୍ତ୍ତ କରାଯାଇ ଛାଡି ଦିଆଯାଇଛି । ଗୋରୁ ଓ ପିଲାମାନଙ୍କ ପାଇଁ ବିପଜ୍ଜନକ ପରିସ୍ଥିତି ପାଲଟିଛି । ଏ ସମସ୍ତ କାର୍ଯ୍ୟ ନିର୍ଦ୍ଦିଷ୍ଟ ସମୟରେ ସମାପ୍ତ କରାଯାଉ । ବିଳମ୍ବ ହେଲେ କାର୍ଯ୍ୟ ତ୍ୱରାନ୍ୱିତ ପାଇଁ ବରିଷ୍ଠ ନାଗରିକ ଧାରଣାରେ ବସିବାକୁ ପଛାଇବେ ନାହିଁ ।

**–ନିର୍ମଳ ଚନ୍ଦ୍ର ସାମଲ, ବରିଷ୍ଠ ନାଗରିକ, ପୋଖରୀପୁଟ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

ଫ୍ୟାଶନ

## ମନ୍ସୁନ୍‌ରେ କପଡ଼ା ଚୟନ



ଯେତେଯେତେ ବର୍ଷା ଆରମ୍ଭ ହୋଇଯାଏ, ତ୍ୱଚା ଏବଂ କେଶର ଯତ୍ନନେବା ସହ କପଡ଼ାର ଉପରେ ମଧ୍ୟ ଧ୍ୟାନଦେବା ଆବଶ୍ୟକ। ବର୍ଷାଦିନରେ ଡ୍ରେସ୍ ଓଦା ହୋଇଗଲେ ତାହା ସହଜରେ ଶୁଖି ନ ଥାଏ। ଏହିଦିନରେ ଠିକ୍ କପଡ଼ା ଚୟନ ବହୁତ ଜରୁରୀ। ଏହି ସମୟରେ ଜଲ୍‌ଦି ଶୁଖିଯାଉଥିବା କପଡ଼ା ପିନ୍ଧିବା ଆବଶ୍ୟକ। ଆସନ୍ତୁ, ଜାଣିବା ଜଲ୍‌ଦି ଶୁଖିଯାଉଥିବା କପଡ଼ା ସମ୍ପର୍କରେ....

**ମଲମଲ କପଡ଼ା:** ମଲମଲ ଏପରି ଏକ କପଡ଼ା ଯାହା ବହୁ ଆରାମଦାୟକ ଅନୁଭବ ହୋଇଥାଏ। ଏହା ଗରମ କମ୍ କରିଥାଏ, ଅନ୍ୟ ପ୍ରାକୃତିକ କପଡ଼ା ତୁଳନାରେ ଜଲ୍‌ଦି ଶୁଖିଯାଇଥାଏ। ବର୍ଷାଦିନରେ ଏହାକୁ ପିନ୍ଧିଲେ ଭଲ।

**ଜର୍ଜେଟ ଏବଂ କ୍ରେପ୍:** ଜର୍ଜେଟ ଏବଂ କ୍ରେପ୍ କପଡ଼ା ହାଲୁକା, ପାରଦର୍ଶୀ, ଦେଖିବାକୁ ବହୁ ସୁନ୍ଦର ହୋଇଥାଏ। ଏହା ମନ୍ସୁନ୍ ପାଇଁ ଏକଦମ୍ ପରଫେକ୍ଟ। କାହିଁକି ନା ଏହା ପାଣିକୁ ଏତେ ଶୋକ୍ କରି ନ ଥାଏ।

**ରେୟନ୍ :** ରୟାନ କପଡ଼ା ମନ୍ସୁନ୍ ପାଇଁ ଭଲ ବିକଳ୍ପ। କାରଣ ଏହା ହାଲୁକା, ଜଲ୍‌ଦି ଶୁଖିଯାଇଥାଏ। ଏହା ଓଦାଳିଆ ଦୂରକରିବାରେ ସାହାଯ୍ୟ କରିଥାଏ। ଏହି କପଡ଼ାରେ ପ୍ରସ୍ତୁତ ଡ୍ରେସ୍, ଶର୍ଟ, ଏଥନିକ୍ ୱେର ବହୁତ ଭଲ ମାନିଥାଏ।

**ପଲିଷ୍ଟର:** କେତେଜଣଙ୍କର ଧାରଣା ରହିଥାଏ ଯେ ପଲିଷ୍ଟର କପଡ଼ା ଜଲ୍‌ଦି ଖରାପ ହୋଇଥାଏ। କିନ୍ତୁ ନୂଆ ବୁଣା ହୋଇଥିବା ପଲିଷ୍ଟର କପଡ଼ା ଓଦାଳିଆ ପଣକୁ କମ୍ କରିଥାଏ। ଖରାଦିନ ଲାଗି ଏହା ଜମା ବି ଠିକ୍ ନୁହେଁ, କିନ୍ତୁ ବର୍ଷାଦିନ ପାଇଁ ବହୁତ ଭଲ।

## ଥର୍ମସ କିପରି ସଫା କରିବେ





ଖରା ହେଉ କି ଶୀତ ଦିନ ସବୁବେଳେ ଏହି ଥର୍ମସର ଆବଶ୍ୟକତା ହୋଇଥାଏ। ଏହା ଚା' କଫି ରଖିବା କିମ୍ବା ଉଷୁମ ପାଣି ରଖିବାରେ ସାହାଯ୍ୟ କରିଥାଏ। ଏହାକୁ ସଫା କରିବାକୁ ହେଲେ ପ୍ରଥମେ ଗରମ ପାଣି ନିଅନ୍ତୁ। ଏହାକୁ ଥର୍ମସରେ ଭରି ତାକୁ ଭଲଭାବେ ହଲାଇ କିଛି ସମୟ ଛାଡ଼ିଦିଅନ୍ତୁ।


–ଯଦି ଥର୍ମସ ଅଧିକ ଅପରିଷ୍କାର ହୋଇଛି ତେବେ ଏହାକୁ ବ୍ରଶ୍ ସାହାଯ୍ୟରେ ସଫା କରିପାରିବେ।

–ଗରମପାଣିରେ ଅଳ୍ପ ଲେମ୍ବୁରସ ମଧ୍ୟ ଥର୍ମସରେ ପକାଇ କିଛି ସମୟ ଲାଗି ଏହାକୁ ଛାଡ଼ି ଦିଅନ୍ତୁ। ପରେ ଥର୍ମସକୁ ଭଲଭାବେ ବନ୍ଦକରି ତାକୁ ହଲାଇ ରଖିଦିଅନ୍ତୁ। ପରେ ଏହାକୁ ପାଣିରେ ଭଲଭାବେ ଧୋଇଦିଅନ୍ତୁ।

–ଏହାକୁ ଧୋଇସାରିବା ପରେ କିଛି ସମୟ ଖୋଲା ଛାଡ଼ି ଦିଅନ୍ତୁ। ଫଳରେ ଥର୍ମସ ଭିତର ପାଖ ଭଲଭାବେ ଶୁଖିଯିବ।

# ସମ୍ପର୍କ ହେବ ମଧୁର





"ଘରସଂସାର କରିବା ପରେ ସ୍ୱାମୀସ୍ତ୍ରୀଙ୍କ ମଧ୍ୟରେ ସମ୍ପର୍କ ଦୃଢ଼ ରହିବା ଦରକାର। ଉଭୟେ ପରସ୍ପରକୁ ସହଯୋଗ କରିବା ସହ ପ୍ରତିଟି କଥାକୁ ଦୁହେଁ ମିଶି ସୁଚାରୁ ରୂପେ ତୁଲାଇପାରିଲେ ବୈବାହିକ ଜୀବନ ଆନନ୍ଦମୟ ହୋଇଉଠିଥାଏ। ତେବେ ଏହାକୁ ସବୁବେଳେ ମଧୁର କରିବାକୁ କେତୋଟି ବିଷୟ ପ୍ରତି ନଜର ଦେବାକୁ ପଡ଼େ।"

ବୈବାହିକ ଜୀବନକୁ ସୁଖମୟ ରଖିବାକୁ ହେଲେ ସ୍ୱାମୀସ୍ତ୍ରୀଙ୍କ ମଧ୍ୟର ଉତ୍ତମ ବୁଝାମଣା ଏବଂ ସହଯୋଗର ଆବଶ୍ୟକତା ରହିଛି। ଜଣେ ଆଉ ଜଣଙ୍କ କଥା ବୁଝିବା ବ୍ୟତୀତ ଆଉ ବି କିଛି କଥା ମଧ୍ୟ ରହିଛି ଯାହା ବୈବାହିକ ଜୀବନକୁ ଆହୁରି ଆନନ୍ଦରେ ଭରି ଦେଇଥାଏ। ତେବେ ସେହି କଥାଗୁଡ଼ିକ କ'ଣ ସେ ସମ୍ପର୍କରେ ସୂଚନା...

–ପୁରୁଷମାନେ ସାଧାରଣତଃ ତାକୁ ଭଲପାଆନ୍ତି ଯିଏ ତାଙ୍କର ସବୁ କଥା ବୁଝିଥାଏ, ତାଙ୍କ କଥାକୁ ଗୁରୁତ୍ୱ ଦେଇଥାଏ। ଧ୍ୟାନରଖନ୍ତୁ, ଯେତେ ସମଝ୍‌ଦାରି ଦେଖାଇବେ ସେତିକି ଭଲପାଇବା ପାଇବେ।

–କେବେ କେବେ ଦୁଇଜଣ ପାର୍ଟନର ଜଣେ ଅନ୍ୟ ଜଣକ ଆବଶ୍ୟକତାକୁ ଲକ୍ଷ୍ୟକରି ଜଣେ ଅନ୍ୟ ଜଣଙ୍କର ଅଭ୍ୟାସ ବଦଳାଇଥାନ୍ତି। ଏହାଦ୍ୱାରା ପାର୍ଟନର ମଧ୍ୟରେ ଅସନ୍ତୁଷ୍ଟି ଦେଖିବାକୁ ମିଳିଥାଏ। ଏହି ପରିସ୍ଥିତିରେ ରକ୍ଷା ପାଇବାକୁ ହେଲେ ଜଣେ ଅନ୍ୟ ଜଣଙ୍କ ଲାଗି ବଦଳିବା ବଦଳରେ ଯିଏ ଯେପରି ସେହି ଅନୁଯାୟୀ ତାଙ୍କୁ ଆପଣାନ୍ତୁ।

–ସବୁବେଳେ ଗୋଟେ କଥା ଧ୍ୟାନରେ ରଖନ୍ତୁ, ସବୁକିଛି ଆମ ହିସାବରେ ଚାଲି ନ ଥାଏ। ଏଥିପାଇଁ ଉଦାସ ନ ହୋଇ କିଛି କଥା ପାର୍ଟନରଙ୍କୁ ନିଜ ହିସାବରେ କରିବାକୁ ଦିଅନ୍ତୁ।

–ସବୁବେଳେ ମୁହଁରେ ହସ, ଫ୍ରେଶ୍ ରୁହନ୍ତୁ। ଖାସ୍‌କରି ସ୍ୱାମୀଙ୍କ ସାମ୍ନାରେ ଏହାଦ୍ୱାରା ଦୁଇଜଣଙ୍କ ମଧ୍ୟ ଭଲପାଇବା ବଢ଼ିବ।

–ପ୍ରତିଟି କଥାକୁ ୨ ଜଣ ପରସ୍ପର ମଧ୍ୟରେ ଆଲୋଚନା କଲେ ଭଲ। ଦୁହେଁ ଦୁହିଁଙ୍କୁ କଦାପି ସନ୍ଦେହ ନଜରରେ ଦେଖନ୍ତୁ ନାହିଁ। ଏହାଦ୍ୱାରା ପରସ୍ପର ଭିତରେ ତିକ୍ତତା ବୃଦ୍ଧି ପାଇଥାଏ।

–ଦାମ୍ପତ୍ୟ ଜୀବନରେ ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଲା ଦୁଇଜଣଙ୍କ ମଧ୍ୟରେ ଉତ୍ତମ ସହଯୋଗ। କପଲ୍ସକୁ ନିଜ ମଧ୍ୟରେ ଅଫିସ୍‌ଠାରୁ ଆରମ୍ଭକରି ଘର କଥା ପର୍ଯ୍ୟନ୍ତ ସବୁ କିଛି ଶେୟାର କରିବା ଆବଶ୍ୟକ।

–ଜଣେ ପାର୍ଟନର ଅନ୍ୟଜଣେ ପାର୍ଟନରଙ୍କ ହବିରେ ରୁଚି ରଖନ୍ତୁ। କେବେ କେବେ ତାଙ୍କୁ ଖୁସିକରିବା ପାଇଁ, ତାଙ୍କ ଯୋଗ କ୍ଲାସ୍, ଫଟୋଗ୍ରାଫ୍ କ୍ଲାସ୍ କିମ୍ବା ତାଙ୍କ ସହ ଜିମ୍ ଜଏନ୍ କରନ୍ତୁ। ଯଦି ସେ ୱାକ୍‌ରେ ଯାଉଥାନ୍ତି ତେବେ ଆପଣ ମଧ୍ୟ ତାଙ୍କ ସହ ଯାଆନ୍ତୁ। ସାଙ୍ଗହୋଇ ସବୁ ଆକ୍ଟିଭିଟି କରିବା ଦ୍ୱାରା ପରସ୍ପର ପ୍ରତି ଭଲପାଇବା ବଢ଼ିଥାଏ କଥାବାର୍ତ୍ତା ଦ୍ୱାରା ସମସ୍ୟାର ବାଟ ମଧ୍ୟ ମିଳିଯାଏ।

–ବେଳେବେଳେ ପାର୍ଟନର ଜଣେ ଆଉ ଜଣଙ୍କ ଓଜନ ବୃଦ୍ଧି ବା ଓବେସିଟିକୁ ନେଇ ଉପହାସ କରିଥାନ୍ତି। ଏପରି କରିବା ଠିକ୍ ନୁହେଁ। ଯଦିଓ ପାର୍ଟନରଙ୍କ ଓଜନ ବଢ଼ିଯାଇଛି ଏପରି କହିବା ଠିକ୍ ନୁହେଁ। ଆପଣ ବଢ଼ୁଥିବା ଓଜନରେ ବି କେତେ ସ୍ମାର୍ଟ ଦେଖାଯାଉଛନ୍ତି ତାଙ୍କୁ ସେ ବିଷୟରେ କୁହନ୍ତୁ। ଏହାଦ୍ୱାରା ତାଙ୍କର ଆତ୍ମବିଶ୍ୱାସ ବଢ଼ିବ। ସେ ନିଜର ଓଜନ କିପରି ନିୟନ୍ତ୍ରଣରେ ରଖିବେ ସେ ନେଇ ସହଯୋଗର ହାତ ବଢ଼ାନ୍ତୁ।

–ଜରୁରୀ ନୁହେଁ କି କେବଳ ବାର୍ଥ ଡେ କିମ୍ବା ଆନିଭର୍ସାରି ତାଙ୍କୁ ଗିଫ୍ଟ ଦେବେ। ଯେତେବେଳେ ବି ପାର୍ଟନରଙ୍କୁ କୌଣସି ଜିନିଷ ପାଇଁ ଥାଙ୍କ୍ସ କହିବାକୁ ଚାହୁଁଛନ୍ତି ସେତେବେଳେ ତାଙ୍କୁ ନିହାତି ଏକ ଗିଫ୍ଟ ଦେବା ସହ କମ୍ପ୍ଲିମେଣ୍ଟ ନିହାତି ଦିଅନ୍ତୁ।

–ପତିପତ୍ନୀ ନିଜ ଶାଶୁମା'ଙ୍କ ଜନ୍ମଦିନ କିମ୍ବା ଆନିଭର୍ସାରି ଡେଟ୍‌ର ମନେପକାନ୍ତୁ। ଉପହାର କିଣିବା ସମୟରେ ତାଙ୍କୁ ସାହାଯ୍ୟ କରନ୍ତୁ। ଏହାଦ୍ୱାରା ତାଙ୍କୁ ଲାଗିବ ଯେ କେବଳ ତାଙ୍କୁ ଧ୍ୟାନଦେବା ସହ ତାଙ୍କ ପରିବାରକୁ ମଧ୍ୟ ଭଲପାଉଛନ୍ତି।

–ବେଳେବେଳେ ମହତ୍ତ୍ୱପୂର୍ଣ୍ଣ କଥାକୁ ନେଇ ଛୋଟ ଛୋଟ କଥା କରିବାକୁ ଭୁଲିଯାନ୍ତି। କଥା ସେ ବଡ଼ ହେଉ କି ଛୋଟ ନିଜ ଭୁଲ୍ ସ୍ୱୀକାର କରିବାରେ କୁଣ୍ଠାବୋଧ କରନ୍ତୁ ନାହିଁ। ଯଦି କେବେ କିଛି ଭୁଲ୍ କରିଛନ୍ତି ସରି କହି ଦିଅନ୍ତୁ। ଏହାଦ୍ୱାରା ରାଗ ଥିଲେ ମନ ନିହାତି ରୂପେ ତରଳିବ।

–ଦେଖାଯାଏ ଜଣେ ଆଉ ଜଣଙ୍କ ସମ୍ପର୍କରେ ଗପର ପେଡ଼ି ଖୋଲିଦିଅନ୍ତି। କାହାର ଭଲ ଦେଖି ହୁଏନି। କାହାର ଭଲ ଦେଖିଲେ ଦେହ ସହି ହୁଏନି।

–ପରସ୍ପର ଦୁଇଜଣଙ୍କୁ କାମରେ ସାହାଯ୍ୟ କରନ୍ତୁ। ପତି କେବେ କେବେ ପତ୍ନୀ ପାଇଁ ଭଲ ରୋଷେଇ କରନ୍ତୁ କିମ୍ବା ଚା' ପ୍ରସ୍ତୁତ କରି ପିଇବାକୁ ଦିଅନ୍ତୁ। ଏପରି ସ୍ତ୍ରୀ ମଧ୍ୟ ବ୍ୟାଙ୍କ କାମ ହେଉକି ଅନ୍ୟ କାମ ଯାହା ସ୍ୱାମୀଙ୍କ କାମ ତାକୁ ଆପଣ କରି ଦିଅନ୍ତୁ। ଏହାଦ୍ୱାରା ୨ଜଣଙ୍କ ମଧ୍ୟରେ ବୁଝାମଣା ଆହୁରି ଦୃଢ଼ ହେବ।

–କେବେ କେବେ ମହିଳାମାନେ ନିଜ ବଜେଟ ନ ଦେଖି ନିଜ ଇଚ୍ଛା ଅନୁଯାୟୀ ଶପିଂ କରିଥାନ୍ତି। ସ୍ୱାମୀ ଯଦିଓ କିଛି କହି ନ ଥାନ୍ତି, କିନ୍ତୁ ତାଙ୍କୁ ନିହାତି ରୂପେ ଖରାପ ଲାଗିଥାଏ।

–ଯଦି ଆପଣଙ୍କ ପାର୍ଟନର ବହୁଦିନରୁ ଗୋଟିଏ ଜିନିଷ କିଣିବେ ବୋଲି ତାଙ୍କର ଇଚ୍ଛା ଥିଲା କିନ୍ତୁ କୌଣସି କାରଣବଶତଃ ସେ କିଣିପାରୁ ନ ଥିଲେ ତେବେ ସେ ଚାହୁଁଥିବା ଜିନିଷ ତାକୁ କିଣି ସରପ୍ରାଇଜ୍ ଦିଅନ୍ତୁ।

–ସବୁବେଳେ ଘରର ଜିନିଷକୁ ସଫାସୁତୁରା ରଖିବା ସହ ବ୍ୟବସ୍ଥିତ ରଖନ୍ତୁ। ଏହାଦ୍ୱାରା ସ୍ୱାମୀ ଘର ଦେଖି ଖୁସି ହେବେ। ଯଦି ଘର ଅପରିଷ୍କାର ହୋଇ ପଡ଼ି ରୁହେ ତେବେ ମନରେ ଚିଡ଼ିଚିଡ଼ାପଣ ଦେଖାଯାଏ।

–କେବେକେବେ ରାଗିକି ବହୁ କିଛି କଥା କହିଦେଇଥାନ୍ତି। ଯାହା ପରସ୍ପର ମଧ୍ୟରେ ସମ୍ପର୍କରେ ତିକ୍ତତା ଆଣିଥାଏ।

–ଦେଖାଯାଏ ମହିଳାମାନେ ସ୍ୱାମୀଙ୍କ ସାମ୍ନାରେ ନିଜର ଶାଶୁଘର ଲୋକଙ୍କ ବିଷୟରେ କେତେ କଥା କହିଥାନ୍ତି। ଏମିତି ଜମା ବି କରନ୍ତୁ ନାହିଁ। ସ୍ୱାମୀ ବି ସ୍ତ୍ରୀଙ୍କ ପରିବାର ଲୋକଙ୍କ ବିଷୟରେ ଇଆଡୁ ସିଆଡୁ କିଛି କଥା ହୁଅନ୍ତୁ ନାହିଁ। ଏହାଦ୍ୱାରା ସମ୍ପର୍କରେ ଫାଟ ଦେଖାଯିବାର ସମ୍ଭାବନା ରହିଛି।

–ବେଳେବେଳେ ଦେଖାଯାଏ ସ୍ୱାମୀ ସ୍ତ୍ରୀଙ୍କ ଝଗଡ଼ା ମଝିରେ ତୃତୀୟ ଲୋକ ମୁଣ୍ଡ ଖେଳାଇବାକୁ ଚେଷ୍ଟା କରିଥାନ୍ତି। ଏଥିପାଇଁ ଆପଣ ନିଜ ସମସ୍ୟାକୁ ତୃତୀୟ ଲୋକ ସାମ୍ନାରେ ସମାଧାନ ନ କରି ଏହାର ସମାଧାନ ନିଜ ଭିତରେ କରନ୍ତୁ।

–ସରି ପରି ଥ୍ୟାଙ୍କ୍ୟୁ କହିବାକୁ କେବେ ପଛାନ୍ତୁ ନାହିଁ। ଏହାଦ୍ୱାରା ଦୁଇଜଣଙ୍କ ମଧ୍ୟରେ ଭଲପାଇବା ବଢ଼ିବ।









ସୌନ୍ଦର୍ଯ୍ୟ

# କଫିରେ ସ୍କିନ୍ କେୟାର

କଫିକୁ ପାନୀୟ ରୂପେ ବ୍ୟବହାର କରିବା ବ୍ୟତୀତ ଏହାର ଅନ୍ୟ କେତେକ ଗୁଣ ରହିଛି ଯାହା ତ୍ୱଚା ଲାଗି ଉପକାରୀ ମଧ୍ୟ ହୋଇଥାଏ। କଫିରେ ଆଣ୍ଟି ଅକ୍ସିଡାଣ୍ଟ ଏବଂ ପଲି ଫେନୋଲ୍ସ ରହିଛି, ଯାହା ତ୍ୱଚାକୁ ଫ୍ରି ରେଡିକ୍ଲସ୍‌ରୁ ରକ୍ଷା କରିଥାଏ। ଏହା ତ୍ୱଚାରୁ ମୃତ କୋଶିକା ବାହାର କରିବା ସହ ରକ୍ତ ପ୍ରବାହରେ ମଧ୍ୟ ସାହାଯ୍ୟ କରିଥାଏ। ଫଳରେ ତ୍ୱଚା ଅଧିକ ଚମକଦାର ହୋଇଥାଏ। ଏଥିରେ ଥିବା କଫିନ୍ ତ୍ୱଚାରେ ହେଉଥିବା ଯନ୍ତ୍ରଣାକୁ କିଛି ପରିମାଣରେ କମାଇଥାଏ...

**କଫି ସ୍କ୍ରବ୍:** କଫି ସ୍କ୍ରବ୍ ଏକ ଭଲ ଉପାୟ। ଏହାଦ୍ୱାରା ଆପଣ ନିଜ ମୁହଁର ତ୍ୱଚାକୁ ଏକ୍ସଫୋଲିଏଟ୍ କରିପାରିବେ ଏବଂ ତ୍ୱଚା ଅଧିକ ଚମକଦାର ହୋଇପାରିବ। କଫି ସ୍କ୍ରବ୍ ପ୍ରସ୍ତୁତ କରିବାକୁ ହେଲେ ଆପଣ କଫି ପାଉଡରକୁ ଚିନି କିମ୍ବା ଲୁଣ ସହ ମିଶାଇ ଏକ ପେଷ୍ଟ ପ୍ରସ୍ତୁତ କରିପାରିବେ। ଏହି ପେଷ୍ଟକୁ ମୁହଁରେ ଲଗାଇ ହାଲୁକା ହାତରେ ମସାଜ୍ କରନ୍ତୁ। ଏହା ଫଳରେ ତ୍ୱଚାରେ ଥିବା ମୃତ କୋଶିକା ଦୂର ହୋଇଯିବ ଏବଂ ତ୍ୱଚା ଅଧିକ ଚମକଦାର ଦେଖାଯିବ। କଫି ସ୍କ୍ରବ୍ ସପ୍ତାହରେ ଏକରୁ ଦୁଇଥର କରିବା ଯଥେଷ୍ଟ।



**କଫି ଫେସ୍ ମାସ୍କ**

କଫି ଫେସ୍ ମାସ୍କ ଏକ ଭଲ ଉପାୟ। ଏହାଫଳରେ ଆପଣ ନିଜ ମୁହଁରେ ତ୍ୱଚାକୁ ପୋଷଣ ଏବଂ ଚମକ ପ୍ରଦାନ କରିପାରିବେ। କଫି ପାଉଡର ଫେସ୍ ମାସ୍କ ପ୍ରସ୍ତୁତ କରିବାକୁ ହେଲେ କଫି ପାଉଡରକୁ ଦହି କିମ୍ବା ମହୁ ସହ ମିଶାଇ ପେଷ୍ଟ ବନାଇପାରିବେ। ଏହି ପେଷ୍ଟକୁ ମୁହଁରେ ୧୫–୨୦ମିନିଟ୍ ପର୍ଯ୍ୟନ୍ତ ରଖି ତାକୁ ଧୋଇଦିଅନ୍ତୁ। କଫି ତ୍ୱଚାରେ ଆଣ୍ଟି ଅକ୍ସିଡାଣ୍ଟ, ପୋଷଣ ପ୍ରଦାନ କରିବା ସହ ତ୍ୱଚାକୁ ଅଧିକ ଚମକଦାର କରିଥାଏ।

**କଫି ନଡ଼ିଆତେଲର ମିଶ୍ରଣ**

କଫି ଏବଂ ନଡ଼ିଆତେଲର ମିଶ୍ରଣ ଏକ ଭଲ ଉପାୟ, ଯାହା ତ୍ୱଚାକୁ ମଶ୍ଚରାଇଜ୍ କରିବା ସହ ପୋଷଣ ପ୍ରଦାନ କରିଥାଏ। ଏହି ଉପାୟ ମୁହଁରେ ନିୟମିତ କରିପାରିବେ।



**କଫି ଏବଂ ଅଣ୍ଡା**

କଫି ପାଉଡର ଏବଂ ଅଣ୍ଡାର ଧଳା ଅଂଶକୁ ମିଶାଇ ମୁହଁରେ ଲଗାଇପାରିବେ। ଏହି ମାସ୍କକୁ ଉପଯୋଗକରି ମୁହଁରେ ସପ୍ତାହରେ ଏକରୁ ଦୁଇଥର କରିପାରିବେ। ଏହା ତ୍ୱଚାକୁ ଚମକପ୍ରଦାନ କରିବା ସଙ୍ଗେସଙ୍ଗେ ପୋଷଣ ମଧ୍ୟ ଦେଇଥାଏ।

**ସାବଧାନତା**

ତ୍ୱଚାରେ କଫିର ବ୍ୟବହାର କରିବା ପୂର୍ବରୁ ନିଜ ତ୍ୱଚାରେ କିଛି ଭାଗରେ ଲଗାଇ ପ୍ରଥମେ ଦେଖନ୍ତୁ। ଲଗାଇବା ପରେ ଯଦି କିଛି ରିଆକ୍ସନ୍ କୌଣସି ଆଲର୍ଜି ସମସ୍ୟା ତ୍ୱଚାରେ ଯେପରି ଦେଖା ନ ଯାଏ ଏହାର ଧ୍ୟାନ ଦିଅନ୍ତୁ। କଫିର ବ୍ୟବହାର କରିବା ପରେ ନିଜ ତ୍ୱଚାକୁ ଭଲ ଭାବେ ଧୋଇବା ଆବଶ୍ୟକ ଏବଂ ମଶ୍ଚରାଇଜ୍ କରିବା ମଧ୍ୟ ଆବଶ୍ୟକ।

ଖାଦ୍ୟରୁଚି

## ପଟାଟୋ ସ୍ନାକ୍ସ

**ଆବଶ୍ୟକ ସାମଗ୍ରୀ**

ଆଳୁ ୩ଟି ମଧ୍ୟମ ଆକାରରେ, ବେସନ ୨ ବଡ଼ ଚାମଚ, ଚାଉଳ ଚୂନା ୧ ବଡ ଚାମଚ, ଲୁଣ ସ୍ୱାଦ ଅନୁସାରେ, କଶ୍ମୀରୀ ଚିଲି ପାଉଡର ଅଧା ଚାମଚ, ଜୁଆଣି ଏକ ଚତୁର୍ଥାଂଶ, କଞ୍ଚାଲଙ୍କା ଗୋଟିଏ, ଧନିଆପତ୍ର ୧ ବଡ଼ ଚାମଚ, ଛାଣିବା ଲାଗି ଆବଶ୍ୟକ ତେଲ।

**ପ୍ରସ୍ତୁତି ପ୍ରଣାଳୀ**


ପ୍ରଥମେ ଆଳୁକୁ ଭଲଭାବେ ସିଝାଇ ତା'ର ଚୋପା ଛଡ଼ାଇ ତାକୁ ଭଲଭାବେ ଚକଟି ଦିଅନ୍ତୁ। ଯେପରି କୌଣସି ଟେଳା ନ ରହୁ। ଏହାପରେ ମସଲା ଏବଂ ଅଟା, ଚକଟା ହୋଇଥିବା ଆଳୁରେ ବେସନ, ଚାଉଳ ଚୂନା, ଲୁଣ, ହଳଦୀ, ଲଙ୍କା ପାଉଡର, ଜୁଆଣି, କଞ୍ଚାଲଙ୍କା, ଧନିଆପତ୍ର ପକାନ୍ତୁ। ଏହାକୁ ଭଲଭାବେ ମିଶାନ୍ତୁ। ମିଶ୍ରଣ ଯେପରି ବେଶି ପତଳା ନ ହୁଏ ତାହା ମଧ୍ୟ ଦେଖନ୍ତୁ। ଏହାକୁ ଟିକି ସେପ୍ ଦିଅନ୍ତୁ। ଏହି ଟିକିରେ ଫିଙ୍ଗର, ବଲ୍ସ, ସେପ୍ ଦିଅନ୍ତୁ। ଯେମିତି ଆପଣଙ୍କୁ ପସନ୍ଦ। ଏବେ କଡ଼େଇରେ ତେଲ ପକାନ୍ତୁ। ତେଲ ଭଲଭାବେ ତାତିଲା ପରେ ଆଞ୍ଚକୁ ମଧ୍ୟମରେ ରଖି ବିଭିନ୍ନ ସେପ୍ ଦିଆଯାଇଥିବା ଆଳୁକୁ ଏବେ ଛାଣନ୍ତୁ। ଏହା ଗୋଲ୍‌ଡେନ୍ କଲର ହେବା ପର୍ଯ୍ୟନ୍ତ ଛାଣନ୍ତୁ। ଏହି କ୍ରିସ୍ପି ସ୍ନାକ୍ସକୁ ଟମାଟୋ ସସ୍, ହରି ଚଟଣି, ଦହି, ପୁଦିନା ସହ ପରଷିପାରିବେ। ଯଦି ଚାହିଁବେ ଅଳ୍ପ ଚାଟ୍ ମସଲା ପକାଇ ଉପରେ ପିଆଜ, ଧନିଆପତ୍ର ପକାନ୍ତୁ। ସ୍ନାକ୍ସ ଚାଟ୍ ବି କରିପାରିବେ।



# ଦଶ ବର୍ଷରେ ଜିଡିପି ପରିମାଣ ତିନି ଗୁଣ ବୃଦ୍ଧି

ଭୁବନେଶ୍ୱର,୧୬।୬

ଗତ ଦଶନ୍ଧି ମଧ୍ୟରେ ଭାରତର ଜିଡିପି ଏକ ଉଲ୍ଲେଖନୀୟ ପରିବର୍ତ୍ତନ ଦେଖିଛି। ବର୍ତ୍ତମାନର ମୂଲ୍ୟ ଅନୁସାରେ ଜିଡିପି ଆକଳନ ପ୍ରାୟ ତିନି ଗୁଣ ବୃଦ୍ଧି ପାଇଛି। ୨୦୧୪-୧୫ ଆର୍ଥିକ ବର୍ଷରେ ଦେଶର ଜିଡିପି ୧୦୬.୫୭ ଲକ୍ଷ କୋଟି ଟଙ୍କାରୁ ବୃଦ୍ଧି ପାଇ ୨୦୨୪-୨୫ ଆର୍ଥିକ ବର୍ଷରେ ଆନୁମାନିକ ୩୩୧.୦୩ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ଏହା ମାତ୍ର ୧୦ ବର୍ଷ ମଧ୍ୟରେ ପ୍ରାୟ ୩ ଗୁଣ ବୃଦ୍ଧି ହୋଇଛି, କେବଳ ୨୦୨୪-୨୫ ଆର୍ଥିକ ବର୍ଷରେ ନାମମାତ୍ର ଜିଡିପି ପୂର୍ବ ବର୍ଷ ତୁଳନାରେ ୯.୯% ବୃଦ୍ଧି ପାଇଥିଲା। ଅପରପକ୍ଷରେ ପ୍ରକୃତ ଜିଡିପି (ସ୍ଥିର ମୂଲ୍ୟରେ) ୬.୫% ବୃଦ୍ଧି ପାଇଥିଲା, ଯାହା ନିରନ୍ତର ଅର୍ଥନୈତିକ ଗତିକୁ ପ୍ରତିଫଳିତ କରୁଛି। ଏହି ଦ୍ରୁତ ଅଭିବୃଦ୍ଧି ଦେଶର ବିସ୍ତାରିତ ଅର୍ଥନୈତିକ ଆଧାର ଏବଂ ବୃଦ୍ଧି ପାଉଥିବା ଆୟ ସ୍ତରକୁ ପ୍ରତିଫଳିତ କରିଥାଏ। ସେହିଭଳି ସମାନ ସମୟ ମଧ୍ୟରେ ପ୍ରକୃତ ଜିଭିଏ ୬.୪% ଏବଂ ନାମମାତ୍ର




ଜିଭିଏ ୯.୫% ବୃଦ୍ଧି ପାଇଛି। ବିଶେଷ କରି ଗ୍ରାମୀଣ ଚାହିଦାରେ ପୁନରୁଦ୍ଧାର ଯୋଗୁ ଘରୋଇ ଚୂଡ଼ାନ୍ତ ବ୍ୟବହାର ଖର୍ଚ୍ଚ (ପିଏଫସିଇ) ୭.୩% ବୃଦ୍ଧି ପାଇଛି, ଯାହା ୨୦୦୨-୦୩ ପରଠାରୁ ଜିଡିପିର ସର୍ବାଧିକ ଅଂଶ (୬୧.୮%) ରେ ପହଞ୍ଚିଛି। ସେହିପରି ସେବା କ୍ଷେତ୍ର ଜିଭିଏରେ ସବୁଠାରୁ ସ୍ଥିର ଅବଦାନକାରୀ ରହିଛି। ୨୦୧୪ ଆର୍ଥିକ ବର୍ଷରେ ଏହାର ଅଂଶ ୫୦.୬% ରୁ ୨୦୨୫ ଆର୍ଥିକ ବର୍ଷରେ ପ୍ରାୟ ୫୫% କୁ ବୃଦ୍ଧି ପାଇଛି। ଏହା ପ୍ରାୟ ୩୦% ଶ୍ରମଶକ୍ତିକୁ ନିଯୁକ୍ତି ମଧ୍ୟ ପ୍ରଦାନ କରିଥାଏ। ଏହାର ପ୍ରତ୍ୟକ୍ଷ ଅବଦାନ ସହିତ ସେବା ଉତ୍ପାଦନର 'ସେବାକରଣ'ରେ କ୍ରମବର୍ଦ୍ଧିଷ୍ଣୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି, ଉତ୍ପାଦନ ଏବଂ ଉତ୍ପାଦନ ପରବର୍ତ୍ତୀ ପର୍ଯ୍ୟାୟରେ ବ୍ୟବହୃତ ସେବା ମାଧ୍ୟମରେ ମୂଲ୍ୟ ବୃଦ୍ଧି କରିଥାଏ। ଗତ ଦଶନ୍ଧିରେ ଭାରତର ମୋଟ ରପ୍ତାନି ଉଲ୍ଲେଖନୀୟ ଅଭିବୃଦ୍ଧି ଦେଖାଇଛି, ଯାହା ୨୦୧୩-୧୪ ବର୍ଷରେ ୪୬୮ ବିଲିୟନ ଆମେରିକୀୟ ଡଲାରରୁ ବୃଦ୍ଧି ପାଇ ୨୦୨୪-୨୫ ବର୍ଷରେ ୮୨୫ ବିଲିୟନ ଆମେରିକୀୟ ଡଲାରରେ ପହଞ୍ଚିଛି, ଯାହା ପ୍ରାୟ ୭୬% ବୃଦ୍ଧି ବୋଲି କୁହାଯାଉଛି। ଏହି ଅଭିବୃଦ୍ଧିକୁ ବାଣିଜ୍ୟ ରପ୍ତାନିରେ ଏକ ସାମାନ୍ୟ ବୃଦ୍ଧି ଦ୍ୱାରା ସମର୍ଥନ କରାଯାଇଥିଲା, ଯାହା ପୂର୍ବ ବର୍ଷରେ ୪୩୭.୦୭ ବିଲିୟନ ଆମେରିକୀୟ ଡଲାର ତୁଳନାରେ ୨୦୨୪-୨୫ ଆର୍ଥିକ ବର୍ଷରେ ୪୩୭.୪୨ ବିଲିୟନ ଆମେରିକୀୟ ଡଲାର ଥିଲା, ଯାହା ସାମଗ୍ରୀ-ଆଧାରିତ ବାଣିଜ୍ୟରେ ସ୍ଥିରତାକୁ ପ୍ରତିଫଳିତ କରିଛି। ଦଶନ୍ଧି ମଧ୍ୟରେ ବାଣିଜ୍ୟ ରପ୍ତାନି ୨୦୧୩-୧୪ରେ ୩୧୦ ବିଲିୟନ ଆମେରିକୀୟ ଡଲାରରୁ ବୃଦ୍ଧି ପାଇ ୨୦୨୪-୨୫ ରେ ୪୩୭.୪୨ ବିଲିୟନ ଆମେରିକୀୟ ଡଲାରରେ ପହଞ୍ଚିଛି।

ଉଲ୍ଲେଖଯୋଗ୍ୟ, ଭାରତ କ୍ରମାଗତ ଭାବେ ଓ ସବୁଠାରୁ ଦ୍ରୁତ ଗତିରେ ବୃଦ୍ଧି ପାଉଥିବା ପ୍ରମୁଖ ଅର୍ଥ ବ୍ୟବସ୍ଥା ରୂପେ ଉଭା ହୋଇଛି। ଏପରିକି ୨୦୩୦ ସୁଦ୍ଧା ଭାରତ ୭.୩ ଟ୍ରିଲିୟନ ଡଲାର ଜିଡିପି ସହିତ ବିଶ୍ୱର ତୃତୀୟ ବୃହତ୍ତମ ଅର୍ଥ ବ୍ୟବସ୍ଥା ହେବା ମାର୍ଗରେ ରହିଛି। ସେହିଭଳି ଭାରତ ବର୍ତ୍ତମାନ ବିଶ୍ୱର ପଞ୍ଚମ ବୃହତ୍ତମ ଅର୍ଥ ବ୍ୟବସ୍ଥାରେ ଥିଲାବେଳେ ଆଗାମୀ ଦିନରେ ଆର୍ଥିକ ମହାଶକ୍ତି ହେବା ପାଇଁ ପ୍ରୟାସ ଜାରି ରହିଛି। ଭାରତ ବିଶ୍ୱର ସବୁଠାରୁ ଦ୍ରୁତ ଗତିରେ ବୃଦ୍ଧି ପାଉଥିବା ପ୍ରମୁଖ ଅର୍ଥ ବ୍ୟବସ୍ଥା (୨୦୨୫-୨୬ ଆର୍ଥିକ ବର୍ଷରେ ୬.୩% ରୁ ୬.୮%) ହେବାର ଆକଳନ କରାଯାଇଛି। ଏହି ପରିବର୍ତ୍ତନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଏକ ଦଶନ୍ଧିର ନିର୍ଣ୍ଣାୟକ ଶାସନ, ଦୂରଦୃଷ୍ଟି ସମ୍ପନ୍ନ ସଂସ୍କାର ଏବଂ ବିଶ୍ୱସ୍ତରୀୟ ସମ୍ପର୍କ କାରଣରୁ ସମ୍ଭବ ହୋଇପାରିଛି।

## ଶେୟାର ବଜାର କାରବାରରେ ଉତ୍ସାହ

ମୁମ୍ବାଇ,୧୬।୬

କ୍ରମାଗତ ଭାବେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟୁଛି। ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟ ଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାର କାରବାରରେ ଉତ୍ସାହ ସହ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବୃଦ୍ଧି କରିଛନ୍ତି। ବିଶେଷ କରି ସୋମବାର ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସ୍ଇ) ର ସେନସେକ୍ସ ୬୭୭ (୬୭୭.୫୫) ପଏଣ୍ଟ ବୃଦ୍ଧି ଘଟି ୮୧,୭୯୬ (୮୧,୭୯୬.୧୫) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନ୍ଏସଇ) ର ନିଫ୍ଟି-୫୦ ରେ ମଧ୍ୟ ୨୨୮(୨୨୭.୯୦) ପଏଣ୍ଟ ବଢ଼ି ୨୪,୯୪୬ (୨୪,୯୪୬.୫୦) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସଇ ସେନସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହିତ ଏନଏସଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଓ ଆଇଟି ଶେୟାରଗୁଡ଼ିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ବୃଦ୍ଧି ଘଟିଛି।

## ପୁରୀ ପୌରପାଳିକା ସହ ଏଚ୍ସିସିବିର ବୁଝାମଣା

ଭୁବନେଶ୍ୱର,୧୬।୬



ପୁରୀ ପୌରପାଳିକା ଏବଂ ହିନ୍ଦୁସ୍ଥାନ କୋକା-କୋଲା ବେଭରେଜେସ୍ (ଏଚ୍ସିସିବି) ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା ନିକଟରେ ହୋଇଯାଇଛି। ଏହି ବୁଝାମଣା ଅନୁଯାୟୀ ଏଚ୍ସିସିବି ପୁରୀ ପୌରପାଳିକା ସହଯୋଗରେ ପୁରୀ ପୌରାଞ୍ଚଳ ପରିସରରେ ବ୍ୟବହୃତ ପିଇଟି ବୋତଲ-ମୁକ୍ତ ରଥଯାତ୍ରା-୨୦୨୫ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛି। ଏହିପ୍ରୟାସକୁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଏବଂ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ପ୍ରମୁଖ ଶୁଭାରମ୍ଭ କରିଥିଲେ। ସେହିଭଳି ଏହି କାର୍ଯ୍ୟକ୍ରମ ୨୦୨୫ ଜୁନ୍ ୨୭ରୁ ଜୁଲାଇ ୫ ପର୍ଯ୍ୟନ୍ତ ଜାରି ରହିବ। ଏ ସମ୍ପର୍କରେ ଏଚ୍ସିସିବିର ମୁଖ୍ୟ ପବ୍ଲିକ୍ ଆଫେୟାର୍ସ ଏବଂ ସଷ୍ଟେନେବିଲିଟି ଅଧିକାରୀ ହିମାଂଶୁ ପ୍ରିୟଦର୍ଶୀ କହିଛନ୍ତି, ପ୍ରକୃତ ପରିବର୍ତ୍ତନ ସେତେବେଳେ ଘଟେ, ଯେତେବେଳେ ବ୍ୟବସାୟ, ଗୋଷ୍ଠୀ ଏବଂ ସରକାର ଏକ ଲକ୍ଷ୍ୟ ପାଇଁ ଏକାଠି ହୁଅନ୍ତି। ରଥଯାତ୍ରା ସାରା ଦେଶରୁ ଲୋକଙ୍କୁ ଏକାଠି କରେ ଏବଂ ଏହା ସହିତ ସେମାନେ ଆସୁଥିବା ସହରର ଯତ୍ନ ନେବାର ଏକ ମିଳିତ ଦାୟିତ୍ୱ ମଧ୍ୟ ରହିଥାଏ। ସେହିପରି କୋକା-କୋଲା ଇଣ୍ଡିଆ ଏବଂ ଦକ୍ଷିଣ-ପଶ୍ଚିମ ଏସିଆର ପବ୍ଲିକ୍ ଆଫେୟାର୍ସ, କମ୍ୟୁନିକେଶନ୍, ସଷ୍ଟେନେବିଲିଟିର ଉପାଧ୍ୟକ୍ଷ ଦେବଯାନୀ ଆର ଏଲ୍ ରାଣା କହିଛନ୍ତି, ପୁରୀରେ ରଥଯାତ୍ରାରେ ଅଧିକ ସଂଖ୍ୟାରେ ପ୍ଲାଷ୍ଟିକ୍ ଆବର୍ଜନା ପରିଚାଳନା କରିବା ଏକ ସହଭାଗୀ ଦାୟିତ୍ୱ ଏବଂ ସାମୂହିକ ପଦକ୍ଷେପ ଆବଶ୍ୟକ ରହିଛି। ୨୦୨୫ ଜୁନ୍ ୨୭ରୁ ୫ଜୁଲାଇ ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଥିବା ଚଳିତ ବର୍ଷର ରଥଯାତ୍ରାରେ ୧୮୦ ରୁ ଅଧିକ ସ୍ୱେଚ୍ଛାସେବକଙ୍କର ଏକ ଦଳଙ୍କୁ ପଲ୍ଲିଶ୍ରୀମେଳା ଗ୍ରାଉଣ୍ଡ, ଭୋଳାନାଥ ବିଦ୍ୟାପୀଠ, ପୁରୀ ମୁଖ୍ୟ ବସ୍ ଷ୍ଟାଣ୍ଡ, ତାଳବଣିଆ ଅସ୍ଥାୟୀ ବସ୍ ଷ୍ଟାଣ୍ଡ, ପୁରୀ ରେଳ ଷ୍ଟେଶନ, ବଡ଼ଶଙ୍ଖ, ଦିଗବାରେଣୀ ସ୍କୋୟାର, ସ୍ୱର୍ଗଦ୍ୱାର ଏବଂ ହୋଟେଲ ଶ୍ରୀହରି ବେଳାଭୂମି ସମେତ ବିଭିନ୍ନ ସ୍ଥାନରେ ନିୟୋଜିତ କରାଯିବ।

## ଜିନ୍ଦଲ ଷ୍ଟେନ୍‌ଲେସକୁ ଏନ୍ଏମ୍ସି ଆୱାର୍ଡ



ଭୁବନେଶ୍ୱର,୧୬।୬: (ଅଭୟ ଦାଶ)

ଜିନ୍ଦଲ ଷ୍ଟେନ୍‌ଲେସକୁ ନିକଟରେ ଆଉ ଏକ ଜାତୀୟସ୍ତରୀୟ ସମ୍ମାନ 'ଏନ୍ଏମ୍ସି ଆୱାର୍ଡ' ମିଳିଛି। ଏପରିକି ଏହି ସମ୍ମାନି ଜିନ୍ଦଲ ଷ୍ଟେନଲେସର ଉତ୍ପାଦନ ଉତ୍କର୍ଷ ପ୍ରତି ନିରନ୍ତର ପ୍ରତିବଦ୍ଧତା ଏବଂ ରାଷ୍ଟ୍ର ନିର୍ମାଣରେ କମ୍ପାନୀର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ଦର୍ଶାଉଛି। ସେହିଭଳି ଜିନ୍ଦଲ ଷ୍ଟେନଲେସ କ୍ରମାଗତ ତୃତୀୟ ବର୍ଷ ପାଇଁ ଜାତୀୟ ଉତ୍ପାଦନ ପ୍ରତିଯୋଗିତା (ଏନ୍ଏମ୍ସି) ରେ ପୁରସ୍କୃତ ହୋଇଛି। ଏପରିକି କ୍ରମାଗତ ତୃତୀୟ ବର୍ଷ ପାଇଁ କମ୍ପାନୀ ଗୋଲ୍ଡ ଆୱାର୍ଡ ପାଇବା ପରେ ଚଳିତ ସଂସ୍କରଣରେ ମଧ୍ୟ କମ୍ପାନୀକୁ ସମ୍ମାନଜନକ ଡାଇମଣ୍ଡ ଟ୍ରଫି ପ୍ରଦାନ କରାଯାଇଥିଲା। କମ୍ପାନୀର ହିସାର ପ୍ଲାଣ୍ଟ ଷ୍ଟାଣ୍ଡାର୍ଡ ବର୍ଗରେ କ୍ରମାଗତ ୩ୟ ପୁରସ୍କାର ହାସଲ କରିବା ପରେ ଆତ୍ମନିର୍ଭର ନେସନ ବିଲ୍ଡର ଆୱାର୍ଡ 'ଏକ୍ସେଲସିୟର୍ସ' ବର୍ଗରେ ମଧ୍ୟ ସମ୍ମାନିତ ହୋଇଛି। ମୁମ୍ବାଇର ଆଇଟିସି ମରାଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ସମାରୋହ ଉତ୍ସବରେ କମ୍ପାନୀକୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଏହି ପରିପ୍ରେକ୍ଷୀରେ କମ୍ପାନୀର ବରିଷ୍ଠ ଉପାଧ୍ୟକ୍ଷ ତଥା ୟୁନିଟ୍ ହେଡ ହିସାର ବିଜୟ ବିନ୍ଦଲିଶ, ସୁଶୀଲ ଜୈନ (ଏଭିପି ଏବଂ ହେଡ-ଏସ୍ଏମ୍ଏସ୍ ଏବଂ ଏଚ୍ଆର୍ଏମ୍) ଏବଂ ଲକ୍ଷିତ ସେଠ (ଜିଏମ୍-ଓଇସି ଏବଂ ପରିଚାଳନା ପ୍ରତିନିଧି) ପ୍ରମୁଖ ଯୋଗ ଦେଇ ଉକ୍ତ ପୁରସ୍କାର ଗ୍ରହଣ କରିଥିଲେ। ଏ ସମ୍ପର୍କରେ ଜିନ୍ଦଲ ଷ୍ଟେନ୍‌ଲେସର ଏମଡି ଅଭ୍ୟୁଦୟ ଜିନ୍ଦଲ କହିଛନ୍ତି, ଷ୍ଟେନଲେସ୍ ଷ୍ଟିଲର ଅନ୍ତର୍ନିହିତ ଦୃଢ଼ତା, ସ୍ଥାୟିତ୍ୱ ଏହାକୁ ଭବିଷ୍ୟତର ଧାତୁରେ ପରିଣତ କରିଛି। ଜିନ୍ଦଲ ଷ୍ଟେନଲେସରେ ଆମେ ଏହି ଭବିଷ୍ୟତକୁ ଆଗେଇ ନେବା ପାଇଁ ଆମର ପ୍ରତିବଦ୍ଧତାରେ ଅଟଳ ରହିଛୁ, ଯାହା ଆତ୍ମନିର୍ଭର ଭାରତର ପରିକଳ୍ପନା ସହିତ ସମନ୍ୱିତ ରହିଛି। ଆତ୍ମନିର୍ଭର ଭାରତ ଗଠନ ଏବଂ ଭାରତର ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରକୁ ଇସ୍ପାତ ଯୋଗାଇବା, ଏହାର ସବୁଜ ଲକ୍ଷ୍ୟକୁ ସାକାର କରିବା ଏବଂ ବୈଶ୍ୱିକ ଚାହିଦା ସହିତ ଖାପ ଖୁଆଇବାର କ୍ଷମତା ସହ ଆମର ଉତ୍ପାଦନ କାରଖାନା ଏହି ଯାତ୍ରାରେ ମୁଖ୍ୟ ଭୂମିକା ଗ୍ରହଣ କରିଛନ୍ତି। ଜିନ୍ଦଲ ଷ୍ଟେନଲେସ୍ ପାଇଁ ଏହି ପୁରସ୍କାର ପାଇବା ସମ୍ମାନର ବିଷୟ। ଏହି ଉପଲବ୍ଧି ଜିନ୍ଦଲ ଷ୍ଟେନଲେସ୍ ପରିବାରର ପ୍ରତ୍ୟେକ ସଦସ୍ୟଙ୍କୁ ସମର୍ପିତ, ଯେଉଁମାନେ ପ୍ରତିଦିନ ଉତ୍କର୍ଷର ନୂତନ ମାନଦଣ୍ଡ ସ୍ଥାପନ କରୁଛନ୍ତି। ହିସାରର ଜିନ୍ଦଲ ଷ୍ଟେନଲେସର ୟୁନିଟ୍ ହେଡ ତଥା ବରିଷ୍ଠ ଉପାଧ୍ୟକ୍ଷ ବିଜୟ ବିନ୍ଦଲିଶ କହିଛନ୍ତି, ଅତ୍ୟାଧୁନିକ ଜ୍ଞାନକୌଶଳରେ ସଜ୍ଜିତ ଆମ ହିସାର କାରଖାନା ସହର ଓ ଆଖପାଖ ଅଞ୍ଚଳରେ କ୍ରମାଗତ ଭାବେ ଅର୍ଥନୈତିକ ପ୍ରଗତିକୁ ପ୍ରୋତ୍ସାହିତ କରିଛି।

## ଜାତୀୟସ୍ତରୀୟ ଯୁବ ନେତୃତ୍ୱ ବିକାଶ ଶିବିର

### ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟକୁ ନେତୃତ୍ୱ ସୁଯୋଗ

ଭୁବନେଶ୍ୱର,୧୬।୬

ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଭାରତ ସ୍କାଉଟ୍ସ ଓ ଗାଇଡ୍ସର ଜାତୀୟ ମୁଖ୍ୟାଳୟ ପକ୍ଷରୁ ଏକ ୫ ଦିନିଆ ଜାତୀୟସ୍ତରୀୟ ଯୁବ ନେତୃତ୍ୱ ବିକାଶ ଶିବିର ନିକଟରେ ଆୟୋଜିତ ହୋଇଯାଇଛି। ଏହି ଶିବିର ପାଇଁ ଓଡ଼ିଶା ପକ୍ଷରୁ ଶ୍ରୀ ଶ୍ରୀ ୟୁନିଭର୍ସିଟି (ଏସ୍ଏସ୍ୟୁ)କୁ ନେତୃତ୍ୱ ସୁଯୋଗ ମିଳିଥିଲା। ଉଲ୍ଲେଖଯୋଗ୍ୟ, ଦାର୍ଜିଲିଂର କର୍ସିୟାଙ୍ଗସ୍ଥିତ ସ୍ନୋ ହ୍ୱାଇଟ୍ କ୍ୟାମ୍ପସାଇଟ୍ ଅନ୍ତର୍ଗତ ନ୍ୟାଶନାଲ ଆଡଭେଞ୍ଚର ଇନ୍ଷ୍ଟିଚ୍ୟୁଟ୍ ଆଣ୍ଡ ଟ୍ରେନିଂ ସେଣ୍ଟର (ଜାତୀୟ ସାହସିକ ସଂସ୍ଥାନ ଓ ପ୍ରଶିକ୍ଷଣ କେନ୍ଦ୍ର) ଠାରେ ଏହି ଶିବିର ୨୦୨୫ ଜୁନ୍ ୧୧ ରୁ ୧୫ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ଏଥିରେ କଟକସ୍ଥିତ ଏସ୍ଏସ୍ୟୁ କୃଷି ବିଭାଗର ସହକାରୀ ପ୍ରାଧ୍ୟାପକ ଡ.ସନ୍ଦିପ ରାଉତଙ୍କ ନେତୃତ୍ୱରେ ଓଡ଼ିଶାରୁ ଏକ ୧୫ ଜଣିଆ ଟିମ୍ ଯାଇଥିଲେ। ଏହି ଦଳ ସଫଳତାର ସହ ଶିବିରରେ ଅଂଶଗ୍ରହଣ କରି ପ୍ରତ୍ୟାବର୍ତ୍ତନ କରିଛନ୍ତି। ଉକ୍ତ ଶିବିର ପାଇଁ ବିଭିନ୍ନ ଶିକ୍ଷାନୁଷ୍ଠାନରୁ ଆସିଥିବା ଟିମ୍‌ରେ ୬ଜଣ ଲେଖାଏଁ ରୋଭର୍ସ ଓ ରେଞ୍ଜର୍ସ ଥିବାବେଳେ ୩ ଜଣ ୟୁନିଟ୍ ଲିଡର ମଧ୍ୟ ସାମିଲ ଥିଲେ।

ସେହିଭଳି ଏସ୍ଏସ୍ୟୁରୁ ରୋଭର୍ ରାକେଶ କୁମାର ମଲ୍ଲିକ, ଦୀପକ କୁମାର ପଣ୍ଡା ଏବଂ ରୋଭର ସ୍କାଉଟ୍ ଲିଡର ଡ. ସନ୍ଦିପ ରାଉତ ଉକ୍ତ ଟିମ୍‌ରେ ସାମିଲ ଥିଲେ।

ଏହି ଯୁବ ନେତୃତ୍ୱ ବିକାଶ ଶିବିରରେ ଭାରତର ୧୪ରାଜ୍ୟରୁ ସମୁଦାୟ ୧୭୬ ଜଣ ରୋଭର୍ସ ଓ ରେଞ୍ଜର୍ସ ସହ ଟିମ୍ ଲିଡର ଅଂଶଗ୍ରହଣ କରିଥିଲେ।

ଫଳରେ ଏହା ଯଥାର୍ଥରେ ଏକ ରାଷ୍ଟ୍ରୀୟ ମଞ୍ଚରେ ପରିଣତ ହୋଇଥିଲା, ଯେଉଁଠାରେ ନେତୃତ୍ୱ ଦକ୍ଷତା ସାଙ୍ଗକୁ ଶିକ୍ଷା ଏବଂ ସଂସ୍କୃତିର ଆଦାନପ୍ରଦାନ ହୋଇଥିଲା।

ଏଥିସହ ଏହି ୫ ଦିନିଆ ଶିବିରର ବିଭିନ୍ନ ଅଧିବେଶନରେ ବ୍ୟକ୍ତିତ୍ୱ ବିକାଶ, ବ୍ୟକ୍ତିର ସାମର୍ଥ୍ୟ, ଦୁର୍ବଳତା, ସୁଯୋଗ ଏବଂ ଆଶଙ୍କା ଉପରେ ବିଶ୍ଳେଷଣ କରାଯିବା ସହ ଯୋଜନା ଓ କ୍ରିୟାନ୍ୱୟନ, ସାମଗ୍ରିକ ବିକାଶ ଉପରେ ବିସ୍ତୃତ ଚର୍ଚ୍ଚା ହୋଇଥିଲା।

ଏଥିରେ ସ୍କାଉଟ୍ସ ଆନ୍ଦୋଳନର ବୈଶ୍ୱିକ ସଂଗଠନ, ବାଳିକା ସ୍କାଉଟ୍ସ ବା ଗାଇଡ୍ସଙ୍କ ବୈଶ୍ୱିକ ସଂଗଠନ ସମେତ ଜାତିସଂଘ ଦ୍ୱାରା ଧାର୍ଯ୍ୟ ସ୍ଥାୟୀ ବିକାଶ ଲକ୍ଷ୍ୟ ଏବଂ ଦ୍ୱରିତ୍ୱ ନିର୍ଣ୍ଣୟ କ୍ଷମତା ଉପରେ ଆଲୋଚନା ହୋଇଥିଲା।

ଅପରପକ୍ଷରେ ବାଳ କାର୍ଯ୍ୟକ୍ରମର ସହକାରୀ ନିର୍ଦ୍ଦେଶକ ଆନାଲେନ୍ଦ୍ର ଶର୍ମାଙ୍କ ସଫଳ ନେତୃତ୍ୱରେ ଏହି ଜାତୀୟ କାର୍ଯ୍ୟକ୍ରମଟି ସଫଳତାର ସହ ଶେଷ ହୋଇଥିଲା।

ଉକ୍ତ କାର୍ଯ୍ୟକ୍ରମରେ ଉତ୍ତର-ପୂର୍ବ ରେଳୱେର ରାଜ୍ୟ ପ୍ରଶିକ୍ଷଣ ଆୟୁକ୍ତ ଅନୁଜ ରଞ୍ଜନ, କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନର ରାଜ୍ୟ ଅର୍ଗାନାଇଜିଂ ଆୟୁକ୍ତ ଜି. ଭୁବନ ବାବୁ ଏବଂ ମେଘାଳୟ ରାଜ୍ୟ ପ୍ରଶିକ୍ଷଣ ଆୟୁକ୍ତ ଅଡିୟୋର ପ୍ରମୁଖ ସକ୍ରିୟ ଭାବେ ଜଡ଼ିତ ଥିଲେ।

ଏହି ଶିବିରର ଉଦ୍‌ଘାଟନୀ ସମାରୋହରେ ପଶ୍ଚିମବଙ୍ଗର ରାଜ୍ୟ ଆୟୁକ୍ତ (କବ୍) ଯୋଗେନ୍ଦ୍ର ପ୍ରସାଦ ଏବଂ ଉଦଯାପନୀ ଉତ୍ସବରେ କର୍ସିୟାଙ୍ଗର ଉପଜିଲାପାଳ ବି. ତେଜା ଦୀପକ ପ୍ରମୁଖ ଯୋଗଦେଇ ଅଂଶଗ୍ରହଣକାରୀମାନଙ୍କୁ ମାର୍ଗଦର୍ଶନ କରିଥିଲେ।

ଏହି ୫ଦିନିଆ ଶିବିରରେ ଓଡ଼ିଶାକୁ ପ୍ରତିନିଧିତ୍ୱ କରି ସଫଳତାର ସହ ପ୍ରତ୍ୟାବର୍ତ୍ତନ କରିଥିବାରୁ ଏସ୍ଏସ୍ୟୁର ୩ ବିଦ୍ୟାର୍ଥୀ ଓ ପ୍ରାଧ୍ୟାପକଙ୍କୁ କୁଳପତି ପ୍ରଫେସର ତେଜପ୍ରତାପ, ଛାତ୍ରକଲ୍ୟାଣ ଡିନ୍ ପ୍ରଫେସର ଜୟପ୍ରକାଶ ଭଞ୍ଜ ଏବଂ କାର୍ମିକ ନିର୍ଦ୍ଦେଶକ ସ୍ୱାମୀ ସତ୍ୟ ଚୈତନ୍ୟ ପ୍ରମୁଖ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।




ଶିବିରରେ ଅଂଶଗ୍ରହଣ କରିଥିବା ଏସ୍ଏସ୍ୟୁ ରୋଭର୍ସ ଓ ରେଞ୍ଜର୍ସଙ୍କ ସହ ୟୁନିଟ୍ ଲିଡରମାନେ ଉପସ୍ଥିତ ଅଛନ୍ତି।

## ଜେଏସ୍‌ପିକୁ ଡୁଆଲ ଗ୍ରୀନଟେକ୍ ଆୱାର୍ଡସ

ଭୁବନେଶ୍ୱର,୧୬।୬

ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର (ଜେଏସପି)କୁ ନିକଟରେ ୨ଟି ଗ୍ରୀନଟେକ୍ ପୁରସ୍କାର (ଡୁଆଲ ଗ୍ରୀନଟେକ୍ ଆୱାର୍ଡ୍ସ) ପ୍ରଦାନ କରାଯାଇଛି। ବିଶେଷକରି କୃଷି ପ୍ରୋତ୍ସାହନ ଏବଂ ବରିଷ୍ଠ ନାଗରିକଙ୍କ କଲ୍ୟାଣ ପ୍ରତି ଉଲ୍ଲେଖନୀୟ ଅବଦାନ ପାଇଁ ଜେଏସପିକୁ ଏହି ସମ୍ମାନ ମିଳିଛି। ଏପରିକି ୨ଟି ବର୍ଗରେ ସମ୍ମାନଜନକ ଗ୍ରୀନଟେକ୍ ପୁରସ୍କାର ପ୍ରଦାନ କରାଯାଇଛି। ନୂଆଦିଲ୍ଲୀଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ସମ୍ମାନ ସମାରୋହ କାର୍ଯ୍ୟକ୍ରମରେ ଜେଏସପିକୁ ଏହି ପୁରସ୍କାର ଦ୍ୱୟ ପ୍ରଦାନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଜିନ୍ଦଲ ଫାଉଣ୍ଡେଶନର ଅଧ୍ୟକ୍ଷା ଶାଲୁ ଜିନ୍ଦଲ କହିଛନ୍ତି, ଆମେ ଏହି ପୁରସ୍କାର ଗ୍ରହଣ କରି ଅତ୍ୟନ୍ତ ଆନନ୍ଦିତ । ଏହି ସ୍ୱୀକୃତି/ସମ୍ମାନ ସାମଗ୍ରିକ ବିକାଶ ପ୍ରତି ଆମର ପ୍ରତିଶ୍ରୁତିବଦ୍ଧତାକୁ ଆହୁରି ମଜଭୁତ କରୁଛି। ବିଶେଷ କରି ନିରନ୍ତର କୃଷି ପାଇଁ କୃଷକମାନଙ୍କୁ କୁଶଳୀ କରିବା ହେଉ ଅଥବା ବରିଷ୍ଠମାନଙ୍କ ପାଇଁ ସମ୍ମାନଜନକ ପରିବେଶ ତିଆରି କରିବା ହେଉ; ଆମର କାର୍ଯ୍ୟ ସବୁବେଳେ ଗଭୀର ଦାୟିତ୍ୱବୋଧ ଦ୍ୱାରା ପରିଚାଳିତ ହେଉଛି। ଆମ ଟିମ୍ ଏବଂ ଯେଉଁମାନଙ୍କ ପାଇଁ ଆମେ କାର୍ଯ୍ୟ କରୁଛୁ, ସେମାନଙ୍କୁ ଏହି ପୁରସ୍କାର ସମର୍ପିତ କରୁଛି। ଏହି ଦୁଇଟି ସମ୍ମାନ ପାଇଁ ଶାଲୁ ବିଚାରକମଣ୍ଡଳୀଙ୍କୁ ମଧ୍ୟ ଧନ୍ୟବାଦ ଦେଇଛନ୍ତି।

ସେହିଭଳି ଗ୍ରାମାଞ୍ଚଳ ଓ ଆଦିବାସୀବହୁଳ ଅଞ୍ଚଳରେ ନିରନ୍ତର କୃଷି କାର୍ଯ୍ୟକୁ ପ୍ରୋତ୍ସାହିତ କରିବା ପାଇଁ ଜେଏସପିର ଅଭିନବ ଓ ପ୍ରଭାବଶାଳୀ ପଦକ୍ଷେପକୁ ଏହି ପୁରସ୍କାର ସ୍ୱୀକୃତି ପ୍ରଦାନ କରୁଛି। କୃଷି ପ୍ରୋତ୍ସାହନ କାର୍ଯ୍ୟକ୍ରମ ଅଧୀନରେ ଜେଏସପିର ସାମାଜିକ ସଂସ୍ଥା ଜିନ୍ଦଲ



ଶାଲୁ ଜିନ୍ଦଲ

ଫାଉଣ୍ଡେଶନ ପକ୍ଷରୁ ୨୫ ହଜାରରୁ ଅଧିକ କୃଷକଙ୍କୁ ଜୈବିକ କୃଷି, ଜଳସଞ୍ଚୟ ଉପଯୋଗୀ ସେଚ କୌଶଳ, ଅତ୍ୟାଧୁନିକ କୃଷି ଉପକରଣର ବ୍ୟବହାର ଓ ମୃତ୍ତିକା ସ୍ୱାସ୍ଥ୍ୟ ପରିଚାଳନା ସମ୍ପର୍କିତ ତାଲିମ ପ୍ରଦାନ କରାଯାଇଛି। ସେହିପରି ଏହି ପଦକ୍ଷେପ ଫସଲ ଉତ୍ପାଦନ, କୃଷି ଆୟ ବୃଦ୍ଧି କରିବା ସହ ପରିବେଶ ସୁରକ୍ଷା କ୍ଷେତ୍ରରେ ମଧ୍ୟ ସହାୟତା କରୁଛି। ପ୍ରାକୃତିକ କୃଷି ପ୍ରକଳ୍ପକୁ ପ୍ରୋତ୍ସାହନ ଦେବା ପାଇଁ ସାଂସଦ ତଥା ଜେଏସପିର ଅଧ୍ୟକ୍ଷ ନବୀନ ଜିନ୍ଦଲଙ୍କ ଲକ୍ଷ୍ୟକୁ ଆଧାର କରି ନିକଟରେ ଜିନ୍ଦଲ ଫାଉଣ୍ଡେଶନର ଅଧ୍ୟକ୍ଷା ଶାଲୁ ଜିନ୍ଦଲ ଅନୁଗୋଳର ଚାଷୀମାନଙ୍କ ପାଇଁ ଭ୍ରାମ୍ୟମାଣ ମୃତ୍ତିକା ପରୀକ୍ଷଣ କେନ୍ଦ୍ରର ଶୁଭାରମ୍ଭ କରିଛନ୍ତି। ଜିନ୍ଦଲ ଫାଉଣ୍ଡେଶନର ଜଳ ଛାୟା ବିକାଶ ପ୍ରକଳ୍ପ ଏବଂ ୱାଡି ବିକାଶ କାର୍ଯ୍ୟକ୍ରମ ଜାତୀୟସ୍ତରରେ ବହୁବାର ପୁରସ୍କୃତ ଓ ସମ୍ମାନିତ ହୋଇଛି। ବରିଷ୍ଠ ନାଗରିକମାନଙ୍କ ଜୀବନ ମାନରେ ଉନ୍ନତି ଆଣିବା ପାଇଁ ଜିନ୍ଦଲ ଫାଉଣ୍ଡେଶନ ମାଧ୍ୟମରେ ଜେଏସ୍‌ପିର ପଦକ୍ଷେପ ବରିଷ୍ଠ ନାଗରିକଙ୍କ କଲ୍ୟାଣ ବର୍ଗରେ ପୁରସ୍କୃତ ହୋଇଛି। ଭ୍ରାମ୍ୟମାଣ କ୍ଲିନିକ, ଦିବା ଯତ୍ନ କେନ୍ଦ୍ର, ଗୃହ ପରିଦର୍ଶନ, ମାନସିକ ସ୍ୱାସ୍ଥ୍ୟ ସହାୟତା ଭଳି ଅନେକ ବରିଷ୍ଠ ନାଗରିକ ସ୍ୱାସ୍ଥ୍ୟ ଯତ୍ନ କାର୍ଯ୍ୟକ୍ରମ ହଜାର ହଜାର ବରିଷ୍ଠ ନାଗରିକଙ୍କ ପାଖରେ ପହଞ୍ଚିଛି।

## ସବୁଠୁ ଛୋଟ ରେଷ୍ଟୁରାଣ୍ଟ

### କେବଳ ୨ ଜଣ ଏକସଙ୍ଗେ ଡିନର କରିପାରନ୍ତି



ରୋମ

ଇଟାଲୀର ରାଜଧାନୀ ରୋମ ନିକଟସ୍ଥ ଏକ ଛୋଟ ଗାଁ ଭାକୋନ୍‌ରେ ଅବସ୍ଥିତ 'ସୋଲୋ ପର୍ ଡ୍ୟୁ' ରେଷ୍ଟୁରାଣ୍ଟ ହେଉଛି ବିଶ୍ୱର ସବୁଠାରୁ ଛୋଟ ରେଷ୍ଟୁରାଣ୍ଟ। ଏଠାରେ ଏକସଙ୍ଗେ କେବଳ ୨ ଜଣ ଲୋକ ରାତ୍ରିଭୋଜନ କରିପାରନ୍ତି। ଏହି ରେଷ୍ଟୁରାଣ୍ଟରେ କେବଳ ଗୋଟିଏ ଟେବୁଲ୍ ଏବଂ ୨ଟି ଚେୟାର ରହିଛି। 'ସୋଲୋ ପର୍ ଡ୍ୟୁ'ରେ ଡିନର କରିବା ପାଇଁ ଗ୍ରାହକମାନଙ୍କୁ ପ୍ରାୟ ମାସେ ଧରି ଅପେକ୍ଷା କରିବାକୁ ପଡ଼ିଥାଏ। ସାଧାରଣତଃ ରୋମାଣ୍ଟିକ୍ ରାତ୍ରିଭୋଜନ ପାଇଁ ପ୍ରେମୀଯୁଗଳ ଏବଂ ଦମ୍ପତିମାନେ ଏହି ରେଷ୍ଟୁରାଣ୍ଟକୁ ବୁକ୍ କରିଥାନ୍ତି। ଏଠାରେ କ୍ୟାଣ୍ଡେଲ ଲାଇଟ୍ ଡିନର କରୁଥିବା ଯୋଡ଼ିଙ୍କ ପାଇଁ ବିଭିନ୍ନ ସୁବିଧା ରହିଥାଏ। ଡିନର ସମୟରେ ଫାୟାର ଶୋ' ପ୍ରଦର୍ଶନକୁ ମଧ୍ୟ ସେମାନେ ଉପଭୋଗ କରିପାରନ୍ତି। ୱେଟରଙ୍କୁ ଡାକିବା ପାଇଁ ଏହି ରେଷ୍ଟୁରାଣ୍ଟରେ ଏକ ସ୍ୱତନ୍ତ୍ର ରୁପାର ଘଣ୍ଟି ରହିଛି। "ସିଏନ୍ଏନ୍ ଟ୍ରାଭେଲ୍'ର ରିପୋର୍ଟ ଅନୁଯାୟୀ, ଏହି ରେଷ୍ଟୁରାଣ୍ଟରେ ରାତ୍ରିଭୋଜନର ମୂଲ୍ୟ ୫୩୭ ଡଲାର (ପ୍ରାୟ ୪୬ ହଜାର ଟଙ୍କା) ରହିଛି। ସେହିପରି ଡିନର ପାଇଁ ଏଠାରେ କୌଣସି ସ୍ଥିର ମେନ୍ୟୁ ନ ଥାଏ। ଗ୍ରାହକଙ୍କ ପସନ୍ଦ ଅନୁଯାୟୀ ଏହି ରେଷ୍ଟୁରାଣ୍ଟରେ ଖାଦ୍ୟ ପ୍ରସ୍ତୁତ କରାଯାଇଥାଏ।

'ସୋଲୋ ପର୍ ଡ୍ୟୁ' ରେଷ୍ଟୁରାଣ୍ଟ ଆକାରରେ ମଧ୍ୟ ଖୁବ୍ ଛୋଟ। ଏହା ୫୦୦ ବର୍ଗଫୁଟ୍‌ରୁ କମ୍ ସ୍ଥାନରେ ପରିବ୍ୟାପ୍ତ। ଏହି ରେଷ୍ଟୁରାଣ୍ଟରେ ବିନା ବୁକିଂରେ କେହି ପ୍ରବେଶ କରିପାରନ୍ତି ନାହିଁ। ଏଠାରେ ଡିନର ପାଇଁ ଗ୍ରାହକମାନଙ୍କୁ ପ୍ରାୟ ମାସେ ପୂର୍ବରୁ ଆଗୁଆ ବୁକିଂ କରିବାକୁ ପଡ଼ିଥାଏ। ସେହିପରି ପ୍ରାୟ ୧୦ ଦିନ ପୂର୍ବରୁ ଗ୍ରାହକମାନଙ୍କୁ ନିଜ ପସନ୍ଦ ମୁତାବକ ମେନ୍ୟୁ, ୱାଇନ୍, ସାଜସଜ୍ଜା ଆଦି ଉପରେ ଅର୍ଡର ଦେବାକୁ ପଡ଼ିଥାଏ। ରେଷ୍ଟୁରାଣ୍ଟର ନିୟମ ଅନୁଯାୟୀ, ଶେଷ ମୁହୂର୍ତ୍ତରେ କୌଣସି ଗ୍ରାହକ ନିଜ ବୁକିଂକୁ ବାତିଲ କରିପାରିବେ ନାହିଁ। ଗତ ୩୩ ବର୍ଷ ଧରି ଏହି ରେଷ୍ଟୁରାଣ୍ଟ କାର୍ଯ୍ୟକ୍ଷମ ରହିଛି। ଏହି ରେଷ୍ଟୁରାଣ୍ଟକୁ ରେମୋ ଡି କ୍ଲାଉଡିଓ ତିଆରି କରିଥିଲେ। ଯେତେବେଳେ ସ୍ତ୍ରୀଙ୍କ ସହ ସେ କେଉଁଠାକୁ ଖାଇବାକୁ ଯାଉଥିଲେ ସେମାନେ ସର୍ବଦା ସବୁଠାରୁ ଖରାପ ଟେବୁଲ ପାଉଥିଲେ। ଅନେକବାର ବାଥ୍‌ରୁମ୍ ନିକଟରେ ଥିବା ଟେବୁଲ ତାଙ୍କୁ ମିଳୁଥିଲା। ଏସବୁକୁ ନେଇ ସେ ସର୍ବଦା ଅସନ୍ତୁଷ୍ଟ ରହୁଥିଲେ। ତେଣୁ ଏକ ଛୋଟ ରେଷ୍ଟୁରାଣ୍ଟର ନିର୍ମାଣ ପାଇଁ ତାଙ୍କ ମନରେ ଧାରଣା ଆସିଥିଲା, ଯେଉଁଠାରେ ଦମ୍ପତି ଏବଂ ପ୍ରେମୀ ଯୁଗଳମାନେ ରାଜକୀୟ ଅନୁଭବର ସହ ରୋମାଣ୍ଟିକ ଡିନର କରିବାକୁ ସୁଯୋଗ ପାଇବେ।

ଫୁର୍‌ସତ

## 'ଦି ରାଜା ସାବ୍': ଖଳନାୟକ ଭୂମିକାରେ ସଞ୍ଜୟ



ହାଇଦ୍ରାବାଦ

ସାଉଥ୍ ସୁପରଷ୍ଟାର ପ୍ରଭାସଙ୍କ ବହୁ ପ୍ରତୀକ୍ଷିତ ଫିଲ୍ମ 'ଦି ରାଜା ସାବ୍'ର ଟିଜର ରିଲିଜ୍ ହୋଇଛି। ୨ ମିନିଟ୍ ୨୮ ସେକେଣ୍ଡର ଏହି ଟିଜରର ଲଞ୍ଚ ପାଇଁ ହାଇଦ୍ରାବାଦରେ ରବିବାର ଏକ ଗ୍ରାଣ୍ଡ ଇଭେଣ୍ଟର ଆୟୋଜନ ହୋଇଥିଲା। ଏଥିରେ ଫିଲ୍ମର ନିର୍ମାତା, ନିର୍ଦ୍ଦେଶକଙ୍କ ସହ ପୂରା ଷ୍ଟାର୍‌କାଷ୍ଟ ଯୋଗ ଦେଇଥିଲେ। 'ଦି ରାଜା ସାବ୍' ଏକ ହରର କମେଡି ଫିଲ୍ମ ହୋଇଥିବା ନେଇ ଟିଜରରୁ ଜଣାପଡ଼ିଛି। ଏହି ଟିଜରରେ ପ୍ରଭାସଙ୍କ କମେଡି ଏବଂ ଏଣ୍ଟରଟେନିଂ ଅନ୍ଦାଜ ତାଙ୍କ ପ୍ରଶଂସକଙ୍କୁ ଖୁବ୍ ପ୍ରଭାବିତ କରିଛି। ସେହିପରି ଏଥିରେ ପ୍ରଭାସଙ୍କର କିଛି ଆକ୍ସନ ଦୃଶ୍ୟ ମଧ୍ୟ ରହିଛି। ତେବେ ଏହି ଟିଜରରେ ଅଭିନେତା ସଞ୍ଜୟ ଦତ୍ତଙ୍କର ଖଳନାୟକ ଅବତାର ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ତାଙ୍କୁ ଜଣେ ତାନ୍ତ୍ରିକ ଏବଂ ଅଭିଶପ୍ତ ରାଜା ଭୂମିକାରେ ଦେଖିବାକୁ ମିଳିଛି। ସଞ୍ଜୟ 'ଦି ରାଜା ସାବ୍' ଷ୍ଟାର୍‌କାଷ୍ଟର ଅଂଶବିଶେଷ ବୋଲି ପୂର୍ବରୁ ବିଶେଷ ରିପୋର୍ଟ ସାମ୍ନାକୁ ଆସି ନ ଥିଲା। ଏପରି ସ୍ଥଳେ ଏହି ଫିଲ୍ମରେ ଖଳନାୟକ ଭାବେ ସଞ୍ଜୟଙ୍କ ଭୟଙ୍କର ଅନ୍ଦାଜ 'ଦି ରାଜା ସାବ୍'କୁ ନେଇ ଦର୍ଶକଙ୍କର ଉତ୍ସାହ ଆହୁରି ବଢ଼ାଇଛି। ଏହି ଟିଜରରେ ଏକ ପୁରୁଣା ଏବଂ ଅଭିଶପ୍ତ ମହଲର କାହାଣୀକୁ ଦେଖିବାକୁ ମିଳିଛି। ଏଥିରେ ଅଭିନେତ୍ରୀ ନିଧି ଅଗ୍ରୱାଲ୍, ମାଳବିକା ମୋହନନ୍, ରିଦ୍ଧି ଅଗ୍ରୱାଲ ଏବଂ ଅଭିନେତା ବୋମନ୍ ଇରାନୀ ମଧ୍ୟ ନଜରକୁ ଆସିଛନ୍ତି। ମାରୁତିଙ୍କ ନିର୍ଦ୍ଦେଶିତ 'ଦି ରାଜା ସାବ୍' ଫିଲ୍ମ ଆସନ୍ତା ଡିସେମ୍ବର ୫ରେ ରିଲିଜ୍ ହେବ। ଏହି ଫିଲ୍ମ ତେଲୁଗୁ ଭାଷା ସମେତ ତାମିଲ, ମାଲୟାଲମ, କନ୍ନଡ଼ ଏବଂ ହିନ୍ଦୀ ଭାଷାରେ ମଧ୍ୟ ରିଲିଜ୍ ହେବ।

# ରଜଯାତ୍ରାରେ ମୁଖରିତ ରଞ୍ଜାଗୋଳ



**ସାତମାଇଲ,୧୬।୬(ସୁଶାନ୍ତ ପତି)**

ରଜକୁ ନେଇ ସବୁଠି ଉତ୍ସାହର ପରିବେଶ ଦେଖିବାକୁ ମିଳୁଥିବାବେଳେ ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡର ରଞ୍ଜାଗୋଳ ରଜଯାତ୍ରା ଚଳିତବର୍ଷ ବେଶ୍ ଆଡ଼ମ୍ବରରେ ପାଳିତ ହେଉଛି। ଏଠାରେ ରଜଯାତ୍ରା ୪ ଦିନ ଧରି ପାଳନ ହେଉଥିବା ବେଳେ ପୁରାତନ ପରମ୍ପରାର ଛାପ ପୂର୍ବପରି ରହିଥିବା ପରିଲକ୍ଷିତ ହେଉଛି। ମେଳାପଡ଼ିଆରେ ମିନାବଜାର, ରାମଦୋଳି ଭଳି ବିଭିନ୍ନ ପ୍ରକାର ଦୋଳି ପଡ଼ିଛି। ଭଲ ବ୍ୟବସାୟ ହେଉଥିବାରୁ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଏଠାକୁ ଆସିଥିବା ବ୍ୟବସାୟୀ ବେଶ୍ ଆନନ୍ଦ ପ୍ରକାଶ କରିଛନ୍ତି। ସେହିପରି ରଜଯାତ୍ରାରୁ ମଜା ଉଠାଇବାକୁ ଅଞ୍ଚଳବାସୀଙ୍କ ବନ୍ଧୁ ବାନ୍ଧବ ମଧ ଘରେ ଭିଡ଼ ବଢ଼ାଇବାରେ ଲାଗିଛନ୍ତି। ପିଠାପଣା ମହକରେ ସମଗ୍ର ରଞ୍ଜାଗୋଳ ଅଞ୍ଚଳ ମହକିଉଠିଛି। ରଞ୍ଜାଗୋଳବାସୀଙ୍କ ଉଦ୍ୟମରେ ପ୍ରତିବର୍ଷ ପାଳନ ହେଉଥିବା ଏହି ରଜଯାତ୍ରାକୁ ନେଇ ପିଲାଠୁ ବୟସ୍କଙ୍କ ମନରେ ବିପୁଳ ଉତ୍ସାହ ରହିଛି। ପହିଲି ରଜରେ ଲୋକାରଣ୍ୟ ହୋଇପଡ଼ିଥିଲା ଯାତ୍ରା ପଡ଼ିଆ। ରବିବାର ରଜ ସଂକ୍ରାନ୍ତି ଅବସରରେ ମଧ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଲୋକେ ବେଶ୍ ମଜା ଉଠାଇଥିଲେ। ସୋମବାର ପାଗ ଅନୁକୂଳ ଥିବାରୁ ବହୁ ଜନସାଧାରଣଙ୍କ ସମାଗମ ହୋଇଥିଲା। ଯାତ୍ରାରେ ସାମିଲ ହେବାକୁ ଆସିଥିବା ସହସ୍ରାଧିକ ଲୋକ ବଙ୍କଟବିହାରୀ ମଠ, ଧୂନିଘର, ଅକ୍ଷୟବଟ ମନ୍ଦିର, ତ୍ରିନାଥ ସ୍ୱାମୀ ମନ୍ଦିର ଏବଂ ବହୁ ପୁରାତନ ବାମ୍ଫିକୁ ଦର୍ଶନ କରି ମଜା ନେଉଥିବା ଦେଖାଯାଉଛି। ଯାତ୍ରାରେ ବିଭିନ୍ନ ପ୍ରକାର କୃଷି ଉପକରଣ, ଖାଦ୍ୟପାନୀୟ ସାଙ୍ଗକୁ ଫାଷ୍ଟଫୁଡ୍ ଏବଂ ବିଭିନ୍ନ ପ୍ରକାରର ଆମ, ପଣସ, ସପୁରି, ପିଜୁଳି, ଜାମୁକୋଳି, ଖଜୁରି କୋଳିର ପସରା ଲୋକଙ୍କ ଆକର୍ଷିତ କରୁଛି। ସନ୍ଧ୍ୟାରେ ଆଲୋକମାଳାରେ ଝଲସୁଛି ଯାତ୍ରା ପଡ଼ିଆ। ରଜ ପାନ ଓ ବିଭିନ୍ନ ପ୍ରକାର ଦୋଳି ନିକଟରେ ଲୋକଙ୍କ ଭିଡ଼ ଜମିରହୁଛି। ଗ୍ରାମବାସୀ, ଯାତ୍ରା କମିଟି ଓ ପ୍ରଶାସନ ପକ୍ଷରୁ ଯାତ୍ରାକୁ ଶୃଙ୍ଖଳିତ କରିବାକୁ ସମସ୍ତ ବ୍ୟବସ୍ଥା କରାଯାଇଛି। ଉପଖଣ୍ଡ ଆରକ୍ଷୀ ଅଧିକାରୀ ସତ୍ୟ କୁମାର ନନ୍ଦଙ୍କ ତତ୍ତ୍ୱାବଧାନରେ ହିନ୍ଦୋଳରେ ଥିବା ୩ ଥାନା ଅଧିକାରୀ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଲାଗିପଡ଼ିଛନ୍ତି। ଏ ନେଇ ହିନ୍ଦୋଳ ଉପଜିଲାପାଳ ପ୍ରଭାସ କୁମାର ବେହୁରା କହିଛନ୍ତି, ୪ ଦିନ ଧରି ହେଉଥିବା ଏହି କାର୍ଯ୍ୟକ୍ରମକୁ ଶାନ୍ତିଶୃଙ୍ଖଳା ସହ ସମାପନ କରିବାକୁ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ସହଯୋଗ କରାଯାଉଛି।


### ଶାନ୍ତି ପ୍ରତିଷ୍ଠା ଲକ୍ଷ୍ୟରେ ଆରମ୍ଭ ହୋଇଥିଲା ଯାତ୍ରା



ମଠର ପ୍ରଥମ ସ୍ୱତ୍ୱାଧିକାରୀ ସିଦ୍ଧ ପରୁଷ ବାବା ବାଙ୍କଟବିହାରୀ ଦିବ୍ୟଜ୍ଞାନର ପ୍ରଚାର ପ୍ରସାର ଏବଂ ଅଞ୍ଚଳରେ ଶାନ୍ତି ପ୍ରତିଷ୍ଠା ପାଇଁ ରଜ ଯାତ୍ରା ଆରମ୍ଭ କରିଥିଲେ। ମାତ୍ର ଏବେ ପରିସର ବ୍ୟାପକ ହୋଇ ଏହା ଦ୍ରୁମରୁ ମହାଦ୍ରୁମରେ ପରିଣତ ହୋଇଛି।

–ବାବା ମଧବାନନ୍ଦ ଦାସ, ମଠାଧୀଶ

### ମହୋତ୍ସବକୁ ଆକର୍ଷଣୀୟ କରିବାକୁ ଉଦ୍ୟମ



ମହୋତ୍ସବକୁ ଆହୁରି ଆକର୍ଷଣୀୟ କରିବାକୁ ଉଦ୍ୟମ ଚାଲିଛି। ପଞ୍ଚାୟତର ସମସ୍ତ ୱାର୍ଡ ସଭ୍ୟଙ୍କୁ ଡାକି ବୈଠକ କରାଯାଇ ଯାତ୍ରାକୁ ସରସ ସୁନ୍ଦର କରିବାକୁ ଗ୍ରାମବାସୀଙ୍କ ସହଯୋଗରେ ପ୍ରଚେଷ୍ଟା ଜାରି ରହିଛି। ଦିନକୁ ଦିନ ମେଳାର ସ୍ୱରୂପ ବଦଳିବା ସହ ଏହି ଯାତ୍ରା ଆକର୍ଷଣୀୟ ହେବାରେ ଲାଗିଛି।

–ରମେଶ ଚନ୍ଦ୍ର ବିଶ୍ୱାଳ, ସରପଞ୍ଚ ରଞ୍ଜାଗୋଳ

### ରଜ ମହୋତ୍ସବ ଭାଇଚାରାର ପ୍ରତୀକ



ରଞ୍ଜାଗୋଳର ରଜ ମହୋତ୍ସବ ଭାଇଚାରାର ପ୍ରତୀକ। ଏହି ଗଣପର୍ବ ଯୁବପିଢ଼ିଙ୍କୁ ଏକାଠି କରିବାରେ ସହାୟକ ହୋଇଥିବା ଦେଖାଯାଉଛି। ଅଞ୍ଚଳର ସମସ୍ତ ଲୋକ ଏହାକୁ ମନଭରି ଉପଭୋଗ କରୁଥିବାରୁ ପ୍ରତିବର୍ଷ ଅଧିକରୁ ଅଧିକ ଜନସାଧାରଣ ସାମିଲ ହେଉଛନ୍ତି।

– ଲିଙ୍ଗରାଜ ସାହୁ, ଗ୍ରାମବାସୀ

### ରଞ୍ଜାଗୋଳ ରଜ ପର୍ବ ସବୁଠୁ ନିଆରା



ଐତିହ୍ୟ ସମ୍ପନ୍ନ ରଞ୍ଜାଗୋଳ ରଜ ପର୍ବ ସବୁଠୁ ନିଆରା। ଘରେ ଘରେ ବନ୍ଧୁ ବାନ୍ଧବଙ୍କ ଭିଡ଼ ସାଙ୍ଗକୁ ଯାତ୍ରାରେ ପଡ଼ିଥିବା ଦୋଳି, ରଜ ପାନ ଓ ପୋଡ଼ପିଠାର ମହକ ଆମର ପରିଚୟ। ଶାନ୍ତିଶୃଙ୍ଖଳା ଓ ରାତ୍ରି ସମୟର ଆଲୋକୀକରଣ ଯାତ୍ରାର ଉଦ୍ଦେଶ୍ୟକୁ ଦ୍ୱିଗୁଣିତ କରିଛି।

–ସୌଭାଗିନୀ ପ୍ରଧାନ, ଗୃହିଣୀ

# ଏନ୍ଏସି ତରଫରୁ ସାମୂହିକ ସଫେଇ କାର୍ଯ୍ୟକ୍ରମ




ଆବର୍ଜନା ସଫେଇ କରାଯାଉଛି।

**ଆଠମଲ୍ଲିକ,୧୬।୬(ଉଦୀପ୍ତ ପୁରୋହିତ)**

ଅନୁଗୋଳ ଜିଲା ଆଠମଲ୍ଲିକ ଏନ୍ଏସି ତରଫରୁ ସହରର ପରିମଳ ବ୍ୟବସ୍ଥାକୁ କ୍ରିୟାଶୀଳ କରିବା ପାଇଁ ସାମୂହିକ ସଫେଇ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏନ୍ଏସି ତରଫରୁ ମିନି ଷ୍ଟାଡିୟମ ସମ୍ମୁଖ ଭାଗରେ ଥିବା ଆବର୍ଜନାକୁ ସଫା କରାଯାଇଥିଲା। ସଫେଇ କାର୍ଯ୍ୟକ୍ରମର ସଚେତନତା ବାର୍ତ୍ତାକୁ ନେଇ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମରେ ଏନ୍ଏସି ଉପାଧ୍ୟକ୍ଷ ଗଦାଧର ସ୍ୱାଇଁ, ଆକାଉଣ୍ଟାଣ୍ଟ ନିର୍ମଳ ବେହେରା, ବିଶ୍ୱରଞ୍ଜନ ଭୁକ୍ତା, ଅବିନାଶ ମିଶ୍ରଙ୍କ ସମେତ ସଫେଇ କର୍ମଚାରୀ ଉପସ୍ଥିତ ଥିଲେ।

# ଦମକଳ କେନ୍ଦ୍ରରେ ମକ୍ଡ୍ରିଲ

**ସନ୍ତ୍ରିଛକ, ୧୬।୬ (ସନ୍ତୋଷ ପରିଡ଼ା)**

ଅନୁଗୋଳ ଜିଲା ବଁଅରପାଳ ଦମକଳ କେନ୍ଦ୍ରଠାରେ ଫାୟାର ଅଫିସର କରୁଣାକର ସାମଲଙ୍କ ତତ୍ତ୍ୱାଧାନରେ ସମସ୍ତ କର୍ମଚାରୀଙ୍କ ଦାରା ସୁରକ୍ଷା, ଉଦ୍ଧାର କାର୍ଯ୍ୟ ସମ୍ପର୍କିତ ମକ୍ଡ୍ରିଲ କରାଯାଇଥିଲା। ସମ୍ମାନିତ ଅତିଥି ଭାବେ ଗୋତମରା ସରପଞ୍ଚ ମଣ୍ଟୁ ବରାହ, ବୁଢ଼ାପଙ୍କ ସରପଞ୍ଚ ଝିଲୀ ବେହେରା, ଗଡ଼ସନ୍ତ୍ରୀ ସରପଞ୍ଚ ଟଙ୍କଧର ବେହେରା, ନୂଆହତା ସରପଞ୍ଚ ରୁନୁବାଲା ଧୀର, ତୁଳସୀପାଳ ସରପଞ୍ଚଙ୍କ ପ୍ରତିନିଧି ଅଭୟ ସେଠୀ, ସମିତି ସଭ୍ୟ ପପୁନ ବେହେରା ଓ ବଁଅରପାଳ ଅଞ୍ଚଳର ବୁଦ୍ଧିଜୀବୀମାନେ ଉପସ୍ଥିତ ରହି ସାଧୁବାଦ ଜଣାଇଥିଲେ।

# ନ୍ୟାୟ ପାଇଁ ଜିଲାପାଳଙ୍କୁ ଗୁହାରୀ



**ବନ୍ତଲା,୧୬।୬(ସୁଶିତ ସାହୁ)**

ଅନୁଗୋଳ ବ୍ଲକ ଖଲାରି ପଞ୍ଚାୟତ ଖଲାରି ଗାଁର ସ୍ୱାମୀ ପରିତ୍ୟକ୍ତା ତଥା ପକ୍ଷାଘାତରେ ପୀଡିତ ତାରାମଣି ପଣ୍ଡା ସୋମବାର ଅନୁଗୋଳ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଅଭିଯୋଗରେ ସେ ଦର୍ଶାଇଛନ୍ତି, ୨୦୦୭ ମସିହାରୁ ଖଲାରି ଗ୍ରାମରେ ରହି ଆସୁଛନ୍ତି। ନିଜ ଭଉଣୀ ରେବତୀ ଦାସଙ୍କ ଆର୍ଥିକ ସ୍ଥିତି ଭଲ ନ ଥିବାରୁ ତାଙ୍କୁ ସମସ୍ତ ପ୍ରକାର ସହଯୋଗ କରିବା ସହ ରେବତୀଙ୍କ ପୁଅ ନୀଳକଣ୍ଠ ଦାଶଙ୍କୁ ୨ ଡିସିମିଲି ଜମି ପ୍ରଦାନ କରିଥିଲେ। କିନ୍ତୁ ତାଙ୍କ ସରଳତାର ସୁଯୋଗ ନେଇ ନୀଳକଣ୍ଠ ୨ଡିସିମିଲି ଜମି ବଦଳରେ ଚଞ୍ଚକତା କରି ୧୩ ଡିସିମିଲି ଜମି ରେବତୀଙ୍କ ସାନ ଜ୍ୱାଇଁ ଶ୍ୟାମଳେନ୍ଦୁ ମିଶ୍ରଙ୍କ ସହାୟତାରେ ନିଜ ନାମରେ ପଟ୍ଟା କରାଇନେଇଛନ୍ତି। ୨୦୧୯ରେ ସେ ଏକଥା ଜାଣିବାକୁ ପାଇଥିଲେ ହେଁ ରୋଗରେ ପୀଡିତ ହୋଇ ଶଯ୍ୟାଶାୟୀ ଥିବାରୁ ପ୍ରତିବାଦ କରି ନ ଥିଲେ। ହେଲେ ବର୍ତ୍ତମାନ ନୀଳକଣ୍ଠ ଓ ତାଙ୍କ ସ୍ତ୍ରୀ ସୌଦାମିନୀ ମାର୍‌ପିଟ କରି ତାଙ୍କୁ ଘରୁ ବାହାର କରି ଦେଇଛନ୍ତି। ତାରାମଣୀ ଜିଲାପାଳଙ୍କୁ ତାଙ୍କ ଶେଷ ସମୟରେ ସ୍ଥାୟୀ ଭାବେ ରହିବାର ବ୍ୟବସ୍ଥା କରିବା ସହ ୧୩ ଡିସିମିଲି ଜମିର ପଟ୍ଟା ଖାରଜ କରାଯାଇ ସେମାନଙ୍କ କବଳରୁ ମୁକ୍ତ କରିବା ପାଇଁ ନିବେଦନ କରିଛନ୍ତି।

# ପଞ୍ଚାୟତର ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟନ



**ପରଜଙ୍ଗ,୧୬।୬(ନିଗମାନନ୍ଦ ଦଳବେହେରା)**

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ଡମୋଳ ପଞ୍ଚାୟତରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଉଦ୍‌ଘାଟନ ସୋମବାର କରାଯାଇଛି। ତେବେ ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମ କୌଣସି ରାଜନେତାଙ୍କ ଦ୍ୱାରା କରା ନ ଯାଇ ପଞ୍ଚାୟତ ଲୋକମାନଙ୍କ ଦ୍ୱାରା କରାଯାଇଛି। ଫଳରେ ଲୋକଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦେଖାଯାଇଥିଲା। ବହୁ ସଂଖ୍ୟାରେ ମହିଳା ଓ ପୁରୁଷ ପଞ୍ଚାୟତ କାର୍ଯ୍ୟାଳୟଠାରେ ପହଞ୍ଚିଥିଲେ। ଉଦ୍‌ଘାଟନ ଉତ୍ସବର ପରିଚାଳନା ଦାୟିତ୍ୱ ଯୁବକମାନେ ନେଇଥିଲେ। ଜନସାଧାରଣ ସରପଞ୍ଚ ସୁନୀଲ ଧଳଙ୍କ ଏହି ପଦକ୍ଷେପକୁ ପ୍ରଶଂସା କରିଛନ୍ତି। ପଞ୍ଚାୟତରେ ଗୋଟିଏ ପାଠାଗାର ଉଦ୍‌ଘାଟନ ହୋଇଥିଲା। ଏଥିରେ ବିଭିନ୍ନ ଧାର୍ମିକ ପୁସ୍ତକ ସହ ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ପୁସ୍ତକ, ବିଭିନ୍ନ ମହାପୁରୁଷଙ୍କ ଜୀବନୀ ଓ ପିଲାଙ୍କ ଗଳ୍ପ ବହି ଆଦି ରଖାଯାଇଛି। ଏହାଛଡ଼ା ଓପନ୍ ଜିମ, ମାଗଣା କମ୍ପ୍ୟୁଟର ଶିକ୍ଷାକେନ୍ଦ୍ର, ଥଣ୍ଡା ପାନୀୟ ଜଳ, ବସ୍ ରହଣି ସ୍ଥଳ ଓ ପଞ୍ଚାୟତ ପ୍ରବେଶ ଫାଟକ ଆଦିର ଉଦ୍‌ଘାଟନ କରାଯାଇଛି। ସରପଞ୍ଚ ସମସ୍ତ କାର୍ଯ୍ୟର ତଦାରଖ କରିଥିଲେ।

# ତଳମୂଳ ଗ୍ରାମରେ ରଜପର୍ବ ଉଦ୍‌ଯାପିତ



**ସନ୍ତ୍ରିଛକ,୧୬।୬(ସନ୍ତୋଷ ପରିଡ଼ା)**

ଅନୁଗୋଳ ଜିଲା ବଁଅରପାଳ ବ୍ଲକ ତଳମୂଳ ଗ୍ରାମରେ ରଜପବ ଆନନ୍ଦ ଉଲ୍ଲାସରେ ପାଳିତ ହୋଇଯାଇଛି। ଏହି ଅବସରରେ ଗ୍ରାମର ଝିଅ ଏବଂ ମହିଳା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ମହିଳାମାନେ ଝୁଲା ଖେଳିଥିଲେ, ରଜ ଗୀତ ଗାଇଥିଲେ, ମ୍ୟୁଜିକ ଚେୟାର ଏବଂ ରଜପିଠା ପ୍ରସ୍ତୁତ କରି ସେଗୁଡିକୁ ପରସ୍ପର ମଧ୍ୟରେ ବଣ୍ଟନ କରି ଉତ୍ସବ ମନାଇଥିଲେ। ଗ୍ରାମସ୍ତରରେ କୁନି ପିଲାଙ୍କ ପାଇଁ ନୃତ୍ୟ ପ୍ରତିଯୋଗିତା, ମ୍ୟୁଜିକ ଚେୟାର, ଦୋଳି ଖେଳ ପ୍ରତିଯୋଗିତା ତଥା ପିଠା ପ୍ରଦର୍ଶନୀ କରାଯାଇଥିଲା। ଗ୍ରାମର ବୃଦ୍ଧମାନେ ପୁରୁଣା ରଜ ଗୀତ ଗାଇ ନବ ପିଢ଼ିକୁ ଆମ ସଂସ୍କୃତି ପରମ୍ପରାର ମୂଲ୍ୟବୋଧ ଦେଇଥିଲେ। ସ୍ଥାନୀୟ ସରପଞ୍ଚ ଏବଂ ସ୍ୱେଚ୍ଛାସେବୀ ସଙ୍ଗଠନ ଏହି ପର୍ବକୁ ସଫଳ କରିବାର ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଥିଲେ। ୩ ଦିନ ଧରି ଚାଲିଥିବା ଏହି କାର୍ଯ୍ୟକ୍ରମରେ ଭାଗ ନେଇଥିବା ପ୍ରତିଯୋଗୀଙ୍କୁ ସୋମବାର ସ୍ଥାନୀୟ ସରପଞ୍ଚ ସୋନାଲି ମହାପାତ୍ର ପୁରସ୍କାର ପ୍ରଦାନ କରିଥିଲେ। ଯୁବ ସାମାଜିକ କର୍ମୀ ଅମରେଶ ଚନ୍ଦ୍ର ସାହୁ ଉପସ୍ଥିତ ଥିଲେ।

# ଜରପଡ଼ା ବନାଞ୍ଚଳ କର୍ମଚାରୀଙ୍କ ଚାରାରୋପଣ




**ଛେଣ୍ଡିପଦା,୧୬।୬(ଅଜିତ୍ ଧଳ)**

ଅନୁଗୋଳ ଜିଲା ଛେଣ୍ଡିପଦା ନିର୍ବାଚନମଣ୍ଡଳୀ ଓ ଛେଣ୍ଡିପଦା ବନାଞ୍ଚଳ କର୍ମଚାରୀଙ୍କ ତତ୍ତ୍ୱାବଧାନରେ ସୋମବାର ପରା ବନଦୁର୍ଗା ପୀଠଠାରେ 'ମା'ଙ୍କ ନାମରେ ଚାରାଟିଏ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଛେଣ୍ଡିପଦା ବିଧାୟକଙ୍କ ପ୍ରତିନିଧି ଅକ୍ଷୟପାଦ ବେହେରା, ଜରପଡା ବନାଞ୍ଚଳ ଅଧିକାରୀ ମାଧବ ଚନ୍ଦ୍ର ନାଏକ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଅନ୍ୟତମ ଅତିଥି ଭାବେ ଛେଣ୍ଡିପଦା ନିର୍ବାଚନମଣ୍ଡଳୀର ବରିଷ୍ଠ ନେତା ଗୋପବନ୍ଧୁ ଗଡନାୟକ, ଜରପଡା ମଣ୍ଡଳ ସଭାପତି ଜୀବନ ସାହୁ, ପରା ପଞ୍ଚାୟତ ସଭାପତି ଜିତେନ୍ଦ୍ର ପ୍ରଧାନ, ଜିଲା ଯୁବମୋର୍ଚ୍ଚା ମିଡିଆ ସେଲ ସଂଯୋଜକ ଯୁଗଳ କିଶୋର ଦେହୁରୀ, ଜିଲା ଯୁବମୋର୍ଚ୍ଚା ସମ୍ପାଦକ ଜଗଦୀଶ ସାହୁ, ଫରେଷ୍ଟର ବସନ୍ତ ଗଡନାୟକ, ଫରେଷ୍ଟର ଲିଙ୍ଗରାଜ ଦେହୁରୀ ପ୍ରମୁଖ ଯୋଗଦେଇଥିବା ବେଳେ ମିଶନ୍ ଶକ୍ତିର ମହିଳାମାନଙ୍କ ସହ ଜରପଡା ବନାଞ୍ଚଳର ସମସ୍ତ କର୍ମଚାରୀ ଉତ୍ସାହର ସହ ଅଂଶଗ୍ରହଣ କରି ପରିବେଶ ଅଭିମୁଖୀ ପଦକ୍ଷେପକୁ ସମର୍ଥନ କରିଥିଲେ।

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.SBP-ELECT-2025-T-247

**କାର୍ଯ୍ୟର ନାମ :** ସମ୍ବଲପୁର ମଣ୍ଡଳରେ ଟିଟିଲାଗଡ଼ ଷ୍ଟେସନଠାରେ ବର୍ତ୍ତମାନ ଥିବା ଫୁଟ୍ ଓଭର ବ୍ରିଜ୍ (FOB) ଠାରୁ ନୂଆ ଫୁଟ୍ ଓଭର ବ୍ରିଜ୍ (FOB) ପର୍ଯ୍ୟନ୍ତ Johnson ଦ୍ୱାରା ନିର୍ମିତ 13 ପାସେଞ୍ଜର କ୍ଷମତା ବିଶିଷ୍ଟ ପାସେଞ୍ଜର ଲିଫ୍ଟଗୁଡ଼ିକୁ ଭାଙ୍ଗିବା, ସ୍ଥାନାନ୍ତରଣ-ସଂସ୍ଥାପନ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ(ଟଙ୍କାରେ):** 27,20,000/-, EMD /ବିଡ୍ ସୁରକ୍ଷା ଜମା (ଟଙ୍କାରେ) : 54,400/-, କାର୍ଯ୍ୟ ଶେଷ ହେବା ଅବଧି : ସ୍ୱୀକୃତି ପତ୍ର (LOA)ଜାରି ହେବା ତାରିଖ ଠାରୁ ଦୁଇ ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.30.06.2025 ରିଖ 1530 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଇ-ଟେଣ୍ଡରର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଟେଣ୍ଡରଦାତା/ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ। ନିର୍ଦ୍ଦେଶାବଳୀ ଅନୁଯାୟୀ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ପ୍ରାସଙ୍ଗିକ କାଗଜାତ ନିଶ୍ଚିତ ଭାବେ ଅପଲୋଡ୍ ହେବା ଆବଶ୍ୟକ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (G), ସମ୍ବଲପୁର
PR-242/Q/25-26

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. ST-SBP-TENDER-2025-16, ତା.11.06.2025ରିଖ

**କାର୍ଯ୍ୟର ନାମ :** ବେଲସୋଣ୍ଡା, କୋମାଖାନ, ଖରିଆର ରୋଡ଼, କଣ୍ଟାବାଞ୍ଜି, ଜୁନାଗଡ଼ ରୋଡ଼, ବଲାଙ୍ଗୀର, ଡୁଙ୍ଗୁରିପାଲି, ବରଗଡ଼ ରୋଡ଼, ହୀରାକୁଦ, ଲପଙ୍ଗା, ହଣ୍ଡପା, ସମ୍ବଲପୁର ସିଟି ଏବଂ ରେଙ୍ଗାଲି ର ଗୁଡ୍ସ ସେଡ୍‌ଗୁଡ଼ିକର ଆଧୁନିକୀକରଣ।

**ଟେଣ୍ଡର ମୂଲ୍ୟ :** ₹ 2,53,94,919.63, ବିଡ୍ ସିକ୍ୟୁରିଟୀ: ₹ 2,77,000/-

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.02.07.2025ରିଖ 1100 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ସଙ୍କେତ ଏବଂ ଦୂରସଞ୍ଚାର ଯନ୍ତ୍ରୀ (ଦୂରସଞ୍ଚାର), ସମ୍ବଲପୁର
PR-241/Q/25-26

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ.ETELCONBBST-367ER, ତା.07.06.2025ରିଖ

**କାର୍ଯ୍ୟର ନାମ :** ପୂର୍ବ ତଟ ରେଳପଥର ଜରପଦା-ବୁଢ଼ାପଙ୍କ ମଧ୍ୟରେ ତୃତୀୟ ଏବଂ ଚତୁର୍ଥ ଲାଇନ୍ ସନ୍ଦର୍ଭରେ ତାଳଚେର ରୋଡ୍-ଜରପଦା ସେକ୍ସନରେ ବିଦ୍ୟୁତ୍ ଲାଇନ୍ କ୍ରସିଙ୍ଗ୍ ଏବଂ ସବ୍‌ଷ୍ଟେସନର ରୂପାନ୍ତରଣ/ସ୍ଥାନାନ୍ତରଣ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** 299.83 ଲକ୍ଷ, EMD (ଟଙ୍କାରେ) : 2,99,900/-, କାର୍ଯ୍ୟ ଶେଷ ହେବା ଅବଧି : 12 ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.09.07.2025 ରିଖ 1200 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ। ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।

ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ଚାର୍ଟର୍ଡ ଆକାଉଣ୍ଟାଣ୍ଟଙ୍କ ଦ୍ୱାରା ବିଧିବଦ୍ଧ ଭାବେ ଯାଞ୍ଚ ଏବଂ ସ୍ୱାକ୍ଷର ହୋଇଥିବା ଅନୁଲଗ୍ନକ-B,G ଏବଂ G1ର ଦାଖଲ ସହିତ, ଟେଣ୍ଡର ନଥିପତ୍ର ଚାପ୍ଟର 2 ର ଅନୁଲଗ୍ନକ-I, ଟେଣ୍ଡର ଫର୍ମ (ଦ୍ୱିତୀୟ ସିଟ୍) ର ଯାଞ୍ଚ ସୂଚୀ, ପାରା 3.1 (ଯାଞ୍ଚ ସୂଚୀ) ସହିତ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ।

ଉପ ମୁଖ୍ୟ ବିଦ୍ୟୁତ୍ ଯନ୍ତ୍ରୀ/ନିର୍ମାଣ-I/ ଭୁବନେଶ୍ୱର
PR-42/CI/25-26

**ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ**

**ବିବିଧ କାର୍ଯ୍ୟ ପାଇଁ ଟେଣ୍ଡର ବିଜ୍ଞପ୍ତି**

ଟେଣ୍ଡର ବିଜ୍ଞପ୍ତି ନଂ.: ସିପିଏମ୍/ଇଏଲ୍/ଆର୍ଆଇଜି/ଜେଜିଏସ୍/୨୦୨୫-୨୬-୦୪ (ଖୋଲା ଟେଣ୍ଡର) ଦୁଇ ପ୍ୟାକେଟ୍ ପ୍ରଣାଳୀ।

**କାର୍ଯ୍ୟର ନାମ:** "ଏସ୍ଇସିଆର୍‌ର ବିଳାସପୁର ମଣ୍ଡଳର ଆର୍ଆଇଜି–ଜେଏସ୍‌ଜି ସେକ୍ସନ (ସମସ୍ତ ୟାର୍ଡ ସମେତ) ମଧ୍ୟରେ ବିଦ୍ୟମାନ ୧x୨୫ କେଭି ଇଲେକ୍ଟ୍ରିକ୍ ଟ୍ରାକ୍ସନ୍ ସିଷ୍ଟମକୁ ୨x୨୫ କେଭି ଇଲେକ୍ଟ୍ରିକ୍ ଟ୍ରାକ୍ସନ୍ ସିଷ୍ଟମରେ ଉନ୍ନୀତ କରିବା ପାଇଁ ଡିଜାଇନିଂ, ଯୋଗାଣ, ଉତ୍ଥାନ, ପରୀକ୍ଷଣ ଏବଂ କମିଶନିଂ କାର୍ଯ୍ୟ (୭୦ ଆର୍‌କେଏମ୍/୨୮୦ଟିକେଏମ୍)"।

ଟେଣ୍ଡର ମୂଲ୍ୟ: ₹୯୭,୮୦,୧୮,୭୬୨/– (ସତାନବେ କୋଟି ଅଶୀ ଲକ୍ଷ ଅଠର ହଜାର ସାତଶହ ବାଷଠି ଟଙ୍କା ମାତ୍ର), ଇଏମ୍‌ଡି: ₹୫୦,୪୦,୧୦୦/–, କାର୍ଯ୍ୟର ସମାପ୍ତି ଅବଧି: ୧୮ ମାସ।

ଟେଣ୍ଡର ସମାପ୍ତିର ତାରିଖ ଓ ସମୟ ତା୨୪।୦୬।୨୦୨୫ରିଖ ୧୫.୦୦ ଘଟିକା ପର୍ଯ୍ୟନ୍ତ।

ଟେଣ୍ଡର ଖୋଲାଯିବାର ତାରିଖ ଓ ସମୟ ତା୨୪।୦୬।୨୦୨୫ରିଖ ୧୫.୩୦ ଘଟିକାରେ।

ଟେଣ୍ଡର ଦସ୍ତାବିଜ, ଯୋଗ୍ୟତା ମାନଦଣ୍ଡ ସମ୍ବନ୍ଧୀୟ ଅଧିକ ବିବରଣୀ ଏବଂ ଉପରୋକ୍ତ କାର୍ଯ୍ୟର ସମ୍ପୂର୍ଣ୍ଣ ବିବରଣୀ ପାଇଁ ଦୟାକରି ମୁଖ୍ୟ ପ୍ରକଳ୍ପ ପ୍ରବନ୍ଧକ/ବିଦ୍ୟୁତ୍/ଦ.ପୂ.ମ.ରେ., ଓଲ୍ଡ କନ୍‌ଷ୍ଟ୍ରକ୍ସନ୍ ବିଲ୍ଡିଂ, ଜିଏମ୍ ଏସ୍ଇସିଆର୍ ବିଲ୍ଡିଂ କାର୍ଯ୍ୟାଳୟ ପାର୍ଶ୍ୱ, ବିଳାସପୁର–୪୯୫୦୦୪ (ଛତିଶଗଡ଼)ଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ କିମ୍ବା ଆମର ୱେବ୍‌ସାଇଟ୍ www.ireps.gov.in ଦେଖନ୍ତୁ।

ଡେପୁଟି ସିଇଇ/ପ୍ରକଳ୍ପ
CPR/10/FL/95 ଦ.ପୂ.ମ. ରେଳପଥ, ବିଳାସପୁର
South East Central Railway @secrail

**OFFICE OF THE EXECUTIVE ENGINEER**
**SOIL INVESTIGATION DIVISION, ADVANCE PLANNING, ROAD CONSTRUCTION DEPARTMENT,RANCHI**
Nirupan Bhawan, 3rd Floor, Room No. 401,56-Set, Doranda, Ranchi-834002

**e-Procurement (Very Short Tender Notice)**
Letter of Invitation (LOI) No.-09/2025-26
1st Call
e-Tender Ref No:–RCD/SID/AP/RAN/09/2025-26 Date:- 14.06.2025

| | | |
|---|---|---|
| 1 | Name Of Work | Consultancy Services for Preparation of Detailed Project Report for widening & Strengthening/Reconstruction of Road from Bandhdih Middle School to Kasamar Tin Koniya Chowk via Baradih Banchash including construction of drainage system on the both side of road, replacement/New Proposal of Culverts, Bridges, ROB's, RUB's, Complete Land Acquisition Plan including Ownership details all complete as per latest guidelines, Resettlement and Rehabilitation Proposal, Forest Diversion Proposal and Utility Shifting Proposal in details etc. as required by the Department (If any) under Bokaro District in the State of Jharkhand. (Tetative Length 12 K.m.) *Empanelled consultant with RCD under category-I vide letter No. 3063(S) WE Dated 22.08.2022are allowed to Bid. |
| 2 | Tentative Length | 12.00 K.m |
| 3 | Period of Completion of Work | 60 Days |
| 4 | Cost of Tender documents | Rs 5,000/- (Five Thousand) only. Non refundable Fee.Tender fee will be recived through online mode only. The quotationers have to deposit a fixed amount of Rs 25,000 as Earnest Money. As per the Departmental Letter no.-4652(S) dated 06.10.2023, cost of tender document and Earnest Money Deposit be received in online mode only through e-procurement (http://jharkhandtenders.gov.in) by internet banking/NEFT/RTGS facility as per Standard Operating sistim Procedure (SOP) issued by Information Technology & e-Governance Department, Government of Jharkhand vide letter no- 120 dated 03.10.2023. |
| 5 | Mode of Bid Submission | e-tendering(http://jharkhandtenders.gov.in) |
| 6 | Date/Time of Publication of Tender on Website | 18.06.2025,10:30 AM |
| 7 | Last Date/Time of Bid Submission | 25.06.2025 12:00PM |
| 8 | Last Date/Time of Submission of Tender Fee & EMD | 25.06.2025 12:00PM |
| 9 | Date and Time of Bid opening | 26.06.2025 12:30 PM |
| 10 | Bid validity | 120 days |
| 11 | Bid Submission Address | Chief Engineer(Communication),Road Construction Department,1st Floor, Engineer Hostel No.-2, Dhurwa, Ranchi-834004 |
| 12 | Designation and Contact no. of Tender inviting Officer | Executive Engineer, Soil Investigation Division,Advance Planning,RCD, Ranchi Mob-9905660677. |

Note:-Only e-Tender shall be accepted.

Sd./-
(Ravi Shankar Pravakar)
Executive Engineer,
Soil Investigation Division, Advance Planning,
Road Construction Department,Ranchi

PR 355116 (Road) 25-26 (D)

**OFFICE OF THE EXECUTIVE ENGINEER**
**SOIL INVESTIGATION DIVISION, ADVANCE PLANNING, ROAD CONSTRUCTION DEPARTMENT,RANCHI**
NirupanBhawan,3rd Floor,Room No. 401,56-Set, Doranda, Ranchi- 834002

**e-Procurement (Very Short Tender Notice)**
Letter of Invitation (LOI) No.-06/2025-26, 1st Call
e-Tender Ref No:–RCD/SID/AP/RAN/06/2025-26 Date:- 14.06.2025

| | | |
|---|---|---|
| 1 | Name Of Work | Consultancy Services for Preparation of Detailed Project Report for widening & Strengthening/Reconstruction of Road from NH-32 Pindrajora more to Goplapur Khirabeda link road via Chakuliya and Sonabad (Telidih Vikramdih road) including replacement/New Proposal of Culverts, Bridges, ROB's, RUB's, Complete Land Acquisition Plan including Ownership details all complete as per latest guidelines, Resettlement and Rehabilitation Proposal, Forest Diversion Proposal and Utility Shifting Proposal in details etc. as required by the Department (If any) under Bokaro District in the State of Jharkhand. (Tetative Length 18.250 K.m.) *Empanelledconsultant with RCD under category-I vide letter No. 3063(S) WE Dated 22.08.2022are allowed to Bid. |
| 2 | Tentative Length | 18.250 K.m. |
| 3 | Period of Completion of Work | 60 Days |
| 4 | Cost of Tender documents | Rs 5,000/- (Five Thousand) only. Non refundable Fee.Tender fee will be recived through online mode only. The quotationers have to deposit a fixed amount of Rs 40,000 as Earnest Money. As per the Departmental Letter no.4652(S) dated 06.10.2023, cost of tender document and Earnest Money Deposit be received in online mode only through eprocurement (http://jharkhandtenders.gov.in) by internet banking/NEFT/RTGS facility as per Standard Operating sistim Procedure (SOP) issued by Information Technology & eGovernance Department, Government ofJharkhand vide letter no- 120 dated 03.10.2023. |
| 5 | Mode of Bid Submission | e-tendering(http://jharkhandtenders.gov.in) |
| 6 | Date/Time of Publication of Tender on Website | 18.06.2025,10:30 AM |
| 7 | Last Date/Time of Bid Submission | 25.06.2025 12:00PM |
| 8 | Last Date/Time of Submission of Tender Fee & EMD | 25.06.2025 12:00PM |
| 9 | Date and Time of Bid opening | 26.06.2025 12:30 PM |
| 10 | Bid validity | 120 days |
| 11 | Bid Submission Address | Chief Engineer(Communication),Road Construction Department,1st Floor, Engineer Hostel No.-2, Dhurwa, Ranchi-834004 |
| 12 | Designation and Contact no. of Tender inviting Officer | Executive Engineer, Soil Investigation Division,Advance PlanningRCD, Ranchi Mob-9905660677. |

Note:-Only e-Tender shall be accepted.

Sd/-
(Ravi Shankar Pravakar) Executive Engineer,
Soil Investigation Division, Advance Planning,
Road Construction Department,Ranchi

PR 355135
Road(25-26)#D

# ପ୍ରାଥମିକ କୃଷି ସମବାୟ ସମିତି ଘେରାଉ



ପୋକଟୁଙ୍ଗା ପ୍ରାଥମିକ କୃଷି ସମବାୟ ସମିତିକୁ ଘେରାଉ କରାଯାଇଛି।

ବନ୍ତଲା,୧୬ା୬(ସୁଶିତ ସାହୁ)

ଅନୁଗୋଳ ଜିଲା ବନ୍ତଲା ଥାନା ପୋକଟୁଙ୍ଗା ପ୍ରାଥମିକ କୃଷି ସମବାୟ ସମିତିକୁ ସୋମବାର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ଘେରାଉ କରାଯାଇଥିଲା। ସମ୍ପୃକ୍ତ ଗୋଷ୍ଠୀଗୁଡ଼ିକ ପକ୍ଷରୁ ଅଭିଯୋଗ କରାଯାଇଛି, ପୋକଟୁଙ୍ଗା, ଧୋକୁଟା ଓ ନନ୍ଦପୁର ପଞ୍ଚାୟତର ସମୁଦାୟ ୬୪ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମଧ୍ୟରୁ ଅଧିକାଂଶ ଗୋଷ୍ଠୀ ୨୦୨୧ ମସିହା ଠାରୁ ୨ରୁ ୫ ଲକ୍ଷ ଟଙ୍କା ସମିତି ମାଧ୍ୟମରେ ସଂଯୁକ୍ତ ସମବାୟ ବ୍ୟାଙ୍କ ଲିଃ. ଅନୁଗୋଳରୁ ଋଣ ନେଇଥିଲେ। ୨୦୨୪ ମସିହା ମଧ୍ୟରେ ଠିକ୍ ସମୟରେ ସମିତିର ପୂର୍ବତନ ସମ୍ପାଦକଙ୍କୁ ଋଣ ପଇଠ କରିଥିଲେ। ଋଣ ଶୁଝିବାର ଭାଉଚର ସହିତ ସମିତି ପାସବୁକ ବହିରେ ମଧ୍ୟ ଟଙ୍କା ଶୁଝା ଯାଇଥିବା ଲିପିବଦ୍ଧ ହୋଇଛି। କିନ୍ତୁ ପୂର୍ବତନ ସମ୍ପାଦକ ମହିଳା ଗୋଷ୍ଠୀ ଶୁଝିଥିବା ଋଣ ଟଙ୍କାକୁ ବ୍ୟାଙ୍କରେ ଡିପୋଜିଟ ନ କରି ହଡ଼ପ କରିଛନ୍ତି। ଫଳରେ ମହିଳା ସଂଘ ନେଇଥିବା ଋଣ ଟଙ୍କା ଖିଲାପି ଦେଖାଇବା ସହିତ ୮୨ ଲକ୍ଷ ଟଙ୍କା ଓଭରଡିୟୁ ଦେଖାଉଛି। ତେଣୁ ଗୋଷ୍ଠୀକୁ ଆଉ ଋଣ ମିଳୁନାହିଁ। ଋଣ ଟଙ୍କା ଶୁଝାସରିଥିବା ବେଳେ ଋଣ ନ ମିଳିବା ନେଇ ସମସ୍ତ ମହିଳା ସଂଘ ଅସନ୍ତୋଷ ବ୍ୟକ୍ତ କରିବା ସହ ସମିତିକୁ ଘେରାଉ କରିଥିଲେ। ପରେ ଜିଲାପାଳ ଓ ଥାନାରେ ଅଭିଯୋଗ କରିବା ସହିତ ରାସ୍ତାରେ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଥିଲେ। ଏ ସମ୍ପର୍କରେ ସମିତି ସମ୍ପାଦକ ସୁଶୀଲ କୁମାର ପାଣି କହିଛନ୍ତି, ମହିଳା ସଂଘ ପକ୍ଷରୁ ଋଣ ପୈଠ କରାଯାଇଛି। କିନ୍ତୁ ମୁଖ୍ୟ ଶାଖାରେ ଡିପୋଜିଟ ହୋଇ ନ ଥିବାରୁ ୮୦ ଲକ୍ଷରୁ ଅଧିକ ଟଙ୍କା ଓଭରଡିୟୁ ଦେଖାଉଛି। ଶାଖା ପରିଚାଳକ ଯାହା ନିଷ୍ପତି ନେବେ। ଶାଖା ପରିଚାଳକ ଜୀବନାନନ୍ଦ ହୋତା କହିଛନ୍ତି, ମହିଳାମାନେ ଟଙ୍କା ପୈଠ କରିଛନ୍ତି। କିନ୍ତୁ ପୂର୍ବତନ ସମ୍ପାଦକ ମୁଖ୍ୟ ଶାଖାରେ ଜମାକରି ନାହାନ୍ତି। ଖୁବଶୀଘ୍ର ସମସ୍ୟାର ସମାଧାନ ହେବ। ଏଆର୍‌ସିସି ନିରଞ୍ଜନ ସେଠ କହିଛନ୍ତି, ଘଟଣା ସତ୍ୟ। ପୂର୍ବତନ ସମ୍ପାଦକଙ୍କ ବିରୋଧରେ ଫୌଜଦାରି ମାମଲା ପାଇଁ ନିର୍ଦ୍ଦେଶ ଦେଇସାରିଛି। ଖୁବଶୀଘ୍ର ମହିଳା ସଂଘର ସଦସ୍ୟ କିପରି ଋଣ ପାଇବେ ବ୍ୟବସ୍ଥା କରାଯିବ।

# ଜିଲାସ୍ତରୀୟ ଜନଶୁଣାଣିରେ ୫୧ ଅଭିଯୋଗ



ଶିବିରରେ ଜିଲାପାଳଙ୍କ ସହ ଅନ୍ୟ ଅଧିକାରୀମାନେ।

ଅନୁଗୋଳ,୧୬ା୬ (ମାନସ ବିଶ୍ୱାଳ)

ଅନୁଗୋଳ ସହରସ୍ଥିତ ସର୍କିଟ ହାଉସ ଅଡିଟୋରିୟମଠାରେ ସୋମବାର ଜିଲାପାଳ ଅବଦଲ ମହମ୍ମଦ ଅଖତାରଙ୍କ ଅଧ୍ୟକ୍ଷତାରେ ଜିଲାସ୍ତରୀୟ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆରକ୍ଷୀ ଅଧୀକ୍ଷକ ରାହୁଲ ଜୈନ ଯୋଗ ଦେଇଥିଲେ। ଜନଶୁଣାଣି ଶିବିରରେ ସମୁଦାୟ ୫୧ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ସେଥିରୁ ୧୧ଟି ଅଭିଯୋଗର ତୁରନ୍ତ ଫଇସଲା କରାଯାଇଥିଲା। ୩ ଜଣଙ୍କୁ ରେଡ୍‌କ୍ରସ୍ ପାଣ୍ଠିରୁ ମୋଟ ୧୫ ହଜାର ଟଙ୍କାର ଚିକିତ୍ସା ସହାୟତା ରାଶି ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ଉଦୟ କୁମାର ମହାପାତ୍ର, ଅତିରିକ୍ତ ଜିଲାପାଳ ପ୍ରତାପ ପ୍ରୀତିମୟ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବଦତ୍ତ ମହନ୍ତ, ଅନୁଗୋଳ ଉପଜିଲାପାଳ ମାୟାଧର ବେହେରା, ଜିଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ଗୌରୀ ଶଙ୍କର ବଳ, ଅନୁଗୋଳ ତହସିଲଦାର ଆଲୋକ କୁମାର ଦେହୁରୀ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜୟଜିତ ଧଳ, ଜିଲା ଶିକ୍ଷା ଅଧିକାରୀ ନିରଞ୍ଜନ ସାହୁ, ଜିଲା ଯୋଗାଣ ଅଧିକାରୀ ସ୍ମିତା ନାୟକ, ଜିଲା ସମାଜ ମଙ୍ଗଳ ଅଧିକାରୀ ନିରୁପମା ପାଣି, ଉଦ୍ୟାନ ବିଭାଗ ଉପ ନିର୍ଦ୍ଦେଶକ ଅମ୍ବର ଲୁଗୁନ, ଜିଲା ଶିଳ୍ପ କେନ୍ଦ୍ର ମହାପ୍ରବନ୍ଧକ ଶିବାଶିଷ କାନୁନଗୋ, ଜିଲା ମୁଖ୍ୟପ୍ରାଣୀ ଚିକିତ୍ସା ଅଧିକାରୀ ଡ. ନିରୋଦ ଦାସ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ନାରାୟଣ ମହାପାତ୍ରଙ୍କ ସମେତ ଜିଲାସ୍ତରୀୟ ଓ ବ୍ଲକ ସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ।

## ନାମଲେଖା ପାଇଁ ୪୨୯ ଆବେଦନ

ବଇଣ୍ଡା, ୧୬ା୬ (ପରିକ୍ଷିତ ସାହୁ)

ଅନୁଗୋଳ ଜିଲା ଆଠମଲ୍ଲିକରେ ଖୋଲିଥିବା କେନ୍ଦ୍ରୀୟ ବିଦ୍ୟାଳୟରେ ପାଠ ପଢ଼ିବା ପାଇଁ ୪୨୯ ଛାତ୍ରୀଛାତ୍ର ଫର୍ମ ମାଧ୍ୟମରେ ଆବେଦନ କରିଛନ୍ତି। ସୋମବାର ଫର୍ମ ପକାଇବାର ଶେଷ ତାରିଖ ଥିବାବେଳେ ବିଭିନ୍ନ ଅଞ୍ଚଳରୁ ଆସି ଛାତ୍ରୀଛାତ୍ରମାନେ ଆବେଦନ କରିଥିଲେ। ୫୪୭ ଜଣ ଛାତ୍ରୀଛାତ୍ର ଫର୍ମ ନେଇଥିବା ବେଳେ ୪୨୯ ଜଣ ଆବେଦନ କରିଛନ୍ତି। ପ୍ରଥମ ଶ୍ରେଣୀ ପାଇଁ ୧୨୨, ଦ୍ୱିତୀୟ ଶ୍ରେଣୀ ପାଇଁ ୧୦୬, ତୃତୀୟ ଶ୍ରେଣୀ ପାଇଁ ୮୭, ଚତୁର୍ଥ ଶ୍ରେଣୀ ପାଇଁ ୩୯, ପଞ୍ଚମ ଶ୍ରେଣୀ ପାଇଁ ୭୫ ଜଣ ଛାତ୍ରୀଛାତ୍ର ଆବେଦନ କରିଥିବା ବିଦ୍ୟାଳୟ ଅଧ୍ୟକ୍ଷ ଦିବେଶ କୁମାର ବାରିକ ସୂଚନା ଦେଇଛନ୍ତି।

## ୬୭ ୟୁନିଟ୍ ରକ୍ତ ସଂଗ୍ରହ

ଅନୁଗୋଳ,୧୬ା୬(ଜ୍ୟୋତିରଞ୍ଜନ ସାହୁ)

ଅଲ୍ ଇଣ୍ଡିଆ ମୋବାଇଲ ରିଟେଲର ଆସୋସିଏଶନର ପ୍ରତିଷ୍ଠାତା ସ୍ୱର୍ଗତ ଭାବେଶଙ୍କ ସ୍ମୃତିରେ ସୋମବାର ଅନୁଗୋଳ ମାରୱାରୀ ଧର୍ମଶାଳାଠାରେ ଅନୁଗୋଳ ଜିଲା ମୋବାଇଲ ରିଟେଲରମାନଙ୍କ ଦ୍ୱାରା ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଜିଲା ଆରକ୍ଷୀ ଅଧୀକ୍ଷକ ରାହୁଲ ଜୈନ ଏବଂ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ଯୋଗଦେଇ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ଏଥିରେ ଓଡ଼ିଶା ଜୋନ୍ ଉପସଭାପତି ବାସୁଦେବ ସାହୁ, ଜିଲା ସଭାପତି ସୁମିତ ଅଗ୍ରୱାଲ, ସମ୍ପାଦକ ପ୍ରଦ୍ୟୁମ୍ନ କୁମାର ସାହୁ, ଅମୂଲ୍ୟ କୁମାର ମହାରଣା, ସତ୍ୟଜିତ ସାହୁ, ସରୋଜ ବେହୁରା, ସୁଜିତ ଗଡ଼ନାୟକ, ସୋଭେନ ସାହୁ ପ୍ରମୁଖ ଯୋଗଦେଇଥିଲେ। ଶିବିରରେ ମୋଟ ୬୭ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଏହି ଶିବିରର ସଫଳତା ପାଇଁ ଜୋନ୍ ଉପସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ସହିତ ଆଗାମୀ ଦିନରେ ଜନହିତ ପାଇଁ ଅନେକ ସାମାଜିକ ପ୍ରକଳ୍ପ କରାଯିବ ବୋଲି ସୂଚନା ଦେଇଥିଲେ।



ରକ୍ତଦାତାଙ୍କୁ ଅତିଥିମାନେ ଉତ୍ସାହିତ କରୁଛନ୍ତି।

## ଗଛରେ ପିଟି ହେଲା କାର୍, ୨ ଗୁରୁତର

ବଇଣ୍ଡା, ୧୬ା୬ (ପରିକ୍ଷିତ ସାହୁ)



ଅନୁଗୋଳ ଜିଲା କିଶୋରନଗର ବ୍ଲକ ବଇଣ୍ଡା - ଆଠମଲ୍ଲିକ ପୂର୍ତ୍ତ ବିଭାଗ ରାସ୍ତାର ହଣ୍ଡପା ଥାନା ଶାଳବଣିସାହି ନିକଟରେ ସୋମବାର ଏକ କାର୍ ଭାରସାମ୍ୟ ହରାଇ ଗଛରେ ପିଟିହୋଇଛି। ଏହି ଦୁର୍ଘଟଣାରେ କାର୍‌ରେ ବସିଥିବା ୨ ଜଣ ଗୁରୁତର ହୋଇଛନ୍ତି। ସେମାନଙ୍କୁ ସ୍ଥାନୀୟ ଅଞ୍ଚଳବାସୀ ଓ ବଇଣ୍ଡା ଫାଣ୍ଡି ପୋଲିସ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛନ୍ତି। ପୋଲିସ କହିଛି, ଆଠମଲ୍ଲିକରୁ ଅନୁଗୋଳ ଅଭିମୁଖେ ଉକ୍ତ କାର୍ (ନଂ. ଓଡି୦୬ସି-୭୮୨୬)ରେ ୨ ଜଣ ଯାଉଥିବା ବେଳେ ଗାଡ଼ିଟି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ପୋଲିସ ଉକ୍ତ କାର୍‌କୁ ଜବତ ସହ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ନିଟ୍‌ରେ ପ୍ରଭୁଦତ୍ତ, ଅଭିଷେକଙ୍କ ସଫଳତା

ଆଠମଲ୍ଲିକ,୧୬ା୬(ଉଦୀପ୍ତ ପୁରୋହିତ)/ ମାଧପୁର (ମନୋଜ ପ୍ରଧାନ)



ପ୍ରଭୁଦତ୍ତ ପ୍ରଧାନ,



ଅଭିଷେକ ପ୍ରଧାନ।

ଡାକ୍ତରୀ ପାଠ୍ୟକ୍ରମରେ ନାମଲେଖା ଲାଗି ଅନୁଷ୍ଠିତ ପ୍ରବେଶିକା ପରୀକ୍ଷା ଏନ୍‌ଇଇଟି-ୟୁଜିରେ ଅନୁଗୋଳ ଜିଲା ଆଠମଲ୍ଲିକ ଅଞ୍ଚଳର ୨ ଜଣ ଛାତ୍ର ପ୍ରଭୁଦତ୍ତ ପ୍ରଧାନ ଓ ଅଭିଷେକ ପ୍ରଧାନ ସଫଳତା ହାସଲ କରିଛନ୍ତି। ଆଠମଲ୍ଲିକ ବ୍ଲକ ଜାମୁଡୋଲି ପଞ୍ଚାୟତ ତେନ୍ତୁଳିପଦର ଗ୍ରାମର ପ୍ରମୋଦିନୀ ପ୍ରଧାନ ଓ ଅନିଲ କୁମାର ପ୍ରଧାନଙ୍କ ପୁତ୍ର ଅଭିଷେକ ପ୍ରଧାନ ୫୪୯ ନମ୍ବର ସହ ୧୨୦୦୦ ର୍‍ୟାଙ୍କ ପାଇଛନ୍ତି। ସେହିପରି ସଞ୍ଚାମୁରା ନିବାସୀ ତଥା ମାଧପୁର ଅଞ୍ଚଳରେ ଶିକ୍ଷକତା କରୁଥିବା ବୈଜୟନ୍ତୀ ପ୍ରଧାନ ଓ ରଞ୍ଜିତ କୁମାର ପ୍ରଧାନଙ୍କ ପତ୍ର ପ୍ରଭୁଦତ୍ତ ପ୍ରଧାନ ୫୬୩ ନମ୍ବର ସହ ୭୩୫୧ ର୍‍ୟାଙ୍କ ପାଇଛନ୍ତି। ଏହି ସଫଳତା ପାଇଁ ଉଭୟଙ୍କୁ ବିଭିନ୍ନ ଅଞ୍ଚଳରୁ ଶୁଭେଚ୍ଛା ଜଣାଯାଇଛି।

## କଣିହାଁ ପାଇଁ ଗୌରବ ଆଣିଲେ ବିକାଶ

ପବିତ୍ରନଗର,୧୬ା୬(ନିରୋଜ ପ୍ରଧାନ)



ବିକାଶ ରଞ୍ଜନ ପରିଡ଼ା।

ଅନୁଗୋଳ ଜିଲା କଣିହାଁ ବ୍ଲକ କମରେଇ ପଞ୍ଚାୟତ ଦଣ୍ଡସିଂହା ଗ୍ରାମର ଛାତ୍ର ବିକାଶ ରଞ୍ଜନ ପରିଡ଼ା(୨୦) ନିଟ୍‌ରେ ସଫଳତା ପାଇଛନ୍ତି। ସେ ସର୍ବଭାରତୀୟସ୍ତରରେ ୧୪୮୫ ର୍‍ୟାଙ୍କ ପାଇପାରିଛନ୍ତି। କଣିହାଁ ଥାନା ଦଣ୍ଡସିଂହା ଗ୍ରାମର ବାନମ୍ବର ପରିଡ଼ା ଓ ସୁନିତା ମାଳିନୀ ଭୂତିଆଙ୍କ ପୁତ୍ର ହେଉଛନ୍ତି ବିକାଶ। ତାଙ୍କ ସଫଳତାକୁ ନେଇ କଣିହାଁ ଅଞ୍ଚଳରେ ଖୁସିର ଲହରି ଖେଳିଯାଇଛି। ଉତ୍କଳ ଗୋପାଳ ସମାଜ ପକ୍ଷରୁ ବିକାଶଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରାଯାଇଛି।

## ମଣ୍ଡଳସ୍ତରୀୟ ସଂକଳ୍ପ ସମାବେଶ



ପବିତ୍ରନଗର,୧୬ା୬(ନିରୋଜ ପ୍ରଧାନ)

ଅନୁଗୋଳ ଜିଲା କଣିହାଁ ବ୍ଲକ ପବିତ୍ରନଗରଠାରେ ଭାଜପା ତରଫରୁ ସୋମବାର ସଂକଳ୍ପ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଭାଜପା ନେତୃତ୍ୱରେ କେନ୍ଦ୍ରର ୧୧ ବର୍ଷ ଓ ରାଜ୍ୟର ୧ ବର୍ଷ ଶାସନର ପୂର୍ତ୍ତି ଉପଲକ୍ଷେ ମଣ୍ଡଳସ୍ତରୀୟ ଏହି ସଂକଳ୍ପ ସଭା ପବିତ୍ରନଗର କଲ୍ୟାଣ ମଣ୍ଡପ ଗୃହରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି ଯୋଗଦେଇ ମୋହନ ମାଝୀ ସରକାରଙ୍କ ସୁଶାସନର ଏକ ବର୍ଷର ଅନୁଭୂତି ଏବଂ ଉପଲବ୍ଧି ଉପରେ ଆଲୋଚନା କରିବା ସହ ଆଗାମୀ ଦିନରେ ପାଲଲହଡ଼ା ବିଧାନସଭା କ୍ଷେତ୍ରରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକୁ ଆସନ୍ତା ୨ ବର୍ଷ ଭିତରେ ସମ୍ପୂର୍ଣ୍ଣ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅନୁଗୋଳ ଜିଲା ଭାଜପା ସଭାପତି ଯଯାତି ପଟ୍ଟନାୟକ ଦଳୀୟ ସଙ୍ଗଠନକୁ ମଜଭୁତ କରିବା ଉଦ୍ଦେଶ୍ୟରେ ମାର୍ଗ ଦର୍ଶନ ଦେଇଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଭାଜପା ଏସ୍‌ସି ମୋର୍ଚ୍ଚା ରାଜ୍ୟ ସାଧାରଣ ସମ୍ପାଦକ ଚନ୍ଦନ ସ୍ୱରାଜ, ବୁରୁକୁନା ସରପଞ୍ଚ ଦୁଃଖବନ୍ଧୁ ବେହେରା,କୁଲେଇ ସମିତିସଭ୍ୟ ପ୍ରିୟ ରଞ୍ଜନ ମହାନ୍ତି ଯୋଗଦାନ କରିଥିଲେ। ମଣ୍ଡଳ ସଭାପତି ମନୋଜ ବିଶାଳ ମଞ୍ଚ ପରିଚାଳନା କରିଥିବା ବେଳେ ଭାଜପାର ପାଲଲହଡା ବିଧାନସଭା କ୍ଷେତ୍ର ସଂଯୋଜକ ପ୍ରହ୍ଲାଦ ସାମଲ ଉପସ୍ଥିତ ଥିଲେ। ଦଳର ପ୍ରମୁଖ କାର୍ଯ୍ୟକର୍ତ୍ତାମାନେ ସହଯୋଗ କରିଥିଲେ।

## ଗାଁବଇଣ୍ଡାରେ ଜନ ଶୁଣାଣି

ବଇଣ୍ଡା, ୧୬ା୬ (ପରିକ୍ଷିତ ସାହୁ)

ଅନୁଗୋଳ ଜିଲା କିଶୋରନଗର ବ୍ଲକ ଗାଁବଇଣ୍ଡା ପଞ୍ଚାୟତ ସଭାଗୃହ ପରିସରରେ ସୋମବାର ବ୍ଲକ ପ୍ରଶାସନ ପକ୍ଷରୁ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ କିଶୋରନଗର ବିଡିଓ ସୁବ୍ରତ ବେହେରା ଯୋଗଦେଇ ସମସ୍ତ ଅଭିଯୋଗର ଶୁଣାଣି କରିବା ସହ କିପରି ଅଭିଯୋଗଗୁଡ଼ିକର ଶୀଘ୍ର ସମାଧାନ କରାଯିବ ସେଥିପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥିରେ ଜିପିଓ ସତ୍ୟବ୍ରତ ସାହୁ, କନିଷ୍ଠ ଯନ୍ତ୍ରୀ ମନୋରଞ୍ଜନ ପ୍ରଧାନ, ପଞ୍ଚାୟତ ନିର୍ବାହୀ ଅଧିକାରୀ ରାମଚନ୍ଦ୍ର ପରିଡ଼ା, ବିଏଲ୍‌ସି ସୁଜିତ କୁମାର ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ବିଭିନ୍ନ ଗ୍ରାମରୁ ଲୋକେ ଯୋଗଦେଇ ଅଭିଯୋଗ କରିଥିଲେ।



ଅନୁଗୋଳ ଜିଲା ବଅଁରପାଳ ବ୍ଲକ କୁଲାଡ଼ ଗ୍ରାମର ଜଗନ୍ନାଥ ସେଠଙ୍କ ବଗିଚାରେ ବ୍ରହ୍ମ କମଳ ଫୁଟିଛି। (ଫଟୋ- ସୁବାସ ସାହୁ)

## ନିଟ୍‌ରେ ଅରୂପଙ୍କ ସଫଳତା

ତାଳଚେର,୧୬ା୬ (ମନୋଜ ନନ୍ଦ)



ଅନୁଗୋଳ ଜିଲା ତାଳଚେର ବ୍ଲକ କଣ୍ଠୋଳ ପଞ୍ଚାୟତ ଅନ୍ତର୍ଗତ ତାଳବେଡ଼ା ଗ୍ରାମର ଅରୂପ ଶତପଥୀ ଚଳିତବର୍ଷ ନିଟ୍‌ରେ ୫୩୯ ନମ୍ବର ରଖିଛନ୍ତି। ସେ ସର୍ବଭାରତୀୟସ୍ତରରେ ୧୮,୧୧୩ ର୍‍ୟାଙ୍କ ହାସଲ କରିଛନ୍ତି। ଅରୂପଙ୍କ ବାପା ବୀରେନ୍ଦ୍ର କୁମାର ଶତପଥୀ କୋଇଲା ଖଣିରେ ଚାକିରି କରୁଥିବାବେଳେ ମାତା ସସ୍ମିତା ଶତପଥୀ ଗୃହିଣୀ। ତାଙ୍କର ଏହି ସଫଳତା ନେଇ ତାଳଚେର ଅଞ୍ଚଳବାସୀ ଖୁସି ପ୍ରକଟକ କରିବା ସହ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।

## ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀ ଦେଖୁଛନ୍ତି ନର୍ସ

ଖମାର,୧୬ା୬ (ରଜନୀକାନ୍ତ ମହାରଣା)

ଅନୁଗୋଳ ଜିଲା ପାଲଲହଡ଼ା ବ୍ଲକ ଖମାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ନର୍ସଙ୍କ ହାତରେ ଚାଲିଛି ରୋଗୀ ସେବା। ଏଠାରେ କୌଣସି ଡାକ୍ତର ନ ଥିବାବେଳେ ସୋମବାର ଜଣେ ନର୍ସ ରୋଗୀଙ୍କୁ ଚିକିତ୍ସା କରିଥିବା ଅଭିଯୋଗ ହୋଇଛି। ଏପରି କି ପକ୍ଷାଘାତ ରୋଗୀଙ୍କ ଠାରୁ ଆରମ୍ଭ କରି ସାପକାମୁଡ଼ା ରୋଗୀ ମେଡିକାଲରେ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରି ରହିଥିଲେ ମଧ୍ୟ ଡାକ୍ତର ନ ଥିବାରୁ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ବର୍ତ୍ତମାନ ବିଭିନ୍ନ ସ୍ଥାନରେ ଝାଡ଼ାବାନ୍ତି ବ୍ୟାପୁଥିବା ବେଳେ କେତେଜଣ ଝାଡାବାନ୍ତି ରୋଗୀ ମଧ୍ୟ ମେଡିକାଲକୁ ଚିକିତ୍ସା ପାଇଁ ଆସିଥିଲେ। କିନ୍ତୁ ଡାକ୍ତର ନ ଥିବାରୁ ସେମାନେ ଭୟଭୀତ ଅବସ୍ଥାରେ ନର୍ସଙ୍କ ଦ୍ୱାରା ଚିକିତ୍ସିତ ହୋଇଛନ୍ତି। ଏ ବିଷୟରେ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଗୌରୀ ଶଙ୍କର ବଳ କହିଛନ୍ତି, ସ୍ଥିତି ସମ୍ପର୍କରେ ଅବଗତ ଅଛି। ତୁରନ୍ତ ଜଣେ ଡାକ୍ତରଙ୍କୁ ପଠାଇଯିବା ସହିତ ଆଗାମୀ ଦିନରେ ଏହିସବୁ ସମସ୍ୟାର ସମାଧାନ କରାଯିବ।

## ମହାପ୍ରଭୁଙ୍କୁ ଲାଗିହେଲା ଫୁଲୁରି ତେଲ



ବଅଁରପାଳ,୧୬ା୬(ସୁବାସ ସାହୁ)

ସୁବାସିତ ଜଳରେ ସ୍ନାନ କରିବା ପରେ ଜ୍ୱରରେ ପଡ଼ିଥିବା ମହାପ୍ରଭୁଙ୍କ ଉପଶମ ପାଇଁ ଅନୁଗୋଳ ଜିଲା ନାଲ୍‌କୋନଗର ଦଇତାପତି ସେବକଙ୍କ ଦ୍ୱାରା ପ୍ରସ୍ତୁତ ହୋଇଛି ଫୁଲୁରି ତେଲ। ନାଲ୍‌କୋ ଜଗନ୍ନାଥ ମନ୍ଦିର ଦଇତା ପତି ସେବକଙ୍କ କହିବା ମୁତାବକ, ଫୁଲୁରି ତେଲ ଗୋଟିଏ ବର୍ଷ ପୂର୍ବରୁ ପ୍ରସ୍ତୁତି ଆରମ୍ଭ ହୋଇଥାଏ। ଫୁଲୁରି ତେଲ ପ୍ରସ୍ତୁତି ଗୁପ୍ତ ନୀତି ହୋଇଥିବାରୁ ଦଇତା ପତି ସେବକଙ୍କ ବ୍ୟତୀତ ଅନ୍ୟକେହି ଦେଖନ୍ତି ନାହିଁ। ଅଣସର ଘରେ ମହାପ୍ରଭୁଙ୍କ ଗୁପ୍ତନୀତିରେ ମନ୍ଦିରର ଦଇତାପତି ସେବକ ସୁଶାନ୍ତ ସାମଲ, ପ୍ରଶାନ୍ତ କୁମାର ବିଶ୍ୱାଳ, ଆଦିତ୍ୟ ସାମଲ, ସୁଜିତ୍ କୁମାର ବେହେରା, ସଂସାର ଦାସ, ସନ୍ତୋଷ ସାହୁ, ପୂଜକ ସୁଶାନ୍ତ ଦାସ, ପ୍ରମେଶ ମିଶ୍ରଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ସମ୍ପାଦନ କରାଯାଇଥିଲା। ଏ ସମ୍ପର୍କରେ ଦଇତାପତି ବରିଷ୍ଠ ସେବକ ନିର୍ମଳ ଶତପଥୀ କହିଛନ୍ତି, ଜ୍ୱରରୁ ଉପଶମ ପାଇଁ ରବିବାର ଫୁଲିରୀ ତେଲ ବାହାର କରାଯାଇଛି। ସୋମବାର ରାତିରେ ମହାପ୍ରଭୁଙ୍କଠାରେ ଏହା ଲାଗି ହୋଇଛି।

## ଦାବି ପୂରଣ ନ ହେଲେ ୧୫ ଦିନ ପରେ ଜନଆନ୍ଦୋଳନ

### ଖବରଦାତା ସମ୍ମିଳନୀରେ କଂଗ୍ରେସର ଚେତାବନୀ




ତାଳଚେର,୧୬ା୬ (ମନୋଜ ନନ୍ଦ)

ଦୀର୍ଘବର୍ଷ ଧରି ରାଜ୍ୟ ସରକାରରେ ଥିବା ବିଜେଡି ଓ ଭାଜପାକୁ ତାଳଚେରବାସୀ ନିଜର ସମର୍ଥନ ଅବ୍ୟାହତ ରଖିବା ସତ୍ତ୍ୱେ ତାଳଚେରବାସୀଙ୍କ ସମୂହ ସ୍ୱାର୍ଥକୁ କୁଠାରାଘାତ କରାଯାଇଛି। ତାଳଚେରସ୍ଥିତ ଏକ ହୋଟେଲରେ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଭାରତୀୟ ଜାତୀୟ କଂଗ୍ରେସ ତାଳଚେର ନିର୍ବାଚନମଣ୍ଡଳୀ ପକ୍ଷରୁ ଏହି ଅଭିଯୋଗ କରାଯାଇଛି। ବରିଷ୍ଠ କଂଗ୍ରେସ ନେତା ପ୍ରଫୁଲ୍ଲ କୁମାର ଦାସ ଅଭିଯୋଗ କରିଛନ୍ତି, ତାଳଚେରବାସୀଙ୍କ ଦୀର୍ଘ ଦିନର ସ୍ୱପ୍ନ ତାଳଚେର ସରକାରୀ ମେଡିକାଲ କଲେଜରେ ତାଳଚେରବାସୀଙ୍କୁ ସ୍ୱାସ୍ଥ୍ୟସେବା ମିଳିଲା ନାହିଁ କିମ୍ବା ମେଡିକାଲ କଲେଜରେ ପାଠ୍ୟକ୍ରମ ଆରମ୍ଭ ହୋଇପାରିଲା ନାହିଁ। ଏପରି କି ପବିତ୍ର ମୋହନ ମେଡିକାଲ କଲେଜ ଅନୁଗୋଳକୁ ସ୍ଥାନାନ୍ତର ହେବାକୁ ଯାଉଛି। ମେଡିକାଲ କଲେଜର ନାମ ପରିବର୍ତ୍ତନ କରାଗଲା। ତାଳଚେରରୁ ଏଡିଏମ୍ ଅଫିସ, ଆଡିସିନାଲ ଏସ୍‌ପି ଅଫିସ ବନ୍ଦ କରି ଦିଆଗଲା। ବର୍ତ୍ତମାନ ଡିଆଇଜି ଅଫିସକୁ ଅନୁଗୋଳ ଉଠାଇ ନେବାର ଚକ୍ରାନ୍ତ ଚାଲିଛି। ତାଳଚେରରେ ପ୍ରଦୂଷଣ, ସ୍ୱାସ୍ଥ୍ୟସେବା, ରାସ୍ତା, ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇ ପଡ଼ିଥିବା ବେଳେ ପାନୀୟ ଜଳ ସମସ୍ୟା, ନାରୀ ନିର୍ଯାତନା, ନିଶା କାରବାର ଆଦି ବଢ଼ି ଚାଲିଛି। ତାଳଚେର ମଧ୍ୟ ଦେଇ ଯାଇଥିବା ଜାତୀୟ ରାଜପଥର ଗତିପଥ ପରିବର୍ତ୍ତନ କରାଗଲା। କୌଣସି ରାସ୍ତାର ଉନ୍ନତି କରାଯାଉ ନାହିଁ। ସହରର ଚତୁର୍ଦ୍ଦିଗରେ ରେଳ ଲାଇନ ଛନ୍ଦି ହୋଇଥିବା ବେଳେ ଗୋଟିଏ ମଧ୍ୟ ଓଭରବ୍ରିଜ କରାଗଲା ନାହିଁ। ତାଳଚେର ଓ ଆଖପାଖ ଅଞ୍ଚଳରୁ ଭିଟାମାଟି ହରାଉଥିବା ତଥା ବିସ୍ଥାପିତ ଜନସାଧାରଣଙ୍କୁ ଉପଯୁକ୍ତ ଥଇଥାନ କରାଯାଉ ନାହିଁ। ସ୍ଥାନୀୟ ବେକାରଙ୍କୁ କୌଣସି ନିଯୁକ୍ତି ସୁବିଧା ଦିଆଯାଉନାହିଁ। ଗୋଟିଏ ମଧ୍ୟ ୱାଟର ଟ୍ରିଟମେଣ୍ଟ ପ୍ଲାଣ୍ଟ ହୋଇପାରିନାହିଁ। ତାଳଚେର ଷ୍ଟେଶନକୁ ସମସ୍ତ ରେଳ ଚଳାଚଳ କରୁନାହିଁ। ପ୍ରସ୍ତାବିତ ତାଳଚେର-ସମ୍ବଲପୁର ରେଳ ସଂଯୋଗକୁ ନିର୍ଦ୍ଧାରିତ ସର୍ଭେ ହୋଇଥିବା ପଥରେ କାର୍ଯ୍ୟକାରୀ ହେଲା ନାହିଁ। ଏଥିନିମନ୍ତେ ସରକାର କୌଣସି ପ୍ରତିଶ୍ରୁତି ତୁରନ୍ତ ନ ଦେଲେ ଆଗାମୀ ୧୫ ଦିନ ପରେ ବିରାଟ ଜନଆନ୍ଦୋଳନ କଂଗ୍ରେସ ତରଫରୁ କରାଯିବ। ଅନ୍ୟମାନଙ୍କ ମଧ୍ୟରେ ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ସବିତା ରାଣୀ ଧୀର, ଜିଲା ଓବିସି ମୋର୍ଚ୍ଚା ସଭାପତି ଜିନେସ ସାହୁ, ବରିଷ୍ଠ କଂଗ୍ରେସ ନେତା ଦିଗାମ୍ବର ଗଡ଼ନାୟକ, କେଶବ ଭୂତିଆ, ଦାଶରଥି ସାହୁ, ବିରଞ୍ଚି ଧର, ହରେକୃଷ୍ଣ ମହାପାତ୍ର, ଗଣପତି ସାହୁ, ସୌମ୍ୟ ସଞ୍ଜୀବ ମିଶ୍ର, ଗିରିଜା ଶଙ୍କର ମିଶ୍ର, ସନ୍ତୋଷ ମହାରଣା, ପୁଷ୍ପକ ସ୍ୱାଇଁ, ଧୀରେନ ସାହୁ, ସଞ୍ଜୟ ଶଙ୍ଖାରୀ, ସଂଗ୍ରାମ କେଶରୀ କୁଅଁର, ଡିଲେଶ୍ୱର ବେହେରାଙ୍କ ସମେତ ବହୁ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ବିପଦ ସଙ୍କୁଳ ଅବସ୍ଥାରେ ଟ୍ରାନ୍ସଫର୍ମର



ଜି.ଉଦୟଗିରି,୧୬।୬ (ଚିନ୍ମୟ କୁମାର ସେଠୀ)

ସ୍ଥାନୀୟ ବ୍ଲକ୍ ଅନ୍ତର୍ଗତ ନିଲୁଙ୍ଗିଆ ଗ୍ରାମ ଚର୍ଚ୍ଚ ନିକଟରେ ବିପଦ ସଙ୍କୁଳ ଅବସ୍ଥାରେ ବିଦ୍ୟୁତ୍ ଟ୍ରାନ୍ସଫର୍ମର ରହିଛି । ଯାହାର ଚାରିପାଖରେ ନା ଅଛି କୌଣସି ତାର ବାଡ଼ ନା ଅଛି ସୁରକ୍ଷା ପ୍ରାଚୀର। ମଣିଷ ହେଉ କିମ୍ବା ଗୃହପାଳିତ ପଶୁ ସେହି ସ୍ଥାନରେ ବିଦ୍ୟୁତ ଆଘାତରେ ଅଘଟଣଟିଏ ଘଟିବ ବୋଲି ଗ୍ରାମବାସୀ ଅବକାଶ ନାୟକ କହିଛନ୍ତି। ଏହି ସ୍ଥାନଟି ଚର୍ଚ୍ଚ ଠାରୁ ମାତ୍ର ୫୦ ମିଟର ଦୂରତାରେ ରହିଛି। ଯେଉଁଠି ସବୁବେଳେ ଜନ ଗହଳି ରହୁଥିବା ଦେଖିବାକୁ ମିଳୁଛି। ସେହି ସ୍ଥାନରୁ ସର୍ଟ ସର୍କିଟ ଯୋଗୁ ବେଳେବେଳେ ନିଆଁ ବାହାରୁଥିବା ସ୍ଥାନୀୟ ଲୋକ ଅଭିଯୋଗ କରିଛନ୍ତି। ଏତେ ବଡ଼ ବିଦ୍ୟୁତ ଟ୍ରାନ୍ସଫର୍ମର ଚାରିପଟେ ବହୁ ବର୍ଷ ହେବ ସମ୍ପୂର୍ଣ୍ଣ ମୁକୁଳା ଅବସ୍ଥାରେ ରହିଛି। ଯାହା ଫଳରେ ସ୍ଥାନୀୟ ଲୋକେ ଭୟଭୀତ ଅବସ୍ଥାରେ ରହିଛନ୍ତି। ସ୍ଥାନୀୟ ଅଞ୍ଚଳବାସୀ ବିଦ୍ୟୁତ ବିଭାଗକୁ ଅନୁରୋଧ କରିଛନ୍ତି ଯଥାଶୀଘ୍ର ସେହି ସ୍ଥାନଟିକୁ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା କରିବା ପାଇଁ। ଭବିଷ୍ୟତରେ କୌଣସି ଦୁର୍ଘଟଣା ହୁଏ ସେଥିପାଇଁ ବିଦ୍ୟୁତ ବିଭାଗ ସମ୍ପୂର୍ଣ୍ଣ ଦାୟୀ ରହିବ।

### ରାସ୍ତା କାଦୁଅ କରୁଛି ବାଲି ଗାଡ଼ି

ପାରଳାଖେମୁଣ୍ଡି,୧୬।୬(ଗିରିଧାରୀ ପରିଛା)

ଗଜପତି ଜିଲା କାଶୀନଗର ତହସିଲ ଅନ୍ତର୍ଗତ ପୁରଟିଗୁଡ଼ା ଗ୍ରାମ ନିକଟସ୍ଥ ବଂଶଧାରା ନଦୀ ମୁହାଣରେ ଚାଲିଥିବା ବାଲିଘାଟ ଯୋଗୁ ଗ୍ରାମବାସୀ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ଉକ୍ତ ବାଲିଘାଟରୁ ବାଲି ନେଉଥିବା ବିଭିନ୍ନ ଗାଡ଼ିରୁ ପାଣି ଝରି ଗ୍ରାମର ରାସ୍ତା କାଦୁଅ ହେଉଛି। ଏହି ରାସ୍ତାରେ ଯାତାୟାତ କରିବା କଷ୍ଟକର ହେଉଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ବାଲି ନେଉଥିବା ଗାଡ଼ିଗୁଡ଼ିକ ଗ୍ରାମ ରାସ୍ତା ମଝିରେ ଦ୍ରୁତ ଗତିରେ ହର୍ଣ୍ଣ ଦେଇ ଯାଉଥିବାରୁ ପିଲାଙ୍କ ପାଠ ପଢାରେ ସମସ୍ୟା ଉପୁଜୁଛି। ଏହି କାଦୁଅ ରାସ୍ତାରେ ଯିବା ବେଳେ ବାଇକ୍ ଚକା ଖସି ଦୁର୍ଘଟଣା ଘଟୁଛି। ଉକ୍ତ ବାଲିଘାଟର କର୍ମଚାରୀ ଓ ସୁପରଭାଇଜରଙ୍କୁ ସମସ୍ୟା ବିଷୟରେ ଜଣାଇଲେ ସେମାନେ ବିଭିନ୍ନ ଧମକଚମକ ଦେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହି ସମସ୍ୟା ଜିଲ୍ଲା ଖଣି ଅଧିକାରୀଙ୍କୁ ଜଣାଇବା ପରେ ସେ ବାଲିଘାଟ ନିଲାମଧାରୀଙ୍କୁ ଜଣାଇ ଏହାର ସମାଧାନ କରିବେ ବୋଲି କହିଥିଲେ। ବାଲିଘାଟ ଚଳାଉଥିବା ବ୍ୟକ୍ତିଙ୍କୁ ଜଣାଇବାରୁ ସେ ତାଙ୍କ ଘାଟର କର୍ମଚାରୀଙ୍କ ସହ ଆଲୋଚନା କରି ସମାଧାନ କରିବେ ବୋଲି କହିଥିଲେ ମଧ୍ୟ ଏଯାଏ କଥା ହୋଇନାହାନ୍ତି କି ସମସ୍ୟା ସମାଧାନ କରିନାହାନ୍ତି। ରାସ୍ତା ମରାମତି କରିବା ସହ ଉପୁଜୁଥିବା ସମସ୍ୟାର ସମାଧାନ କରିବାକୁ ଜିଲା ପ୍ରଶାସନ ଓ ଜିଲା ଖଣି ବିଭାଗକୁ ଗ୍ରାମବାସୀ ନିବେଦନ କରିଛନ୍ତି।

### ଦ୍ୱାଦଶ ଦିବସରେ ଠାକୁରାଣୀ ଯାତ୍ରା
### ମା'ଙ୍କ ଘଟ ପରିକ୍ରମା, ଦୁଲୁକୁଛି ଗାଁ ଦାଣ୍ଡ

ଗଞ୍ଜାମ,୧୬।୬(ବିଦ୍ୟାଧର ସାହୁ)

ପ୍ରତି ୩ ବର୍ଷକୁ ଥରେ ଅଗସ୍ତି ନୂଆଗାଁରେ ଅନୁଷ୍ଠିତ ହେଉଥିବା ମା'ବୁଢ଼ୀ ଠାକୁରାଣୀଙ୍କ ଯାତ୍ରା ଦ୍ୱାଦଶ ଦିବସରେ ପହଞ୍ଚିଛି। ଜୁନ୍ ୩ରୁ ଆରମ୍ଭ ହୋଇଥିବା ଯାତ୍ରାରେ ଗ୍ରାମ ଉତ୍ସବ ମୁଖର ହୋଇଛି। ମା' ବିନ୍ଧ୍ୟାବାସିନୀ ବୁଢ଼ୀ ଠାକୁରାଣୀ ବର୍ତ୍ତମାନ ଅସ୍ଥାୟୀ ମନ୍ଦିରରେ ପୂଜା ପାଉଛନ୍ତି। ଗ୍ରାମ ପୂଜକ ଟୁନା ରାଉଳ ମା'ଙ୍କ ପୂଜାର୍ଚ୍ଚନା କରୁଛନ୍ତି। ଏଥିସହ ପ୍ରତ୍ୟେକ ଦିନ ମା'ଙ୍କ ଘଟ ସାହି ପରିକ୍ରମା କରାଯାଉଛି। ମା'ଙ୍କ ଘଟ ପରିକ୍ରମା ବେଳେ କୁନି କୁନି ପିଲାମାନଙ୍କ ବିଭିନ୍ନ ବେଶ ମନ ମୋହୁଛି। ପ୍ରତ୍ୟକ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ମେଲୋଡି, ଗ୍ରାମର ଛୋଟ ଛୋଟ କୁନି ପିଲାଙ୍କ ଦ୍ୱାରା ନୃତ୍ୟ, ରେକର୍ଡ ଡ୍ୟାନ୍ସ ଅନୁଷ୍ଠିତ ହୋଇ ଆସୁଛି। ଏହି ଯାତ୍ରାକୁ ଗ୍ରାମ୍ୟ ସଭାପତି ରଜତ ନାୟକ, ଉପସଭାପତି ବନମାଳୀ ସ୍ୱାଇଁ, ସମ୍ପାଦକ କାଳିଚରଣ ଗୌଡ଼ଙ୍କ ସମେତ ଗ୍ରାମବାସୀ ପରିଚାଳନା କରୁଛନ୍ତି।

# ଏଯାଏ ହେଲାନି ଆଡ଼ିବନ୍ଧ ମରାମତି

## ନଦୀ, ନାଳ ଖୋଜୁଛନ୍ତି ଭଞ୍ଜନଗର ଚାଷୀ

ଭଞ୍ଜନଗର,୧୬।୬(ବାବୁଲା ପ୍ରଧାନ)

ଭଞ୍ଜନଗର ଜଳସେଚନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ କାର୍ଯ୍ୟାଳୟ ଅଧିନରେ ଥିବା ଅନେକ ନଦୀ, କେନାଲଗୁଡିକ ଲଟାବୁଦାରେ ପରିପୂର୍ଣ୍ଣ ରହିଛି। ଏପରିକି କେତକ ସ୍ଥାନରେ ନଦୀ, ନାଳ ପୋତି ହୋଇରହିଛି। ଚଳିତବର୍ଷ ମୌସୁମୀ ବର୍ଷା ଆଗୁଆ ଆସିଯାଇଥିବାରୁ ଚାଷୀମାନେ ଚାଷ କାର୍ଯ୍ୟ ପ୍ରତି ପ୍ରସ୍ତୁତ ହୋଇଗଲେଣି। ଏପଟେ କିନ୍ତୁ ଜଳସମ୍ପଦ ବିଭାଗ ପଛୁଆ ରହିଛି। ବର୍ଷା ଆଗମନ ପୁର୍ବରୁ ନଦୀ, ନାଳଗୁଡ଼ିକର ମରାମତି କରାଯିବା କଥା, କିନ୍ତୁ ତାହା ଏ ଯାଏ ବିଭିନ୍ନ କାରଣରୁ କରାଯାଇ ପାରିନାହିଁ। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବା ଆବଶ୍ୟକ। ନଚେତ ନଦୀ ତଟବର୍ତ୍ତି ଗ୍ରାମବାସୀ ଆଗାମୀ ଦିନରେ ବନ୍ୟା ପରିସ୍ଥିତିର ସମ୍ମୁଖିନ ହେବା ସମ୍ଭାବନା ରହିଛି।



ଗଛଲଟା ମାଡିଥିବାରୁ ମନ୍ଦାର ନିକଟରେ ନଦୀ ଶଯ୍ୟା ଜଣାପଡୁନାହିଁ।

ଭଞ୍ଜନଗର ଜଳସମ୍ପଦ ବିଭାଗ ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଅଧୀନରେ ଋଷିକୁଲ୍ୟା ସିଷ୍ଟମରେ ୨୫୭.୦୩୬ କି.ମି. କେନାଲ ଥିବା ବେଳେ ୧୮୫୯୭.୦୫ ହେକ୍ଟର ଜମିକୁ ଜଳସେଚନ ସୁବିଧା ଅଛି। ଡହ ଜଳସେଚନ ପ୍ରକଳ୍ପ ଅଧୀନରେ ୧୧୮.୧୮ କି.ମି. କେନାଲ ଥିବା ବେଳେ ୬୫୮୦ ହେକ୍ଟର ଜମିକୁ ଜଳସେଚନ ସୁବିଧା ଅଛି। ବାଘୁଆ ଜଳସେଚନ ପ୍ରକଳ୍ପ ମାଧ୍ୟମରେ ୧୪୮.୩୩୫ କି.ମି. କେନାଲ ଥିବା ବେଳେ ୮୩୬୭ ହେକ୍ଟର ଜମିକୁ ଜଳସେଚନ ସୁବିଧା ଅଛି। ଭଞ୍ଜନଗର, ଡ଼ହ, ସୋରଡ଼ା ଏବଂ ବାଘୁଆ ଜଳଭଣ୍ଡାର ଅଧୀନରେ ମୋଟ ୫୨୩.୫୫୯ କି.ମି. କେନାଲ ଥିବା ବେଳେ ୩୩୫୪୪.୫ ହେକ୍ଟର ଜମିକୁ ଜଳସେଚନ ସୁବିଧା ଅଛି। ଏଥିସହ ୧୧ଟି ପ୍ରମୁଖ ନଦୀର ୩୯୨.୩୧୭ କି.ମି. ମୁଖ୍ୟ ନଦୀ ଆଡ଼ିବନ୍ଧ ଥିବାବେଳେ ମୁଖ୍ୟ ନଦୀକୁ ସଂଯୋଗ କରୁଥିବା ୨୩୯.୮୨୦ କି.ମି. ଛୋଟ ନଦୀ ଆଡ଼ିବନ୍ଧ ଅଛି। ବର୍ତ୍ତମାନ ଉକ୍ତ ନାଳ ଓ ନଦୀ ଆଡ଼ିବନ୍ଧର ମରାମତି ପାଇଁ ୧୦୪ଟି ଟେଣ୍ଡର ଡକାହୋଇଛି। ସେଥିମଧ୍ୟରୁ ୫୨ଟି ଟେଣ୍ଡରର ଚୁକ୍ତି ଠିକାଦାରଙ୍କ ସହ ୨ଦିନ ପୂର୍ବେ ସରିଛି। ବଳକା କାମର ଚୁକ୍ତି ସରିନାହିଁ। ସମସ୍ତ କାମ ୪ମାସ ମଧ୍ୟରେ ସାରିବା ଚୁକ୍ତିରେ ବ୍ୟବସ୍ଥା ଅଛି। ହେଲେ ଏବେ ବର୍ଷା ଆସିଯାଇଥିବାରୁ ନଦୀ, ନାଳ ଗୁଡ଼ିକରେ ଧିରେ ଧିରେ ପାଣି ଆସିଲାଣି। ବର୍ଷା ବଢ଼ିବା ପୂର୍ବରୁ ତାହାର ମରାମତି କରା ନ ଗଲେ ପରିସ୍ଥିତି ଆଗକୁ ଜଟିଳ ହେବ। ମାଧବରିଡ଼ା, ସୋରିଷମୁଳି, ଜାନିବିଲି ଆନିକଟ ହେଉଛି ଜଳସେଚନର ଏକ ପ୍ରମୁଖ ମାଧ୍ୟମ। କିନ୍ତୁ ମାଧବାରିଡ଼ା ଆନିକଟଟି ପୋତି ହେବାସହ ଲଟା ବୁଦାରେ ଭରିରହିଛି। ଲଟାବୁଦା ସଫା କରିବା ପ୍ରତି ଧ୍ୟାନ ଦିଆଯାଉନାହିଁ। ଏଥିସହ ମନ୍ଦାର ଓ ମାଧବରିଡ଼ା ମଝିରେ ନଦୀର ଅନେକ ସ୍ଥାନ ଲଟାବୁଦାରେ ଭରି ରହିଯାଇଥିବା ଯୋଗୁ ନଦୀକୁ ଚିହ୍ନିବା କଷ୍ଟକର ହୋଇପଡ଼ିଛି। ବର୍ଷା ଦିନ ଉକ୍ତ ନଦୀ ତାର ଗତିପଥ ବଦଳାଇ ଦେଉଛି। ଆଜକୁ କିଛିବର୍ଷ ହେବ ଉକ୍ତ ଅଞ୍ଚଳରେ ନଦୀର ଗତିପଥ ବଦଳି ଯାଇଥିବା ଯୋଗୁ ଅନେକ ଚାଷୀଙ୍କ ଜମି ନଦୀରେ ଚାଲିଯାଇଛି। ଜଳସମ୍ପଦ ବିଭାଗ ପକ୍ଷରୁ ଏନେଇ କୌଣସି ପଦକ୍ଷେପ ନିଆଯାଉନାହିଁ। ଅଧୀକ୍ଷଣ ଯନ୍ତ୍ରୀ ସଞ୍ଜୟ ପ୍ରଧାନଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି, ଯେଉଁଠି ମରାମତି ଆବଶ୍ୟକ ଅର୍ଥକୁ ଦେଖି କରାଯାଉଛି। ନିର୍ଦ୍ଧାରିତ ସମୟରେ କାମ ସରିବ । ବର୍ଷା ଋତୁରେ ଚାଷୀ ଏବଂ ସାଧାରଣ ଜନତାଙ୍କ ଯେଭଳି କୌଣସି ଅସୁବିଧା ନ ହେବ ସେଥିପାଇଁ ପଦକ୍ଷେପ ନିଆଯାଇଛି ବୋଲି ପ୍ରଧାନ କହିଛନ୍ତି। ନାଟଙ୍ଗାର ଚାଷୀ ବଳରାମ ସେଠୀ କହିଛନ୍ତି, ୨ ବର୍ଷ ହେବ କେନାଲରେ ପାଣି ଠିକ୍ ରୂପେ ଆସୁନାହିଁ। ବର୍ଷା କମିଗଲେ ଖରିଫ୍ ଫସଲ ପ୍ରଭାବିତ ହେଉଛି।

## ଡାଇରିଆରୁ ଛୋଟପିଲାଙ୍କୁ ସୁରକ୍ଷିତ ରଖିବାକୁ ଗୁରୁତ୍ୱ

ଭୁବନେଶ୍ୱର, ୧୬।୬ (ବନ୍ଦନା ସେଠୀ)

ବର୍ଷାଋତୁରେ ଜଳବାହିତ ରୋଗ ଡାଇରିଆର (ଝାଡ଼ାବାନ୍ତି)ର ନିରାକରଣ ନିମନ୍ତେ ରାଜ୍ୟରେ ସୋମବାରଠାରୁ ଷ୍ଟପ୍ ଡାଇରିଆ ଅଭିଯାନ ଆରମ୍ଭ ହୋଇଛି। ଏହି କ୍ରମରେ ରାଜ୍ୟ ମିଳିତ ସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟଠାରେ ବିଭାଗୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ଡାଇରିଆରୁ କିଭଳି ସମସ୍ତଙ୍କୁ ନିରାପଦ ରଖାଯାଇପାରିବ, ବିଶେଷକରି ଛୋଟପିଲାଙ୍କୁ ସୁରକ୍ଷିତ ରଖାଯିବ ସେନେଇ ଗୁରୁତ୍ୱାରୋପ ହୋଇଥିଲା। ୦ରୁ ୫ବର୍ଷ ପର୍ଯ୍ୟନ୍ତ ଶିଶୁମାନେ ଡାଇରିଆରେ ଆକ୍ରାନ୍ତ ହେଲେ, କେଉଁ ପର୍ଯ୍ୟାୟରେ କେତେ ପରିମାଣର ଓଆର୍ଏସ୍, ତରଳ ପଦାର୍ଥ ଏବଂ ଜିଙ୍କ୍ ଦିଆଯିବା ଆବଶ୍ୟକ ସେ ବିଷୟରେ ସୂଚନା ଦିଆଯାଇଥିଲା। ସେହିପରି ବିଭିନ୍ନ ସ୍ୱାସ୍ଥ୍ୟସେବା କେନ୍ଦ୍ରରେ ଓଆର୍ଏସ୍ ଏବଂ ଜିଙ୍କ୍ କର୍ନର ଖୋଲିବା ପାଇଁ ପରାମର୍ଶ ଦିଆଯାଇଥିଲା। ଏହି ଅବସରରେ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଡା. ଜିତେନ୍ଦ୍ର ବେବର୍ତ୍ତା, ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନୀଳକଣ୍ଠ ମିଶ୍ର, ପରିବାର କଲ୍ୟାଣ ନିର୍ଦ୍ଦେଶକ ଡା. ସଂଯୁକ୍ତା ସାହୁଙ୍କ ସମେତ ସ୍ୱାସ୍ଥ୍ୟ ବିଭାଗର ବରିଷ୍ଠ ଅଧିକାରୀମାନେ ଡାଇରିଆ ସଚେତନତା ଏବଂ ଶିଶୁ ସ୍ୱାସ୍ଥ୍ୟ ସୁରକ୍ଷା ସମ୍ବନ୍ଧିତ ସୂଚନା, ଶିକ୍ଷା ଓ ଜଳ ଯୋଗାଯୋଗ (ଆଇଇସି) ପତ୍ରିକା ଓ ସୂଚନାପତ୍ର ଉନ୍ମୋଚନ କରିଥିଲେ। ସେହିପରି ଭିଡିଓ କନ୍ଫରେନ୍ସିଂ ମାଧ୍ୟମରେ ସମସ୍ତ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ, ଜିଲା ଚିକିତ୍ସା ଅଧିକାରୀ, ଜିଲା ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ପରିଚାଳକ ପ୍ରମୁଖଙ୍କୁ ଷ୍ଟପ୍ ଡାଇରିଆ ଅଭିଯାନର ଲକ୍ଷ୍ୟ ଓ ପରିଚାଳନା ବିଷୟରେ ତଥ୍ୟ ସମ୍ବଳିତ ଅନୁପ୍ରେରଣା ଦିଆଯାଇଥିଲା।

## ଦୀର୍ଘ ଦିନ ଧରି ଖୋଲୁନି ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ
### ସେବା ପାଇବାରୁ ବଞ୍ଚିତ ହେଉଛନ୍ତି ଅଞ୍ଚଳବାସୀ



ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟକୁ ଆସିଥିବା ଗ୍ରାମବାସୀ।

ବାଲିଗୁଡ଼ା,୧୬।୬(ସଞ୍ଜୟ କୁମାର ପାଣିଗ୍ରାହୀ)

କନ୍ଧମାଳ ଜିଲା କ.ନୁଆଗାଁ ତହସିଲ ଅଧୀନରେ ଥିବା ଖଣ୍ଡଗୁଡା ରାଜସ୍ୱ ନିରୀକ୍ଷକ (ଆରଆଇ)ଙ୍କ କାର୍ଯ୍ୟାଳୟ ମାସ ମାସ ଧରି ଖୋଲୁନି। ଫଳରେ ଅଞ୍ଚଳବାସୀ ଏହି କାର୍ଯ୍ୟାଳୟରୁ ସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ବିଭିନ୍ନ କାର୍ଯ୍ୟରେ ଏଠାକୁ ଆସି ଦୀର୍ଘ ସମୟ ଧରି କାର୍ଯ୍ୟାଳୟ ସମ୍ମୁଖରେ ଅପେକ୍ଷା କଲେ ମଧ୍ୟ ରାଜସ୍ୱ ଅଧିକାରୀ ଆସୁନାହାନ୍ତି କି କାର୍ଯ୍ୟାଳୟ ଖୋଲୁନି। ଏଥିଯୋଗୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସମ୍ପୃକ୍ତ ରାଜସ୍ୱ ନିରୀକ୍ଷକଙ୍କ ମନମୁଖୀ କାର୍ଯ୍ୟକଳାପରେ ଅଞ୍ଚଳବାସୀ ଅତିଷ୍ଠ ହୋଇପଡିଲେଣି। ସରକାର ଏଥିପ୍ରତି ଦୃଷ୍ଟି ଦେଇ ତାଙ୍କୁ ଅନ୍ୟତ୍ର ବଦଳି କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ କ.ନୁଆଗାଁ ତହସିଲଦାର ଆନନ୍ଦ ପଣ୍ଡାଙ୍କୁ ପଚାରିବାରୁ ସେ ରାଜସ୍ୱ ଅଧିକାରୀଙ୍କ ଦୋଷ ଲୁଚାଇବାକୁ କିଛି କହିବାକୁ ମନା କରିଦେଇଥିଲେ। ଏ ଦିଗରେ ଜିଲା ପ୍ରଶାସନ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି।

## ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଷଷ୍ଠ ରାଜ୍ୟ ଅର୍ଥ କମିଶନ ଅଧ୍ୟକ୍ଷ ଓ ସଦସ୍ୟ
### ଓଡ଼ିଶା ରାଜ୍ୟ ଅର୍ଥ କମିଶନର ୱେବସାଇଟ୍ ଉନ୍ମୋଚିତ

ଭୁବନେଶ୍ୱର, ୧୬।୬(ସୁନିତ୍ ମିଶ୍ର):

ଷଷ୍ଠ ରାଜ୍ୟ ଅର୍ଥ କମିଶନ ସୋମବାର ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରି ରାଜ୍ୟର ସ୍ଥାନୀୟ ନିକାୟ ସଂସ୍ଥାଗୁଡ଼ିକୁ ସଶକ୍ତ କରିବା ନେଇ ସେମାନଙ୍କ ବହୁମୂଲ୍ୟ ପରାମର୍ଶ ଲୋଡ଼ିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଓଡ଼ିଶା ରାଜ୍ୟ ଅର୍ଥ କମିଶନର ୱେବସାଇଟ୍ (https://sfc.odisha.gov.in) ଉନ୍ମୋଚନ କରିଛନ୍ତି। ଏହି ୱେବସାଇଟ୍ ନିର୍ବାଚିତ ପ୍ରତିନିଧି, ଗ୍ରାମପଞ୍ଚାୟତ, ପଞ୍ଚାୟତ ସମିତି, ଜିଲା ପରିଷଦ, ନଗର ନିଗମ, ପୌରପାଳିକା, ବିଜ୍ଞାପିତ ଅଞ୍ଚଳ ପରିଷଦ, ବୁଦ୍ଧିଜୀବୀ, ବିଶ୍ୱବିଦ୍ୟାଳୟ ଏବଂ ଗବେଷଣା ସଙ୍ଗଠନ, ସାମାଜିକ ସଙ୍ଗଠନ ଏବଂ ବ୍ୟକ୍ତିବିଶେଷଙ୍କଠାରୁ ପରାମର୍ଶ/ମତାମତ ଆହ୍ୱାନ କରିବା ପାଇଁ ବିକଶିତ କରାଯାଇଛି। ଏହି ୱେବସାଇଟ୍‌ରେ ଜନସାଧାରଣଙ୍କ ସୂଚନା ପାଇଁ ପୂର୍ବ ଏବଂ ବର୍ତ୍ତମାନର ରାଜ୍ୟ ଅର୍ଥ କମିଶନ, ଅଧ୍ୟୟନ ରିପୋର୍ଟ, ପୂର୍ବ ରାଜ୍ୟ ଅର୍ଥ କମିଶନର ରିପୋର୍ଟ ଇତ୍ୟାଦିର ବିବରଣୀ ମଧ୍ୟ ରହିଛି। ଏହି ବୈଠକରେ ଷଷ୍ଠ ରାଜ୍ୟ ଅର୍ଥ କମିଶନର ଅଧ୍ୟକ୍ଷ ଅରୁଣ କୁମାର ପଣ୍ଡା, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର, ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗର ପ୍ରମୁଖ ଶାସନ ସଚିବ ବିଶାଲ କୁମାର ଦେବ, ଷଷ୍ଠ ରାଜ୍ୟ ଅର୍ଥ କମିଶନ ସଦସ୍ୟ ପ୍ରଫେସର ଅସିତ ରଞ୍ଜନ ମହାନ୍ତି, ପ୍ରଫେସର ଅମରେଶ ସାମନ୍ତରାୟ ଏବଂ ବିଭୁ ପ୍ରସାଦ ନାୟକ, କମିଶନ ସଦସ୍ୟ ସଚିବ ସତ୍ୟ ପ୍ରିୟ ରଥ ପ୍ରମୁଖ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ରାଜ୍ୟପାଳ ଭାରତୀୟ ସମ୍ବିଧାନର ଧାରା ୨୪୩-ଆଇ ଏବଂ ଧାରା ୨୪୩-ୱାଇ ଅନୁଯାୟୀ, ଅରୁଣ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଷଷ୍ଠ ରାଜ୍ୟ ଅର୍ଥ କମିଶନ ଗଠନ କରିଛନ୍ତି। ଯାହା ୧ ଏପ୍ରିଲ, ୨୦୨୬ଠାରୁ ୫ ବର୍ଷ ପାଇଁ ରାଜ୍ୟ ସରକାରଙ୍କଠାରୁ ସ୍ଥାନୀୟ ନିକାୟ ସଂସ୍ଥା (ଗ୍ରାମପଞ୍ଚାୟତ, ପଞ୍ଚାୟତ ସମିତି, ଜିଲା ପରିଷଦ, ନଗର ନିଗମ, ପୌରପାଳିକା, ବିଜ୍ଞାପିତ ଅଞ୍ଚଳ ପରିଷଦ)ଗୁଡ଼ିକୁ ସମ୍ବଳ ହସ୍ତାନ୍ତର ପାଇଁ ସୁପାରିସ କରିବେ।

## ଛତ୍ରପୁର ବ୍ଲକ: ୪୪ ଗାଁରେ ନାହିଁ ଜଳଯୋଗାଣ ପ୍ରକଳ୍ପ

ଛତ୍ରପୁର,୧୬।୬(ସନ୍ତୋଷ ପାଢ଼ୀ)

ଛତ୍ରପୁର ବ୍ଲକ ଦେଇ ଋଷିକୁଲ୍ୟା ନଦୀ ପ୍ରବାହିତ ହେଉଛି। ଏହି ନଦୀରୁ ବିଭିନ୍ନ ଶିଳ୍ପ, କାରଖାନା ଓ ଘରୋଇ କମ୍ପାନୀର ଆବାସିକ କଲୋନୀ ଏବଂ କ୍ୱାର୍ଟର୍ସକୁ ଦୈନିକ ପାଇପ ଯୋଗେ ପାଣି ଯୋଗାଣ ହେଉଛି। ଅନ୍ୟପକ୍ଷରେ ଜିଲ୍ଲା ହେଡକ୍ୱାର୍ଟର ଛତ୍ରପୁର ଏନ୍ଏସିରେ ପାଣିର ଅଭାବ ଲାଗି ରହିଛି। ସେହିପରି ଛତ୍ରପୁର ବ୍ଲକର ଗ୍ରାମାଞ୍ଚଳରେ ମଧ୍ୟ ପାନୀୟ ଜଳର ଅଭାବ ରହିଛି । ବ୍ଲକରେ ୧୮ଟି ପଞ୍ଚାୟତ ରହିଥିବା ବେଳେ ଏହା ଅଧୀନ ସମସ୍ତ ଗାଁକୁ ଏବେ ମଧ୍ୟ ପାଇପ ଜଳ ଯୋଗାଣ ବ୍ୟବସ୍ଥା ହୋଇନାହିଁ। କେତେକ ଗ୍ରାମରେ ପ୍ରକଳ୍ପ କାର୍ଯ୍ୟ ନିର୍ମାଣାଧୀନ ରହିଛି। କେତେକ ଗାଁ ସମୁଦ୍ର କୂଳବର୍ତ୍ତୀ ଅଞ୍ଚଳରେ ଥିବାରୁ ସେଠାରେ ଥିବା ନଳକୂପରୁ ଲୁଣି ପାଣି ଆସୁଛି। ଫଳରେ ଲୋକେ ପୋଖରୀ, ଗାଡ଼ିଆର ପାଣିକୁ ପାନୀୟ ଜଳ ଭାବେ ବ୍ୟବହାର କରିବାକୁ ବାଧ୍ୟ ହେଉଛନ୍ତି। ବ୍ଲକର ୪୪ଟି ଗାଁରେ ପାଇପ ଜଳଯୋଗାଣ ପ୍ରକଳ୍ପ ନାହିଁ। ୫୦ରୁ ଉର୍ଦ୍ଧ୍ୱ ନଳକୂପ ଅଚଳ ହୋଇ ପଡ଼ିରହିଛି। ଯେଉଁ ସବୁ ଗ୍ରାମକୁ ପାଇପ ଲାଇନ୍‌ରେ ଜଳଯୋଗାଣର ବ୍ୟବସ୍ଥା ନାହିଁ, ଉକ୍ତ ଗ୍ରାମ ଗୁଡ଼ିକୁ ମେଗା ପ୍ରକଳ୍ପରେ ସାମିଲ କରିବା ଦିଗରେ ପଦକ୍ଷେପ ନିଆଯାଉଥିବା ଛତ୍ରପୁର ବ୍ଲକ ଜଳଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ କୁହାଯାଇଛି।

## ଶିଶୁ ଶ୍ରମିକ ନିରାକରଣ ସଚେତନତା ଶୋଭାଯାତ୍ରା



ଶୋଭାଯାତ୍ରାରେ ସାମିଲ ହୋଇଥିବା ଅଧିକାରୀ, ବିଭିନ୍ନ ଟ୍ରେଡ୍ ୟୁନିୟନ ସଦସ୍ୟ ଓ ଅନ୍ୟମାନେ।

ନବରଙ୍ଗପୁର,୧୬।୬(ସଦାଶିବ ପ୍ରହରାଜ)

ନବରଙ୍ଗପୁରଠାରେ ସୋମବାର ଶିଶୁ ଶ୍ରମିକ ନିରାକରଣ ସଚେତନତା ପଦଯାତ୍ରାକୁ ଅତିରିକ୍ତ ଜିଲାପାଳ (ରାଜସ୍ୱ) ବିଶ୍ୱଜିତ ବର୍ମନ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ପଦଯାତ୍ରାଟି ନବରଙ୍ଗପୁର ସହରର ଆମ୍ବେଡକର ଛକରୁ ଆରମ୍ଭ ହୋଇ ଚାମୁରିଆଗୁଡ଼ା ଛକ ପର୍ଯ୍ୟନ୍ତ ଯାଇଥିଲା। କୌଣସି କର୍ମ, ବ୍ୟବସାୟିକ, ବୃତ୍ତିରେ ୧୫ ବର୍ଷରୁ କମ୍ ପିଲାଙ୍କୁ ଶ୍ରମିକ ଭାବେ ନିୟୋଜିତ ନ କରିବା, ୧୫ ରୁ ୧୮ ବର୍ଷ ବୟସର କିଶୋରୀ କିଶୋରଙ୍କୁ ବିପଦସଙ୍କୁଳ ବୃତ୍ତିରେ ନିୟୋଜନ ନ କରିବା ନେଇ ସ୍ଲୋଗାନ, ପୋଷ୍ଟର ଓ ପ୍ରଚାର ପତ୍ରିକା ମାଧ୍ୟମରେ ସଚେତନ କରାଯାଇଥିଲା। ଏହି ସଚେତନତା ଶୋଭାଯାତ୍ରାରେ ଜିଲା ଶ୍ରମଅଧିକାରୀ ଛୋଟରାୟ ଟୁଡୁ, ଶିଶୁ ମଙ୍ଗଳ କମିଟିର ଅଧ୍ୟକ୍ଷା ଅଜନ୍ତା ଶୁଭଦର୍ଶିନୀ, ଶିଶୁ ସୁରକ୍ଷା ଅଧିକାରୀ ସୁରେଶ ପଟ୍ଟନାୟକ, ଡିଆଇପିଆର୍‌ଓ ମନୋଜ କୁମାର ବେହେରା, ବିଭିନ୍ନ ଶ୍ରମିକ ସଂଘ କର୍ମକର୍ତ୍ତା ପରମେଶ୍ୱର ବିଷୋୟୀ ଉପସ୍ଥିତ ଥିଲେ।

## ବାରିକ ସମାଜର ବାର୍ଷିକ ସମ୍ମିଳନୀ



ସଭାରେ ଆଲୋଚନା ଚାଲିଛି।

ଧରାକୋଟ,୧୬।୬(ବିଷ୍ଣୁ କେଶରୀ ଆଚାର୍ଯ୍ୟ)

ନିଖିଳ ଉତ୍କଳ ବାରିକ ସମିତି ଧରାକୋଟ ତାଲୁକାର ବାର୍ଷିକ ସମ୍ମିଳନୀ ଧରାକୋଟ କଳାବିକାଶ କେନ୍ଦ୍ରଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମନୁ ଡାକୁଆ ସଭାପତିତ୍ୱ କରିଥିବା ବେଳେ ସଂପାଦକ ଭିକାରୀ ଚରଣ ଡାକୁଆ ଉପ ସଭାପତି ଉଲ୍ଲା ଡାକୁଆ, ଉପଦେଷ୍ଟା ରାଜେନ୍ଦ୍ର ବେହେରା ମଞ୍ଚାସୀନ ରହିଥିଲେ। ମୁଖ୍ୟ ଅତିଥିଭାବେ ବିଶିଷ୍ଟ ଲେଖକ ଗାଳ୍ପିକ ସୋମନାଥ ପଣ୍ଡା, ମୁଖ୍ୟବକ୍ତା ଭାବେ ନିଳାମ୍ବର ଡାକୁଆ, ସମ୍ମାନିତ ଅତିଥି ଭାବେ ସଦାନନ୍ଦ ବେହେରା ପ୍ରମୁଖ ମଞ୍ଚାସୀନ ରହିଥିଲେ। କାର୍ଯ୍ୟକ୍ରମରେ ବାର୍ଷିକ ବିବରଣୀ ପାଠ ସହ ଗତ ମାଟ୍ରିକ ପରୀକ୍ଷାରେ ଭଲ ନମ୍ବର ରଖିଥିବା ରୋଜି ଡାକୁଆ, ପୂଜାରାଣୀ ଡାକୁଆ, ଶୁଭମ ଡାକୁଆ,ଅଲେଖ ଡାକୁଆଙ୍କୁ ପୁରସ୍କୃତ କରାଯାଇଥିଲା। କୌଳିକ ବୃତ୍ତିର ସୁରକ୍ଷା ଜାତି ଭାଇ ମାନଙ୍କ ଭିତରେ ବନ୍ଧୁତ୍ୱ ଭାବ ସୃଷ୍ଟି କରିବା ଓ ବିଭିନ୍ନ ସମସ୍ୟା ସମାଧାନ ଉପରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମକୁ ମନୋଜ ବେହେରା, ବୃନ୍ଦାବନ ଡାକୁଆ,ଯୁଗିନାଥ ଡାକୁଆ, ପରିଚାଳନା କରିଥିଲେ।

## ରାସ୍ତାରେ ଗୋରୁପଲ, ବଢୁଛି ଦୁର୍ଘଟଣା



ଦାରିଙ୍ଗବାଡ଼ି,୧୬।୬ (ଅରୁଣ ସାହୁ)

୫୯ ନଂ. ଜାତୀୟ ରାଜପଥ ରାଇପୁରଠାରୁ ଗୋପାଳପୁରକୁ ସଂଯୋଗ କରୁଥିବା ରାସ୍ତାରେ ଏବେ ଗାଡ଼ି ସଂଖ୍ୟା ବୃଦ୍ଧିପାଇଛି। ବ୍ରହ୍ମପୁରଠାରୁ ଭବାନୀପାଟଣା, ବାଲିଗୁଡ଼ା, ରାଇପୁରକୁ ବହୁ ଗାଡ଼ି ଯାତାୟାତ କରୁଥିବା ବେଳେ ଜିଲା ଭିତରେ ଦାରିଙ୍ଗବାଡ଼ିରୁ ଫୁଲବାଣୀ, ବାଲିଗୁଡ଼ାକୁ ଯାତ୍ରୀବାହୀ ବସ ସମେତ ଅନେକ ଗାଡ଼ିମୋଟର ଯାତାୟାତ କରୁଛି। ହେଲେ ଏହି ରାଜପଥ ଏବେ ଯାତ୍ରୀଙ୍କ ପାଇଁ ବିପଦ ସାଜିଛି। ସନ୍ଧ୍ୟା ହେଲେ ରାଜପଥ ଉପରେ ଗୋରୁ ପଲ ଶୋଉ ଯାଉଛନ୍ତି। ଫଳରେ ଗାଡ଼ି ଚାଳକମାନେ ଅନେକ ସମସ୍ୟାରେ ପଡୁଛନ୍ତି। ଏହା ଦ୍ୱାରା ଦୁର୍ଘଟଣା ମଧ୍ୟ ବଢୁଛି। କିଛିଦିନ ତଳେ ଦାରିଙ୍ଗବାଡ଼ି ଶିବମନ୍ଦିର ରାସ୍ତାରେ ଏକ ବୋଲେରୋ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏକାଧିକ ଗୋରୁ ଆହତ ହେବା ସହ ଗୋଟିକର ମୃତ୍ୟୁ ଘଟିଥିଲା। ଚାଳକ ଅଳ୍ପକେ ରକ୍ଷା ପାଇଥିଲେ। ଉକ୍ତ ରାସ୍ତାରେ ଗୋରୁପଲ ଶହଶହ ସଂଖ୍ୟାରେ ରହୁଥିବାରୁ ଗାଡ଼ିମୋଟର ମଧ୍ୟ ତାଙ୍କ ଗନ୍ତବ୍ୟ ସ୍ଥଳରେ ଠିକ୍ ସମୟରେ ପହଞ୍ଚିବା ମୁସ୍କିଲ ହେଉଥିବା କିଛି ଚାଳକଙ୍କ ସହ ଆଲୋଚନା ବେଳେ କହିଥିଲେ। ଏଥିପ୍ରତି ପୋଲିସ ପ୍ରଶାସନ ଏବଂ ପଞ୍ଚାୟତ କାର୍ଯ୍ୟାଳୟ ପକ୍ଷରୁ ଗୋରୁ ମାଲିକଙ୍କୁ ସଚେତନ କରିବା ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବିହେଉଛି।

# ଚାଷଜମିକୁ ଛାଡୁଛନ୍ତି ବିଷାକ୍ତ କେମିକାଲ ପାଣି

■ ଚାଷୀ ଅଭିଯୋଗ କଲେ ଶୁଣୁନି ପ୍ରଶାସନ

■ ନଷ୍ଟ ହେଉଛି ଚିଲିକାର ପରିବେଶ, ଚିଙ୍ଗୁଡ଼ି ଯାଆଁଳ ଉପରେ ପ୍ରଭାବ

ରମ୍ଭା,୧୬।୬(ବନବାସୀ ସେଠୀ)

ଗଞ୍ଜାମ ବ୍ଲକ ଅନ୍ତର୍ଗତ ରାମଗଡ଼ ପଞ୍ଚାୟତର ଅରୁଣପୁର ନିକଟରେ ଥିବା ବେନାମୀ ଚାଷ ଜମିରୁ କେମିକାଲଯୁକ୍ତ ବିଷାକ୍ତ ପାଣି ଅନ୍ୟ ଚାଷଜମି ଓ ଚିଲିକାକୁ ଯାଉଥିବା ଅଭିଯୋଗ ହୋଇଛି। ଅଦିନିଆ ବର୍ଷାରେ ଅତ୍ୟଧିକ ବର୍ଷା ଜଳ ହେତୁ ନିକଟରେ ଥିବା ୨୦ରୁ ଉର୍ଦ୍ଧ୍ୱ ବେନାମୀ ଚିଙ୍ଗୁଡ଼ି ଚାଷ ଜମିରେ କେମିକାଲଯୁକ୍ତ ବିଷାକ୍ତ ପାଣି ପଶୁଛି। ଏହି ପାଣି ବେନାମୀ ଚାଷ କରୁଥିବା ଜମିମାଲିକଙ୍କ ଜମିର ବନ୍ଧ ଭାଙ୍ଗି ନିକଟରେ ଥିବା ହଜାର ହଜାର ହେକ୍ଟର ଚାଷ ଜମିରେ ମାଡୁଛି। ଫଳରେ ରାମଗଡ଼ ପଞ୍ଚାୟତ ଚାଷୀ ଏବେ ଚିନ୍ତାରେ ପଡିଛନ୍ତି। ରାମଗଡ଼ ପଞ୍ଚାୟତର ହଜାର ହଜାର ହେକ୍ଟର ଚାଷ ଜମିରୁ ଚାଷୀମାନେ ଧାନ ଉତ୍ପାଦନ କରିଥାନ୍ତି। କେମିକାଲଯୁକ୍ତ ବିଷାକ୍ତ ପାଣି ଚାଷ ଜମିରେ ପ୍ରବାହିତ ହେବାରୁ ଚାଷୀଙ୍କୁ ଧାନ ଉତ୍ପାଦନ କ୍ଷେତ୍ରରେ ବହୁ କ୍ଷତି ସହିବାର ଆଶଙ୍କା ଉପୁଜିଛି। ପୂର୍ବରୁ ମଧ୍ୟ ଏପରି ପାଣି ଯୋଗୁ ଚାଷ ଜମିରେ ଧାନ ଉତ୍ପାଦନ ବାଧାପ୍ରାପ୍ତ ହୋଇଥିଲା। ଅଭିଯୋଗ ସତ୍ତ୍ୱେ ଗଞ୍ଜାମ ବ୍ଲକ କୃଷି ବିଭାଗ କର୍ତ୍ତୃପକ୍ଷ ଓ ସ୍ଥାନୀୟ ତହସିଲଦାର କିଛି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନହାନ୍ତି ବୋଲି ରାମଗଡ଼ ଚାଷୀ ଅଭିଯୋଗ କରିଛନ୍ତି। କେବଳ ଚାଷ ଜମି ନୁହେଁ, ଏହି ପାଣି ପାଲୁର ସାହେବ କେନାଲ ଦେଇ ଚିଲିକା ମଧ୍ୟକୁ ପଶୁଛି। ଫଳରେ ଚିଲିକାର ପରିବେଶ ନଷ୍ଟ ହେବା ସହ ଚିଙ୍ଗୁଡ଼ି ଯାଆଁଳ ଉପରେ ଏହାର ପ୍ରଭାବ ପଡୁଛି। ସରକାର ଓ ଉଚ୍ଚ ନ୍ୟାୟାଳୟ ଏହି ବିଷାକ୍ତ ପାଣି ଉପରେ ରୋକୋ ଲଗାଇବାକୁ କହିଥିଲେ ମଧ୍ୟ ସ୍ଥାନୀୟ ପ୍ରଶାସନ ଅବହେଳା କରି କୌଣସି ପଦକ୍ଷେପ ନେଉନାହାନ୍ତି। ଅନ୍ୟପକ୍ଷରେ ବେନାମୀ ଜମି ମାଲିକମାନେ ପଟ୍ଟା ଜମିରେ ଚୁକ୍ତିନାମା କରି ନିଜ ଜାଗାରେ ଚାଷ କରୁଛୁ ବୋଲି ଦାବି କରି ରାତି ଅଧରେ ବିଷାକ୍ତ ପାଣି ଚିଲିକା ଓ ଚାଷ ଜମିକୁ ଛାଡୁଥିବା ଚାଷୀ ଅଭିଯୋଗ କରିଛନ୍ତି। ଏହା ଅଳେଶ୍ୱର ଶୈବ ପୀଠକୁ ଯାତାୟାତ ରାସ୍ତାରେ ପାଣି ଜମି ରହି ଯାତାୟାତରେ ବାଧା ସୃଷ୍ଟି କରୁଛି। ଫଳରେ ପର୍ଯ୍ୟଟକ, ପ୍ରୟାଗି ଗ୍ରାମବାସୀ ଓ ଶ୍ରଦ୍ଧାଳୁ ଗମନାଗମନରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତୁରନ୍ତ ପ୍ରଶାସନ ଏ ଦିଗରେ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଓ ପରିବେଶବିତ୍ ଦାବି କରିଛନ୍ତି।



ଛଡାଯାଇଥିବା ବିଷାକ୍ତ ପାଣି।

## ଜନ୍ମଦିନର ଶୁଭେଚ୍ଛା

ନାମ: ...................................
ବୟସ:...................................
ଜନ୍ମ ତାରିଖ: ...................................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଗାଧୋଇବା ବେଳେ ମହିଳାଙ୍କୁ ଝାମ୍ପିନେଲା କୁମ୍ଭୀର

**ଆଳି, ୧୬।୬(ବନମାଳୀ ସେନାପତି)**

ସୋମବାର ଥିଲା ଶେଷ ରଜ। ଘରେ ୩ ଝିଅଙ୍କୁ ଗାଧୋଇଦେଇ ପୋଷାକ ପିନ୍ଧାଇଦେବା ପରେ ମା' ଗାଧୋଇବାକୁ ଯାଇଥିଲେ। ହେଲେ ଗାଧୋଇବାକୁ ଯାଇ ଆଉ ଘରକୁ ଫେରି ନ ଥିଲେ। ମା' ଘରକୁ ଫେରିବାରେ ବିଳମ୍ବ ହେବାରୁ ଗାଧୁଆତୁଠକୁ ଝିଅ ଖୋଜିବାକୁ ଯାଇଥିଲେ। ସେଠାରେ ମା' ନ ଥିଲା, କିନ୍ତୁ ତୁଠ ଉପରେ ଥିଲା କପଡ଼ା। ମା'ଙ୍କୁ ନ ପାଇ ଝିଅ କାନ୍ଦିବାରୁ ଗାଁ ଲୋକ ଯାଇ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କ ପତ୍ତା ପାଇ ନ ଥିଲେ। ଏଭଳି ଘଟଣା ଘଟିଛି କେନ୍ଦ୍ରାପଡ଼ା ଜିଲା ଆଳି ଥାନା କୋଳିଡ଼ିହ ପଞ୍ଚାୟତ ଅଁଳାଡିହ ଗାଁରେ।

ପୋଲିସ ସୂଚନା ମୁତାବକ, କୈଳାସ ମହାନ୍ତିଙ୍କ ସ୍ତ୍ରୀ କାଜଲ ପୂର୍ବାହ୍ନ ୧୧ଟାରେ ଘର ନିକଟରେ ଥିବା ଖରସ୍ରୋତା ନଦୀ ସହ ସଂଲଗ୍ନ ଥିବା ପାନିଆ ଯୋରକୁ



କାଜଲ ମହାନ୍ତି

ଗାଧୋଇବାକୁ ଯାଇଥିଲେ। କାଜଲ କପଡ଼ା କାଚି ସାରି ଉପରେ ରଖି ଗାଧୋଇବାକୁ ଯୋର ଭିତରକୁ ଯିବା ମାତ୍ରେ ଛପି ରହିଥିବା କୁମ୍ଭୀର ତାଙ୍କୁ ଝାମ୍ପି ନେଇଥିଲା। ଅନେକ ସମୟ ଧରି କାଜଲ ଘରକୁ ନ ଫେରିବାରୁ ତାଙ୍କ ୨ ଝିଅ ଯୋର ନିକଟକୁ ଖୋଜିବାକୁ ଯାଇଥିଲେ। ଯୋର ନିକଟରେ ପିନ୍ଧାବସ୍ତ୍ର ଥିବା ବେଳେ ମା' ନ ଥିବାରୁ ୨ ଝିଅ କାନ୍ଦି କାନ୍ଦି ଗାଁ ଲୋକଙ୍କୁ ଡାକି ଥିଲେ। ଗ୍ରାମବାସୀ ଯୋର ଭିତରେ ପଶି ଖୋଜାଖୋଜି କରିବା ସହ ଭୁଟୁଭୁଟି ନେଇ ଖୋଜା ଆରମ୍ଭ କରି ଦେଇଥିଲେ। ଦୀର୍ଘ ସମୟ ଖୋଜିବା ପରେ ସେହି ଯୋର ମଧ୍ୟରେ କୁମ୍ଭୀର କାଜଲଙ୍କୁ ଖାଉଥିବା ଦେଖିଥିଲେ। କୁମ୍ଭୀରକୁ ସେମାନେ ଘଉଡ଼ାଇଥିଲେ। ଘଟଣାସ୍ଥଳରେ ଆଳି ପୋଲିସ, ବନ ବିଭାଗ ଓ ତହସିଲଦାର କ୍ଷତିଗ୍ରସ୍ତ ପରିବାର ନିକଟରେ ପହଞ୍ଚିଥିଲେ। ବନ ବିଭାଗର ଉଦାସୀନତା ଯୋଗୁ ବାରମ୍ବାର ଗୋଟିଏ ପରେ ଗୋଟିଏ ଜୀବନ କୁମ୍ଭୀର ମୁହଁରେ ଚାଲିଯାଉଛି ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। କାଜଲଙ୍କ ସ୍ୱାମୀ କୈଳାସ ଚାଷକରି ପରିବାର ପ୍ରତିପୋଷଣ କରୁଥିବା ବେଳେ ଘରେ ତାଙ୍କର ୩ ଝିଅ ଅଛନ୍ତି। ଖବର ଲେଖାହେବା ସୁଦ୍ଧା ମହିଳାଙ୍କ ମୃତଦେହର କିଛି ଅଂଶ ଉଦ୍ଧାର ହୋଇଥିବା ଜଣାପଡ଼ିଛି।

# ବଜ୍ରପାତରେ ୨ ଭଉଣୀ ମୃତ

**ଗୁଡାରି, ୧୬।୬ (ପ୍ରମୋଦ କୁମାର ପତି)**

ଖୁସିର ସ୍ମୃତି ସାଉଁଟିବାକୁ ରାୟଗଡ଼ା ଜିଲା ଗୁଡ଼ାରୀ ବ୍ଲକ ମିଲୁଢ଼େପ ସାହରି କେତେଜଣ ମହିଳା ଓ ଯୁବତୀ ମିଶି ଶେଷ ରଜ ସୋମବାରରେ ବଣକୁ ଭୋଜି କରିବାକୁ ଯାଇଥିଲେ। କିନ୍ତୁ ହଠାତ୍ ଝଡ଼ବର୍ଷା ହୋଇଥିଲା। ଏହି ସମୟରେ ବଜ୍ରପାତ ଘଟି ୨ ଭଉଣୀଙ୍କ ମୃତ୍ୟୁ ହୋଇଯାଇଛି। ଏଥିରେ ଅନ୍ୟ ଜଣେ ଗୁରୁତର ଥିବା ଜଣାପଡ଼ିଛି। ମୃତକ ହେଲେ ପ୍ରସାଦ ଗୌଡ଼ଙ୍କ ୨ ଝିଅ ରୁପାଲି ଗୌଡ଼ (୨୦) ଓ ସୋନାଲି ଗୌଡ଼ (୧୮)। ଏଥିରେ ଜଗନ୍ନାଥ ଗୌଡ଼ଙ୍କ ଝିଅ କାଜଲ ଗୌଡ଼ (୨୦) ଆହତ ହୋଇଛନ୍ତି। ମୃତ ରୁପାଲି ଗତ ମାସରେ ଗୁଡ଼ାରୀର ଫାଲଗୁନି ଗୌଡ଼ଙ୍କୁ ବିବାହ କରିଥିଲେ।

ସୂଚନାନୁଯାୟୀ, ରାୟଗଡ଼ା ଜିଲା ଗୁଡାରି ସହରର ମିଲୁଢ଼େପ ସାହିର କେତେଜଣ ମହିଳା ଓ ଯୁବତୀ ସ୍ଥାନୀୟ ବାଟିଆବିଲ ଆମ୍ବ ତୋଟାରେ ଭୋଜି କରିବାକୁ ଯାଇଥିଲେ। ଭୋଜି ଖାଇ ଘରକୁ ଫେରିବା ସମୟରେ ହଠାତ ଘଡ଼ଘଡ଼ି ସହ ବର୍ଷା ହୋଇଥିଲା। ବଜ୍ରପାତରେ ରୁପାଲି ଓ ସୋନାଲି ଓ କାଜଲ ଆହତ ହୋଇଥିଲେ। ସେମାନଙ୍କୁ ଅନ୍ୟମାନେ ଉଦ୍ଧାର କରି ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ଆମ୍ବୁଲାନ୍ସରେ ସମସ୍ତଙ୍କୁ ଗୁଣୁପୁର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ରୁପାଲି ଓ ସୋନାଲିଙ୍କ ମୃତ୍ୟୁ ହୋଇଛି। କାଜଲଙ୍କୁ ଅଧିକ ଚିକିତ୍ସା ନିମନ୍ତେ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଥିବା ସୂଚନା ମିଳିଛି।

# ସ୍ତ୍ରୀଙ୍କୁ ହତ୍ୟା ଅଭିଯୋଗରେ ସ୍ୱାମୀ ଗିରଫ

**ସୋର, ୧୬।୬(ଜନ୍ମେଜୟ ମିଶ୍ର)**

ବାଲେଶ୍ୱର ଜିଲା ସୋର ଥାନା କାନ୍ଥିଗଡ଼ିଆ ଗ୍ରାମର ଜଣେ ମହିଳାଙ୍କୁ ହତ୍ୟା ଅଭିଯୋଗରେ ତାଙ୍କ ସ୍ୱାମୀଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୋଗ ଅନୁସାରେ କୋଚିଆକୋଇଲି ପଞ୍ଚାୟତ କାନ୍ଥିଗଡ଼ିଆ ଗ୍ରାମର ରାଜେନ୍ଦ୍ର ମଲିକଙ୍କ ସହ ଖୀରକୋଣା ଗ୍ରାମର ରୁନୁ ଦାସଙ୍କ ଗତ ୯ ବର୍ଷ ପୂର୍ବେ ନୋଟାରୀ ବିବାହ ହୋଇଥିଲା। ଗତ ୧୩ ତାରିଖ ସକାଳେ ଶୋଇବା ଘରେ ରୁନୁ ବେକରେ ଶାଢ଼ିବାନ୍ଧି ଝୁଲିପଡିଥିବା ବେଳେ ତାଙ୍କ ସ୍ୱାମୀ ରାଜେନ୍ଦ୍ର ଉଦ୍ଧାର କରି ସୋର ଡାକ୍ତରଖାନାକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରେ ରୁନୁଙ୍କ ବାପ ଘର ଲୋକେ ଡାକ୍ତରଖାନାରେ ପହଞ୍ଚି ତାଙ୍କ ଝିଅକୁ ହତ୍ୟା କରାଯାଇଥିବା ଅଭିଯୋଗ କରି ରୁନୁଙ୍କ ଶ୍ୱଶୁର ଘର ଲୋକଙ୍କୁ ମାଡ଼ ମାରିଥିଲେ। ଏପରିକି ସ୍ଥାନୀୟ ଲୋକ ସମେତ ସୋର ପୋଲିସ ସେଥିରୁ ବାଦ୍ ପଡ଼ି ନ ଥିଲେ। ସୋର ଥାନା ଅଧିକାରୀ ସୁଦୀପ୍ତ ସାହୁ ଡାକ୍ତରଖାନାରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲା। ୬ଘଣ୍ଟା ପରେ ସ୍ଥିତି ଶାନ୍ତ ପଡିଥିଲା। ରୁନୁଙ୍କ ବାପା ଘର ଲୋକଙ୍କ ହତ୍ୟା ଅଭିଯୋଗ ପରେ ସୋର ପୋଲିସ ଏକ ମାମଲା(ନଂ. ୪୫୧/୨୫) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ରଖିବା ସହିତ ସ୍ୱାମୀ ରାଜେନ୍ଦ୍ର, ଶ୍ୱଶୁର ଏବଂ ଶାଶୁଙ୍କୁ ଥାନାରେ ଅଟକ ରଖିଥିଲା। ପ୍ରାଥମିକ ତଦନ୍ତ ପରେ ପୋଲିସ ରାଜେନ୍ଦ୍ରଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

# ସ୍ତ୍ରୀ, ପୁଅକୁ ହାଣି ଯୁବକ ଫେରାର

**ଭୋଗରାଇ, ୧୬।୬(ପ୍ରଦୀପ ଦାସ)**

**ଗୁରୁତର ଅବସ୍ଥାରେ କଟକ ମେଡିକାଲରେ ମା' ପୁଅ**

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ କମର୍ଦ୍ଦା ଥାନା ଅଧୀନ ଆରୁହାବୃତ୍ତି ୨ (ଦହମୁଣ୍ଡା ) ଗ୍ରାମରେ ରବିବାର ରାତି ୨ଟା ବେଳେ ଏକ ବୀଭତ୍ସ କାଣ୍ଡ ଘଟିଛି। ଘରୋଇ କଳହରୁ ଗ୍ରାମର ପ୍ରଶାନ୍ତ ଜେନା(୪୪) ମାନସିକ ଭାରସାମ୍ୟ ହରାଇ ସ୍ତ୍ରୀ ଦେବିକାରାଣୀ ଜେନା (୩୨) ଓ ୫ ବର୍ଷର ବଡ଼ପୁଅ କାର୍ତ୍ତିକଙ୍କୁ ଏକ ଧାରୁଆ ଅସ୍ତ୍ରରେ ହାଣିବା ପରେ ୨ବର୍ଷର ସାନପୁଅ ଗଣେଶଙ୍କୁ ଏକ ଖୁଣ୍ଟ ଉପରକୁ ଠେଲିଦେଇ ଫେରାର ହୋଇଯାଇଛନ୍ତି। ରାତିଅଧରେ ଚିତ୍କାର ଶୁଣି ପଡ଼ୋଶୀ ଛୁଟି ଆସିବା ସହିତ ରକ୍ତ ଜୁଡୁବୁଡୁ ଅବସ୍ଥାରେ ମହିଳା ଓ ୨ ପୁଅଙ୍କୁ ପ୍ରଥମେ କମର୍ଦ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ବାଲେଶ୍ୱର ମୁଖ୍ୟ ଡାକ୍ତରଖାନାକୁ ଚିକିତ୍ସା ନିମନ୍ତେ ନେଇଯାଇଥିଲେ। ସେଠାରେ ମହିଳା ଓ ୨ ଶିଶୁଙ୍କ ଅବସ୍ଥା ଉଦ୍‌ବେଗଜନକ ହେବାରୁ ସୋମବାର ସକାଳୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଖବରଲେଖା ବେଳକୁ ସେଠାରେ ମା' ଓ ବଡ଼ପୁଅଙ୍କ ଅବସ୍ଥା ସଂକଟାପନ୍ନ ଥିବା ଜଣାପଡ଼ିଛି। ସାନପୁଅର ଅବସ୍ଥା ସ୍ଥିର ରହିଥିବା ସୂଚନା ମିଳିଛି। କମର୍ଦ୍ଦା ଥାନା ପୋଲିସ ପହଞ୍ଚି ପ୍ରାଥମିକ ତଦନ୍ତ ଜାରି ରଖିଛି।

ଗ୍ରାମବାସୀଙ୍କ କହିବା ଅନୁଯାୟୀ, ପ୍ରଶାନ୍ତ ଜଣେ ଶିକ୍ଷିତ ଯୁବକ। ସେ ତାଙ୍କ ସ୍ତ୍ରୀ ଦେବିକାରାଣୀଙ୍କ ମେରୁଦଣ୍ଡଜନିତ ରୋଗରେ ବହୁ ଅର୍ଥ ଖର୍ଚ୍ଚ କରିଛନ୍ତି। ମାଗିଯାଚି ୫ କୁଟୁମ୍ବ ପ୍ରତିପୋଷଣ କରିଥାନ୍ତି ବୋଲି ଗ୍ରାମବାସୀ କହିଛନ୍ତି। ଆର୍ଥିକ ସ୍ଥିତି ଅତ୍ୟନ୍ତ ଖରାପ ଥିବାରୁ ଘରେ ଦମ୍ପତିଙ୍କ ମଧ୍ୟରେ କଳହ ଲାଗୁଥିବା ପଡ଼ୋଶୀ କହିଛନ୍ତି। ମହିଳାଙ୍କ ବାପା ଅଲାଲବିନ୍ଧା ଗ୍ରାମର ନାରାୟଣ ନାୟକ ତାଙ୍କ ଝିଅଙ୍କୁ ପରିବାର ଲୋକେ ମିଶି ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିବା କମର୍ଦ୍ଦା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି।

# ମହିଳା ଶ୍ରମିକଙ୍କୁ ଠିକାସଂସ୍ଥା କର୍ମଚାରୀଙ୍କ ମାଡ଼



ଗୁରୁତର ହୋଇଥିବା ମହିଳା ଶ୍ରମିକ।

**ପରଜଙ୍ଗ, ୧୬।୬(ନିଗମାନନ୍ଦ ଦଳବେହେରା)**

ଢେଙ୍କାନାଳ ଜିଲା ସାଆନ୍ଦା ଫାଣ୍ଡି ବଡ଼କମରଠାରୁ ଖଡ଼ଗପ୍ରସାଦ ପର୍ଯ୍ୟନ୍ତ ବ୍ରାହ୍ମଣୀ ନଦୀ ଉପରେ ନିର୍ମାଣ ହେଉଥିବା ସେତୁରେ କାର୍ଯ୍ୟରତ ତେଲେଙ୍ଗାନା ଅଞ୍ଚଳର ମହିଳା ଶ୍ରମିକ ଜୟା ଆମ୍ମା(୪୫)ଙ୍କୁ ଠିକାସଂସ୍ଥାର ୨ କର୍ମଚାରୀ ସୋମବାର ମାଡ଼ ମାରି ଗୁରୁତର କରିଥିବା ଅଭିଯୋଗ ହୋଇଛି। ଜୟା ଘରକୁ ଯିବା ପାଇଁ ବକେୟା ଟଙ୍କା ମାଗିବାରୁ ତାଙ୍କୁ ମାଡ଼ ମରାଯାଇଥିବା କୁହାଯାଉଛି। ସ୍ଥାନୀୟ ଗ୍ରାମବାସୀ ଏବଂ ପରଜଙ୍ଗ ବ୍ଲକ ଅଧ୍ୟକ୍ଷା ଶର୍ମିଷ୍ଠା ଦଳବେହେରା ଜୟାଙ୍କୁ ଉଦ୍ଧାର କରିବା ସହ ଫୋନ୍ ଯୋଗେ ପାଲିସକୁ ଜଣାଇଥିଲେ। ପରେ ସାଆନ୍ଦା ଫାଣ୍ଡି ଅଧିକାରୀ ଜୋସେଫ ପଟ୍ଟନାୟକ ପହଞ୍ଚି ମହିଳାଙ୍କୁ ଉଦ୍ଧାର କରି ମେଡିକାଲ ପଠାଇବା ସହ ମାଡ଼ ମାରିଥିବା ୨ କର୍ମଚାରୀଙ୍କୁ ଅଟକ ରଖି ପଚରାଉଚୁରା କରୁଛନ୍ତି। କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଡକାଯାଇଛି ଓ ମହିଳା ଜଣଙ୍କ ଚିକିତ୍ସାରୁ ଫେରିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଫାଣ୍ଡି ଅଧିକାରୀ ସୂଚନା ଦେଇଛନ୍ତି।

# ସ୍ତ୍ରୀଙ୍କୁ ଶାବଳ ଭୁସି ହତ୍ୟା

**ବିଞ୍ଝାରପୁର/ସିଂହପୁର, ୧୬।୬(ରାମକୃଷ୍ଣ ଦାସ/ଅନଙ୍ଗ ଉଦୟ ବେଉରିଆ)**

ଯାଜପୁର ଜିଲା ବିଞ୍ଝାରପୁର ଥାନା ଅନ୍ତର୍ଗତ ଚନ୍ଦ୍ରମୁଁଠାରେ ରବିବାର ରାତିରେ ବୀଭତ୍ସ ହତ୍ୟାକାଣ୍ଡ ଘଟିଛି। ପାରିବାରିକ କଳହକୁ କେନ୍ଦ୍ରକରି ଗ୍ରାମର ସୁଦାମ ମଲ୍ଲିକ ସ୍ତ୍ରୀ ଶାନ୍ତିଲତା ମଲ୍ଲିକ(୪୨)ଙ୍କୁ ଶାବଳ ଭୁସି ହତ୍ୟା କରିଛନ୍ତି। ଏନେଇ ଶାନ୍ତିଲତାଙ୍କ ପରିବାର ସୋମବାର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇବା ସହ ସୁଦାମଙ୍କୁ ଗିରଫ କରି ଘଟଣାର ତଦନ୍ତ ଚଳାଇଛି। ଘଟଣାସ୍ଥଳରୁ ପୋଲିସ ହତ୍ୟାରେ ବ୍ୟବହୃତ ଶାବଳକୁ ଜବତ କରିଛି। ଅଭିଯୋଗ ମୁତାବକ, ରାତିରେ ସୁଦାମ ଓ ଶାନ୍ତିଲତା ଶୋଇଥିବାବେଳେ କୌଣସି କାରଣକୁ ନେଇ ସେମାନଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏହାପରେ ସୁଦାମ ଘର କାବଟ ବନ୍ଦ କରି ଏକ ଶାବଳରେ ଶାନ୍ତିଲତାଙ୍କ ପେଟ, ଛାତି ଓ ବେକକୁ ଭୁସି ପକାଇଥିଲେ। ଶାନ୍ତିଲତା ଚିତ୍କାର କରିବାରୁ ତାଙ୍କ ଶାଶୁ, ଦିଅର ଓ ପଡ଼ୋଶୀ ଆସି କବାଟ ବାଡ଼େଇଥିଲେ।



ଗିରଫ ଅଭିଯୁକ୍ତ ସୁଦାମ

ହେଲେ ସୁଦାମ କବାଟ ଖୋଲି ନ ଥିଲେ। ଏହାପରେ ସେମାନେ କବାଟ ଭାଙ୍ଗି ଘରେ ପଶିଥିଲେ। ଶାନ୍ତିଲତା ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡ଼ିଥିବା ଦେଖି ତାଙ୍କୁ ବିଞ୍ଝାରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ପୋଲିସ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ମୃତଦେହକୁ ଜବତ କରିଥିଲା। ଏନେଇ ଥାନାରେ ୨୮୦।୨୫ ନମ୍ବରରେ ଏକ ହତ୍ୟା ମାମଲା ରୁଜୁ ହୋଇଛି।

# ଜଙ୍ଗଲରୁ ଶିଶୁପୁତ୍ର ଉଦ୍ଧାର

**ଯୋଡ଼ା, ୧୬।୬(ମାନସ ମହାନ୍ତି)**

କେନ୍ଦୁଝର ଜିଲା ଯୋଡ଼ା ଥାନା ଅନ୍ତର୍ଗତ ଭାଗଲପୁର ଗ୍ରାମ୍ୟ ଜଙ୍ଗଲ ଏକ ବୁଦାମୂଳରୁ ଏକ ଶିଶୁ ପୁତ୍ରକୁ ଉଦ୍ଧାର କରାଯାଇଛି। ତାଙ୍କୁ ଚମ୍ପୁଆ ମେଡିକାଲରେ ଚିକିତ୍ସା ନିମନ୍ତେ ରଖାଯାଇଛି। ଶିଶୁର ବୟସ ଏକମାସ ହେବ ବୋଲି ଡାକ୍ତର ସୂଚନା ଦେଇଛନ୍ତି। ସୂଚନା ଅନୁଯାୟୀ, ଗ୍ରାମର କେତେଜଣ ଲୋକ ସୋମବାର ଜଙ୍ଗଲକୁ ଛେଳି ଚରାଇବାକୁ ଯାଇଥିଲେ। ଏକ ବୁଦାମୂଳେ ଶିଶୁର କାନ୍ଦ ଶୁଣି ସେଠାରେ ପହଞ୍ଚିଥିଲେ। ଶିଶୁର ଶରୀରରେ ପିମ୍ପୁଡ଼ି ବେଢ଼ିଯାଇଥିବାରୁ ରାହାଧରି କାନ୍ଦୁଥିଲା। ଛୁଆକୁ ଉଦ୍ଧାର କରି ଗାଁର ଆଶାକର୍ମୀଙ୍କୁ ଜଣାଇଥିଲେ। ଆଶାକର୍ମୀ ପ୍ରମିଳା ନାଏକ ଗ୍ରାମବାସୀଙ୍କ ସହଯୋଗରେ ଚମ୍ପୁଆ ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି। ସେଠାରେ ଚିକିତ୍ସା ଜାରି ରହିଥିବା ବେଳେ ଶିଶୁର ଅବସ୍ଥା ଭଲ ଥିବା ଡା. ସୋନାରାମ ମୁର୍ମୁ କହିଛନ୍ତି। ଯୋଡ଼ା ବ୍ଲକ୍ ସିଡିପିଓ ସୁକାନ୍ତି ପାତ୍ର କହିଛନ୍ତି, ଶିଶୁପୁତ୍ର ଉଦ୍ଧାର ନେଇ ସେ ଅବଗତ ଅଛନ୍ତି। ଡାକ୍ତରଙ୍କ କହିବା ଅନୁଯାୟୀ, ବର୍ତ୍ତମାନ ସ୍ୱାସ୍ଥ୍ୟବସ୍ଥା ଭଲ ଅଛି। ସମ୍ପୂର୍ଣ୍ଣ ସୁସ୍ଥ ହେଲା ପରେ ଥଇଥାନ ପାଇଁ ଜିଲା ଶିଶୁ ସୁରକ୍ଷା ଅଧିକାରୀଙ୍କ ସହ କଥାବାର୍ତ୍ତା ହେବେ ବୋଲି କହିଥିଲେ।

# ଯୁବତୀଙ୍କୁ ଅପହରଣ ସନ୍ଦେହରେ ଶ୍ରମିକଙ୍କୁ ମାଡ

**ଭୁବନେଶ୍ୱର, ୧୬।୬ (ସତ୍ୟଜିତ୍ ରାଉତ)**

ଜଣେ ଯୁବତୀଙ୍କୁ ଅପହରଣ କରାଯାଉଥିବା ସନ୍ଦେହ କରି ସ୍ଥାନୀୟ ଲୋକେ ଦୁଇଜଣ ଶ୍ରମିକଙ୍କୁ ନିସ୍ତୁକ ମାଡ ମାରିଛନ୍ତି। ଭୁବନେଶ୍ୱର ଖଣ୍ଡଗିରି ଥାନା ଅନ୍ତର୍ଗତ ଡୁମୁଡୁମା ଯଦୁପୁର ଅଞ୍ଚଳରେ ରବିବାର ବିଳମ୍ବିତ ରାତିରେ ଏହି ଘଟଣା ଘଟିଛି। ସେମାନେ ସମସ୍ତେ ଶ୍ରମିକ ହୋଇଥିବା ବେଳେ ମଦ୍ୟପାନ କରି ଫେରୁଥିଲେ ବୋଲି ପୋଲିସ ତଦନ୍ତରୁ ଜଣାପଡିଛି। ପୋଲିସ ସେମାନଙ୍କୁ ଥାନାରେ ପଚାରାଉଚରା କରି ଛାଡି ଦେଇଛି। ମିଳିଥିବା ସୂଚନା ଅନୁଯାୟୀ, ଶ୍ରମିକଦ୍ୱୟ ପଶ୍ଚିମବଙ୍ଗର ହୋଇଥିବା ବେଳେ ଯୁବତୀ ଜଣକ ଝାଡ଼ଖଣ୍ଡର। ସେମାନେ ପୋଖରୀପୁଟ ଅଞ୍ଚଳରେ ଜଣେ ଠିକାଦାରଙ୍କ ପାଖରେ କାମ କରନ୍ତି। ରବିବାର ରାତିରେ ସାଥି ହୋଇ ମାର୍କେଟ୍‌କୁ ଯାଇଥିଲେ। ବୁଲାବୁଲି କରିବା ପରେ ସମସ୍ତେ ମଦ୍ୟପାନ କରିଥିଲେ। ଯୁବତୀ ଜଣକ ଅଧିକ ମଦ୍ୟପାନ କରିଥିବାରୁ ଠିକ୍ ଭାବେ ଚାଲିପାରୁ ନ ଥିଲେ। ରାତି ପ୍ରାୟ ୧୨ଟା ୩୦ରେ ସାଥିରେ ଥିବା ଶ୍ରମିକଦ୍ୱୟ ରାସ୍ତାରେ ତାଙ୍କୁ ଧରି ନେଉଥିଲେ। ସମସ୍ତେ ପରସ୍ପର ହିନ୍ଦିରେ କଥା ହେଉଥିଲେ। ଏହି ସମୟରେ ଉକ୍ତ ଯୁବତୀଙ୍କୁ ଅପହରଣ କରାଯାଉଥିବା ସନ୍ଦେହ କରି ସ୍ଥାନୀୟ ଲୋକମାନେ କାଣ୍ଡ ଘଟାଇଥିଲେ। ଉକ୍ତ ଯୁବତୀ ଜଣକ ନାବାଳିକ ବୋଲି ଲୋକମାନେ ସନ୍ଦେହ କରିଥିଲେ। ସେମାନେ ଶ୍ରମିକଦ୍ୱୟଙ୍କୁ ଅଟକ ରଖି ମାଡ ମାରି ବହୁ ପ୍ରଶ୍ନ ପଚାରିଥିଲେ। ଏଥିସହ ପୋଲିସକୁ ଖବର ଦେଇଥିଲେ। ପୋଲିସ ଟିମ୍ ସେଠାରେ ପହଞ୍ଚି ଲୋକଙ୍କ କବଳରୁ ସମସ୍ତଙ୍କୁ ଉଦ୍ଧାର କରିଥିଲା। ତେବେ ଅଧିକ ତଦନ୍ତ କରିବା ପରେ ସନ୍ଦେହ ଦୂର ହେବା ସହ ସତ କଥା ଜଣାପଡିଥିଲା। ଏନେଇ କୌଣସି ମାମଲା ହୋଇ ନ ଥିବା ଥାନାଧିକାରୀ ଅଭିମନ୍ୟୁ ଦାସ କହିଛନ୍ତି।


# Classified Everyday

**0674-2580101, 9692975378**



REAL ESTATE

**SALE**

**Ready to move 1/2 BHK flat for sale @ 13/24 lakh at Sundarpada and Gudiapokhari, Bhubaneswar. Call- 9861642492.** D-738

Gharabari ସ୍ଥିତିବାନ plot ବିକ୍ରି ହେବ ଭୁବନେଶ୍ୱର- ଗୁଡ଼ିଆପୋଖରୀ- 1460-1760/- ଉତ୍ତରା- 2460/-, ଲିଙ୍ଗିପୁର-4060/-, ଲକ୍ଷ୍ମୀସାଗର-6000/-, ଝାରପଡ଼ା- 4600/- contact- 7978551614, 9439049194. D-950

**Stitiban plot for sale at near ମାଳତିପାଟପୁର ରେଲ୍‌ୱେଷ୍ଟେସନ୍ & Bus Stand Puri, close to 200ft. ଭାରତମାଳା, 100ft. costal Highway Road, psqft-1000/-. 9090746445, 7008067338.** D-76275



Healthcare

Wellness relax body massage & joint pain treatment by trend therapist. 7327020180. D-76917

**Relax, Refresh your body, Mind at Saikrupa SPA with best therapies. 7848011468.** D-859

Newly open SPA positively health benefits (expert therapist). Contact- 7749034655. D-76919

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**AFFIDAVIT**

By virtue of an affidavit sworn before Executive Magistrate, Bhubaneswar, dated 13.06.2025, I, SARADA PANDA, permanent Resident of Block A-2, Flat No.- 5/9, Hi.Tech Plaza, Madhipur, P.O.- Kuha, P.S.- Airfield, Bhubaneswar, Odisha, PIN-751002 declared that I have changed my name from SARADA ROWLA to SARADA PANDA. Henceforth, I shall be known as SARADA PANDA for all purposes.
SARADA PANDA D-952

By virtue of an affidavit sworn before the Executive Magistrate, Anandapur, dated 17.05.2025, I, Banuani Nayak, Address: At-Dhuligarh, P.O.-Danagadi, P.S.-Jajpur road, Dist.-Jajpur, Odisha-755026 declare that I have changed my name from Gedi Naik to Banuani Nayak. Henceforth, I shall be known as Banuani Nayak for all purposes. D-955

I, Subhasmita Patbandha, D/o- Bhikari Patbandha resident of At/ P.O.-Badamundhabani, P.S.-Morada, Dist.-Mayurbhanj, PIN-757023, Odisha declare by this affidavit No.-3496, dt. 30.05.2025. My actual name is "Subhasmita Patbandha" as mentioned in the Respective Educational Matric Certificate No.- M 1280072. After marriage with one Rabinarayan Tipiria my surname has been changed from Patbandha to Tipiria which is mentioned in my Aadhaar Card No.- XXXX XXXX 9453. I swear this affidavit to be produced before the concerned authority for correction of my name in Aadhaar Card as Subhasmita Patbandha instead of Subhasmita Tipiria. D-956

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

By virtue of an affidavit sworn before Executive Magistrate, Bhubaneswar, dated 13.06.2025, I, JAHNAVI PANDA, permanent Resident of Block A-2, Flat No.- 5/9, Hi-Tech Plaza, Madhipur, P.O.- Kuha, P.S.- Airfield, Bhubaneswar, Odisha, PIN- 751002 declared that I have changed my name from JAHNAVI ROWLA to JAHNAVI PANDA. Henceforth, I shall be known as JAHNAVI PANDA for all purposes.
JAHNAVI PANDA D-954

By virtue of an affidavit sworn before Executive Magistrate, Bhubaneswar, dated 13.06.2025, I, GOPAL KRISHAN PANDA, permanent Resident of Block A-2, Flat No.- 5/9, Hi.Tech Plaza, Madhipur, P.O.- Kuha, P.S.- Airfield, Bhubaneswar, Odisha, PIN-751002 declared that I have changed my name from GOPAL KRISHAN ROWLA to GOPAL KRISHAN PANDA. Henceforth, I shall be known as GOPAL KRISHAN PANDA for all purposes.
GOPAL KRISHAN PANDA D-953

By virtue of an affidavit sworn before Executive Magistrate, Nuagaon, dated 10.06.2025 (CF No.-782), I, Laxmipriya Patra, aged about 51 years, W/o- Jagannath Patra, D/o- Late Arjuna Sahoo, both present and permanent resident of At- Ashok Nagar, 5th Lane, Kamapalli, P.O.- Medical College, Brahmapur Sadar, Berhampur, Dist.- Ganjam, State- Odisha, PIN- 760004 declare that I have changed my name from Bhaskar Dei to Laxmipriya Patra. Henceforth, I shall be known as Laxmipriya Patra for all purposes .
Laxmipriya Patra D-957

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

ବିଶେଷଜ୍ଞ
**ଅର୍ଶ ଭଗନ୍ଦର ମଳକଣ୍ଟକ**
ଦୀର୍ଘ ୩୦ ବର୍ଷର ଅଭିଜ୍ଞତା ଥିବା ବିଶ୍ୱସନୀୟ ଚିକିତ୍ସାଳୟ
**PILES CLINIC**
ADDRESS
DR. R.PRASAD, BAMS
DR. PREM KUMAR, BAMS., LLB (UTKAL)
**10 A.M. TO 8 PM.**
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, Cuttack Road, BBSR
9861146916
8917362388
VSS Nagar, BBSR
9861917646




# ମହାପ୍ରଭୁଙ୍କ ଦେହରେ ଲାଗି ହେଲା ଫୁଲୁରି ତେଲ

**ପୁରୀ, ୧୬ା୬ (ଅଜିତ୍ କୁମାର ମହାନ୍ତି)**

ସ୍ନାନ ପୂର୍ଣ୍ଣିମାରେ ମହାପ୍ରଭୁ ୧୦୮ ଗଡ଼ୁ ଜଳରେ ସ୍ନାନ କରିବା ପରେ ଜ୍ୱରରେ ପୀଡ଼ିତ ହୋଇଛନ୍ତି। ଶ୍ରୀବିଗ୍ରହଙ୍କ ଅଣସର ଘରେ ଦଇତାପତି ଓ ପତିମହାପାତ୍ର ସେବକମାନେ ଗୁପ୍ତ ସେବା ଜାରି ରଖିଛନ୍ତି। ଏହି ସମୟରେ ମହାପ୍ରଭୁଙ୍କ ନିକଟରେ ଦଇତାପତି ସେବକମାନେ ପଣା ଓ ଚକଟା ଭୋଗଲାଗି କରୁଛନ୍ତି। ଅଣସରର ପଞ୍ଚମ ଦିବସରେ ଦାରୁଦିଅଁଙ୍କ ଶ୍ରୀଅଙ୍ଗରେ ଫୁଲୁରି ତେଲ ଲାଗି କରାଯାଇଛି। ମହାପ୍ରଭୁଙ୍କ ଗୁପ୍ତନୀତି ମଧ୍ୟରେ ଫୁଲୁରି ତେଲ ଲାଗି ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ। ବଡ଼ଓଡ଼ିଆ ମଠ ପକ୍ଷରୁ ମହାପ୍ରଭୁଙ୍କ ଲାଗି ଫୁଲୁରି ତେଲ ଯୋଗାଇ ଦିଆଯାଇଥାଏ। ପ୍ରତିବର୍ଷ ଅଣସରରେ ୬ ସେର ଫୁଲୁରି ତେଲ ମଠ ପକ୍ଷରୁ ଦିଆଯାଇଥାଏ।

ଫୁଲୁରି ତେଲ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ କରାଯାଇଥାଏ। ପ୍ରତିବର୍ଷ ହେରାପଞ୍ଚମୀ ଦିନ ଘଣାପେଡ଼ା ରାଶିତେଲରେ ୧୪ ପ୍ରକାର ଫୁଲ, ୭ ପ୍ରକାର ଔଷଧୀୟ ଚେରମୂଳ ଏବଂ ସୁବାସିତ ଦ୍ରବ୍ୟ ଏକ ପାତ୍ରରେ ରଖି ମାଟିତଳେ ଏକବର୍ଷ କାଳ ପୋତାଯାଇଥାଏ। ପରେ ଦେବସ୍ନାନ ପୂର୍ଣ୍ଣିମା ପୂର୍ବଦିନ ମାଟିତଳୁ ତେଲକୁ ବାହାର କରାଯାଇଥାଏ। ପରେ ତେଲକୁ ଛଣାଯାଇ ଏକ ମାଟିପାତ୍ରରେ ରଖାଯାଏ। ଅଣସରର ପଞ୍ଚମ ଦିନ ତେଲକୁ ଅମୁଣିଆ ପ୍ରସ୍ତୁତ କରି ମହାପ୍ରଭୁଙ୍କୁ ଲାଗି ପାଇଁ ପଠାଯାଏ। ଶ୍ରୀମନ୍ଦିରରେ ମଧ୍ୟାହ୍ନ ଧୂପ ଭୋଗ ସମ୍ପନ୍ନ ହେବା ପରେ ବଡ଼ଓଡ଼ିଆ ମଠରୁ ଉକ୍ତ ଫୁଲୁରି ତେଲ ଶ୍ରୀମନ୍ଦିରକୁ ଯାଇଥାଏ। ପତି ମହାପାତ୍ର ସେବକ ୩ଟି ରୁପା ପିଙ୍ଗଣରେ ଫୁଲୁରି ତେଲ ନେଇ ସଂସ୍କାର କରିବା ପରେ ଦଇତାପତିମାନେ ମହାପ୍ରଭୁଙ୍କ ଶ୍ରୀଅଙ୍ଗରେ ଏହାକୁ ମାଲିସ କରାଇଥାନ୍ତି। ବିଶ୍ୱାସ ରହିଛି, ମହାପ୍ରଭୁଙ୍କ ଶ୍ରୀଅଙ୍ଗରେ ଫୁଲୁରି ତେଲ ମାଲିସ କରାଯିବା ପରେ ମହାପ୍ରଭୁ ଜ୍ୱରରୁ ସାମାନ୍ୟ ଉପଶମ ପାଇଥାନ୍ତି।


ମହାପ୍ରଭୁଙ୍କ ଜ୍ୱର ଉପଶମ ପାଇଁ ବଡ଼ଓଡ଼ିଆ ମଠ ପକ୍ଷରୁ ବିଭିନ୍ନ ଜଡ଼ିବୁଟିରେ ପ୍ରସ୍ତୁତ ଫୁଲୁରି ତେଲ ଶ୍ରୀମନ୍ଦିରକୁ ନିଆଯାଉଛି। (ଫଟୋ: ଯଜ୍ଞେଶ୍ୱର ମହାନ୍ତି)

# ଆଦିନାଥ: ଆଜାନୁବାହୁ ଶ୍ରୀଅଲାରନାଥ

**ପୁରୀ, ୧୬ା୬ (ଅଜିତ୍ କୁମାର ମହାନ୍ତି)**

ପବିତ୍ର ସ୍ନାନଯାତ୍ରାରେ ସ୍ନାନବେଦିରେ ଦାରୁବିଗ୍ରହମାନେ ୧୦୮ ଗଡ଼ୁ ସୁବାସିତ ଜଳରେ ସ୍ନାନ କରିବା ପରେ ଜ୍ୱରରେ ପୀଡ଼ିତ ହୋଇ ଅଣସର ଘରେ ବିଶ୍ରାମ ନେଉଛନ୍ତି। ଦଇତାପତି ସେବକମାନେ ଶ୍ରୀବିଗ୍ରହଙ୍କ ଗୁପ୍ତସେବା କରୁଛନ୍ତି। ଭକ୍ତମାନେ ଶ୍ରୀମନ୍ଦିରରେ ପଟିଦିଅଁଙ୍କୁ ଦର୍ଶନ କରି ଫେରୁଛନ୍ତି। ବିଶ୍ୱାସ ରହିଛି, ଏହି ଅଣସର ସମୟରେ ଶ୍ରୀବିଗ୍ରହଙ୍କ ଦର୍ଶନ ମିଳି ନ ଥିବାବେଳେ ଭକ୍ତମାନେ ବ୍ରହ୍ମଗିରିସ୍ଥିତ ଶ୍ରୀଅଲାରନାଥଙ୍କ ଦର୍ଶନ କରିଥାନ୍ତି। ଅନବସରରେ ଗୋଟିଏ ଦିନ ଅଲାରନାଥଙ୍କ ଦର୍ଶନ ମହାପ୍ରଭୁଙ୍କ ବର୍ଷକ ଯାକର ଦର୍ଶନ କରିବା ସହ ସମପୁଣ୍ୟ ମିଳିଥାଏ।

ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର କୁମାର ମିଶ୍ର କହିଛନ୍ତି, ବୈଷ୍ଣବମାନଙ୍କ ସହିତ ପ୍ରାଚୀନ ଓଡ୍ର ଓ କଳିଙ୍ଗ ରାଷ୍ଟ୍ରର ଘନିଷ୍ଠ ସମ୍ପର୍କ ଥିଲା। ଏହି ଅଲୱାର ବୈଷ୍ଣବମାନେ ବହୁଳଭାବେ ଦକ୍ଷିଣ ଭାରତ ଓ ପ୍ରାଚୀନ କଳିଙ୍ଗ ରାଷ୍ଟ୍ରରେ ରହୁଥିଲେ। ଶ୍ରୀଜଗନ୍ନାଥଙ୍କ ସହିତ ଏମାନଙ୍କର ନିବିଡ଼ ସମ୍ପର୍କ ଥିଲା। ଏହି ସମ୍ପ୍ରଦାୟର ଗୁରୁ ପରମ୍ପରାରେ ଗୁରୁମାନଙ୍କୁ 'ଯୋଗୀ' କୁହାଯାଏ। ଏହି ଯୋଗୀମାନେ 'ଆଦିନାଥ ଭଗବାନ' ଶବ୍ଦ ବ୍ୟବହାର କରିଛନ୍ତି। ଶ୍ରୀଜଗନ୍ନାଥଙ୍କ ଆବିର୍ଭାବ ପୂର୍ବରୁ


ଅଲାରନାଥ

ଯେଉଁ ମାଧବ ପୂଜିତ ହେଉଥିଲେ ଓ ପରେ ଅନ୍ତର୍ଦ୍ଧାନ ହୋଇଥିଲେ, ମନେହୁଏ ତାହାଙ୍କୁ ଶ୍ରୀଜଗନ୍ନାଥଙ୍କ ପୂର୍ବର ଆଦିନାଥ ବୋଲି ସମ୍ବୋଧନ କରିଛନ୍ତି। ତାଙ୍କର ବିଗ୍ରହ ବର୍ଣ୍ଣନା ଯାହା ଲେଖିଛନ୍ତି, ତାହା ମଧ୍ୟ ସମ୍ପୂର୍ଣ୍ଣ ଭାବେ ଶ୍ରୀଅଲାରନାଥଙ୍କ ବିଗ୍ରହ ସହ ସାମଞ୍ଜସ୍ୟ ରହିଛି।

'କପିଳ ସଂହିତା' ଗ୍ରନ୍ଥର ୨୬ ଅଧ୍ୟାୟ ବର୍ଣ୍ଣନା ଅନୁସାରେ ଶ୍ରୀଅଲାରନାଥ ହେଉଛନ୍ତି ଆଦିନାଥ, କାରଣ ଶ୍ରୀଜଗନ୍ନାଥ ଦାରୁବ୍ରହ୍ମ ରୂପେ ଆବିର୍ଭାବ ହେବା ପୂର୍ବରୁ ଇନ୍ଦ୍ରନୀଳମଣି ବିଗ୍ରହ ଶ୍ରୀମାଧବ ଥିଲେ। କପିଳ ସଂହିତା ଗ୍ରନ୍ଥରେ ସ୍ପଷ୍ଟଭାବେ ଉଲ୍ଲେଖ ରହିଛି, ସେ ହିଁ ଶ୍ରୀଅଲାରନାଥ। ତେଣୁ ସେ ଆଦିନାଥ ହେବା ସ୍ୱାଭାବିକ।

ଶ୍ରୀପରକାଳସୂରୀ ଦଶଟି ଗାଥାରେ ଶ୍ରୀଜଗନ୍ନାଥଙ୍କ ମଙ୍ଗଳ ଶାସନ ଲେଖିଥିବା ବେଳେ ଆଉ ଦଶଟି ଗାଥାରେ ଆଜାନୁବାହୁ ଜଗନ୍ନାଥଙ୍କ ମଙ୍ଗଳ ଶାସନ କଥା ଲେଖିଛନ୍ତି। ଜଗନ୍ନାଥ ଓ ଆଜାନୁବାହୁ ଜଗନ୍ନାଥ ନିଶ୍ଚିତଭାବେ ଭିନ୍ନ ବିଗ୍ରହ। ଶ୍ରୀମନ୍ଦିରରେ ପୂଜିତ ଶ୍ରୀଜଗନ୍ନାଥ, ଆଜାନୁବାହୁ ଜଗନ୍ନାଥ ହୋଇ ନ ଥିବାବେଳେ ନିଶ୍ଚିତଭାବେ ସେହି ଆଦିନାଥ ବା ଶ୍ରୀଅଲାରନାଥଙ୍କୁ ହିଁ ସେ ଆଜାନୁବାହୁ ଜଗନ୍ନାଥ ବୋଲି ଗ୍ରହଣ କରି ଗାଥା ଲେଖିଛନ୍ତି। ଏହି ଶ୍ରୀପରକାଳସୂରୀ ହେଉଛନ୍ତି ଚୋଳ ଦେଶର ଅବିନାଡ଼ ଅଞ୍ଚଳର ପରିରମ୍ଭପୁରୀର ରାଜା ଅବିନାଡ଼ୁ ଦୟାରଙ୍କ ପୁତ୍ର। ପରିରମ୍ଭପୁରୀ ଶ୍ରୀନୃସିଂହ ଉପାସନା କ୍ଷେତ୍ର ଭାବରେ ଭାରତ ବର୍ଷରେ ପ୍ରସିଦ୍ଧ ଥିଲା। ଏଠାରେ ପଞ୍ଚନୃସିଂହ ଉପାସନା ହେଉଥିବାରୁ ଏପରି ନାମକରଣ ହୋଇଥିଲା। ଦଶଜଣ ଦିବ୍ୟସୂରୀଙ୍କ ମଧ୍ୟରେ ଏ ହେଉଛନ୍ତି ଶେଷତମ ସୂରୀ। ସେ ଏଭଳି ଜ୍ଞାନୀ ଓ ତ୍ରିକାଳଦର୍ଶୀ ଥିଲେ ଯେ, ତାଙ୍କୁ ଅବତାର ଭାବେ ଗ୍ରହଣ କରାଯାଏ। ଶ୍ରୀପରକାଳସୂରୀଙ୍କ ପୂର୍ବରୁ ଶ୍ରୀଧାରାର ତିନିଜଣ ଅବତାରୀ ମଧ୍ୟ ନୀଳାଦ୍ରି କ୍ଷେତ୍ରକୁ ଆସି ଦର୍ଶନ କରି ଫେରିଥିଲେ। ତେଣୁ ଗୁରୁ ପରମ୍ପରାକ୍ରମରେ ଶ୍ରୀଜଗନ୍ନାଥ ଓ ଆଜାନୁବାହୁ ଜଗନ୍ନାଥଙ୍କ ବିଷୟରେ ସେମାନେ ଭଲଭାବେ ଜାଣିଥିଲେ। ଶ୍ରୀଜଗନ୍ନାଥ ଓ ଶ୍ରୀଅଲାରନାଥଙ୍କୁ ସେମାନେ ନାରାୟଣଭାବେ ଗ୍ରହଣ କରି ଉପାସନା କରନ୍ତି। ଯେ ହେତୁ ସେ ଶ୍ରୀଜଗନ୍ନାଥଙ୍କର ଦଶଟି ଗାଥା ତାମିଲ୍‌ରେ ଲେଖିବା ପରେ ଫେରିଯାଇ ପୁଣି ଆଜାନୁବାହୁଙ୍କର ଦଶଟି ଗାଥା ଲେଖିଛନ୍ତି, ତେଣୁ ସମ୍ଭାବନା ହୁଏ ସେମାନେ ତାଙ୍କ ସମ୍ପ୍ରଦାୟର ଉପାସ୍ୟ ଶ୍ରୀଅଲାରନାଥଙ୍କୁ ଭଲଭାବେ ଜାଣିଥିଲେ ଏବଂ ଏହି ପୀଠ ସହିତ ସେମାନଙ୍କର ସମ୍ପର୍କ ରହିଥିଲା।

ସୂଚନାଯୋଗ୍ୟ, ନୀଳାଦ୍ରି କ୍ଷେତ୍ରକୁ ଆସିବାକୁ ହେଲେ ସେତେବେଳେ ଦକ୍ଷିଣ ଭାରତର ସାଧୁ, ସନ୍ଥ ଓ ତୀର୍ଥଯାତ୍ରୀ ଚିଲିକା ଓ ପ୍ରାଚୀନ ଜଗନ୍ନାଥସଡ଼କ ଦେଇ ମାଣିକପାଟଣାଠାରେ ସ୍ଥଳପଥକୁ ପାରି ହେଉଥିଲେ। ମାଣିକପାଟଣାରୁ ଏକ ଜଗନ୍ନାଥ ସଡ଼କ ଶ୍ରୀଅଲାରନାଥ ମନ୍ଦିର, ମା' ହରଚଣ୍ଡୀଙ୍କ ମନ୍ଦିର ଦେଇ ନରସିଂହପାଟଣା ଘାଟ ପାରିହୋଇ ପୁରୀର ଶ୍ରୀଲୋକନାଥ ଘାଟ ପର୍ଯ୍ୟନ୍ତ ଲମ୍ବିଥିଲା। ସେହି ଘାଟ ପାରିହୋଇ ନୀଳାଦ୍ରି କ୍ଷେତ୍ରରେ ପ୍ରବେଶ କରୁଥିଲେ।

# ରାଜଧାନୀରେ ୩୦ ଜିଲା ପାଇଁ ଅତିଥି ଭବନ

## ଅଶୋକନଗରରେ ମିଳିଲା ୩ ଏକର ଜମି

**ଭୁବନେଶ୍ୱର, ୧୬ା୬ (ରବିନାରାୟଣ ଜେନା)**

ରାଜଧାନୀ ଭୁବନେଶ୍ୱରରେ ୩୦ ଜିଲା ପାଇଁ ନିର୍ମାଣ ହେବ ୩୦ ଅତିଥି ଭବନ। ଏସମ୍ପର୍କରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଚଳିତମାସ ୬ରେ ଗଣମାଧ୍ୟମକୁ ବିବୃତି ଦେଇଥିବାବେଳେ ସୋମବାର ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ୩ ଏକର ଜମି ଆବଣ୍ଟନ କରାଯାଇଛି।

ସୋମବାର ଏସଂକ୍ରାନ୍ତରେ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଏକ ନିର୍ଦ୍ଦେଶନାମା ଜାରି ହୋଇଛି। ସେଥିରେ ଇଷ୍ଟେଟ୍ ନିର୍ଦ୍ଦେଶକ ଦର୍ଶାଇଛନ୍ତି, ୟୁନିଟ୍-୨ସ୍ଥିତ ଅଶୋକନଗରରେ ଅତିଥି ଭବନ ନିର୍ମାଣ ପାଇଁ ୩ ଏକର ଜମି ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଇଛି। ସରକାରଙ୍କ ପକ୍ଷରୁ ଏସଂକ୍ରାନ୍ତରେ ଆସିଥିବା ପ୍ରସ୍ତାବକୁ ବିଚାର କରିବା ପରେ ଏହି ନିଷ୍ପତ୍ତି ନିଆଯାଇଛି। ତେବେ ଏହି ୩ ଏକର ଜମି ମଧ୍ୟରେ ୨୫ଟି ଘରବାରି ପ୍ଲଟ ରହିଥିବାବେଳେ ଦୁଇଟି ସଡ଼କ କିସମ ଜମି ରହିଛି।

ସୂଚନାଯୋଗ୍ୟ, ରାଜ୍ୟର ୩୦ ଜିଲାର ଲୋକଙ୍କ ପାଇଁ ରାଜଧାନୀରେ ଅତିଥି ଭବନ ନିର୍ମାଣ ହେବ। ଏହାଦ୍ୱାରା ରାଜ୍ୟବାସୀ ବିଶେଷ ଭାବେ ଉପକୃତ ହେବେ ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଗତ ରବିବାର କହିଥିଲେ। ସେ କହିଥିଲେ, ରାଜ୍ୟର କୋଣ ଅନୁକୋଣରୁ ଅନେକ ଲୋକ ରାଜଧାନୀକୁ ସ୍ୱାସ୍ଥ୍ୟସେବା, ଉଚ୍ଚଶିକ୍ଷା ଲାଭ ତଥା ରାଜ୍ୟ ସରକାରଙ୍କର ଅନ୍ୟାନ୍ୟ ସୁବିଧା ପାଇବା ପାଇଁ ଆସିଥାନ୍ତି। ହେଲେ ଏଠି ରହିବା ପାଇଁ ସେମାନେ ହୋଟେଲ କିମ୍ବା ଅନ୍ୟ ସ୍ଥାନରେ ଖର୍ଚ୍ଚାନ୍ତ ହେଉଛନ୍ତି। ତେଣୁ ଲୋକଙ୍କ ସୁବିଧାକୁ ଦୃଷ୍ଟିରେ ରଖି ୩୦ ଜିଲା ପାଇଁ ଅତିଥି ଭବନ ନିର୍ମାଣ ହେବ। ଏହାଦ୍ୱାରା ଲୋକେ ସୁବିଧାରେ ରହି ନିଜ ଆବଶ୍ୟକ କାମ କରିପାରିବେ। ପ୍ରତି ଜିଲା ପାଇଁ ୧୦୦ କୋଠରି ବିଶିଷ୍ଟ ଅତିଥି ଭବନ ନିର୍ମାଣ ହେବ। ୩୦ ଜିଲା ପାଇଁ ୩୦୦୦ କୋଠରି ନିର୍ମାଣ କରାଯିବ ବୋଲି ମନ୍ତ୍ରୀ କହିଥିଲେ।

# ଭାରତୀୟ ପୋର୍ଟ ରେଲ ଓ ରୋପ୍‌ୱେ କର୍ପୋରେଶନର ମୁଖ୍ୟ ମହାପ୍ରବନ୍ଧକ ହେଲେ ମହେଶ କୁମାର ବେହେରା

**ଭୁବନେଶ୍ୱର, ୧୫ା୬ (ଅନୁରାଧା ମହାରଣା)**

ଭାରତୀୟ ପୋର୍ଟ ରେଲ୍ ଓ ରୋପ୍‌ୱେ କର୍ପୋରେଶନ ଲିମିଟେଡ (ପୋର୍ଟ, ଶିପିଙ୍ଗ ଓ ଜଳମାର୍ଗ ମନ୍ତ୍ରଣାଳୟର ଏକ ମିଳିତ ଉଦ୍ୟୋଗ)ର ମୁଖ୍ୟ ମହାପ୍ରବନ୍ଧକ ଭାବେ ମହେଶ କୁମାର ବେହେରା ଭୁବନେଶ୍ୱରରେ ଯୋଗଦେଇଛନ୍ତି। ସେ ନିକଟରେ ପୂର୍ବତଟ ରେଳପଥର ଅତିରିକ୍ତ ସାଧାରଣ ପ୍ରବନ୍ଧକ ଭାବରେ ଅବସର ନେଇଥିଲେ। ଭାରତୀୟ ରେଳପଥ ଇଞ୍ଜିନିୟର ସେବା (ଆଇଆର୍‌ଏସ୍‌ଇ) ପୁନଃ ନିଯୁକ୍ତି ଆଧାରରେ ସେ ଏହି ଦାୟିତ୍ୱ ପାଇଛନ୍ତି।



ମହେଶ ସମ୍ବଲପୁର ବୁର୍ଲାସ୍ଥିତି ୟୁନିଭର୍ସିଟି କଲେଜ ଅଫ୍ ଇଞ୍ଜିନିୟରିଂରୁ ସିଭିଲ ଇଞ୍ଜିନିୟରିଂରେ ସ୍ନାତକ କରିବା ପରେ ଆଇଆଇଟି ମାଡ୍ରାସରୁ ସାମୁଦ୍ରିକ ଇଞ୍ଜିନିୟରିଂରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଛନ୍ତି। ଭାରତୀୟ ରେଳପଥର ବହୁ ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ କାର୍ଯ୍ୟକରି ତିନି ଦଶନ୍ଧି ଧରି ଅନେକ ଅଭିଜ୍ଞତା ହାସଲ କରିଛନ୍ତି। ପୂର୍ବତଟ ରେଳପଥରେ ଚିଫ୍ ବ୍ରିଜ ଇଞ୍ଜିନିୟର ଏବଂ ଚିଫ୍ ଇଞ୍ଜିନିୟର (ବ୍ରିଜ ପୁନର୍ବାସ) ଭଳି ପ୍ରମୁଖ ପଦବୀରେ କାର୍ଯ୍ୟ କରିଛନ୍ତି। ଏଥିସହ ଭୁବନେଶ୍ୱରର ରାଇଟସ୍‌ରେ ଗ୍ରୁପ ଜେନେରାଲ ମ୍ୟାନେଜର ଏବଂ ବିହାର ପାଟନା ଓ ମୁଙ୍ଗେରର ପୂର୍ବ କେନ୍ଦ୍ରୀୟ ରେଳ ଅଧୀନରେ ଥିବା ଗଙ୍ଗା ବ୍ରିଜ ପ୍ରକଳ୍ପର ମୁଖ୍ୟ ଇଞ୍ଜିନିୟର (ନିର୍ମାଣ) କ୍ଷେତ୍ରରେ ତାଙ୍କର ଉଲ୍ଲେଖଖନୀୟ ଭୂମିକା ତୁଲାଇଛନ୍ତି। ସେହିପରି ସମ୍ବଲପୁର ରେଳ ମଣ୍ଡଳର ବରିଷ୍ଠ ମଣ୍ଡଳ ଯନ୍ତ୍ରୀ (ସମନ୍ୱୟ), ପୂର୍ବତଟ ରେଳପଥର ଉପମୁଖ୍ୟ ସତର୍କତା ଅଧିକାରୀ ଏବଂ ପୂର୍ବ ସୀମାନ୍ତ ରେଳପଥର ମୁଖ୍ୟ ଇଞ୍ଜିନିୟର (ନିର୍ମାଣ) ଆଦି ପଦବୀ ଗୁଡ଼ିକରେ କାର୍ଯ୍ୟରତ ଥିଲେ।

# ଅଗଷ୍ଟ ୬ରେ ଏନ୍‌ଜିଟିରେ ଶୁଣାଣି

## ତାମ୍ପରା ହ୍ରଦକୁ ସଙ୍କୁଚିତ କରି ନିର୍ମାଣ ମାମଲା

**ଛତ୍ରପୁର, ୧୬ା୬ (ସନ୍ତୋଷ ପାଢ଼ୀ)**

ଗଞ୍ଜାମ ଜିଲା ଛତ୍ରପୁର ନିକଟସ୍ଥ ହୁମୁରି ତାମ୍ପରା ହ୍ରଦକୁ ସଙ୍କୁଚିତ କରି ରେଷ୍ଟୁରାଣ୍ଟ, ହୋଟେଲ, ରେସୋର୍ଟ ନିର୍ମାଣ କରାଯାଉଥିଲା। କୋଲକତାସ୍ଥିତ ଏନ୍‌ଜିଟି ଇଷ୍ଟର୍ନ ଜୋନ୍ ବେଞ୍ଚର ତାଗିଦା ପରେ ଏହି ନିର୍ମାଣ କାର୍ଯ୍ୟ ବନ୍ଦ ରହିଛି। ତେବେ ସେଠାରେ ହୋଇଥିବା ସବୁ ନିର୍ମାଣ କାର୍ଯ୍ୟ ଏପର୍ଯ୍ୟନ୍ତ ଭଙ୍ଗାଯାଇ ନ ଥିବା ବେଳେ ଏ ସମ୍ପର୍କିତ ମାମଲା ଏବେ ମଧ୍ୟ ଏନଜିଟି ଇଷ୍ଟର୍ନ ଜୋନ୍ ବେଞ୍ଚରେ ବିଚାରାଧୀନ ରହିଛି। ମାମଲାର ପରବର୍ତ୍ତୀ ଶୁଣାଣି ଅଗଷ୍ଟ ୬ ତାରିଖକୁ ବେଞ୍ଚ ଧାର୍ଯ୍ୟ କରିଛନ୍ତି।

ଏପ୍ରିଲ ୩ରେ ବେଞ୍ଚରେ ଶୁଣାଣି ବେଳେ ଓଡ଼ିଶା ସରକାରଙ୍କ ପକ୍ଷରୁ ଏସମ୍ପର୍କିତ ସତ୍ୟପାଠ ଦାଖଲ କରାଯାଇପାରି ନ ଥିଲା। ଏହା ଦାଖଲ ପାଇଁ ୪ ସପ୍ତାହ ସମୟ ଦେବାକୁ ସରକାରଙ୍କ ପକ୍ଷରୁ ନିବେଦନ କରାଯାଇଥିଲା। ଏହାକୁ ମଞ୍ଜୁରି ଦେଇ ଏନ୍‌ଜିଟି ବେଞ୍ଚ ପରବର୍ତ୍ତୀ ଶୁଣାଣି ମେ ୨୩କୁ ଧାର୍ଯ୍ୟ କରିଥିଲେ। ତେବେ ଶୁଣାଣି ପୂର୍ବଦିନ ମେ ୨୨ରେ ସରକାରଙ୍କ ପକ୍ଷରୁ ସତ୍ୟପାଠ ଦାଖଲ କରାଯିବାରୁ ପରବର୍ତ୍ତୀ ଶୁଣାଣି ଅଗଷ୍ଟ ୬ ତାରିଖକୁ ଘୁଞ୍ଚିଛି।


ତାମ୍ପରା ହ୍ରଦରେ ହୋଇଥିବା ନିର୍ମାଣ କାର୍ଯ୍ୟ।

ତାମ୍ପରା ହ୍ରଦକୁ ସଙ୍କୁଚିତ କରି ରେଷ୍ଟୁରାଣ୍ଟ,ହୋଟେଲ,ରିସୋର୍ଟ ନିର୍ମାଣ ହେଉଥିବା ନେଇ ଏନ୍‌ଜିଟି ନିକଟରେ କଟକସ୍ଥିତ ୱାଇଲ୍ଡ ଲାଇଫ ସୋସାଇଟି ୩ା୮ା୨୦୨୩ରେ ଏକ ପିଟିଶନ ଦାଖଲ କରିଥିଲା। ଉକ୍ତ ମାସ ୮ରେ ଏନ୍‌ଜିଟିରେ ପରିବେଶ (ରକ୍ଷା) ଆକ୍ଟ ୧୯୮୬ ଅନୁଯାୟୀ ୮୮/୨୩ରେ ଏକ ମାମଲା ପଞ୍ଜୀକୃତ ହୋଇଥିଲା। ଅଗଷ୍ଟ ୧୧ରେ ଏହି ପିଟିଶନର ଶୁଣାଣି କରି ଏନ୍‌ଜିଟି ପକ୍ଷରୁ ନୋଟିସ ଜାରି କରିବା ସହ ଆସନ୍ତା ୪ ସପ୍ତାହ ମଧ୍ୟରେ ଉତ୍ତର ରଖିବାକୁ ସରକାରଙ୍କୁ ନିର୍ଦ୍ଦେଶ ହୋଇଥିଲା। ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ, ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ, ଓଡିଶା ସରକାରଙ୍କ ମୁଖ୍ୟ ଶାସନ ସଚିବ, ରାଜ୍ୟ ଜଙ୍ଗଲ ଓ ପରିବେଶ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ, ଗଞ୍ଜାମ ଜିଲାପାଳ, ବ୍ରହ୍ମପୁର ଉନ୍ନୟନ କର୍ତ୍ତୃପକ୍ଷ ଓ ବ୍ରହ୍ମପୁର ଡିଏଫ୍‌ଓଙ୍କ ସମେତ ୧୩ ଜଣଙ୍କୁ ଏହି ମାମଲାରେ ଏନ୍‌ଜିଟି ପକ୍ଷରୁ ପକ୍ଷଭୁକ୍ତ କରାଯାଇଛି। ଏହି ନୋଟିସ ପରେ ୧୨ା୮ା୨୦୨୩ରୁ ତାମ୍ପରା ହ୍ରଦରେ ଚାଲିଥିବା ନିର୍ମାଣ କାର୍ଯ୍ୟ ବନ୍ଦ କରାଯାଇଥିଲା। ୫ା୯ା୨୦୨୩ରେ ଏକ କମିଟି ଗଠନ କରାଯାଇଥିଲା। ଉକ୍ତ କମିଟି ୨୨ ତାରିଖରେ ଉକ୍ତ ସ୍ଥାନ ପରିଦର୍ଶନ କରିଥିବା ଗଞ୍ଜାମ ଜିଲାପାଳ ମେ ୨୫ରେ ଏନ୍‌ଜିଟିଠାରେ ଏକ ସତ୍ୟପାଠ ଦାଖଲ କରିଥିଲେ। ତାମ୍ପରା ହ୍ରଦରେ ନିର୍ମାଣ ହୋଇଥିବା କାର୍ଯ୍ୟକୁ ଭାଙ୍ଗିବାକୁ କ'ଣ ପଦକ୍ଷେପ ନିଆଯାଇଛି, ସେନେଇ ୪ ସପ୍ତାହ ମଧ୍ୟରେ ବ୍ୟକ୍ତିଗତ ଭାବେ ହାଜର ହୋଇ ସତ୍ୟପାଠ ଦାଖଲ ପାଇଁ ଜିଲାପାଳଙ୍କୁ ୧୬ା୭ା୨୦୨୪ରେ ଏନ୍‌ଜିଟି ନିର୍ଦ୍ଦେଶ ଦେଇଥିଲେ। ସୂଚନାଯୋଗ୍ୟ, ତାମ୍ପରା ହ୍ରଦକୁ ୧୨ା୯ା୨୦୨୧ରେ ରାମସାର ସାଇଟ୍‌ର ମାନ୍ୟତା ମିଳିଥିଲା।

## ପ୍ରଥମ ପୃଷ୍ଠାରୁ

### ଡାଇରିଆ ସହ...

ନୁହେଁ ବୋଲି ଆଶ୍ୱାସନା ଦିଆଯାଇଛି। ଅନ୍ୟପକ୍ଷେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ କମିଶନର ଆଶ୍ୱସ୍ତି ଏସ୍. ଏବଂ ସ୍ୱତନ୍ତ୍ର ସଚିବ ବିଜୟ୍ କୁମାର ମହାପାତ୍ର ପୁଣି ଯାଜପୁର ଜିଲା ଗସ୍ତରେ ଆସି ସମୀକ୍ଷା କରିଛନ୍ତି।

ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ ଯାଜପୁର ଜିଲାରେ ୨୫୬ ରୋଗୀ ଚିକିତ୍ସାଧୀନ ଅଛନ୍ତି। ରବିବାର ୧୧ଟାରୁ ସୋମବାର ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ୪୬୫ ଜଣ ଜିଲାର ୧୩ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଥିଲେ। ସେଥିରେ ରହିଛନ୍ତି ୨୨୧ ଜଣ ନୂଆ ରୋଗୀ। ୧୮ ଜଣଙ୍କୁ ଅନ୍ୟ ଡାକ୍ତରଖାନାକୁ ରେଫର କରାଯାଇଥିବାବେଳେ ୧୮୫ ଜଣ ଡିସ୍‌ଚାର୍ଜ ହୋଇଛନ୍ତି। ଏଥିରେ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ସର୍ବାଧିକ ୮୭ ଜଣ, ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର(ସିଏଚ୍‌ସି)ରେ ୪୩, ବଡଚଣାରେ ସିଏଚ୍‌ସିରେ ୧୫, ବରୀ ସିଏଚ୍‌ସିରେ ୪, ବିଞ୍ଝାରପୁରରେ ୩, ଦାନଗଦି ସିଏଚ୍‌ସିରେ ୩୦, କୋରେଇ ସିଏଚ୍‌ସିରେ ୨୮, ଯାଜପୁର ରୋଡ୍ ସିଏଚ୍‌ସିରେ ୧୮, ରସୁଲପୁର ସିଏଚ୍‌ସିରେ ୨, ଦଶରଥପୁର ସିଏଚ୍‌ସିରେ ଜଣେ, ମଙ୍ଗଳପୁର ସିଏଚ୍‌ସିରେ ୧୨, ସୁକିନ୍ଦା ସିଏଚ୍‌ସିରେ ୧୩ ଡାଇରିଆ ରୋଗୀ ଚିକିତ୍ସାଧୀନ ରହିଛନ୍ତି। ରୋଗ ସଂକ୍ରମଣକୁ ଆଖି ଆଗରେ ରଖି ଜିଲା ପ୍ରଶାସନ ପକ୍ଷରୁ ବ୍ୟାସନଗରରେ ସମସ୍ତ ଫାଷ୍ଟଫୁଡ ଦୋକାନ, ଚାଟ୍, ଗୁପଚୁପ ଇତ୍ୟାଦି ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଥିବାବେଳେ ହୋଟେଲଗୁଡ଼ିକୁ ସ୍ୱଚ୍ଛତା ଅବଲମ୍ବନ କରିବାକୁ ପରାମର୍ଶ ଦିଆଯାଇଛି। ସେହିପରି ଧର୍ମଶାଳା ତହସିଲ ଅଞ୍ଚଳରେ ସମସ୍ତ ହୋଟେଲ, ଢାବା, ତେଲଭାଜି ଦୋକାନ, ମିଠା ଦୋକାନ, ଫାଷ୍ଟଫୁଡ୍/ଚାଟ୍/ଗୁପଚୁପ୍ ଦୋକାନ, ଆଇସକ୍ରିମ କାରଖାନା, ପାଣି ପାଉଚ୍ କାରଖାନା, ମାଛ, ଚିକେନ, ମଟନ ଦୋକାନଗୁଡ଼ିକୁ ଆସନ୍ତା ୨ ସପ୍ତାହ ପାଇଁ ବନ୍ଦ କରିବାକୁ ତହସିଲଦାର ସମୀର ରଞ୍ଜନ ଦାସ ନିର୍ଦ୍ଦେଶ ଜାରି କରିଛନ୍ତି। ଏହିସବୁ ଡାକାବାଜି ଯନ୍ତ୍ର ମାଧ୍ୟମରେ ପ୍ରଚାର କରାଯାଇଛି। ବିଞ୍ଝାରପୁର ବ୍ଲକ ଅଞ୍ଚଳରେ ମଧ୍ୟ ଫାଷ୍ଟଫୁଡ୍, ହୋଟେଲ ଇତ୍ୟାଦି ବନ୍ଦ କରିବାକୁ ନିର୍ଦ୍ଦେଶ ଜାରି ହୋଇଛି। ଏହିସବୁ କଟକଣାକୁ ଯିଏ ନ ମାନିବ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନୀ ଦିଆଯାଇଛି। ରବିବାର ବରୀ ବ୍ଲକ ଅଞ୍ଚଳରେ ଅନୁରୂପ କଟକଣା ଜାରି ହୋଇଛି।

ଯାଜପୁର ଜିଲା ପ୍ରଶାସନ ପକ୍ଷରୁ ଜନସାଧାରଣଙ୍କୁ ଡାଇରିଆ ଏବଂ ହଇଜା ବିରୋଧରେ ପ୍ରତିରୋଧୀ ପଦକ୍ଷେପ ନେବାକୁ ଅନୁରୋଧ କରାଯାଉଛି। ଫୁଟା ପାଣି ପିଅନ୍ତୁ, ଖାଇବା ପୂର୍ବରୁ, ଖାଦ୍ୟ ପ୍ରସ୍ତୁତ କରିବା ପୂର୍ବରୁ ଏବଂ ଶୌଚାଳୟ ବ୍ୟବହାର କରିବା ପରେ ହାତକୁ ଭଲ ଭାବରେ ଧୋଇବାକୁ ପରାମର୍ଶ ଦିଆଯାଇଛି। ଏହାବାଦ ଡାଇରିଆ ଏବଂ ହଇଜା ସଂକ୍ରମଣ ରୋକିବା ପାଇଁ ସର୍ବଦା ଶୌଚାଳୟ ବ୍ୟବହାର କରି ସଠିକ ଭାବରେ ହାତ ଧୋଇ ଏବଂ ରନ୍ଧାଖାଦ୍ୟ ଖାଆନ୍ତୁ ବୋଲି ବିଜ୍ଞପ୍ତି ଜାରି କରାଯାଇଛି।

### ସେଲ୍‌ଫି ନେଲାବେଳେ...

ନ ଥିଲେ। ସନ୍ଧ୍ୟା ହୋଇ ଆସୁଥିବାରୁ ଉଦ୍ଧାର କାର୍ଯ୍ୟ ବନ୍ଦ ଥିଲା। ସୋମବାର ସକାଳେ ଜୟପୁର ଓଡ୍ରାଫ୍ ଟିମ୍ ଖୋଜାଖୋଜି କରିବା ପରେ ଆଲୋକଙ୍କ ମୃତଦେହ ବାହାର କରିଥିଲେ। ଘଟଣାସ୍ଥଳରେ ପୋଲିସ ପହଞ୍ଚି ତଦନ୍ତ କରୁଛି। କୋରାପୁଟ ଜିଲାର ଏକ ପର୍ଯ୍ୟଟନସ୍ଥଳୀ ଭାବେ ମାନ୍ୟତା ପାଇଥିବା ଏହି ଜଳପ୍ରପାତର ପ୍ରଖର ଜଳସ୍ରୋତକୁ ନ ଯିବା ପାଇଁ କୌଣସି ବାରିକେଡ ନିର୍ମାଣ ହୋଇ ନ ଥିବାରୁ ଏଭଳି ଦୁର୍ଘଟଣା ବାରମ୍ବାର ଘଟୁଛି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଆସୁଛନ୍ତି। ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେବାକୁ ଦାବି ହୋଇଛି। ଓଡ୍ରାଫ ଟିମ୍ ଓ କୋଟପାଡ଼ ପୋଲିସ ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି।

### ୨ ପର୍ଯ୍ୟାୟରେ ହେବ...

ପ୍ରସ୍ତୁତିର ସମୀକ୍ଷା କରିଥିଲେ। ଏହି ବୈଠକରେ ସ୍ୱରାଷ୍ଟ୍ର ସଚିବ ଗୋବିନ୍ଦ ମୋହନ, ଭାରତର ଜନଗଣନା କମିଶନର ଓ ରେଜିଷ୍ଟ୍ରାର ଜେନେରାଲ ମୃତ୍ୟୁଞ୍ଜୟ୍ କୁମାର ନାରାୟଣ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ। ଏହା ଦେଶର ୧୬ତମ ଜନଗଣନା ହୋଇଥିବାବେଳେ ସ୍ୱାଧୀନତା ପରେ ଅଷ୍ଟମ ଜନଗଣନା। ସମ୍ବିଧାନର ଅନୁଚ୍ଛେଦ ୨୪୬ ଅନୁଯାୟୀ, ସପ୍ତମ ପରିଚ୍ଛେଦର କେନ୍ଦ୍ର ତାଲିକାର ୬୯ ସ୍ଥାନରେ ଜନଗଣନା ତାଲିକାଭୁକ୍ତ ହୋଇଛି।

୨୦୨୭ ଜନଗଣନା ଘୋଷଣା ହୋଇଥିବାରୁ ମହିଳା ସ୍ଥାନ ସଂରକ୍ଷଣ ବିଲ୍ ନିର୍ବାଚନ ମଣ୍ଡଳୀ ସୀମା ପୁନଃ ନିର୍ଦ୍ଧାରଣ କାର୍ଯ୍ୟକାରୀ ହେବା ଲାଗି ବାଟ ଖୋଲିଯାଇଛି। ୧୯୭୧ରୁ ବିଭିନ୍ନ ସମ୍ବିଧାନିକ ସଂଶୋଧନ ଜରିଆରେ ଏହି କାର୍ଯ୍ୟ ଅଟକି ରହିଥିଲା। ମହିଳା ସ୍ଥାନ ସଂରକ୍ଷଣ ବିଲ୍‌ରେ ମହିଳାମାନଙ୍କ ପାଇଁ ଲୋକ ସଭା ଏବଂ ରାଜ୍ୟ ବିଧାନସଭାଗୁଡ଼ିକରେ ଏକ-ତୃତୀୟାଂଶ ଆସନସଂରକ୍ଷିତରହିବ। ଜନଗଣନା ପରେ ଏହା କାର୍ଯ୍ୟକାରୀ ହୋଇପାରେ ଏବଂ ଏହା ପରେ ନିର୍ବାଚନ ମଣ୍ଡଳୀ ସୀମା ପୁନଃ ନିର୍ଦ୍ଧାରଣ ହେବ।

### ପ୍ରସାଧନ ସାମ୍ରାଜ୍ୟର...

ଥିଲେ। ମେଡିକାଲ ପ୍ରତିଷ୍ଠାନ, ବ୍ରେଷ୍ଟ କ୍ୟାନ୍‌ସର ଏବଂ ଅଲଜେଇମର ଗବେଷଣା କ୍ଷେତ୍ରକୁ ତାଙ୍କର ବିଶେଷ ଅବଦାନ ଥିଲା।

୧୯୩୩ରେ ନ୍ୟୁୟର୍କର ଏକ ଇହୁଦୀ ପରିବାରରେ ଜନ୍ମିତ ଲିଓନାର୍ଡ ଛୋଟବେଳେ ତାଙ୍କ ମାଆଙ୍କ ସହ ମିଶି ବିଭିନ୍ନ ପ୍ରସାଧନ ସାମଗ୍ରୀ ବିକ୍ରି କରୁଥିଲେ। ସେ କଲମ୍ବିଆ ବିଶ୍ୱବିଦ୍ୟାଳୟର ସ୍କୁଲ୍ ଅଫ୍ ବିଜ୍‌ନେସ୍‌ରୁ ସ୍ନାତକ ଡିଗ୍ରୀ ହାସଲ କରିବା ପରେ ୩ ବର୍ଷ ପାଇଁ ଆମେରିକା ନୌସେନାରେ ଜଣେ ଲ୍ୟୁଟ୍‌ନାଣ୍ଟ ଭାବେ ସାମିଲ ହୋଇଥିଲେ। ସେ ଆନୁଷ୍ଠାନିକ ଭାବେ ଏଷ୍ଟି ଲାଉଡର କମ୍ପାନୀରେ ୧୯୫୮ରେ ସାମିଲ ହୋଇଥିଲେ। ସେତେବେଳେ ଉକ୍ତ କମ୍ପାନୀରେ ଅଳ୍ପ କେତେଜଣ କର୍ମଚାରୀ ରହିଥିବାବେଳେ ବିକ୍ରି ୧ ନିୟୁତ ଡଲାରରୁ କମ୍ ଥିଲା। ଲିଓନାର୍ଡଙ୍କ ପ୍ରଚେଷ୍ଟା ଓ ଅକ୍ଳାନ୍ତ ପରିଶ୍ରମ ବଳରେ ଏଷ୍ଟି ଲାଉଡର କମ୍ପାନୀ ଏକ ବିଶ୍ୱ ସାମ୍ରାଜ୍ୟରେ ପରିଣତ ହେବା ସହ କ୍ଲିନିକ୍, ଲା ମେର୍, ଦି, ଅର୍ଡିନାରୀ, ଏମ୍‌ଏସି କସ୍ମେଟିକ୍ସ ଏବଂ ବବିବ୍ରାଉନ୍ କସ୍ମେଟିକ୍ସ ଆଦି କମ୍ପାନୀକୁ ଅଧିଗ୍ରହଣ କରିଥିଲା। ଲିଓନାର୍ଡ ଉକ୍ତ କମ୍ପାନୀରେ ୧୯୭୨ରୁ ୨୩ ବର୍ଷ ଧରି ଅଧ୍ୟକ୍ଷ ରହିଥିବାବେଳେ ୧୯୮୨ରୁ ୧୯୯୯ ପର୍ଯ୍ୟନ୍ତ ମୁଖ୍ୟ କାର୍ଯ୍ୟନିର୍ବାହୀ ଥିଲେ। ସେ ୧୯୯୫ରୁ ୨୦୦୯ ପର୍ଯ୍ୟନ୍ତ ଏହାର ଚେୟାରମ୍ୟାନ୍ ରହିଥିଲେ। ୧୯୯୫ରେ ସେ କମ୍ପାନୀକୁ ନ୍ୟୁୟର୍କ ଷ୍ଟକ୍ ଏକ୍ସଚେଞ୍ଜ କାରବାରରେ ସାମିଲ ହେବା ସହ ସାର୍ବଜନୀନ ହୋଇଥିଲା। ଏବେ ଏହାର ବଜାର ପୁଞ୍ଜି ୧୨୪.୫ ବିଲିୟନ ଡଲାର। ବ୍ଲୁମ୍‌ବର୍ଗର ବିଲିଅନେୟାର ସୂଚକାଙ୍କରେ ଲିଓନାର୍ଡଙ୍କ ବ୍ୟକ୍ତିଗତ ସମ୍ପତ୍ତି ପରିମାଣ ୧୫.୬ ବିଲିୟନ ଡଲାର।

### ଯୁବ ଶକ୍ତି ରାଜ୍ୟ...

ପାଇଁ ଉତ୍ସର୍ଗୀକୃତ। ତେଣୁ ନିଜକୁ ଜନସାଧାରଣଙ୍କ ସେବକ ଭାବି ସାଧାରଣ ଲୋକଙ୍କ ଆଶା, ଆକାଂକ୍ଷା ପୂରଣ କରିବା ଏବଂ ସେମାନଙ୍କ ସମସ୍ୟାର ସମାଧାନ ଦିଗରେ ପ୍ରତିଶ୍ରୁତିବଦ୍ଧ ହୋଇ ସମସ୍ତେ କାମ କରିବା ଦରକାର। ଗତ କିଛିବର୍ଷ ଧରି ସରକାରୀ କ୍ଷେତ୍ରରେ ନିଯୁକ୍ତି ପ୍ରକ୍ରିୟା ମନ୍ଥର ଗତିରେ ଚାଲିଥିଲା। ଭାଜପା ସରକାର ଆସିବା ପରେ ଉଭୟ ସରକାରୀ ଏବଂ ବେସରକାରୀ କ୍ଷେତ୍ରରେ ଯୁବ ଶକ୍ତିଙ୍କ ନିୟୋଜନକୁ ଗୁରୁତ୍ୱଦେଇ ଅପାର ନିଯୁକ୍ତି ସୁଯୋଗ ସୃଷ୍ଟି କରୁଛନ୍ତି। ଆମ ସରକାର ୫ ବର୍ଷରେ ଦେଢ଼ ଲକ୍ଷ ସରକାରୀ ପଦବୀ ପୂରଣ କରିବା ପାଇଁ ନିଷ୍ପତ୍ତି ନେଇଛି। ପ୍ରଥମ ଦୁଇ ବର୍ଷରେ ୬୫ ହଜାର ପଦବୀ ପୂରଣ ହେବ। ବର୍ତ୍ତମାନ ସୁଦ୍ଧା ୨୮,୩୪୬ ସରକାରୀ ନିଯୁକ୍ତି ଦିଆଗଲାଣି। ୨୦୨୬ ଜୁନ୍ ସୁଦ୍ଧା ୬୫ ହଜାର ଧାର୍ଯ୍ୟଲକ୍ଷ୍ୟ ଅତିକ୍ରମ ହୋଇସାରିଥିବ। କେବଳ ସରକାରୀ ସ୍ତରରେ ନୁହେଁ, ବେସରକାରୀ ସ୍ତରରେ ପ୍ରଥମ ବର୍ଷରେ ଆମେ ୪୫ ହଜାର ଯୁବତୀ, ଯୁବକଙ୍କୁ ନିଯୁକ୍ତି ଦେଇଛୁ। ବର୍ଷକ ମଧ୍ୟରେ ଉଭୟ ସରକାରୀ ଓ ବେସରକାରୀ କ୍ଷେତ୍ରରେ ୭୩,୩୪୬ ଜଣଙ୍କୁ ନିଯୁକ୍ତି ଦିଆଯାଇଛି। ଉତ୍କର୍ଷ ଓଡ଼ିଶା ୨୦୨୫ ରାଜ୍ୟରେ ୧୬ଟି କ୍ଷେତ୍ରରେ ୧୭ ଲକ୍ଷର ପୁଞ୍ଜିନିବେଶ ସହ ୧୨.୯୦ ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି କରିଛି। ଏହି ଉତ୍କର୍ଷ ଓଡ଼ିଶା ଆୟୋଜନର ୫ ମାସ ମଧ୍ୟରେ ୫୬ଟି ଶିଳ୍ପାନୁଷ୍ଠାନର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର କରାଯାଇଛି। ଏହା ମାଧ୍ୟମରେ ୧.୧୦ ଲକ୍ଷ ନିଯୁକ୍ତି ନିଶ୍ଚିତ ହୋଇଛି ବୋଲି ସେ କହିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ବିଭିନ୍ନ ବିଭାଗର ନବ ନିଯୁକ୍ତଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରିଛନ୍ତି। ଏହି ଅବସରରେ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, କୃଷ୍ଣ ଚନ୍ଦ୍ର ମହାପାତ୍ର ଏବଂ ରବି ନାଏକ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଉନ୍ନୟନ କମିଶନର ଅନୁ ଗର୍ଗ ସ୍ୱାଗତ ଭାଷଣ ଦେଇଥିବା ବେଳେ ପୂର୍ତ୍ତ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୟ୍ କୁମାର ସିଂହ ଧନ୍ୟବାଦ ଅର୍ପଣ କରିଥିଲେ।

# ୧୮ ସୁଦ୍ଧା ଖାଲିଥିବା ପଦବୀର ତଥ୍ୟ ଦିଅ

## ସବୁ ବିଭାଗକୁ ସରକାରଙ୍କ ନିର୍ଦ୍ଦେଶ

### ତ୍ୱରାନ୍ୱିତ ପାଇଁ ୪୧ କ୍ଷେତ୍ରୀୟ ଅଧିକାରୀ ନିଯୁକ୍ତ

ଭୁବନେଶ୍ୱର,୧୬।୬ (ରବିନାରାୟଣ ଜେନା)

ରାଜ୍ୟରେ ଖାଲିଥିବା ପଦ ପୂରଣକୁ ସରକାର ପ୍ରାଥମିକତା ଦେଉଛନ୍ତି। ଏହି କ୍ରମରେ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ସମସ୍ତ ବିଭାଗକୁ ତୁରନ୍ତ ଖାଲିଥିବା ପଦବୀର ତଥ୍ୟ ୱେବ୍‌ସାଇଟରେ ଅପ୍‌ଲୋଡ୍ କରିବାକୁ ସୋମବାର ନିର୍ଦ୍ଦେଶ ଦିଆଯାଇଛି। ଏନେଇ ବିଭାଗୀୟ ଅନୁସଚିବ ଜୟସିଂହ କିଷାନ ସବୁ ବିଭାଗୀୟ ମୁଖ୍ୟଙ୍କୁ ପ୍ରଦାନ କରିଥିବା ପତ୍ରରେ ଦର୍ଶାଇଛନ୍ତି, ସରକାରଙ୍କ ପକ୍ଷରୁ ଖାଲିଥିବା ପଦ ନେଇ ଇତିମଧ୍ୟରେ ୪ଥର ପତ୍ର ଲେଖାଗଲାଣି। ହେଲେ ସଦ୍ୟତମ ତଥ୍ୟ(ଗ୍ରୁପ୍-ବି) ନିଯୁକ୍ତି ପୋର୍ଟାଲରେ ଉପଲବ୍ଧ ହେଉନାହିଁ। ସରକାରଙ୍କ ନିର୍ଦ୍ଦେଶକ୍ରମେ ଆସନ୍ତା ୧୮ତାରିଖ ସୁଦ୍ଧା ବିଭାଗରେ ଖାଲିଥିବା ଗ୍ରୁପ୍-ବି ପଦ ସହିତ କେତେ ପଦକୁ ଉଚ୍ଚକ୍ଷମତାସମ୍ପନ୍ନ କମିଟି ଅନୁମୋଦନ ମିଳିଛି ଏବଂ କେତେ ପଦ ନିଗମ, ପୌରାଞ୍ଚଳ, ସମିତି ଓ ସ୍ୱୟଂଶାସିତ ପରିଷଦରେ ଖାଲି ରହିଛି ତା'ର ପୂର୍ଣ୍ଣାଙ୍ଗ ବିବରଣୀ ପ୍ରଦାନ କରିବାକୁ ହେବ।

ଜୟସିଂହ ଉଲ୍ଲେଖ କରିଛନ୍ତି ଯେ, ଏସଂକ୍ରାନ୍ତରେ ଚଳିତବର୍ଷ ଜାନୁଆରୀ ୨୯, ଏପ୍ରିଲ ୧୭ ଏବଂ ୨୫ ଓ ମେ' ୧୪ରେ ବିଭାଗ ପକ୍ଷରୁ ପତ୍ର ଲେଖି ଅବଗତ କରାଯାଇଥିଲା। ହେଲେ ବାସ୍ତବିକ ତଥ୍ୟ ନିଯୁକ୍ତି ପୋର୍ଟାଲରେ ଉପଲବ୍ଧ ହୋଇପାରିନାହିଁ। ଉଚ୍ଚକ୍ଷମତାସମ୍ପନ୍ନ କମିଟି ଜରିଆରେ ଯେଉଁ ପଦ ମଞ୍ଜୁର ହୋଇଛି ତା'ର ତଥ୍ୟ ଆପଣଙ୍କ ଜାଣିବା ଲାଗି ଅପ୍‌ଲୋଡ୍ କରାଯାଇଛି। ଏହାବାଦ୍ ସଦ୍ୟତମ ତଥ୍ୟ ଯାହା ଅଛି ୧୮ତାରିଖ ସୁଦ୍ଧା ଅପ୍‌ଲୋଡ୍ କରିବାକୁ ସେ ଦର୍ଶାଇଛନ୍ତି। ବିଭାଗ ପକ୍ଷରୁ ସୋମବାର ସୁଦ୍ଧା ନିଯୁକ୍ତି ପୋର୍ଟାଲରେ ଦର୍ଶାଯାଇଥିବା ତଥ୍ୟ ଅନୁଯାୟୀ, ବିଭିନ୍ନ ବିଭାଗରେ ୯୭ହଜାର ୩୪୮ ସାଙ୍କ୍‌ସନ ମୂଳ ପଦ ରହିଥିବାବେଳେ ସେଥିରୁ ୨୫ହଜାର ୪୮୪ଟି ଖାଲି ରହିଛି। ଉଚ୍ଚକ୍ଷମତାସମ୍ପନ୍ନ କମିଟି ଜରିଆରେ ୧୬ହଜାର ୪୫ଟି ପଦକୁ ଅନୁମୋଦନ ମିଳିଥିବାବେଳେ ୯୪୩୯ଟି ଅନୁମୋଦନ ପ୍ରକ୍ରିୟା ଭିତରେ ରହିଛି। ୧୫ହଜାର ୪୩୨ଟି ପଦ ନିଯୁକ୍ତି ପାଇଁ ବିଭିନ୍ନ ବିଭାଗ ପକ୍ଷରୁ ଇଣ୍ଡେଣ୍ଟ ପ୍ରଦାନ କରାଯାଇଥିବାବେଳେ ୬୧୩ଟି ପୂରଣ ହୋଇଛି।

ତେବେ ବିଭାଗ ପକ୍ଷରୁ ନିଯୁକ୍ତି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ଲାଗି ୪୧ଜଣ ସ୍ୱତନ୍ତ୍ର ଅଧିକାରୀଙ୍କୁ ନୋଡାଲ ଅଫିସର(କ୍ଷେତ୍ରୀୟ ଅଧିକାରୀ) ଭାବେ ନିଯୁକ୍ତ କରାଯାଇଛି। ସେଥିମଧ୍ୟରେ କୃଷି ବିଭାଗ ପାଇଁ ଯୁଗ୍ମସଚିବ ଦରିଦ୍ର୍ୟଭଞ୍ଜନ ଏମ୍. ଏମ୍. ପାତ୍ର ରହିଥିବାବେଳେ ବାଣିଜ୍ୟ ଓ ପରିବହନ ବିଭାଗ ପାଇଁ ଅତିରିକ୍ତ ସଚିବ ବିଧାନ ଚନ୍ଦ୍ର ରାୟ, ସମବାୟ ପାଇଁ ଅତିରିକ୍ତ ସଚିବ ମିହିର ପ୍ରସାଦ ମହାନ୍ତି ଓ ଇ ଆଣ୍ଡ ଆଇଟି ବିଭାଗ ପାଇଁ ସ୍ୱତନ୍ତ୍ର ସଚିବ ମାନସ ରଞ୍ଜନ ପଣ୍ଡା ରହିଛନ୍ତି। ଏହାବାଦ୍ ଅନ୍ୟାନ୍ୟ ବିଭାଗ ପାଇଁ ଅତିରିକ୍ତ ସଚିବ ଓ ସ୍ୱତନ୍ତ୍ର ସଚିବଙ୍କୁ କ୍ଷେତ୍ରୀୟ ଅଧିକାରୀ ଭାବେ ନିଯୁକ୍ତ କରାଯାଇଛି।

# କୋଭିଡ୍ ତଥ୍ୟ ପ୍ରଦାନରେ ଚଞ୍ଚକତା: ସୂଚନା ଆୟୁକ୍ତଙ୍କ ତଦନ୍ତ ନିର୍ଦ୍ଦେଶ

ଭୁବନେଶ୍ୱର,୧୬।୬(ରବିନାରାୟଣ ଜେନା)

କୋଭିଡ୍ ତଥ୍ୟ ପ୍ରଦାନରେ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀଙ୍କ ଚଞ୍ଚକତାକୁ ନେଇ ସୋମବାର ସୂଚନା ଆୟୁକ୍ତ ସୁଶାନ୍ତ କୁମାର ମହାନ୍ତି ତଦନ୍ତ ନିର୍ଦ୍ଦେଶ ଜାରି କରିଛନ୍ତି। ଏସଂକ୍ରାନ୍ତରେ ବିଭାଗୀୟ ଅତିରିକ୍ତ ସଚିବଙ୍କୁ ଦେଇଥିବା ନିର୍ଦ୍ଦେଶନାମାରେ ଦର୍ଶାଯାଇଛି, ତଥ୍ୟ ପ୍ରଦାନରେ କେଉଁ ଅଧିକାରୀ ଅବହେଳା କରିଛନ୍ତି ଏବଂ ଏହା ପଛର ଉଦ୍ଦେଶ୍ୟ କ'ଣ ତାହା ଦର୍ଶାଅ। ଯଦି ସମ୍ପୃକ୍ତ ଅଧିକାରୀ ମନ୍ଦ ଉଦ୍ଦେଶ୍ୟ ରଖି ତଥ୍ୟ ପ୍ରଦାନରେ ଅବହେଳା କରିଥିବେ ତେବେ ତାଙ୍କ ବିରୋଧରେ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଆୟୋଗଙ୍କୁ ଅବଗତ କରାଅ।

ଆୟୁକ୍ତଙ୍କ ସୂଚନା ଅନୁଯାୟୀ, ସାମାଜିକ କର୍ମୀ ପ୍ରଦୀପ ପ୍ରଧାନ କୋଭିଡ୍ ପରିଚାଳନାଗତ ସରକାରୀ ନିଷ୍ପତ୍ତି ଏବଂ ବିଭିନ୍ନ ହସ୍ପିଟାଲରେ ଚିକିତ୍ସା ସମ୍ପର୍କରେ ଜାଣିବାପାଇଁ ସ୍ୱାସ୍ଥ୍ୟ ବିଭାଗକୁ ୨୦୨୦ ଅଗଷ୍ଟ ୧୩ରେ ସୂଚନା ଅଧିକାର ବଳରେ କେତେକ ତଥ୍ୟ ଲୋଡ଼ିଥିଲେ। ହେଲେ ବିଭାଗ ପକ୍ଷରୁ ନିର୍ଦ୍ଧାରିତ ସମୟ ମଧ୍ୟରେ ପ୍ରଦାନ କରାଯାଇ ପାରି ନ ଥିଲା। ଏପରି କି ସୂଚନା ଅଧିକାରୀମାନେ ଏହିଭଳି ତଥ୍ୟ ପୂର୍ବରୁ ପ୍ରଦାନ କରାଯାଇଥିବା ଦର୍ଶାଇଥିଲେ ହେଁ ତା'ର ପ୍ରମାଣ ଦେଇପାରି ନ ଥିଲେ। ଗତ ୫ବର୍ଷ ମଧ୍ୟରେ କୋଭିଡ୍ ତଥ୍ୟ ନ ମିଳିବାରୁ ଆୟୁକ୍ତ ମହାନ୍ତି ଉକ୍ତ ମାମଲାର ବିଚାର କରି ସ୍ୱାସ୍ଥ୍ୟ ବିଭାଗକୁ ଏହାର ତଦନ୍ତ ନିର୍ଦ୍ଦେଶ ଜାରି କରିଛନ୍ତି। ଚାକିରି ସର୍ତ୍ତାବଳୀ ଅନୁଯାୟୀ ଯେଉଁମାନେ ଏଥିପାଇଁ ଦାୟୀ ତାଙ୍କ ବିରୋଧରେ ବିଭାଗ ପକ୍ଷରୁ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନେବାକୁ ମଧ୍ୟ ଦର୍ଶାଇଛନ୍ତି।

# ପ୍ରଥମ ଦିନରୁ ମିଳିବ ମଧ୍ୟାହ୍ନ ଭୋଜନ

ଭୁବନେଶ୍ୱର,୧୬।୬(ସୁଚିସ୍ମିତା ସାହୁ)

ଦୁଇ ମାସର ଖରାଛୁଟି ପରେ ଆସନ୍ତା ଶୁକ୍ରବାର ୨୦ ତାରିଖରେ ସ୍କୁଲ ଖୋଲିବ। ଏନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯିବା ସହ କେତେକ ଗାଇଡ୍‌ଲାଇନ୍ ଜାରି ଯାଇଛି। ଏଥର ରାଜ୍ୟର ସମସ୍ତ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟଗୁଡ଼ିକରେ ଶିଶୁ ବାଟିକାଠାରୁ ଆରମ୍ଭ କରି ଦଶମ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ଛାତ୍ରୀଛାତ୍ରଙ୍କୁ ମଧ୍ୟାହ୍ନଭୋଜନ ପ୍ରଦାନ କରାଯିବ। ସ୍କୁଲ ଖୋଲିବାର ପ୍ରଥମ ଦିନରୁ ହିଁ ପିଲାଙ୍କୁ ମଧ୍ୟାହ୍ନ ଭୋଜନ ମିଳିବ। ମଧ୍ୟାହ୍ନ ଭୋଜନ ମାନ ଯାଞ୍ଚ କରିବା ପାଇଁ ପ୍ରଧାନ ଶିକ୍ଷୟିତ୍ରୀ ଏବଂ ଶିକ୍ଷକମାନଙ୍କୁ ଦାୟିତ୍ୱ ଦିଆଯାଇଛି। ମଧ୍ୟାହ୍ନଭୋଜନର ମାନ ଅଭିଭାବକ ଏବଂ ମାଆମାନେ ମଧ୍ୟ ସ୍କୁଲ ଯାଇ ଯାଞ୍ଚ କରିବେ। ସେମାନଙ୍କ ମତାମତ ଉପରେ ହିଁ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତିକୁ ଗୁରୁତ୍ୱ ଦିଆଯିବ। ସେହିପରି ପ୍ରଥମଦିନ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀଶିକ୍ଷକଙ୍କ ସମେତ ଅନ୍ୟ ପରିଚାଳନା କର୍ମଚାରୀ ଏବଂ ଶିକ୍ଷକମାନେ ପ୍ରସ୍ତୁତ ହୋଇଥିବା ମଧ୍ୟାହ୍ନଭୋଜନ ଖାଇ ତା'ର ମାନ ପରଖିବେ। ଏହାପରେ ଯାଇ ପିଲାମାନେ ଖାଇବେ। ସେହିପରି ଜିଲା ଶିକ୍ଷା ଅଧିକାରୀ, ବ୍ଲକ ଶିକ୍ଷା ଅଧିକାରୀ ଏବଂ ସିଆର୍‌ସିସିମାନେ ବିଦ୍ୟାଳୟ ଗସ୍ତ କରି ଖାଦ୍ୟ ମାନ ଯାଞ୍ଚ କରିବାକୁ ମଧ୍ୟାହ୍ନଭୋଜନର ରାଜ୍ୟ ନୋଡାଲ ଅଧିକାରୀ ଭବାନୀ ପ୍ରସାଦ ମିଶ୍ର ନିର୍ଦ୍ଦେଶ ଦେଇଛନ୍ତି।

DSPL-124



## ଓଡ଼ିଶାରେ କୁମ୍ଭୀର ସଂରକ୍ଷଣ ପ୍ରକଳ୍ପର ୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା

ଅନ୍ତର୍ଜାତୀୟ କୁମ୍ଭୀର ଦିବସ ଏବଂ ଓଡ଼ିଶାରେ କୁମ୍ଭୀର ସଂରକ୍ଷଣ ପ୍ରକଳ୍ପର ସ୍ୱର୍ଣ୍ଣିମ ୫୦ ବର୍ଷ ପୂର୍ତ୍ତି ଅବସରରେ ମୁଁ ସମସ୍ତ ବନ୍ୟପ୍ରାଣୀପ୍ରେମୀ, ବନ କର୍ମଚାରୀ, ସଂରକ୍ଷଣବିତ୍, ପରିବେଶବିତ୍, ବୈଜ୍ଞାନିକ ଓ ଜନସାଧାରଣଙ୍କୁ ମୋର ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି ।

ଆପଣମାନେ ଜାଣନ୍ତି, ଆମ ରାଜ୍ୟ ଓଡ଼ିଶା ଭାରତର ଏକମାତ୍ର ରାଜ୍ୟ ଯେଉଁଠାରେ ଭାରତରେ ଦେଖାଯାଉଥିବା ସମସ୍ତ ତିନୋଟି ପ୍ରଜାତି କୁମ୍ଭୀର-ଘଡ଼ିଆଳ, ମଗର ଓ ବଉଳା ଦେଖିବାକୁ ମିଳନ୍ତି । ଆମ ରାଜ୍ୟର ଭିତରକନିକା ବଉଳା କୁମ୍ଭୀର ପାଇଁ, ଶିମିଳିପାଳ ମଗର କୁମ୍ଭୀର ପାଇଁ ଏବଂ ସାତକୋଶିଆ ଗଣ୍ଡ ଘଡ଼ିଆଳ କୁମ୍ଭୀର ପାଇଁ ଅନ୍ତର୍ଜାତୀୟ ସ୍ତରରେ ପ୍ରସିଦ୍ଧ ।

ଆମ ନଦୀ, ହେନ୍ତାଳବନ ଓ ହ୍ରଦ ଆଦିର ପରିବେଶ ସନ୍ତୁଳନକୁ ବଜାୟ ରଖିବାରେ ଏହି କୁମ୍ଭୀରମାନଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ତେଣୁ ଏମାନଙ୍କ ସଂରକ୍ଷଣ କେବଳ ପରିବେଶ ପାଇଁ ନୁହେଁ ବରଂ ଆମର ସାଂସ୍କୃତିକ ଗର୍ବ ଓ ମାନବୀୟ ମୂଲ୍ୟବୋଧ ସହିତ ଅଙ୍ଗାଙ୍ଗୀ ଭାବେ ଜଡ଼ିତ ।

ମୁଁ ବନବିଭାଗ, ଗବେଷକ ଓ ସ୍ଥାନୀୟ ଗ୍ରାମବାସୀମାନଙ୍କର କୁମ୍ଭୀର ସଂରକ୍ଷଣ ଦିଗରେ ଉଲ୍ଲେଖନୀୟ ଓ ନିଷ୍ଠାବାନ ପ୍ରଚେଷ୍ଟା ପାଇଁ ଭୂୟସୀ ପ୍ରଶଂସା କରୁଛି । ଆସନ୍ତୁ, କୁମ୍ଭୀର ସଂରକ୍ଷଣର ପ୍ରତିବଦ୍ଧତାକୁ ନିରନ୍ତର ବଜାୟ ରଖିବା ପାଇଁ ଆମେ ନିସ୍ୱାର୍ଥପର ଚେଷ୍ଟା ଜାରି ରଖିବା ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା



## ଓଡ଼ିଶାରେ କୁମ୍ଭୀର ସଂରକ୍ଷଣ ପ୍ରକଳ୍ପର ୫୦ ବର୍ଷ ପୂର୍ତ୍ତି ସମାରୋହ ପାଳନ ଉପଲକ୍ଷେ ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀଙ୍କ ବାର୍ତ୍ତା

ଆମ ରାଜ୍ୟ ଓଡ଼ିଶା, ଭାରତରେ ଦେଖାଯାଉଥିବା ସମସ୍ତ କୁମ୍ଭୀର ପ୍ରଜାତି-ବଉଳା, ମଗର ଓ ଘଡ଼ିଆଳର ଏକ ମହତ୍ୱପୂର୍ଣ୍ଣ ଆବାସସ୍ଥଳୀ । ଦୀର୍ଘ ୫୦ ବର୍ଷ ଧରି ଆମ ରାଜ୍ୟ କୁମ୍ଭୀରମାନଙ୍କ ସଂରକ୍ଷଣ ପାଇଁ ଏକ ଉତ୍କୃଷ୍ଟ ମାର୍ଗଦର୍ଶକ ରୂପେ ସାରା ବିଶ୍ୱ ପାଇଁ ଉଦାହରଣ ସୃଷ୍ଟି କରିପାରିଛି ।

ଏକ ସୁସ୍ଥ ଆର୍ଦ୍ରଭୂମି ପାଇଁ କୁମ୍ଭୀରମାନଙ୍କର ବିଶେଷ ଭୂମିକା ରହିଛି । ଖାଦ୍ୟଶୃଙ୍ଖଳର ଅଭିନ୍ନ ଅଙ୍ଗ ଭବେ ପରିଗଣିତ କୁମ୍ଭୀର, ନଦୀ, ହ୍ରଦ ଓ ଅନ୍ୟ ଜଳାଶୟଗୁଡ଼ିକରୁ ମୃତ ଜୀବମାନଙ୍କୁ ଅପସାରଣ କରି ସୁସ୍ଥ ବାତାବରଣ ସୃଷ୍ଟି କରିବା ସହ ପ୍ରାକୃତିକ ଜୈବ ବିବିଧତାକୁ ବଜାୟ ରଖିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ଏହା ପରିବେଶ ପର୍ଯ୍ୟଟନ ରୂପେ ସ୍ଥାନୀୟ ବାସିନ୍ଦାଙ୍କ ପାଇଁ ପ୍ରତ୍ୟକ୍ଷ ଓ ପରୋକ୍ଷ ଉପାୟରେ ଜୀବିକା ଉପାର୍ଜନରେ ସହାୟକ ହୋଇଥାଏ ।

ଆଜିର ଏହି ବିଶ୍ୱ କୁମ୍ଭୀର ଦିବସ ତଥା ଓଡ଼ିଶାରେ କୁମ୍ଭୀର ସଂରକ୍ଷଣର ୫୦ ବର୍ଷ ପୂର୍ତ୍ତି ସମାରୋହ ଅବସରରେ ମୁଁ ବନବିଭାଗର ସମସ୍ତ କର୍ମଚାରୀ, ବନ୍ୟପ୍ରାଣୀପ୍ରେମୀ, ସଂରକ୍ଷଣବିତ୍, ବୈଜ୍ଞାନିକ ଓ ସର୍ବସାଧାରଣଙ୍କୁ ମୋର ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି ।

ଏହି ଅବସରରେ ଆମ ରାଜ୍ୟର କୁମ୍ଭୀର ଓ ଅନ୍ୟାନ୍ୟ ବନ୍ୟପ୍ରାଣୀମାନଙ୍କର ବାସସ୍ଥଳୀଗୁଡ଼ିକର ସୁରକ୍ଷା, ସଂରକ୍ଷଣ ନିମନ୍ତେ ମୁଁ ଜନସାଧାରଣଙ୍କର ଆନ୍ତରିକ ସହଯୋଗ କାମନା କରୁଛି ।

(ଗଣେଶ ରାମ ସିଂ ଖୁଣ୍ଟିଆ)
ମାନ୍ୟବର ମନ୍ତ୍ରୀ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ଶ୍ରମ ଓ କର୍ମଚାରୀ ରାଜ୍ୟବୀମା ବିଭାଗ, ଓଡ଼ିଶା

OIPR-08141/13/0009/2526






# ଦ୍ୱାଦଶ ମହିମା ଜ୍ୟୋତିଯାତ୍ରାର ଗତିପଥ ଚୂଡ଼ାନ୍ତ

ଢେଙ୍କାନାଳ,୧୬।୬(ରତନ ନାୟାର)

ଦ୍ୱାଦଶ ମହିମା ଜ୍ୟୋତିଯାତ୍ରା ଆସନ୍ତା ୨୧ ଓ ୨୨ ତାରିଖରେ ଅନୁଷ୍ଠିତ ହେବ। ଏଥିପାଇଁ ଶୁକ୍ରବାର ରାତିରୁ ଢେଙ୍କାନାଳ ଜିଲା କପିଳାସ ତପୋବନ ଅଖଣ୍ଡବଟୀ ମନ୍ଦିରରୁ ମହିମା ଜ୍ୟୋତିକୁ ଶନିବାର ସକାଳ ୮ଟାରେ ମହିମାଧର୍ମର ପୀଠ ଯୋରନ୍ଦାରୁ ବଳଦିଆବନ୍ଧ ପଞ୍ଚାୟତର ମହୁଲପଡ଼ା ଗ୍ରାମ ଅଭିମୁଖେ ନିଆଯିବ। ଏହାପରେ ଢେଙ୍କାନାଳ ସହର ଦେଇ ଜ୍ୟୋତିଯାତ୍ରା ଯାତ୍ରା କରିବ। ଧର୍ମସଭା ଆତ୍ମସେବା ପରେ ପୁନର୍ବାର ଢେଙ୍କାନାଳ ସହର ଦେଇ ଭାପୁର ଯାତ୍ରା କରିବ। ଧର୍ମସଭାରେ ଢେଙ୍କାନାଳ ଏମ୍‌ପି ରୁଦ୍ର ନାରାୟଣ ପାଣି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଶୁଭାରମ୍ଭ କରିବେ। ଏହାପରେ ପୁରୁଣା କଟକ-ସମ୍ବଲପୁର ରାସ୍ତାଦେଇ ଭାପୁରଠାରୁ ରାସୋଳ, ମାହାଲୁଣ୍ଡା ଛକଦେଇ ଇଲିରିସିଙ୍ଗା ଓ ଆଲୁସିଂ ଗ୍ରାମ ରାସ୍ତା ଦେଇ ହିନ୍ଦୋଳ ବିଜ୍ଞାପିତ ଅଞ୍ଚଳରେ ପହଞ୍ଚିବ। ହିନ୍ଦୋଳ ରାଜବାଟୀରେ ମହିମା ବ୍ରହ୍ମଜ୍ୟୋତି ଅବସ୍ଥାପନ କରାଯାଇ ଶ୍ରଦ୍ଧାଳୁମାନଙ୍କ ଦର୍ଶନ ବ୍ୟବସ୍ଥା ହେବ। ହିନ୍ଦୋଳରେ ପ୍ରଶାସନ ସହଯୋଗରେ ଜ୍ୟୋତିକୁ ସମ୍ବର୍ଦ୍ଧନା ଦିଆଯିବ ଓ ସାଧାରଣ ଦର୍ଶନ ହେବ। ଏ ସମ୍ପର୍କରେ ହିନ୍ଦୋଳ ରାଜା ଶୈଳେନ୍ଦ୍ର ନାରାୟଣ ସିଂହଦେଓ ଓ ହିନ୍ଦୋଳ ଉପଜିଲାପାଳ ପ୍ରଭାସ ଚନ୍ଦ୍ର ବେହେରାଙ୍କ ସହ ଜ୍ୟୋତିଯାତ୍ରା ପରିଚାଳନା ପରିଷଦ ସଭାପତି ବରିଷ୍ଠ ମହିମା ସନ୍ନ୍ୟାସୀ ଶ୍ରୀମଦ୍ ରଘୁନାଥ ବାବା, ଉପସଭାପତି କରୁଣାକର ବାବା, ଜ୍ୟୋତିଯାତ୍ରା ମୁଖ୍ୟ ସଂଯୋଜକ ପ୍ରଦ୍ୟୁମ୍ନ ରଥ ଓ ଆବାହକ ପ୍ରଶାନ୍ତ କୁମାର ମହାପାତ୍ର ପ୍ରମୁଖ ଆଲୋଚନା କରିଥିଲେ। ରାଜ ପ୍ରତିନିଧି ତ୍ରିନାଥ ବେହେରା, ହିନ୍ଦୋଳ ଏନ୍‌ଏସି ୧୫ନଂ କାଉନସିଲର ସୀମାରାଣୀ ସାହୁ, ରମେଶଚନ୍ଦ୍ର ସାହୁ, ଦେବରାଜ ବିଶ୍ୱାଳ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସନ୍ଧ୍ୟା ପୂର୍ବରୁ ଜ୍ୟୋତି ହିନ୍ଦୋଳ ରାଜବାଟୀରୁ ଆତ୍ମସେବା ସାରି ଅନୁଗୋଳ ଦେଇ କୋଶଳାଠାରେ ପହଞ୍ଚି ସେଠାରେ ରାତି ରହଣି କରିବ। ୨୨ ତାରିଖ ରବିବାର କୋଶଳାରୁ ଯାତ୍ରା ଆରମ୍ଭ କରି ବାଗଲକଟା ଗ୍ରାମରେ ଆତ୍ମସେବା କରିବ। ବାଗଲକଟା ଗ୍ରାମ ପରିକ୍ରମା କରି ବ୍ରାହ୍ମଣୀବିଲି, କର୍ଣ୍ଣିଡିହି, ନାଉପଦା, କିସିନ୍ଦା, ଗୋଳାସର ଓ ହତିଆନାଳୀ ଆଦି ଗ୍ରାମ ପରିକ୍ରମା କରି ଶେଷରେ ବାଲିପଟା ଗ୍ରାମରେ ସନ୍ଧ୍ୟାରେ ଆତ୍ମସେବା କରିବ। ପରେ ମହିମା ବ୍ରହ୍ମଜ୍ୟୋତି ବଇଣ୍ଡା ଛକଦେଇ ଢେଙ୍କାନାଳ ତପୋବନକୁ ପ୍ରତ୍ୟାବର୍ତ୍ତନ କରିବ ବୋଲି ମୁଖ୍ୟ ସଂଯୋଜକ ସୂଚନା ଦେଇଛନ୍ତି।


ହିନ୍ଦୋଳ ରାଜବାଟୀରେ ରାଜା ଶୈଳେନ୍ଦ୍ର ନାରାୟଣ ସିଂହଦେଓଙ୍କ ସହ ଜ୍ୟୋତିଯାତ୍ରା ଆୟୋଜକବୃନ୍ଦ।

# କପିଳାସରେ ଉନ୍ନତ ଟ୍ରାଫିକ ବ୍ୟବସ୍ଥା କରାଯାଉ

## ଏସ୍‌ପିଙ୍କୁ ପୂର୍ବତନ ବିଧାୟକଙ୍କ ପତ୍ର

ଢେଙ୍କାନାଳ,୧୬।୬(ରତନ ନାୟାର)

ଚଳିତବର୍ଷ ରଜପର୍ବ ସମୟରେ ରବିବାର ଓ ସୋମବାର କପିଳାସ ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ ଦେଖାଯାଇଥିଲା। ବାରବାଙ୍କ ରାସ୍ତାରେ ଟ୍ରାଫିକ ଜାମ୍ ହେବାରୁ ବହୁ ଶ୍ରଦ୍ଧାଳୁ ପୀଠ ପର୍ଯ୍ୟନ୍ତ ଯାଇ ନ ପାରି ନିରାଶ ହୋଇ ଫେରୁଥିବା ଜଣାପଡ଼ିଥିଲା। ତେଣୁ ପର୍ବପର୍ବାଣି ସମୟରେ କପିଳାସ ପୀଠରେ ପାର୍କିଂର ସୁବ୍ୟବସ୍ଥା ସହ ଉନ୍ନତ ମାନର ଟ୍ରାଫିକ ବ୍ୟବସ୍ଥା କରିବା ପାଇଁ ପୂର୍ବତନ ବିଧାୟକ ତଥା କପିଳାସ ସୁରକ୍ଷା ପରିଷଦର ଆବାହକ ନବୀନ ନନ୍ଦ ସୋମବାର ଢେଙ୍କାନାଳ ଏସ୍‌ପିଙ୍କୁ ପତ୍ରଲେଖି ଜଣାଇବା ସହିତ ଏହାର ନକଲ ଜିଲାପାଳ ଏବଂ ଜିଲା ଦେବୋତ୍ତର ଅଧିକାରୀ ତଥା ଢେଙ୍କାନାଳ ଉପଜିଲାପାଳଙ୍କୁ ପ୍ରଦାନ କରିଛନ୍ତି।

ଉକ୍ତ ପତ୍ରରେ ପୂର୍ବତନ ବିଧାୟକ ଉଲ୍ଲେଖ କରିଛନ୍ତି, ରଜ ସଂକ୍ରାନ୍ତି ସମେତ ଶ୍ରାବଣ ମାସରେ ଜଳଲାଗି, କାର୍ତ୍ତିକ ମାସ ଏବଂ ଜାଗର ଯାତ୍ରା ଓ ନୂଆବର୍ଷ ସମୟରେ କପିଳାସ ପୀଠରେ ଶ୍ରଦ୍ଧାଳୁମାନଙ୍କ ବ୍ୟାପକ ଭିଡ଼ ଲାଗିଥାଏ। ସେହିପରି ପୀଠ ପରିସରରେ ଅଧିକ ସଂଖ୍ୟାରେ ଯାନବାହନ ଓ ଦୁଇଚକିଆ ଯାନ ରଖିବା ପାଇଁ କୌଣସି ପାର୍କିଂ ବ୍ୟବସ୍ଥା ନାହିଁ। ପର୍ବପର୍ବାଣି ସମୟରେ ମଧ ବ୍ୟବସ୍ଥିତ ଟ୍ରାଫିକ ବ୍ୟବସ୍ଥା କରାଯାଉ ନାହିଁ। ତେଣୁ ପର୍ବପର୍ବାଣି ସମୟରେ ପ୍ରବଳ ଭିଡ଼କୁ ଦୃଷ୍ଟିରେ ରଖି ପାହାଡ଼ ଉପରେ ମନ୍ଦିର ପରିସରକୁ ଚାରିଚକିଆ ଯାନ ନିଷେଧ କରାଯିବା, ବାରବାଙ୍କ ରାସ୍ତା ଆରମ୍ଭରୁ ମନ୍ଦିର ପରିସର ପର୍ଯ୍ୟନ୍ତ ସ୍ଥାନୀୟ ଯାନବାହାନ, ଯାହାକି ଶ୍ରଦ୍ଧାଳୁମାନଙ୍କୁ ବାରବାଙ୍କ ଆରମ୍ଭରୁ ମନ୍ଦିର ପରିସରକୁ ନେଇଥାନ୍ତି, ସେମାନଙ୍କ ଦ୍ୱାରା ଯାତ୍ରୀମାନଙ୍କୁ ନେବା, ସରକାରୀ ଗାଡି ଓ ପ୍ରମୁଖ ବ୍ୟକ୍ତି ବିଶେଷଙ୍କୁ ଜାଗର ଯାତ୍ରା ସମୟରେ ସ୍ୱତନ୍ତ୍ର ପାସ୍ ପ୍ରଦାନ, କପିଳାସ ପାଦଦେଶରେ ଥିବା ନିରୁପମା ହୋଟେଲ ନିକଟରେ ସ୍ୱତନ୍ତ୍ର ପାର୍କିଂ ବ୍ୟବସ୍ଥା କରିବା, ଦୁଇଚକିଆ ଯାନଗୁଡ଼ିକୁ ବାରବାଙ୍କ ଆରମ୍ଭ ସ୍ଥାନ ତଥା ସନ୍ତୋଷୀ ଛକଠାରେ ପାର୍କିଂ କରିବା, ଅସ୍ଥାୟୀ ପୋଲିସ କଣ୍ଟ୍ରୋଲ ରୁମ ଏବଂ ଆବଶ୍ୟକ ପୋଲିସ ଅଧିକାରୀ ମୁତୟନ ସହିତ ଧାଡ଼ି ଦର୍ଶନ ବ୍ୟବସ୍ଥା କରିବା ପାଇଁ ଦେବୋତ୍ତର ବିଭାଗ ଓ ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ସେ ଦାବି କରିଛନ୍ତି। ଏ ସମ୍ପର୍କରେ ପଦକ୍ଷେପ ନେବା ନିମନ୍ତେ ସେ ଏସ୍‌ପି ଏବଂ ଜିଲାପାଳ ଓ ଦେବୋତ୍ତର ବିଭାଗକୁ ଅନୁରୋଧ କରିଛନ୍ତି।


ସୋମବାର କପିଳାସ ବାରବାଙ୍କ ରାସ୍ତାରେ ଭିଡ଼।

# ଅସ୍ଥି ରୋଗ ନିରାକରଣ ଶିବିର



ଅସ୍ଥି ରୋଗ ନିରାକରଣ ଶିବିରରେ ଉପସ୍ଥିତ ଡାକ୍ତର, ରୋଗୀ।

ଢେଙ୍କାନାଳ,୧୬।୬(ରତନ ନାୟାର)

ଭାରତୀୟ ଯୋଗ ସଂସ୍ଥାନର ଢେଙ୍କାନାଳ ଯୋଗ ଜିଲା ପକ୍ଷରୁ ଅସ୍ଥିରୋଗ ନିରାକରଣ ଶିବିର କୋରିଆ ଯୋଗ କେନ୍ଦ୍ରଠାରେ ରବିବାର ଅନୁଷ୍ଠିତ ହୋଇଥିଲା। ସକାଳ ୬ଟା ଠାରୁ ଦିନ ୧୨ଟା ଯାଏ ଶିବିର କରାଯାଇଥିଲା। ଭାରତୀୟ ଯୋଗ ସଂସ୍ଥାନ ଓଡ଼ିଶାପ୍ରାନ୍ତ ପ୍ରଧାନ ସୁରେଶ କୁମାର ମହାପାତ୍ର ସଭାପତିତ୍ୱ କରି ଯୋଗ ଦ୍ୱାରା ଅସ୍ଥି ରୋଗ ପାଇଁ ଯୋଗାଭ୍ୟାସ ଓ ଦିନଚର୍ଯ୍ୟା ବିଷୟରେ ଆଲୋକପାତ କରିଥିଲେ। ମୁଖ୍ୟ ଅତିଥି ଭାବେ ଆଇପିଏଲ୍‌ର ପ୍ରୋଜେକ୍ଟହେଡ୍ ଦୁର୍ଗା ପ୍ରସାଦ ଦ୍ୱିବେଦୀ, ସମ୍ମାନିତ ଅତିଥି ଭାବେ ଗଣେଶ୍ୱର ପ୍ରଧାନ, ଏମ୍ ରାମାୟା ରେଡ୍ଡି ଓ ରଘୁନାଥ ରେଡ୍ଡି ଯୋଗ ଦେଇଥିଲେ। ଜିଲା ମୁଖ୍ୟ ସୁଶୀଲ କୁମାର ପଣ୍ଡା, ଉପ ପ୍ରଧାନ ରଘୁନାଥ ତ୍ରିପାଠୀ ପ୍ରମୁଖ ଆସନ ପ୍ରାଣାୟାମ କରାଇଥିଲେ। ଡା. ଏନ୍.ସି. ରାଉତ ଶିବିର ପରିଚାଳନା କରିଥିଲେ। ଶେଷରେ କ୍ଷେତ୍ର ପ୍ରଧାନ ଧର୍ମାନନ୍ଦ ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ।

# ଉପଖଣ୍ଡ ଚିକିତ୍ସାଳୟ ପରିଦର୍ଶନ କଲେ ସ୍ୱାସ୍ଥ୍ୟମନ୍ତ୍ରୀ

କାମାକ୍ଷାନଗର,୧୬।୬(ସୁଧୀର ପରିଡ଼ା)

ଢେଙ୍କାନାଳ ଜିଲା କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟକୁ ସୋମବାର ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡା. ମୁକେଶ ମହାଲିଙ୍ଗ ପରିଦର୍ଶନରେ ଆସିଥିଲେ। ଏହି ଅବସରରେ ମନ୍ତ୍ରୀ ଡାକ୍ତରଖାନାର ବିଭିନ୍ନ ସମସ୍ୟା ବୁଝିବା ସହ ଉପଖଣ୍ଡ ଚିକିତ୍ସାଧିକାରୀ ଡା. ଦିଗମ୍ବର ସାହୁଙ୍କ ସହ ଆଲୋଚନା କରିଥିଲେ। ଆଗାମୀ ଦିନରେ ଡାକ୍ତର ସମସ୍ୟା, କ୍ୟାବିନ୍, ଡାଇରିଆ ୱାର୍ଡ, ଶବ ସଂରକ୍ଷଣ ଗୃହ ଓ ରକ୍ତ ଭଣ୍ଡାରର ଆବଶ୍ୟକତା ସମ୍ପର୍କରେ ସାଧାରଣ ଲୋକେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ନିକଟରେ ଦାବି ରଖିଥିବା ବେଳେ ଏଥିପ୍ରତି ଧ୍ୟାନ ଦିଆଯିବ ବୋଲି ମନ୍ତ୍ରୀ କହିଥିଲେ। ଆଗାମୀ ୩ମାସ ମଧ୍ୟରେ ଡାକ୍ତର ଓ ଅନ୍ୟ କର୍ମଚାରୀ ଅଭାବ ପୂରଣ, ଡାକ୍ତରଖାନାରେ ତୁରନ୍ତ ଏକ ଏମ୍‌ଏମ୍‌ସି ଗୃହ ନିର୍ମାଣ କରିବାକୁ ମନ୍ତ୍ରୀ କହିଥିଲେ। ମନ୍ତ୍ରୀଙ୍କ ଏହି ଗସ୍ତ ସମୟରେ ଢେଙ୍କାନାଳ ଏମ୍‌ପି ରୁଦ୍ର ନାରାୟଣ ପାଣି, କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା, ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ, ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ, ଜିଲାପାଳ ସୋମେଶ କୁମାର ଉପାଧ୍ୟାୟ ଓ ଜିଲା ଭାଜପା ସଭାପତି ରାସ ବିହାରୀ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।


ସ୍ୱାସ୍ଥ୍ୟମନ୍ତ୍ରୀ ଡା. ମୁକେଶ ମହାଲିଙ୍ଗ ଉପଖଣ୍ଡ ଚିକିତ୍ସାଳୟ ପରିଦର୍ଶନ କରୁଛନ୍ତି।

# ମକୁନ୍ଦପୁର ରଜ ଉତ୍ସବ ଉଦ୍‌ଯାପିତ

ଗଁଦିଆ,୧୬।୬(ବିଶ୍ୱ ମୋହନ ସାହୁ)

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ମକୁନ୍ଦପୁର ଗ୍ରାମରେ ୩ଦିନ ବ୍ୟାପୀ ଚାଲିଥିବା ରଜ ଉତ୍ସବ ସୋମବାର ଉଦ୍‌ଯାପିତ ହୋଇଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୂର୍ବତନ ବିଧାୟକ ସୁଧୀର କୁମାର ସାମଲ କହିଲେ, ଏହି ଉତ୍ସବରେ ଦେଶୀ ପୋଷାକ, ବିଭିନ୍ନ ପିଠାପଣା ଓ ଦୋଳିଖେଳ ସମଗ୍ର ଗାଁକୁ ଉତ୍ସବ ମୁଖର କରିଛି। ଏଥିସହିତ ହଜି ଯାଇଥିବା ପାରମ୍ପରିକ ପର୍ବକୁ ଉଦ୍‌ଜୀବିତ କରିଥିବାରୁ ସେ ଆୟୋଜକ ମଣ୍ଡଳୀଙ୍କୁ ଧନ୍ୟବାଦ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଭାପତି ଅର୍ଚ୍ଚନା ପୁହାଣ, ଶୋରିଷିଆପଦା ସରପଞ୍ଚ ପ୍ରଦୀପ କୁମାର ରାଉତ ଓ ନିରାକାର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା।


ରଜ ଉତ୍ସବରେ ପୂର୍ବତନ ବିଧାୟକ ସୁଧୀର କୁମାର ସାମଲ, ଜିଲା ପରିଷଦ ସଭାପତି ଅର୍ଚ୍ଚନା ପୁହାଣ ପ୍ରମୁଖ ଉପସ୍ଥିତ ଅଛନ୍ତି।

# ରଜ ଉପଲକ୍ଷେ ନୂତନ ବସ୍ତ୍ର ବଣ୍ଟନ

ଢେଙ୍କାନାଳ,୧୬।୬(ରତନ ନାୟାର)

ସାମାଜିକ ସାଂସ୍କୃତିକ ବିକାଶ ସଂଘ ପକ୍ଷରୁ ଚଳିତବର୍ଷ ଢେଙ୍କାନାଳ ସହରର ବିଭିନ୍ନ ବସ୍ତିରେ ଛୋଟ ପିଲାମାନଙ୍କୁ ରଜ ଉପଲକ୍ଷେ ନୂତନ ବସ୍ତ୍ର ବଣ୍ଟନ କରାଯାଇଥିଲା। ଏଥିସହିତ ପିଲାମାନଙ୍କ ପାଠ ଏବଂ ସ୍ୱାସ୍ଥ୍ୟଗତ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ପ୍ରାୟ ୧୫ରୁ ୨୦ ଜଣ ପିଲାଙ୍କୁ ନୂତନ ବସ୍ତ୍ର ବଣ୍ଟନ କରାଯାଇଥିଲା। କାମାକ୍ଷାନଗରର ବାସନ୍ତୀ ଟ୍ରେଡର୍ସ ଓ ଢେଙ୍କାନାଳର ଶ୍ରୀରାମ ମଣ୍ଡପ ପରିଚାଳକ ଏବଂ ଦୁର୍ଯ୍ୟୋଧନ ସାହୁଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ କରାଯାଇଥିଲା। ସଂଘର ସକ୍ରିୟ ସଦସ୍ୟ ସୌମ୍ୟା ମିଶ୍ର ଉପସ୍ଥିତ ରହି କୁନିକୁନି ପିଲାମାନଙ୍କୁ ନୂତନ ବସ୍ତ୍ର ପ୍ରଦାନ କରି ରଜ ପର୍ବ ପାଳନ କରିଥିଲେ।

# ମହିଳାଙ୍କ ଆତ୍ମହତ୍ୟା ଘଟଣା, ସ୍ୱାମୀ ଗିରଫ

ପରଜଙ୍ଗ,୧୬।୬(ନିଗମାନନ୍ଦ ଦଳବେହେରା)

ପରଜଙ୍ଗ ଥାନା ସାଆନ୍ଦା ଫାଣ୍ଡି କୁମୁସି ପଞ୍ଚାୟତ ଅଁଳାକଟା ଗ୍ରାମର ଅଞ୍ଜଳି ଖିଲାର(୩୨)ଙ୍କ ଆତ୍ମହତ୍ୟା ମାମଲାରେ ପୋଲିସ ଅଭିଯୁକ୍ତ ସ୍ୱାମୀ ଡିଲେଶ୍ୱର ବେହେରାଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ପୋଲିସ କହିଛି, ଗତ ଶୁକ୍ରବାର ପରଜଙ୍ଗସ୍ଥିତ ଭଡାଘରେ ଅଞ୍ଜଳି ଆତ୍ମହତ୍ୟା କରିଥିଲେ। ସ୍ୱାମୀ ଡିଲେଶ୍ୱର ଏହା ଜାଣିବା ପରେ ଅଞ୍ଜଳିଙ୍କ ବେକରୁ ଲୁଗା ଫିଟାଇ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିବା ପରେ ଡିଲେଶ୍ୱର ମୃତ ଅଞ୍ଜଳିଙ୍କୁ ନେଇ ନିଜ ଗ୍ରାମ ଅଁଳାକଟାକୁ ଯାଇଥିଲେ। ଡିଲେଶ୍ୱରଙ୍କ ପୁଅ ଅଜାଘରକୁ ଖବର ଦେବାପରେ କାମାକ୍ଷାନଗର ଥାନା ଜୟପୁରାକାଟେଣୀ ଗ୍ରାମରୁ ଅଞ୍ଜଳିଙ୍କ ପରିବାର ଲୋକେ ଆସି ଅଁଳାକଟା ଗ୍ରାମରେ ପହଞ୍ଚିଥିଲେ। ଅଞ୍ଜଳିଙ୍କ ବାପା ଅର୍ଜୁନ ଖିଲାର ଏ ସଂକ୍ରାନ୍ତରେ ପରଜଙ୍ଗ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ନମ୍ବର ୧୧/୨୫ରେ ମାମଲା ରୁଜୁ କରି ଶାରୀରିକ ନିର୍ଯାତନା ଓ ଆତ୍ମହତ୍ୟା ପାଇଁ ଉସୁକାଇବା ଅଭିଯୋଗରେ ଡିଲେଶ୍ୱରଙ୍କୁ ଗିରଫ କରିଥିବା ଅଧିକାରୀ ଏସ୍‌ଆଇ ଦେବଗ୍ରାହୀ ମହାନ୍ତି ସୂଚନା ଦେଇଛନ୍ତି।

# ରଜ ମହୋତ୍ସବର ମହତ୍ତ୍ୱ ଉପରେ ଗୁରୁତ୍ୱାରୋପ




କାମାକ୍ଷାନଗର,୧୬।୬ (ସୁଧୀର କୁମାର ପରିଡ଼ା)

ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ ମାଳପୁରାଠାରେ ଆୟୋଜିତ ଚତୁର୍ଥ ବାର୍ଷିକ ମାଳପୁରା ରଜ ମହୋତ୍ସବ ସୋମବାର ଉଦ୍‌ଯାପିତ ହେଇଯାଇଛି। ଉଦ୍‌ଯାପନୀ ସଭାରେ ଅବସରପ୍ରାପ୍ତ ମୁଖ୍ୟଯନ୍ତ୍ରୀ ଗଗନ ବିହାରୀ ସାହୁ ସଭାପତିତ୍ୱ କରିଥିବାବେଳେ ଅବସରପ୍ରାପ୍ତ ଅଧୀକ୍ଷଣ ଯନ୍ତ୍ରୀ ମନୋରଞ୍ଜନ ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। କାମାକ୍ଷାନଗର ବିଶିଷ୍ଟ ଶିଳ୍ପପତି ତଥା ସାମାଜିକ କର୍ମୀ ଦୀପକ ଖେମକା ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇଥିଲେ। ପବିତ୍ର ମୋହନ ରାଉତ, ଜିତେନ୍ଦ୍ରୀୟ ବିଶ୍ୱାଳ ଏବଂ ପ୍ରିୟରଞ୍ଜନ ବିଶ୍ୱାଳ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ରଜ ମହୋତ୍ସବର ମହତ୍ତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଝୋଟି, ମୁରୁଜ, ଚିତ୍ରାଙ୍କନ, ସାଧାରଣ ଜ୍ଞାନ ପରୀକ୍ଷା, ମ୍ୟୁଜିକ ଚେୟାର, ନୃତ୍ୟ, ସଙ୍ଗୀତ, ଅଭିନୟ ଆଦି ପ୍ରତିଯୋଗିତା କରାଯାଇ ପୁରସ୍କାର ପ୍ରଦାନ କରାଯାଇଥିଲା। ସମରେନ୍ଦ୍ର ନାୟକ ମଞ୍ଚ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ପ୍ରଦ୍ୟୁମ୍ନ କିଶୋର ବିଶ୍ୱାଳ, ସୁନୀଲ କୁମାର ସାହୁ, ଗିରିଶ ଚନ୍ଦ୍ର ଦାସ, ପ୍ରସନ୍ନ କୁମାର ବିଶ୍ୱାଳ, ସୂର୍ଯ୍ୟ ନାରାୟଣ ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ।

# ଗୋଦାମ ଉପରକୁ ମାଡ଼ିଗଲା ଟ୍ରକ୍

ଗଁଦିଆ,୧୬।୬(ବିଶ୍ୱ ମୋହନ ସାହୁ)

ଢେଙ୍କାନାଳ ଜିଲା ଗଁଦିଆ ଥାନା ଷଡ଼ଙ୍ଗୀ ବ୍ୟାଙ୍କ ଛକଠାରେ ରବିବାର ସନ୍ଧ୍ୟାରେ ଏକ ଟ୍ରକ୍ ଗୋଦାମ ଉପରକୁ ମାଡ଼ି ଯାଇଥିଲା। ଏଥିରେ ଗୋଦାମର ବ୍ୟାପକ କ୍ଷୟକ୍ଷତି ହୋଇଥିବା ବେଳେ ସେଠାରେ ଥିବା ଲୋକମାନେ ଅଳ୍ପକେ ବର୍ତ୍ତି ଯାଇଥିଲେ। ସୂଚନା ଅନୁଯାୟୀ, ଟ୍ରକ୍ ଚାଳକ ଅରବିନ୍ଦ ଜେନାମଣି (୨୮) ବ୍ୟାଙ୍କ ଛକଠାରେ ଗାଳିଗୁଲଜ କରୁଥିବା ବେଳେ ସ୍ଥାନୀୟ ଅଞ୍ଚଳର ନୀହାର ରଞ୍ଜନ ମହାନ୍ତି ଓ ଅନ୍ୟମାନେ ଏହାକୁ ବିରୋଧ କରିଥିଲେ। ଫଳରେ ନୀହାର ଓ ଅରବିନ୍ଦଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ଏହାପରେ ଉତ୍‌କ୍ଷିପ୍ତ ହୋଇ ଟ୍ରକ୍ ଚାଳକ ଅରବିନ୍ଦ ଗାଡ଼ି (ନଂ.ଓଆର ୦୪-ଇ-୧୧୨୨)କୁ ଚଳାଇ ନୀହାରଙ୍କ ଆଡ଼କୁ ମାଡ଼ି ଆସିଥିଲା। ନୀହାରଙ୍କ ସମେତ ଉପସ୍ଥିତ ଲୋକମାନେ ଏଣେତେଣେ ପଳାଇବାରୁ ଟ୍ରକ୍‌ଟି ଏକ ଗୋଦାମ ଭିତରକୁ ପଶିଯାଇଥିଲା। ଘଟଣାସ୍ଥଳରୁ ଅରବିନ୍ଦ ଫେରାର ହୋଇଯାଇଥିଲେ। ପୋଲିସ ଟ୍ରକ୍‌କୁ ଜବତ କରି ତଦନ୍ତ ଜାରି ରଖିଛି।


ଗୋଦାମ ଉପରକୁ ମାଡିଯାଇଥିବା ଟ୍ରକ୍।

# ଆନ୍ଦୋଳନକୁ ଓହ୍ଲାଇଲା ଅଣଗେଜେଟେଡ ବନସେବା ସଂଘ



କାମାକ୍ଷାନଗର,୧୬।୬(ସୁଧୀର ପରିଡ଼ା)

ଢେଙ୍କାନାଳ ବନଖଣ୍ଡ ଅଧୀନରେ ଥିବା ଓଡ଼ିଶା ଅଣଗେଜେଟେଡ ବନସେବା ସଂଘ ତରଫରୁ ସୋମବାର କଳାବ୍ୟାଜ୍ ପିନ୍ଧି ପ୍ରତୀକ ଆନ୍ଦୋଳନ କରାଯାଇଛି। ଏହି ଅବସରରେ କାମାକ୍ଷାନଗରଠାରେ ଢେଙ୍କାନାଳ ବନଖଣ୍ଡ ଅଧୀନରେ ଥିବା ବିଭିନ୍ନ ଫରେଷ୍ଟଗାର୍ଡ, ଫରେଷ୍ଟର୍ ଓ ବନକର୍ମଚାରୀ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ୩ ଦଫା ଦାବିନେଇ ଆନ୍ଦୋଳନକୁ ଓହ୍ଲାଇଥିଲେ। ଦାବି ପତ୍ରରେ ସେମାନେ ଉଲ୍ଲେଖ କରିଛନ୍ତି, ଗତ ମାସରେ ହିନ୍ଦୋଳ ରେଞ୍ଜରେ ଶିକାରୀଙ୍କ ଗୁଳିରେ ପ୍ରାଣ ହରାଇଥିବା ଫରେଷ୍ଟଗାର୍ଡ ପ୍ରହ୍ଲାଦ ପ୍ରଧାନଙ୍କ ପରିବାରକୁ ରାଜ୍ୟ ସରକାରଙ୍କ ତରଫରୁ ଏକ କୋଟି ଟଙ୍କାର ଅନୁକମ୍ପା ମୂଳକ ସହାୟତା ପ୍ରଦାନ, ରାଜ୍ୟରେ ତୁରନ୍ତ ଫରେଷ୍ଟ କମିଶନ ଗଠନ ଓ ସମସ୍ତ ବନକର୍ମଚାରୀଙ୍କୁ ଜାତୀୟ ବ୍ୟାଙ୍କ ଜରିଆରେ ପୋଲିସ ଭଳି ଦରମା ପ୍ୟାକେଜ ଓ ବୀମା ପ୍ରଦାନ କରାଯାଉ। ତୁରନ୍ତ ସରକାର ସମସ୍ତ ଦାବି ପୂରଣ ନ କଲେ ଆସନ୍ତା ୨୨ ତାରିଖରୁ ରାଜ୍ୟବ୍ୟାପୀ ବନ କର୍ମଚାରୀ ଛୁଟିରେ ରହିବା ସହ ଆଞ୍ଚଳିକ ବନ୍ୟପ୍ରାଣୀ ସଂରକ୍ଷକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବଡ଼ ଧରଣର ଆନ୍ଦୋଳନ କରିବା ପାଇଁ ଚେତାବନୀ ଦେଇଛନ୍ତି । ଆନ୍ଦୋଳନରେ ଓଡ଼ିଶା ଅଣ ଗେଜେଟେଡ ବନସେବା ସଂଘ ଅନୁଗୋଳ ଜୋନ୍ ସଭାପତି ବୀରେନ୍ଦ୍ର ଦେହୁରୀ, ଢେଙ୍କାନାଳ ବନଖଣ୍ଡ ଅଣ ଗେଜେଟେଡ ବନସେବା ସଂଘ ସମ୍ପାଦକ ମହେଶ୍ୱର ପାତ୍ର ଓ ବିଭିନ୍ନ ଫରେଷ୍ଟ ସେକ୍ସନର ଫରେଷ୍ଟର, ଗାର୍ଡ ଓ ବନ କର୍ମଚାରୀ ପ୍ରମୁଖ ଯୋଗଦେଇଥିଲେ।

# ନିଟ୍‌ରେ ଇ-ଟେକ୍‌ର ସଫଳତା

## ମୋନାଲିସା ସାହୁ ରଖିଛନ୍ତି ସର୍ବାଧିକ ୫୯୯ ନମ୍ବର

ଢେଙ୍କାନାଳ,୧୬।୬(ରତନ ନାୟାର)


ମୋନାଲିସା ସାହୁ ଆକାଶ ଦେହୁରୀ ସୋନମ ସାହୁ ଆଶିଷ କୁମାର ସାହୁ ଅଜୟ ପ୍ରଧାନ ସିଦ୍ଧେଶ୍ୱର ସାହୁ।

ଡାକ୍ତରୀ ପାଠ୍ୟକ୍ରମରେ ନାମଲେଖା ଲାଗି ଅନୁଷ୍ଠିତ ପ୍ରବେଶିକା ପରୀକ୍ଷା ଏନ୍‌ଇଇଟି-ୟୁଜିରେ ଢେଙ୍କାନାଳ ସଦର ବ୍ଲକ ମଙ୍ଗଳପୁରସ୍ଥିତ ଇ-ଟେକ୍ ଆବାସିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ନିଜର ଶ୍ରେଷ୍ଠତ୍ୱ ପ୍ରତିପାଦନ କରି ଛାତ୍ରୀଛାତ୍ର ତଥା ଅଭିଭାବକଙ୍କ ମଧ୍ୟରେ ବିଶ୍ୱାସ ଭାଜନ ହୋଇପାରିଛି। ସଦ୍ୟ ପ୍ରକାଶିତ ନିଟ୍ ପରୀକ୍ଷା-୨୦୨୫ରେ ଇ-ଟେକ୍ ଏନ୍‌ଟ୍ରାନ୍ସ କ୍ଲାସର ୬୮ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୨୨ଜଣ ୫୦୦ରୁ ଉର୍ଦ୍ଧ୍ୱ ନମ୍ବର ରଖି ଅନୁଷ୍ଠାକୁ ଗୌରବାନ୍ୱିତ କରିଛନ୍ତି। ସେମାନଙ୍କ ମଧ୍ୟରୁ ଛାତ୍ରୀ ମୋନାଲିସା ସାହୁ ସର୍ବାଧିକ ୫୯୯ ନମ୍ବର ରଖି ଢେଙ୍କାନାଳ ଜିଲାକୁ ଗର୍ବିତ କରିଛନ୍ତି। ଜିଲାର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଇ-ଟେକ୍ ଏନ୍‌ଟ୍ରାନ୍ସ କ୍ଲାସରୁ ପ୍ରତ୍ୟେକବର୍ଷ ଅନେକ ମେଧାବୀ ଛାତ୍ରୀଛାତ୍ର ମେଡିକାଲ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ରାଜ୍ୟ ତଥା ରାଜ୍ୟ ବାହାରେ ବିଭିନ୍ନ କଲେଜରେ ନାମ ଲେଖାଇବାର ସୁଯୋଗ ପାଇଛନ୍ତି। ସଫଳତା ପାଇଥିବା ଛାତ୍ରୀଛାତ୍ର ଓ ସେମାନଙ୍କ ମାତାପିତାଙ୍କୁ ଅନୁଷ୍ଠାନ ସମ୍ପାଦିକା ସାଗରବାଳା ହୋତା ଶୁଭେଚ୍ଛା ଜଣାଇବା ସହିତ ସେମାନଙ୍କ ଉତ୍ତରୋତ୍ତର ଉନ୍ନତି କାମନା କରିଛନ୍ତି। ଅନୁଷ୍ଠାନର ଛାତ୍ରୀ ମୋନାଲିସା ସାହୁ ୫୯୯, ଆକାଶ ଦେହୁରୀ ୫୮୮, ସୋନମ ସାହୁ ୫୬୫, ଆଶିଷ କୁମାର ସାହୁ ୫୫୬, ଅଜୟ ପ୍ରଧାନ ୫୫୩, ସିଦ୍ଧେଶ୍ୱର ସାହୁ ୫୫୦, ଶୁଭାଶିଷ ମିଶ୍ର ୫୪୦, ରିତେଶ କୁମାର ଖଟୁଆ ୫୩୩, ସେବାରାଣୀ ରାଜ ୫୩୨, ସୁଚିସ୍ମିତା ମିଶ୍ର ୫୩୧, ସ୍ମୃତିରେଖା ମୁଦୁଲି ୫୨୮, ସୋମେଶ ପାଣି ୫୨୭, ସ୍ୱୟଂ ପ୍ରକାଶ ଷଡ଼ଙ୍ଗୀ ୫୨୭, ପ୍ରତୀକ୍ଷା ବଳ ୫୨୬, ଜେବି ଜାହ୍ନବୀ ୫୨୩ ଏବଂ ପ୍ରୀତିପ୍ରଜ୍ଞା ପ୍ରିୟଦର୍ଶିନୀ ୫୧୯, ହିମାଂଶୁ ଶେଖର ବେହେରା ୫୧୩, ବିଜୟ କୁମାର ପ୍ରଧାନ ୫୦୯, ଶୁଭସ୍ମିତା ବେହେରା ୫୦୭, ମୋନାଲିସା ପ୍ରଧାନ ୫୦୬, ଦୀପ୍ତିମୟୀ ପାଣି ୫୦୫, ଶୁଭକାନ୍ତ ଗଡ଼ନାୟକ ୫୦୪ ନମ୍ବର ରଖି ଅନୁଷ୍ଠାନକୁ ଗୌରବାନ୍ୱିତ କରିଛନ୍ତି। ଅଭିଜ୍ଞ ଅଧ୍ୟାପିକା ଅଧ୍ୟାପକମାନଙ୍କ ନିଷ୍ଠାପର ଉଦ୍ୟମ ଓ ଅକ୍ଳାନ୍ତ ପରିଶ୍ରମ ଏବଂ ଦୃଢ଼ ମନୋବଳ ପାଇଁ ଏହା ସମ୍ଭବ ହୋଇପାରିଛି। ଉଲ୍ଲେଖଯୋଗ୍ୟ ଯେ, ଇ-ଟେକ୍ ଛାତ୍ର ଆଶିଷ କୁମାର ସାହୁ ଚଳିତବର୍ଷ ଯୁକ୍ତ୨ ବିଜ୍ଞାନରେ ୫୮୪ନଂ. ରଖି ରାଜ୍ୟରେ ଦ୍ୱିତୀୟ ସ୍ଥାନରେ ରହି ମେଡିକାଲ ପ୍ରବେଶିକା ପରୀକ୍ଷାରେ ୫୫୬ନଂ ରଖି ମେଡିକାଲ ପଢ଼ିବାକୁ ବିବେଚିତ ହୋଇଛନ୍ତି। ମେଧାବୀ ଛାତ୍ରୀଛାତ୍ରମାନେ ଡାକ୍ତର ହେବାର ସ୍ୱପ୍ନ ଦେଖି ସ୍ୱଳ୍ପ ଖର୍ଚ୍ଚରେ ଇ-ଟେକ୍‌ର ସଦୁପଯୋଗୀ ତଥା ଉଚ୍ଚମାନର ଶିକ୍ଷା ପଦ୍ଧତିରେ ସାମିଲ ହୋଇ ସଫଳତାର ଧାରାକୁ ତ୍ୱରାନ୍ୱିତ କରିବା ପାଇଁ ଅଧ୍ୟକ୍ଷ ଡ. ସୁରେଶ ମିଶ୍ର ଛାତ୍ରୀଛାତ୍ରଙ୍କୁ ଆହ୍ୱାନ ଜଣାଇଛନ୍ତି।

# କଲମ୍ବୋରେ ଭାରତ-ପାକିସ୍ତାନ ମ୍ୟାଚ୍

## ମହିଳା ଦିନିକିଆ ବିଶ୍ୱକପ୍

ଦୁବାଇ, ୧୬।୬ (ପି.ଟି.)

ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି)ତରଫରୁ ମହିଳା ଦିନିକିଆ କ୍ରିକେଟ ବିଶ୍ୱକପ୍ କାର୍ଯ୍ୟସୂଚୀ ଘୋଷଣା କରାଯାଇଛି। 'ହାଇବ୍ରିଡ୍ ମଡେଲ' ଅନୁସାରେ ଭାରତ-ପାକିସ୍ତାନ ମ୍ୟାଚ ଅକ୍ଟୋବର ୫ରେ ନିରପେକ୍ଷ ଭେନ୍ୟୁ କଲମ୍ବୋସ୍ଥିତ ଆର. ପ୍ରେମାଦାସା ଷ୍ଟାଡିୟମରେ ଖେଳାଯିବ। ପୁରୁଷ ଚାମ୍ପିୟନ୍ସ ଟ୍ରଫି ବେଳେ ପାକିସ୍ତାନ ଯିବା ଲାଗି ଭାରତ ରାଜି ନ ହେବାରୁ ଦୁଇ ପଡ଼ୋଶୀ ଦେଶରେ କୌଣସି ଆଇସିସି ଇଭେଣ୍ଟ ଆୟୋଜନ ହେଲେ 'ହାଇବ୍ରିଡ୍ ମଡେଲ'କୁ କାର୍ଯ୍ୟକାରୀ କରିବା ଲାଗି ଦୁଇ ଦେଶ ରାଜି ହୋଇଥିଲେ। ତଦନୁସାରେ ସେମାନଙ୍କ ମ୍ୟାଚଗୁଡ଼ିକ ନିରପେକ୍ଷ ଭେନ୍ୟୁରେ ଖେଳିବାକୁ ସ୍ଥିର କରିଥିଲେ। କଶ୍ମୀରର ପହଲଗାମ୍‌ରେ ଆତଙ୍କବାଦୀ ଆକ୍ରମଣରେ ୨୬ଜଣଙ୍କ ମୃତ୍ୟୁ ଘଟଣାକୁ ନେଇ ଦୁଇ ଦେଶ ମଧ୍ୟରେ ସାମରିକ ଉତ୍ତେଜନା ଦେଖା



ଦେଇଥିଲା। ଫଳତଃ ଆଇସିସି ଏହାର କାର୍ଯ୍ୟସୂଚୀରେ ଇଣ୍ଡୋ-ପାକ୍ ରାଉଣ୍ଡ ରବିନ ମ୍ୟାଚ ରଖିବ କି ନା ସେ ନେଇ ନାନା କଳ୍ପନାଜଳ୍ପନା ପ୍ରକାଶ ପାଇଥିଲା। ଆଇସିସି ପକ୍ଷରୁ ସୋମବାର ପ୍ରକାଶିତ କାର୍ଯ୍ୟସୂଚୀ ଅନୁସାରେ ଚାମ୍ପିୟନଶିପ୍‌ରେ ଭାରତ ସେପ୍ଟେମ୍ବର ୩୦ରେ ବେଙ୍ଗାଲୁରୁଠାରେ ଶ୍ରୀଲଙ୍କା ବିପକ୍ଷ ମ୍ୟାଚ ଖେଳି ଏହାର ଅଭିଯାନ ଆରମ୍ଭ କରିବ। ପରେ ଅକ୍ଟୋବର ୨୬ରେ ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟମରେ ବାଂଲାଦେଶକୁ ଭେଟିବ। ନିକଟରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁର ବିଜୟ ଉତ୍ସବ ପାଳନ ବେଳେ ଦଳାଚକଟା ଘଟଣାକୁ ନେଇ ଏହି ଭେନ୍ୟୁ ମ୍ୟାଚ ଆୟୋଜନ ଅଧିକାର ହରାଇପାରେ ବୋଲି କଳ୍ପନାଜଳ୍ପନା ପ୍ରକାଶ ପାଇଥିଲା। ପ୍ରଥମ ଥର ଟାଇଟଲ ହାସଲ କରିବା ଲକ୍ଷ୍ୟରେ ଥିବା ଭାରତ ଅକ୍ଟୋବର ୯ରେ ଦକ୍ଷିଣ ଆଫ୍ରିକା ଏବଂ ଅକ୍ଟୋବର ୧୨ରେ ଅଷ୍ଟ୍ରେଲିଆ ସହ ମୁକାବିଲା କରିବ। ଉଭୟ ମ୍ୟାଚ ବିଶାଖାପାଟଣାରେ ଖେଳାଯିବ। ଏହି ମ୍ୟାଚ ପରେ ଭାରତୀୟ ଦଳ ଇନ୍ଦୋର ଯାଇ ସେଠାରେ ଅକ୍ଟୋବର ୧୯ରେ ଇଂଲଣ୍ଡକୁ ଭେଟିବ। ପରେ ଗୁଆହାଟି ଗସ୍ତ କରି ଅକ୍ଟୋବର ୨୩ରେ ନ୍ୟୁଜିଲାଣ୍ଡ ବିପକ୍ଷରେ ଖେଳିବ। ଏହି ଅବସରରେ ଆଇସିସି ଚେୟାରମ୍ୟାନ ଜୟ ଶାହା କହିଛନ୍ତି, ବିଶ୍ୱର ଶ୍ରେଷ୍ଠ ୮ଟି ମହିଳା କ୍ରିକେଟ ଦଳକୁ ନେଇ ଅନୁଷ୍ଠିତ ହେବାକୁଥିବା ଏହି ଟୁର୍ନାମେଣ୍ଟ ରେକର୍ଡ ସଂଖ୍ୟକ ଦର୍ଶକଙ୍କୁ ଆକର୍ଷିତ କରିବ। ଟୁର୍ନାମେଣ୍ଟର ପ୍ରଥମ ସେମିଫାଇନାଲ ଅକ୍ଟୋବର ୨୯ରେ ଗୁଆହାଟି କିମ୍ବା କଲମ୍ବୋରେ ଖେଳାଯିବ। ଏହା ପାକିସ୍ତାନର ଅଗ୍ରଗତି ଉପରେ ନିର୍ଭର କରେ। ଦ୍ୱିତୀୟ ସେମିଫାଇନାଲ ବେଙ୍ଗାଲୁରୁରେ ଅକ୍ଟୋବର ୩୦ରେ ଖେଳାଯିବାକୁଥିବା ବେଳେ ଫାଇନାଲ ନଭେମ୍ବର ୨ରେ ବେଙ୍ଗାଲୁରୁ କିମ୍ବା କଲମ୍ବୋରେ ଖେଳାଯିବ। ଏହା ପାକିସ୍ତାନର ଷ୍ଟାଣ୍ଡିଂ ଉପରେ ନିର୍ଭର କରେ। ଭାରତ ୨୦୧୩ ପରେ ପ୍ରଥମ ଥର ଏହି ଗ୍ଲୋବାଲ ଇଭେଣ୍ଟର ଆୟୋଜନ କରୁଛି। ଏଥିରେ ଅଂଶଗ୍ରହଣ କରୁଥିବା ସମସ୍ତ ୮ଟି ଦଳ ଏକ ରାଉଣ୍ଡ ରବିନ ଫର୍ମାଟରେ ପରସ୍ପର ସହିତ ମୁକାବିଲା କରିବେ। ଶ୍ରେଷ୍ଠ ୪ଟି ଦଳ ସେମିଫାଇନାଲକୁ ଉନ୍ନୀତ ହେବେ। ଆୟୋଜକ ଭାରତ ବ୍ୟତୀତ ଅଷ୍ଟ୍ରେଲିଆ, ଇଂଲଣ୍ଡ, ନ୍ୟୁଜିଲାଣ୍ଡ, ଦକ୍ଷିଣ ଆଫ୍ରିକା ଓ ଶ୍ରୀଲଙ୍କା ବିଶ୍ୱକପ୍ ପାଇଁ ସିଧାସଳଖ ଯୋଗ୍ୟତା ହାସଲ କରିଥିବା ବେଳେ ପାକିସ୍ତାନ ଓ ବାଂଲାଦେଶ ଚଳିତବର୍ଷ ପ୍ରାରମ୍ଭରେ ଲାହୋରଠାରେ ଅନୁଷ୍ଠିତ କ୍ୱାଲିଫାୟର ଜରିଆରେ ଯୋଗ୍ୟତା ଅର୍ଜନ କରିଛନ୍ତି।

# ସିଜନରେ ପ୍ରଥମ ରେସ୍ ଜିତିଲେ ରସେଲ

## କାନାଡିଆନ ଗ୍ରାଁ.ପ୍ରି

ମଣ୍ଟ୍ରିଲ, ୧୬।୬ (ଏପି)

ମର୍ସିଡିଜର ଜର୍ଜ ରସେଲ ଗତଥରର ବିଜେତା ରେଡ୍ ବୁଲ୍‌ର ମାକ୍ସ ଭର୍ଷ୍ଟାପେନ୍‌ଙ୍କୁ କଡ଼ା ଟକ୍କର ଦେଇ କାନାଡିଆନ ଫର୍ମୁଲା ୱାନ ଗ୍ରାଁ ପ୍ରି ମୋଟର ରେସ୍ ଜିତିଛନ୍ତି। ଚଳିତ ସିଜନରେ ଏହା ହେଉଛି ତାଙ୍କର ପ୍ରଥମ ଏବଂ କ୍ୟାରିୟରର ୪ର୍ଥ ବିଜୟ। ମର୍ସିଡିଜ୍‌ର କିମି ଆଣ୍ଟୋନେଲି ଆଶ୍ଚର୍ଯ୍ୟଜନକ ଭାବେ ତୃତୀୟ ସ୍ଥାନ ସହ ପୋଡିୟମ ଫିନିଶ କରିବାରେ ସଫଳ ହୋଇଛନ୍ତି। ବିଳମ୍ବରେ ମ୍ୟାକଲରେନର ଦୁଇ ଟିମ୍‌ମେଟ ଓସ୍କାର ପିଆଷ୍ଟ୍ରି ଓ ଲାଣ୍ଡୋ ନୋରିସ ଚକାକୁ ଚକା ଲଢ଼େଇ ହୋଇଥିଲା। ଶେଷରେ ନୋରିସଙ୍କ କାର୍ କାନ୍ଥକୁ ଧକ୍କା ଦେଇଥିଲା। ରବିବାର ଅନୁଷ୍ଠିତ ରେସ୍‌ରେ ଯଥାକ୍ରମେ ୪ର୍ଥରୁ ୧୦ମ ସ୍ଥାନ ଅଧିକାର କରିଥିବା ଡ୍ରାଇଭରମାନେ ହେଲେ ଓସ୍କାର ପିଆଷ୍ଟ୍ରି, ଚାର୍ଲ୍ସ ଲେକ୍‌ରେକ (ଫେରାରି), ଲୁଇସ୍ ହାମିଲଟନ (ଫେରାରି), ଫର୍ନାଣ୍ଡୋ ଆଲୋଁସୋ (ଆଷ୍ଟନ ମାର୍ଟିନ), ନିକୋ ହକେନବର୍ଗ (ସୌବେର), ଏଷ୍ଟିବାନ ଓକନ (ହାସ୍) ଓ କାର୍ଲୋସ ସେଞ୍ଜ ଜୁନିୟର (ୱିଲିୟମ୍ସ)।




ଟ୍ରଫି ସହ ଜର୍ଜ ରସେଲ।

# ଖେଳାଳିଙ୍କ ବୟସ ଜାଣିବା ପାଇଁ ଅତିରିକ୍ତ ବୋନ୍ ଟେଷ୍ଟ କରାଯିବ

ନୂଆଦିଲ୍ଲୀ, ୧୬।୬(ପି.ଟି.)

ବିଭିନ୍ନ ବୟସ ବର୍ଗର ଟୁର୍ନାମେଣ୍ଟରେ ଯୋଗ୍ୟ ଖେଳାଳିଙ୍କୁ ଅତିରିକ୍ତ ସିଜନ ଖେଳିବାକୁ ସୁଯୋଗ ଦେବା ପାଇଁ ବିସିସିଆଇ ଅତିରିକ୍ତ 'ବୋନ୍ ଟେଷ୍ଟ' କରାଇବାକୁ ନିଷ୍ପତ୍ତି ନେଇଛି। ବର୍ତ୍ତମାନ ପ୍ରଚଳିତ ନିୟମ ଅନୁଯାୟୀ, ଜଣେ ଖେଳାଳିଙ୍କୁ ତାଙ୍କ ବୟସ ନିର୍ଣ୍ଣୟ କରିବା ପାଇଁ ଟିଡବ୍ଲ୍ୟୁ ୩ ମେଥଡ (ହାଡର ବୟସ ଜାଣିବା ପାଇଁ କରାଯାଉଥିବା ଟେଷ୍ଟ) ଓ ଏ+୧ ଫ୍ୟାକ୍ଟର ଦ୍ୱାରା ଉକ୍ତ ଖେଳାଳି ସେହି ବୟସ ବର୍ଗରେ ପରବର୍ତ୍ତୀ ସିଜନ ଖେଳିବା ପାଇଁ ଯୋଗ୍ୟ ରହିବେ କି ନାହିଁ, ତାହା ନିର୍ଣ୍ଣୟ କରାଯାଏ। କିନ୍ତୁ ନିୟମରେ ପରିବର୍ତ୍ତନ କରାଯାଇଛି।

ଉଦାହରଣ ସ୍ୱରୂପ ୧୬ ବର୍ଷରୁ କମ୍ ବାଳକ ବର୍ଗରେ ଖେଳୁଥିବା ପ୍ରତ୍ୟେକ କ୍ରିକେଟରଙ୍କୁ ସମାନ ବୟସ ବର୍ଗରେ ପରବର୍ତ୍ତୀ ସିଜନ ଖେଳିବେ କି ନାହିଁ, ତାହା ନିର୍ଣ୍ଣୟ କରିବା ପାଇଁ ଦ୍ୱିତୀୟ ବୋନ୍ ଟେଷ୍ଟର ସମ୍ମୁଖୀନ ହେବାକୁ ପଡ଼ିବ। ପ୍ରକୃତ ବୟସ ନିର୍ଣ୍ଣୟ କରିବା ଏହାର କାର୍ଯ୍ୟ। କୌଣସି କ୍ରିକେଟର ଗାଣିତିକ ଗଣିତ ଯୋଗୁ ସମାନ ବୟସ ବର୍ଗରେ ଆଉ ଏକ ସିଜନ ଖେଳିବାର ସୁଯୋଗ ହାତଛଡ଼ା କରନ୍ତୁ, ଆମେ ଚାହୁଁ ନାହିଁ। ଏଣୁ ସାଇଣ୍ଟିଫିକ୍ ଗଣନା ବ୍ୟବହାର କରିବାକୁ ନିଷ୍ପତ୍ତି ନିଆଯାଇଥିବା ବିସିସିଆଇ ସୂତ୍ରରୁ କୁହାଯାଇଛି। ୧୬ ବର୍ଷରୁ କମ୍ ବୟସ ବର୍ଗ ଲାଗି ଖେଳାଳିଙ୍କ କଟ୍‌ଅଫ ବୟସ ୧୬.୫ ଏବଂ ୧୫ ବର୍ଷରୁ କମ୍ ବାଳିକା ପ୍ରତିଯୋଗିତା ପାଇଁ ଖେଳାଳିଙ୍କ ବୟସ ସୀମା ୧୫ ବର୍ଷ ରଖାଯାଇଛି। ଏହାର ଅର୍ଥ ଖେଳାଳିଙ୍କ ହାଡ଼ର ବୟସ ପରବର୍ତ୍ତୀ ସିଜନ ଲାଗି ୧୬.୪ କିମ୍ବା ଏହାଠାରୁ କମ୍ ରହିବା ଦରକାର। ସେହିଭଳି ମହିଳା କ୍ରିକେଟରଙ୍କ କ୍ଷେତ୍ରରେ ସେମାନଙ୍କ ବୟସ ୧୪.୯ ବର୍ଷରୁ ଅଧିକ ହୋଇପାରିବ ନାହିଁ। ଯଦି ଜଣେ ପୁରୁଷ ୧୬ ବର୍ଷରୁ କମ୍ ବୟସ ବର୍ଗର କ୍ରିକେଟର ୨୦୨୫-୨୬ ସିଜନରେ ବୋନ୍ ଟେଷ୍ଟର ସମ୍ମୁଖୀନ ହୁଅନ୍ତି ଏବଂ ତାଙ୍କ ପରୀକ୍ଷାର ଫଳାଫଳ ୧୫.୪ ଆସେ। ତେବେ ତାଙ୍କୁ ସିଜନ ପରେ ଆଉ ଏକ ବୋନ୍ ଟେଷ୍ଟର ସମ୍ମୁଖୀନ ହେବାକୁ ପଡ଼ିବ ନାହିଁ। ସେହିଭଳି ଯଦି ଜଣେ ଖେଳାଳି ବୟସ ୧୪ କିମ୍ବା ତା'ଠାରୁ ଅଧିକ ଥିବା ଜଣା ପଡ଼େ, ତେବେ ସେ ଚଳିତ ସିଜନ ଖେଳିପାରିବେ। କିନ୍ତୁ ପରବର୍ତ୍ତୀ ସିଜନ ଖେଳିପାରିବେ ନାହିଁ।

# ଇଂଲଣ୍ଡ ଫେରିବେ ଗମ୍ଭୀର

**ନୂଆଦିଲ୍ଲୀ, ୧୬।୬ (ପି.ଟି.):** ମୁଖ୍ୟ କୋଚ୍ ଗୌତମ ଗମ୍ଭୀର ମଙ୍ଗଳବାର ଇଂଲଣ୍ଡ ଫେରି ଭାରତୀୟ କ୍ରିକେଟ ଦଳ ସହିତ ଯୋଗଦେବେ। ହୃଦ୍‌ଘାତରେ ପୀଡ଼ିତ ହୋଇ ତାଙ୍କ ମା' ହସ୍ପିଟାଲରେ ଭର୍ତ୍ତି ହୋଇଥିବା ଖବର ପାଇ ସେ ଗତ ସପ୍ତାହରେ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିଥିଲେ। ତାଙ୍କ ମା'ଙ୍କ ସ୍ୱାସ୍ଥ୍ୟାବସ୍ଥାରେ କ୍ରମେ ଉନ୍ନତି ଘଟିବା ପରେ ସେ ମଙ୍ଗଳବାର ବିମାନ ଯୋଗେ ଇଂଲଣ୍ଡ ଗସ୍ତ କରି ଦଳ ସହିତ ଯୋଗଦେବେ। ଜୁନ୍ ୨୦ରେ ଲିଡ୍ସଠାରେ ଭାରତ ଓ ଇଂଲଣ୍ଡ ମଧ୍ୟରେ ପ୍ରଥମ କ୍ରିକେଟ ଟେଷ୍ଟ ଅନୁଷ୍ଠିତ ହେବ। ପୂର୍ବତନ ଭାରତୀୟ ଓପନର ବେକେନହାମ୍‌ଠାରେ ବୁଦ୍ଧବାର ମଧ୍ୟରେ ଅନୁଷ୍ଠିତ ଇଣ୍ଟ୍ରା-ସ୍କ୍ୱାଡ୍ ମ୍ୟାଚ ବେଳେ ଅନୁପସ୍ଥିତ ଥିଲେ। ଏହି ମ୍ୟାଚ ରବିବାର ଶେଷ ହୋଇଯାଇଛି।

# ଡବ୍ଲ୍ୟୁଟିଏ କ୍ୟାଲେଣ୍ଡରକୁ ଫେରିଲା ଚେନ୍ନାଇ ଓପନ

**ଚେନ୍ନାଇ, ୧୬।୬ (ପି.ଟି.):** ତିନି ବର୍ଷ ପରେ ଡବ୍ଲ୍ୟୁଟିଏ କ୍ୟାଲେଣ୍ଡରକୁ ଫେରିଛି ଚେନ୍ନାଇ ଓପନ। ତାମିଲନାଡୁ ଟେନିସ ଆସୋସିଏଶନ (ଟିଏନ୍‌ଟିଏ) ତରଫରୁ ସୋମବାର ଘୋଷଣା କରାଯାଇଛି। ଏହି ଡବ୍ଲ୍ୟୁଟିଏ ଟୁର୍ନାମେଣ୍ଟର ମୁଖ୍ୟ ଡ୍ର' ଖେଳ ଅକ୍ଟୋବର ୨୭ରୁ ଆରମ୍ଭ ହେବ। ଏହାପୂର୍ବରୁ ୨୦୨୨ରେ ଟୁର୍ନାମେଣ୍ଟ ଯେତେବେଳେ ଡବ୍ଲ୍ୟୁଟିଏ କ୍ୟାଲେଣ୍ଡରରେ ସ୍ଥାନ ପାଇଥିଲା, ସେତେବେଳେ ଚେକ୍ ରିପବ୍ଲିକର ଲିଣ୍ଡା ଫ୍ରୁହିରତୋଭା ସିଙ୍ଗଲ୍ସ ଚାମ୍ପିୟନ ହୋଇଥିଲେ।

# ଅଶ୍ୱିନଙ୍କ ବିରୋଧରେ ବଲ୍ ଟ୍ୟାମ୍ପରିଂ ଅଭିଯୋଗ

ଚେନ୍ନାଇ, ୧୬।୬(ପି.ଟି.)

ଚଳିତ ତାମିଲନାଡୁ ପ୍ରିମିୟର ଲିଗ୍ (ଟିଏନ୍‌ପିଏଲ୍)ରେ ଭାରତର ପୂର୍ବତନ ଅଲରାଉଣ୍ଡର ରବିଚନ୍ଦ୍ରନ ଅଶ୍ୱିନଙ୍କ ବିରୋଧରେ ବଲ ଟ୍ୟାମ୍ପରିଂ ଭଳି ସାଙ୍ଘାତିକ ଅଭିଯୋଗ ଆସିଛି। ମଦୁରାଇ ପାନ୍ଥର୍ସ ଫ୍ରାଞ୍ଚାଇଜ ପକ୍ଷରୁ ଜୁନ ୧୪ ତାରିଖରେ ଖେଳାଯାଇଥିବା ମ୍ୟାଚ୍‌ରେ ଅଶ୍ୱିନ ଓ ତାଙ୍କ ଦଳ ଡିନଡିଗୁଲ ଡ୍ରାଗନ୍ସ ବଲ ଟ୍ୟାମ୍ପରିଂ କରିଥିବା ଆନୁଷ୍ଠାନିକ ଭାବେ ଅଭିଯୋଗ ଦାଖଲ କରାଯାଇଛି। ଏ ଘଟଣା ସଂକ୍ରାନ୍ତରେ ଟିଏନ୍‌ପିଏଲ୍ ଆୟୋଜକମାନେ ମଦୁରାଇ ପାନ୍ଥର୍ସଠାରୁ ପ୍ରମାଣ ମାଗିଛନ୍ତି। ଅଭିଯୋଗରେ ମଦୁରାଇ ଫ୍ରାଞ୍ଚାଇଜ ପକ୍ଷରୁ ଦର୍ଶାଯାଇଛି ଯେ, ଡିନଡିଗୁଲ ଡ୍ରାଗନ୍ସ ବଲକୁ ଅଧିକ ଓଜନିଆ କରିବା ପାଇଁ କେମିକାଲ ମିଶା ଟୱେଲ୍ସ ବ୍ୟବହାର କରିଥିଲେ। ଟ୍ୟାମ୍ପରିଂ ଯୋଗୁ ବ୍ୟାଟରେ ବଲ ବାଜିବା ପରେ ଏକ ମେଟାଲିକ ସାଉଣ୍ଡ ଶୁଣିବାକୁ ମିଳୁଥିଲା।

# ଭାରତୀୟ ଦଳରେ ୪ ଓଡ଼ିଆ



ଭାରତୀୟ ଦଳରେ ସ୍ଥାନ ପାଇଥିବା ଓଡ଼ିଆ ଖେଳାଳିମାନେ।

## ଏସିଆନ ପାରା ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍

ଭୁବନେଶ୍ୱର, ୧୬।୬ (ଅନାଦି କର)

ଥାଇଲାଣ୍ଡର ନାଖୋନ ରାଚ୍‌ଚାସିମାଠାରେ ମଙ୍ଗଳବାରଠାରୁ ୨୨ ତାରିଖ ପର୍ଯ୍ୟନ୍ତ ଏସିଆନ୍ ପାରା ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ। ଏଥିରେ ଭାରତର ପ୍ରତିନିଧିତ୍ୱ କରିବା ପାଇଁ ୪ ଓଡ଼ିଆଙ୍କୁ ଚୟନ କରାଯାଇଛି। ୪ ବର୍ଷରେ ଥରେ ଆୟୋଜିତ ହେଉଥିବା ଏହି ସମ୍ମାନଜନକ ଟୁର୍ନାମେଣ୍ଟ ଲାଗି ଦୀପ ରଞ୍ଜନ ବିଶୋୟୀ, ଜି. ଦିଲେଶ୍ୱର ରାଓ, ଶୁଭ୍ରଜିତ ଓ ନୁରୁଲ ହୁସେନ ଖାନ ମନୋନୀତ ହୋଇଛନ୍ତି। ଅସାଧାରଣ ପ୍ରତିଭା, କଠିନ ପରିଶ୍ରମ ଓ ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରରେ ସ୍ଥିର ପ୍ରଦର୍ଶନ ବଳରେ ଏମାନେ ଭାରତୀୟ ଦଳରେ ସ୍ଥାନ ପାଇଛନ୍ତି। ଏହା ପାରା ସ୍ପୋର୍ଟ୍ସ କ୍ଷେତ୍ରରେ ଓଡ଼ିଶାର ବୃଦ୍ଧି ପାଉଥିବା ପ୍ରଭାବକୁ ଦର୍ଶାଉଛି। ଏହି ଆଥ୍‌ଲେଟ୍‌ମାନେ ସିଙ୍ଗଲ୍ସ ଓ ଡବଲ୍ସ ଇଭେଣ୍ଟର ବିଭିନ୍ନ କାଟେଗୋରୀରେ ଭାଗନେବେ। ପାରା ସ୍ପୋର୍ଟ୍ସ ଆସୋସିଏଶନ ଅଫ୍ ଓଡ଼ିଶା (ପିଏସ୍‌ଏଓ) ପକ୍ଷରୁ ଆଥ୍‌ଲେଟଙ୍କୁ ଅଭିନନ୍ଦନ ଦିଆଯାଇଛି।

# ଭାରତରେ ଇକ୍ୱେଷ୍ଟ୍ରିଆନ ଇଭେଣ୍ଟ ବାତିଲ

## ସମସ୍ୟାରେ ଇଏଫ୍‌ଆଇ

ନୂଆଦିଲ୍ଲୀ, ୧୬।୬(ପି.ଟି.)

ଭାରତରେ ହେବାକୁ ଥିବା ୨୪ ଅଶ୍ୱ ଚାଳନା(ଇକ୍ୱେଷ୍ଟ୍ରିଆନ) ଘରୋଇ ଓ ଅନ୍ତର୍ଜାତୀୟ ଟୁର୍ନାମେଣ୍ଟକୁ ଅନ୍ତର୍ଜାତୀୟ ଇକ୍ୱେଷ୍ଟ୍ରିଆନ ଖେଳ ପରିଚାଳନା ସଂସ୍ଥା (ଏଫ୍‌ଇଆଇ) ବାତିଲ କରି ଦେଇଛି। ଇକ୍ୱେଷ୍ଟ୍ରିଆନ ଫେଡେରେଶନ ଅଫ୍ ଇଣ୍ଡିଆ (ଇଏଫ୍‌ଆଇ) ପକ୍ଷରୁ ଟଙ୍କା ନ ଦିଆଯିବାରୁ ଏଫ୍‌ଇଆଇ ଏଭଳି ନିଷ୍ପତ୍ତି ନେଇଛି। ମିଳିଥିବା ସୂଚନା ମୁତାବକ, ଚଳିତବର୍ଷ ଜାନୁଆରୀରୁ ମାର୍ଚ୍ଚ ପର୍ଯ୍ୟନ୍ତ ଭାରତରେ ହୋଇଥିବା ବିଭିନ୍ନ ଇଭେଣ୍ଟ ଲାଗି ଏଫ୍‌ଇଆଇ ଅଧିକାରୀଙ୍କ ପାରିଶ୍ରମିକ ଓ ଅନ୍ୟାନ୍ୟ ଖର୍ଚ୍ଚ ବାବଦକୁ ଇଏଫ୍‌ଆଇକୁ ୨୭ ଲକ୍ଷ ଟଙ୍କାର ଦେବାର ଥିଲା। କିନ୍ତୁ ଆନ୍ତଃ ବିବାଦ କାରଣରୁ ଫେଡେରେଶନର ବ୍ୟାଙ୍କ ଆକାଉଣ୍ଟକୁ ଅଚଳ କରି ଦିଆଯାଇଛି, ଯାହା ଫଳରେ ଇଏଫ୍‌ଆଇ ସମୟରେ ଟଙ୍କା ଦେଇପାରି ନ ଥିଲା। କେବଳ ଏତିକି ନୁହେଁ, ଇଏଫ୍‌ଆଇକୁ କର୍ମକର୍ତ୍ତାଙ୍କ ବକେୟା ଦରମା, ଗତ ବର୍ଷ ଟୁର୍ନାମେଣ୍ଟ ଆୟୋଜନ କରିବା ଲାଗି ବିଭିନ୍ନ ଖର୍ଚ୍ଚ ଓ ଅନ୍ୟାନ୍ୟ ଖର୍ଚ୍ଚକୁ ମିଶାଇ ପ୍ରାୟ ୨ କୋଟି ବକେୟା ରହିଛି। ତେବେ ଏ ସମ୍ପର୍କରେ ଇଏଫ୍‌ଆଇ ସୂତ୍ରରୁ କୁହାଯାଇଛି ଯେ, ଏହା ଏକ ଲଜ୍ଜାଜନକ ପରିସ୍ଥିତି। ଏଠାରେ କେବଳ ଆଥଲେଟ୍‌ଙ୍କ କ୍ଷତି ହେଉଛି। ଆନ୍ତଃ ବିବାଦ ସମ୍ପର୍କରେ କ୍ରୀଡ଼ା ମନ୍ତ୍ରଣାଳୟକୁ ଅବଗତ କରାଯାଇଛି।

# କ୍ରିସ୍‌ପିନ ଘୋଷଣା କଲେ ୨୪ଜଣିଆ ଦଳ

## ଏଏଫ୍‌ସି ମହିଳା ଏସିଆନ କପ୍ କ୍ୱାଲିଫାୟର୍ସ

ନୂଆଦିଲ୍ଲୀ, ୧୬।୬ (ପି.ଟି.)

ଥାଇଲାଣ୍ଡରେ ଖେଳାଯିବାକୁଥିବା ଏଏଫ୍‌ସି ମହିଳା ଏସିଆନ କପ୍ ଅଷ୍ଟ୍ରେଲିଆ ୨୦୨୬ କ୍ୱାଲିଫାୟର୍ସ ପାଇଁ ଭାରତୀୟ ସିନିୟର ମହିଳା ଦଳର ମୁଖ୍ୟ କୋଚ୍ କ୍ରିସ୍‌ପିନ୍ ଚେତ୍ରୀ ସୋମବାର ୨୪ ଜଣିଆ ଫୁଟ୍‌ବଲ ଦଳ ଘୋଷଣା କରିଛନ୍ତି। କ୍ୱାଲିଫାୟର୍ସରେ ଭାରତୀୟ ଦଳ ଗ୍ରୁପ୍ 'ବି'ରେ ସ୍ଥାନ ପାଇଛି। ଗ୍ରୁପ୍ 'ବି'ରେ ଏହି ଦଳ ମଙ୍ଗୋଲିଆ (ଜୁନ୍ ୨୩), ତିମୋର ଲିଷ୍ଟ (ଜୁନ୍ ୨୯), ଇରାକ (ଜୁଲାଇ ୨) ଓ ଆୟୋଜକ ଥାଇଲାଣ୍ଡ (ଜୁଲାଇ ୫) ସହିତ ମୁକାବିଲା କରିବ। ଗ୍ରୁପ୍‌ର ବିଜେତା ୨୦୨୬ରେ ଅଷ୍ଟ୍ରେଲିଆରେ ହେବାକୁଥିବା ଫାଇନାଲ ପାଇଁ ଯୋଗ୍ୟତା ଅର୍ଜନ କରିବ। ମହିଳା ଏସିଆନ କପ୍ ଆହୁରି ମଧ୍ୟ ମହିଳା ଫିଫା ବିଶ୍ୱକପ୍ ବ୍ରାଜିଲ ୨୦୨୭ ପାଇଁ ଏକ ଯୋଗ୍ୟତା ଇଭେଣ୍ଟ। ଚେତ୍ରୀ ଓ ତାଙ୍କ ଦଳ ଥାଇଲାଣ୍ଡରେ ପହଞ୍ଚି ଉତ୍ତରାଞ୍ଚଳ ସହର ଚିଆଙ୍ଗ ମାଇଠାରେ ଏକ ସପ୍ତାହ ଟ୍ରେନିଂ ନେବେ। ମ୍ୟାଚ୍‌ଗୁଡ଼ିକ ଚିଆଙ୍ଗ ମାଇ ଷ୍ଟାଡିୟମରେ ଖେଳାଯିବ। ଭାରତୀୟ ଦଳ ବେଙ୍ଗାଲୁରୁସ୍ଥିତ ପାଦୁକୋନ୍-ଦ୍ରାବିଡ ସେଣ୍ଟର ଫର ସ୍ପୋର୍ଟ୍ସ ଏକ୍ସଲେନ୍ସଠାରେ ୬ ସପ୍ତାହ ଧରି ଟ୍ରେନିଂ ନେଇଛି। କ୍ୱାଲିଫାୟର୍ସ ପାଇଁ ପ୍ରସ୍ତୁତିର ଅଂଶବିଶେଷ ଉଜ୍‌ବେକିସ୍ତାନ ବିପକ୍ଷରେ ଦୁଇଟି ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ ମେ ୩୦ ଓ ଜୁନ୍ ୩ରେ ଖେଳିଛି। ଉଭୟ ମ୍ୟାଚରେ ଦଳ ୦-୧ ଗୋଲ୍ ବ୍ୟବଧାନରେ ପରାଜିତ ହୋଇଛି।



କ୍ରିସ୍‌ପିନ୍ ଚେତ୍ରୀ

**୨୪ ଜଣିଆ ଭାରତୀୟ ଦଳ:** ଗୋଲ୍‌କିପର: ଏଲାଙ୍ଗବାମ୍ ପାନ୍ଥୋଇ ଚାନୁ, ମୋଇରାଙ୍ଗଥେମ୍ ମୋନାଲିସା ଦେବୀ, ପାୟଲ ବାସୁଦେ। ଡିଫେଣ୍ଡର: ହେମାମ ସିଲ୍‌କି ଦେବୀ, କିରଣ ପିସ୍‌ଦା, ମାର୍ଟିନା ଥୋକ୍‌ଚୋମ୍, ଏନ୍‌ଗାଙ୍ଗବାମ୍ ସ୍ୱିଟି ଦେବୀ, ପୂର୍ଣ୍ଣିମା କୁମାରୀ, ସଞ୍ଜୁ ସେରୋଖାଇବାମ୍ ରଞ୍ଜନା ଚାନୁ। ମିଡ୍ ଫିଲ୍ଡର: ଅଞ୍ଜୁ ତମାଙ୍ଗ, ଗ୍ରେସ୍ ଡାଙ୍ଗମେଇ, କାର୍ତ୍ତିକା ଆଙ୍ଗାମୁଥୁ, ନଙ୍ଗମାଇଥେମ୍ ରତନବାଲା ଦେବୀ, ପ୍ରିୟଦର୍ଶିନୀ ସେଲାଦୁରାଇ, ସଙ୍ଗିତା ବାସ୍‌ଫୋରେ। ଫରୱାର୍ଡ: ଲିଣ୍ଡା କମ୍ ସେର୍ଟୋ, ମାଳବିକା ପି, ମନୀଷା କଲ୍ୟାଣ, ମନୀଷା ନାୟକ, ପ୍ୟାରୀ ଖାଖା, ରିମ୍ପା ହାଲ୍‌ଦାର ଓ ସୌମ୍ୟା ଗୁଗୁଲୋଥ୍।

# ୧୯ ବର୍ଷରୁ କମ୍ ଭାରତୀୟ ଦଳରେ ଦୀପକ, ପୁଷ୍ପକ

**ନୂଆଦିଲ୍ଲୀ, ୧୬।୬ (ପି.ଟି.):** ଆସନ୍ତା ଇଂଲଣ୍ଡ ଟୁର୍ ପାଇଁ ଭାରତର ୧୯ ବର୍ଷରୁ କମ୍ ପୁରୁଷ କ୍ରିକେଟ ଦଳରେ ଡି. ଦୀପେଶ ଓ ନମନ ପୁଷ୍ପକଙ୍କୁ ସାମିଲ କରାଯାଇଛି। ସେମାନଙ୍କୁ ଆଘାତପ୍ରାପ୍ତ ଆଦିତ୍ୟ ରାଣା ଓ ଖିଲାନ ପଟେଲଙ୍କ ସ୍ଥାନରେ ନିଆଯାଇଥିବା ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପ୍ରକାଶ କରିଛି। ଏହି ଟୁର୍ ଜୁନ୍ ୨୪ରୁ ଜୁଲାଇ ୨୩ ପର୍ଯ୍ୟନ୍ତ ଚାଲିବ। ଉଭୟ ଦିପେଶ ଓ ନମନ ଟୁର୍ ପାଇଁ ଷ୍ଟାଣ୍ଡବାଇ ଖେଳାଳି ତାଲିକାରେ ଥିଲେ।

# ସିରିଜ୍ ପୂର୍ବରୁ ଆଣ୍ଡରସନ-ତେନ୍ଦୁଲକର ଟ୍ରଫି ଉନ୍ମୋଚନ

ଲଣ୍ଡନ, ୧୬।୬(ପି.ଟି.)

ଭାରତ ଓ ଇଂଲଣ୍ଡ ମଧ୍ୟରେ ଖେଳାଯିବାକୁ ଥିବା ଆଗାମୀ ଟେଷ୍ଟ ସିରିଜ୍ ଲାଗି ଆଣ୍ଡରସନ-ତେନ୍ଦୁଲକର ଟ୍ରଫିର ଉନ୍ମୋଚନ କାର୍ଯ୍ୟକ୍ରମକୁ ଅହମଦାବାଦରେ ବିମାନ ଦୁର୍ଘଟଣା ଯୋଗୁ ସ୍ଥଗିତ କରାଯାଇଥିଲା। ଏହି ବିମାନ ଦୁର୍ଘଟଣାରେ ୨୪୧ ଯାତ୍ରୀଙ୍କ ସମେତ ୨୭୫ ଜଣଙ୍କ ମୃତ୍ୟୁ ଘଟିଥିଲା। ପୂର୍ବରୁ ଏହି ଟ୍ରଫି ଭାରତର ପୂର୍ବତନ ଅଧିନାୟକ ମନସୁର ଅଲୀ ଖାନ ପଟୌଦିଙ୍କ ସମ୍ମାନରେ ପଟୌଦି ଟ୍ରଫି ଭାବେ ଜଣାଯାଉଥିଲା। ଏହି ଟ୍ରଫିର ନାମକୁ ଆଣ୍ଡରସନ-ତେନ୍ଦୁଲକର ଟ୍ରଫି (ଏଟିଟି) ଭାବେ ପରିବର୍ତ୍ତନ କରିବାକୁ ଇଂଲଣ୍ଡ ଓ ୱେଲ୍ସ କ୍ରିକେଟ ବୋର୍ଡ (ଇସିବି) ନିଷ୍ପତ୍ତି ନେଇଥିଲା।

ଏଟିଟି ଟ୍ରଫିର ଉନ୍ମୋଚନ କାର୍ଯ୍ୟକ୍ରମ ପ୍ରକୃତରେ ଜୁନ ୧୪ ତାରିଖରେ ହେବାର ଥିଲା। କିନ୍ତୁ ଅହମଦାବାଦ୍‌ରେ ଘଟିଥିବା ଦୁଃଖଦ ଘଟଣା ଯୋଗୁ ଏହାକୁ ସ୍ଥଗିତ ରଖାଯାଇଛି। ଏହାକୁ ବାତିଲ କରାଯାଇ ନାହିଁ। ଆମେ ଆଶା କରୁଛୁ ଯେ, ଆଗାମୀ କିଛି ଦିନ ମଧ୍ୟରେ ସିରିଜ୍ ଆରମ୍ଭ ହେବା ପୂର୍ବରୁ ଟ୍ରଫି ଉନ୍ମୋଚନ କରାଯିବ ବୋଲି ଜଣେ ବିସିସିଆଇ କର୍ମକର୍ତ୍ତା କହିଛନ୍ତି। ଦୁଇ ଦେଶର କିମ୍ବଦନ୍ତୀ ଖେଳାଳି ଜେମ୍ସ ଆଣ୍ଡରସନ ଓ ସଚିନ ତେନ୍ଦୁଲକରଙ୍କ ନାମରେ ଏହି ଟ୍ରଫିକୁ ନାମିତ କରାଯାଇଛି। ମିଳିଥିବା ସୂଚନା ମୁତାବକ, ତେନ୍ଦୁଲକର ଓ ଆଇସିସି ଚେୟାରମ୍ୟାନ ଜୟ ଶାହା ଇସିବି ନିକଟରେ ସିରିଜ୍ ସହ ପଟୌଦିଙ୍କ ନାମ ରଖିବାକୁ ଅନୁରୋଧ କରାଯାଇଛି।



# ଟାଇଟଲ ଜିତିଲେ ୩୭ବର୍ଷୀୟା ମାରିଆ

ଲଣ୍ଡନ, ୧୬।୬ (ଏପି)

ଜର୍ମାନ କ୍ୱାଲିଫାୟର ତାତ୍‌ଜାନା ମାରିଆ କୁଇନ୍ସ କ୍ଲବ ଟେନିସ ଟୁର୍ନାମେଣ୍ଟ ମହିଳା ସିଙ୍ଗଲ୍ସ ଚାମ୍ପିୟନ ହୋଇଛନ୍ତି। ଏହା ହେଉଛି ତାଙ୍କ କ୍ୟାରିୟରର ସବୁଠାରୁ ବଡ଼ ଟାଇଟଲ। କାଇନ୍ସ କ୍ଲବ ଟେନିସକୁ ୱିମ୍ବଲଡନ ପାଇଁ ଏକ ୱାର୍ମଅପ୍ ଟୁର୍ନାମେଣ୍ଟ ଭାବେ ବିବେଚନା କରାଯାଇଥାଏ। ଦୁଇଟି ସନ୍ତାନର ଜନନୀ ଏହି ୩୭ ବର୍ଷୀୟାଙ୍କର ଏହା ହେଉଛି ମଧ୍ୟ ପ୍ରଥମ ଡବ୍ଲ୍ୟୁଟିଏ ୫୦୦ ଟାଇଟଲ। ଲଣ୍ଡନ ଗ୍ରାସ୍‌କୋର୍ଟ ଫାଇନାଲରେ ସେ ୮ମ ସିଡ୍ ଆମାଣ୍ଡା ଆନିମିସୋଭାଙ୍କୁ ୬-୩, ୬-୪ ସେଟ୍‌ରେ ହରାଇ ଦେଇଥିଲେ। ୮୬ତମ ର୍‍ୟାଙ୍କିଙ୍ଗପ୍ରାପ୍ତ ମାରିଆ ତାଙ୍କ ଦୁଇଝିଅ ଚାର୍ଲୋଟ ଓ ସେସିଲିଆ ଏବଂ ତାଙ୍କ ସ୍ୱାମୀ ଓ କୋଚ୍ ଚାର୍ଲ୍ସ ଏଡୋୱାର୍ଡ ମାରିଆଙ୍କ ଉପସ୍ଥିତିରେ ମ୍ୟାଚ ଜିତିଥିଲେ। ସେ ତାଙ୍କ ୪ର୍ଥ ଡବ୍ଲ୍ୟୁଟିଏ ଟାଇଟଲ ପଥରେ ଯେଉଁ ୪ ଜଣ ଟପ୍ ୨୦ ଖେଳାଳିଙ୍କୁ ପରାସ୍ତ କରିଥିଲେ, ସେମାନଙ୍କ ମଧ୍ୟରେ କାରୋଲିନା ମୁଚୋଭା, ଏଲିନା ରିବାକିନା ଓ ମାଡିସନ କିଜ୍ ଅନ୍ୟତମ ଥିଲେ। ୨୦୨୦ ପରେ ଡବ୍ଲ୍ୟୁଟିଏ ଟୁର୍‌ରେ ସିଙ୍ଗଲ୍ସ ଚାମ୍ପିୟନ ହେବାରେ ସେ ସବୁଠାରୁ ବୟସ୍କ ଖେଳାଳି ବିବେଚିତ ହେଉଛନ୍ତି। ସେତେବେଳେ ସେରେନା ୩୮ ବର୍ଷ ବୟସରେ ଅକ୍‌ଲାଣ୍ଡ କ୍ଲାସିକ ଜିତିଥିଲେ। ମାରିଆ ଏହାପୂର୍ବରୁ ୨୦୧୮ରେ ମାଲୋର୍କାଠାରେ ଗ୍ରାସ୍ କୋର୍ଟରେ ଡବ୍ଲ୍ୟୁଟିଏ ଟାଇଟଲ ଜିତିଥିଲେ। ସେ ଦୁଇଥର ୨୦୨୨ ଓ ୨୦୨୩ରେ ବୋଗୋଟାଠାରେ କ୍ଲେକୋର୍ଟରେ ଏହି ସଫଳତା ହାସଲ କରିଥିଲେ।



ଟ୍ରଫି ସହ ତାତ୍‌ଜାନା ମାରିଆ।

Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ